R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୪୪
ତିଥି : ପୂର୍ଣ୍ଣିମା
୧୧ ଜୁନ୍ ୨୦୨୫, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 244
11 June 2025, Wednesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

ଓଡ଼ିଶା ଶାସନ



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ବର୍ଷ ୧
ଉପଲବ୍ଧି ଅନେକ

ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ
ନେତୃତ୍ୱରେ ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଅବସରରେ

ରାଜ୍ୟସ୍ତରୀୟ
ବିକାଶ ମେଳା ୨୦୨୫

୧୧ - ୧୮ ଜୁନ୍, ୨୦୨୫
ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଭୁବନେଶ୍ୱର

ବିଶେଷ ଆକର୍ଷଣ

- ବିଭିନ୍ନ ବିଭାଗର ସଫଳତା ପ୍ରଦର୍ଶନ
- ପ୍ରତି ସଂଧ୍ୟାରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ
- ନିଆରା ଉତ୍ପାଦର କିଣାବିକା
- ସୁଆଦିଆ ଓଡ଼ିଆ ଖାଦ୍ୟର ପସରା

ଉଦ୍‌ଘାଟନୀ କାର୍ଯ୍ୟକ୍ରମ
୧୧ ଜୁନ୍, ଅପରାହ୍ଣ ୪ଟା

ସେବା, ସୁଶାସନ ଓ ସଫଳତାର ୧ବର୍ଷ



ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର

OIPR: 31034/13/0002/2526 DSPL-107



# ଦେବସ୍ନାନ ପୂର୍ଣ୍ଣିମାର କିମ୍ବଦନ୍ତୀ

ଶ୍ରୀଜଗନ୍ନାଥ କେବଳ ଓଡ଼ିଶାରେ ଧର୍ମ ଦେବତା ନୁହନ୍ତି, ସେ ହେଉଛନ୍ତି ସମଗ୍ର ଭାରତରେ ଥିବା ପ୍ରତିଟି ସ୍ଥାନରେ ଏବଂ ବିଶ୍ୱରେ ସର୍ବତ୍ର ପୂଜିତ ସବୁଠାରୁ ପରିଚିତ ଓ ଶ୍ରଦ୍ଧାଭାଜନ ଦେବତା । ଯାହାଙ୍କ ଦ୍ୱାରା ବିଭିନ୍ନ ସମୟରେ ତାଙ୍କର ନାମାନୁସାରେ ଜଗନ୍ନାଥ ପୁରୀ, ଶ୍ରୀକ୍ଷେତ୍ର ଏବଂ ଶଙ୍ଖକ୍ଷେତ୍ର ରୂପେ ପରିଚିତ ।

ଲୀଳାମୟ ସଂସାରରେ ବିଚିତ୍ର ଠାକୁର ହେଉଛନ୍ତି କାଳିଆ ଗୋସେଇଁ, ତାଙ୍କର ଅଜବ ନୀତିକାନ୍ତି ଭିତରେ ପୂଜାବିଧି ସମାପନ ହୁଏ । ତାଙ୍କରି ସଂସ୍କୃତିରେ ଓଡ଼ିଶାରେ ବାର ମାସରେ ତେର ପର୍ବ ପାଳନ କରିବାର ବିଧି ରହିଛି । ତନ୍ମଧ୍ୟରୁ ସ୍ନାନ ପୂର୍ଣ୍ଣିମା ଅନ୍ୟତମ । ଜ୍ୟେଷ୍ଠମାସର ପବିତ୍ର ପୂର୍ଣ୍ଣିମାକୁ ସ୍ନାନ ପୂର୍ଣ୍ଣିମା ବା ଦେବସ୍ନାନ ପୂର୍ଣ୍ଣିମା ବୋଲି କୁହାଯାଏ । ଏନେଇ କେତେକଙ୍କ ମତରେ ଏହା ମୌସୁମୀ ବର୍ଷା ଆଗମନର ସୂଚନା ଦେଇଥାଏ । ତେଣୁ ଜ୍ୟେଷ୍ଠମାସ ଶୁକ୍ଳ ପକ୍ଷ ପୂର୍ଣ୍ଣିମା ତିଥିରେ ଦେବତାମାନଙ୍କୁ ସ୍ନାନ କାର୍ଯ୍ୟ ବିଧି ପୂର୍ବକ ସମ୍ପନ୍ନ କରାଯାଏ । ଏହି ସ୍ନାନ କାର୍ଯ୍ୟ କରିବା ଦ୍ୱାରା ସକଳ ପ୍ରକାର ପ୍ରାଣୀର ମଙ୍ଗଳ ସିଦ୍ଧି ପ୍ରାପ୍ତ ନିମନ୍ତେ ଜଗତର ଈଶ୍ୱରଙ୍କୁ ତୀର୍ଥଜଳରେ ସ୍ନାନ କରାଯିବାର ପରମ୍ପରା ବିଭିନ୍ନ ପୁରାଣରେ ବର୍ଣ୍ଣିତ ଅଛି । ସ୍ନାନ ଯାତ୍ରା ସମୟରେ ରତ୍ନସିଂହାସନ ତ୍ୟାଗ କରି ଚତୁର୍ଦ୍ଧାମୂର୍ତ୍ତି ସ୍ନାନବେଦୀରେ ମଞ୍ଚାସୀନ ହୁଅନ୍ତି । ଏହି ଅବସରରେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମରେ ସ୍ନାନବେଦୀ ଓ ବଡ଼ଦାଣ୍ଡ ଉତ୍ସବମୁଖର ହୋଇଉଠେ ।

ଶାସ୍ତ୍ରକୁହେ, ମହାପ୍ରଭୁଙ୍କ ସ୍ନାନ ଉତ୍ସବ ଏକ ଶାସ୍ତ୍ରୀୟ ଭିତ୍ତିଭୂମିର ଲୀଳା । ତାଙ୍କର ଆବିର୍ଭାବ ବେଳେ ପ୍ରଥମେ ଏହି ସ୍ନାନ ହୋଇଥିବାରୁ ଶ୍ରୀଦାରୁବ୍ରହ୍ମଙ୍କ ଆଦ୍ୟଲୀଳା ବୋଲି କୁହାଯାଏ । ଯେତେବେଳେ ମହାପ୍ରଭୁ ଦାରୁବ୍ରହ୍ମ ରୂପ ଧାରଣ କରିଥିଲେ, ମଙ୍ଗଳମୟ ମୁହୂର୍ତ୍ତରେ ସେତେବେଳେ ମହାରାଜା ଇନ୍ଦ୍ରଦ୍ୟୁମ୍ନ ଏହି ସ୍ନାନଲୀଳା କରାଇଥିଲେ । ମାତ୍ର ସେତେବେଳେ ସ୍ନାନମଣ୍ଡପ ନଥିବାରୁ ଏକ କାଠର ମଞ୍ଚ ନିର୍ମାଣ କରାଯାଇ ତାହା ଉପରେ ରୀତିନୀତି ଅନୁସାରେ ସ୍ନାନବିଧି ସମ୍ପନ୍ନ ହୋଇଥିଲା, ଯାହାକୁ ଶାସ୍ତ୍ରାନୁସାରେ ମଞ୍ଚସ୍ନାନ ବୋଲି କୁହାଯାଏ । ଶାସ୍ତ୍ରମତରେ ଦେବସ୍ଥାନ ପୂର୍ଣ୍ଣିମାର ପୂର୍ବଦିନ ମହାପ୍ରଭୁଙ୍କ ପାଇଁ ସୁନାକୂଅରୁ ୧୦୮ ସୁନାକଳସ ଜଳ ସଂଗ୍ରହ କରାଯାଏ । ଏହା ଶୀତଳାଠାକୁରାଣୀ ଓ ତାଙ୍କ ବାହାନ ସିଂହଙ୍କ ମଧ୍ୟରେ ଅବସ୍ଥିତ, ଯେପରି ଏହି କୂଅକୁ ବର୍ଷସାରା ସିଂହହିଁ ସୁରକ୍ଷିତ ରଖିଥାଏ । ବର୍ଷସାରା କୂଅର ବ୍ୟବହାର ନଥବାରୁ ଜନପଦୀୟତାନ୍ତ୍ରିକ ପରମ୍ପରାରେ ଏହି ଜଳକୁ ଅଣତୁଠ ପାଣି ବୋଲି ଗ୍ରହଣ କରାଯାଏ । କିନ୍ତୁ ସ୍ନାନଲୀଳା ସମୟରେ ବୈଦିକ ବିଧିରେ ସ୍ନାନଜଳ ଅଭିମନ୍ତ୍ରିତ ହେଉଥବା ତାନ୍ତ୍ରିକବିଧିରେ ତେରଟି ପଦାର୍ଥ ମିଶ୍ରଣ କରାଯାଏ ।

ତେବେ ଯଜ୍ଞ ପରମ୍ପରା ଅନୁସାରେ ଏହି କୂଅକୁ ପ୍ରଣିତାକୂପ ବୋଲି ବିବେଚନା କରାଯାଏ । ଜ୍ୟେଷ୍ଠମାସ ପୂର୍ଣ୍ଣମୀରେ ମହାପ୍ରଭୁଙ୍କ ପ୍ରଥମ ସ୍ଥାନଲୀଳା ଜାତି, ବର୍ଣ୍ଣ, ନିର୍ବିଶେଷରେ ସମସ୍ତେ ଦର୍ଶନ କରିଥିବାରୁ ଏହି ଲୀଳାକୁ ପତିତପାବନ ଲୀଳା କୁହାଯାଏ ।

ଦେବସ୍ନାନ ପୂର୍ଣ୍ଣିମା ଦିନ ଚତୁର୍ଦ୍ଧାମୂର୍ତ୍ତି, ସ୍ନାନ ପରେ ଗଜ ବେଶରେ ସଜ୍ଜିତ ହୁଅନ୍ତି । ଏହା ପଛରେ ଏକ କିମ୍ବଦନ୍ତୀ ନିହିତ । ସେଥିରୁ ଜଣାଯାଏ ଯେ, ପଞ୍ଚଦଶ ଶତାବ୍ଦୀରେ ମହାରାଷ୍ଟ୍ରରୁ ମହାଗାଣପତ୍ୟ ସମ୍ପ୍ରଦାୟର ଶ୍ରୀଗଣପତି ଭଟ୍ଟ ନାମକ ଜୈନିକ ବିଶିଷ୍ଟ ବ୍ୟକ୍ତି ଶ୍ରୀକ୍ଷେତ୍ରର ମହିମା ବିଷୟରେ ଶୁଣି, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ପୁରୀ ଶ୍ରୀକ୍ଷେତ୍ରକୁ ଆସିବାକୁ ମନ ବଳାଇଲେ । କିନ୍ତୁ ସେ ଥିଲେ ପ୍ରଭୁ ଗଣେଶଙ୍କ ବଡ଼ ଭକ୍ତ । ଶ୍ରୀଗଣପତି ଭଟ୍ଟ ପୁରୀ ଶ୍ରୀକ୍ଷେତ୍ର ଆଗମନ କରିଲେ ଏବଂ ଦାରୁବିଗ୍ରହଙ୍କ ଦର୍ଶନ କରିଲେ, କିନ୍ତୁ ମହାପ୍ରଭୁଙ୍କୁ ଗଜ ରୂପରେ ନ ଦେଖି ସେ ତାଙ୍କୁ ପରମବ୍ରହ୍ମ ବୋଲି ମାନିବାକୁ ଅସ୍ୱୀକାର କଲେ ଏବଂ କ୍ଷୁବ୍ଧ ହୋଇ ମନ୍ଦିର ତ୍ୟାଗ କଲେ । ଘରକୁ ପ୍ରତ୍ୟାବର୍ତ୍ତନ କଲେ । କିଛିବାଟ ଯିବା ପରେ ମୁକ୍ତେଶ୍ୱରଠାରେ ଶୂନ୍ୟବାଣୀ ଶୁଣି ପୁନଶ୍ଚ ଶ୍ରୀମନ୍ଦିରକୁ ଫେରିଆସିଲେ, କିନ୍ତୁ ସେଦିନ ଥିଲା ଜ୍ୟେଷ୍ଠମାସ ଦେବସ୍ନାନ ପୂର୍ଣ୍ଣିମା । ମହାପ୍ରଭୁଙ୍କ ଆଦେଶରେ ବଡ଼ପଣ୍ଡା ଗଣପତି ଭଟ୍ଟଙ୍କୁ ସ୍ନାନଯାତ୍ରା ଦେଖିବା ପାଇଁ ପୁନଶ୍ଚ ଆମନ୍ତ୍ରଣ କଲେ, ତାଙ୍କ ଦୃଷ୍ଟି ସମ୍ମୁଖରେ ଦାରୁବିଗ୍ରହ ଶ୍ରୀଜଗନ୍ନାଥଙ୍କ ରୂପ ପରିବର୍ତ୍ତନ କରି କଳା ରୂପରେ ଗଣପତିବେଶ ଧାରଣ କଲେ ଓ ଧବଳ ରୂପରେ ବଳଭଦ୍ର ଶୋଭା ପାଇଲେ । ଏ ଅଲୌକିକ ଘଟଣା ଦେଖି ଶ୍ରୀଗଣପତି ଭଟ୍ଟଙ୍କ ଜ୍ଞାନୋଦୟ ହେଲା ଏବଂ ସେ ନିଜର ଭୁଲ ବୁଝିପାରି ମହାପ୍ରଭୁଙ୍କ ନିକଟରେ କ୍ଷମା ପ୍ରାଥନା କରିଲେ । ତାଙ୍କ ପ୍ରାର୍ଥନାରେ ମହାପ୍ରଭୁ ସନ୍ତୁଷ୍ଟ ହୋଇ ଶ୍ରୀଗଣପତି ଭଟ୍ଟଙ୍କୁ ବର ପ୍ରଦାନ କଲେ ଯେ, ପ୍ରତିବର୍ଷ ଏହି ଦିନରେ ମହାପ୍ରଭୁ ଜଗନ୍ନାଥ ଗଜବେଶ ଧାରଣ କରିବେ । ତେଣୁ ଏହି ଘଟଣା ପରଠାରୁ ପ୍ରତିବର୍ଷ ଚତୁର୍ଦ୍ଧାମୂର୍ତ୍ତି ଦେବସ୍ନାନ ପୂର୍ଣ୍ଣିମାରେ ଗଜବେଶ ଧାରଣକରନ୍ତି । ସେଦିନଠୁ ଗଣପତି ଭଟ୍ଟଙ୍କ ଗଜବେଶ ଦର୍ଶନର ସ୍ମାରକୀ ସ୍ୱରୂପ ଏହି ବେଶ ପରମ୍ପରା ଓ ସଂସ୍କୃତି ପ୍ରଚଳିତ ହୋଇ ଆସୁଛି ।

ଦଶରଥ ହେମ୍ବ୍ରମ୍
ମୋ–୯୩୩୭୪୦୪୨୫୪



## ମହିଳା ଡାକବାଲା

ଆଜିକାଲି ମଧ୍ୟ ଦୁନିଆରେ ଏଭଳି କିଛି ବୃତ୍ତି ରହିଛି, ଯେଉଁ ବୃତ୍ତି କେବଳ ପୁରୁଷଙ୍କ ପାଇଁ ଉଦିଷ୍ଟ । ହେଲେ କିଛି ମହିଳା ଏଭଳି ମଧ୍ୟ ରହିଛନ୍ତି ଯେଉଁମାନେ ଏହି ପ୍ରଥାକୁ ଭାଙ୍ଗିଛନ୍ତି । ସେହିଭଳି ଜଣେ ମହିଳା ବର୍ତ୍ତମାନ ଏହି ପ୍ରଥାକୁ ଭାଙ୍ଗି ସୋସିଆଲ ମିଡିଆରେ ଷ୍ଟାର ପାଲଟିଛନ୍ତି । ମୁମ୍ବାଇର ଆକାଂକ୍ଷା ଗାୟକୱାଡ୍ ବର୍ତ୍ତମାନ ନିଜର ବୃତ୍ତି ପାଇଁ ଖୁବ ଭାଇରାଲ ହେବାରେ ଲାଗିଛନ୍ତି । ଗଣିତରେ ଡ଼ିଗ୍ରୀଧାରୀ ଆକାଂକ୍ଷା ବର୍ତ୍ତମାନ ଜଣେ ମହିଳା ପୋଷ୍ଟମ୍ୟାନ ଭାବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ସୋସିଆଲ ମିଡିଆରେ ଲୋକମାନେ ତାଙ୍କ କାହାଣୀକୁ ଖୁବ ପ୍ରେରଣାଦାୟୀ ବୋଲି ବିବେଚନା କରୁଛନ୍ତି । ଖାଖି ବ୍ୟାଗଧରି ଓ କୋଟ୍ ପିନ୍ଧି ସେ ସବୁଦିନ ବାହାରି ଯାଆନ୍ତି ଚିଠି ବାଣ୍ଟିବାକୁ । ଆକାଂକ୍ଷା ଚିଠି ବାଣ୍ଟିବା ସମୟରେ କାଳେ କୌଣସି ସମସ୍ୟା ପଡିବେ, ସେଇ ଚିନ୍ତାରେ ପ୍ରଥମରୁ ତାଙ୍କ ପରିବାର ଏହି ଚାକିରି ପାଇଁ ରାଜି ନଥିଲେ । ହେଲେ ସମୟକ୍ରମେ ସେମାନେ ମଧ୍ୟ ଏହାକୁ ବୁଝିଥିଲେ । ସୂଚନା ଅନୁସାରେ ନିଜର ତିନି ବର୍ଷର ଚାକିରିକାଳ ଭିତରେ ସେ ଏକ ଲକ୍ଷରୁ ଅଧିକ ଚିଠି ବାଣ୍ଟି ସାରିଲେଣି । ତାଙ୍କୁ ଚିଠି ବାଣ୍ଟିବା ଏକ ଶାନ୍ତି ପ୍ରଦାନ କରିଥାଏ । ଏହା ତାଙ୍କୁ ଲୋକଙ୍କ ସହିତ ଯୋଡିବାରେ ଖୁବ ସହାୟକ ହୋଇଥାଏ ବୋଲି ଆକାଂକ୍ଷା ପ୍ରକାଶ କରିଛନ୍ତି । ସେହିଭଳି ଏହି ବୃତ୍ତିରେ ଝିଅଙ୍କ ପାଇଁ କୌଣସି ସମସ୍ୟା ନାହିଁ ବୋଲି ଆକାଂକ୍ଷା ସ୍ପଷ୍ଟ କରିଛନ୍ତି । ଏଥିରେ ତାଙ୍କ ଭଳି ଅନ୍ୟ ଝିଅ ମଧ୍ୟ କାର୍ଯ୍ୟ କରିପାରିବେ ବୋଲି ସେ ମତ ଦେଇଛନ୍ତି । ତାଙ୍କ ଅଞ୍ଚଳରେ ସେ ୨୬ ଜଣ ପୁରୁଷଙ୍କ ମଧ୍ୟରେ ଜଣେ ମହିଳା ଏହି ବୃତି କରୁଛନ୍ତି, ତେଣୁ ଝିଅମାନେ ମଧ୍ୟ ଏଥିରେ କାର୍ଯ୍ୟ କରିପାରିବେ ବୋଲି ସେ ମତ ଦେଇଛନ୍ତି ।






## ଫ୍ୟାନ୍‌ଙ୍କୁ ଦେଲେ ଧନ୍ୟବାଦ

ଅନେକ ବଲିଉଡ ହିରୋଇନ୍ ରହିଛନ୍ତି ଯେଉଁମାନେ କର୍କଟ ରୋଗରେ ପୀଡିତ ହୋଇଥିବାର ସୂଚନା ରହିଛି । ସେହି ତାଲିକାରେ ନିକଟରେ ସାମିଲ ହୋଇଛନ୍ତି ବିଟାଉନ୍‌ର ଛୋଟ ପରଦାର ନାୟିକା ଦୀପିକା କକର । ଦୀପିକାଙ୍କୁ ଲିଭର କ୍ୟାନ୍‌ସରର ଷ୍ଟେଜ ୨ ହୋଇଥିବା ଜଣା ପଡିଥିଲା । ତେବେ ଏହା ଚିହ୍ନଟ ହେବା ପରେ ତାଙ୍କର ସର୍ଜରୀ ହୋଇଛି, ଏବଂ ଏହା ସଫଳ ହୋଇଥିବା ସୂଚନା ମିଳିଛି । ଏନେଇ ଦୀପିକାଙ୍କ ସ୍ୱାମୀ ସୋହେବ ଏକ ବ୍ଲଗରେ ସୂଚନା ଦେଇଛନ୍ତି । ତେବେ ଏହି ସମୟରେ ଦୀପିକା ମଧ୍ୟ ଫ୍ୟାନ୍‌ଙ୍କ ସହିତ କଥା ହେଉଥିବାର ଦେଖିବାକୁ ମିଳିଛି । ଭିଡିଓରେ ଦୀପିକା ତାଙ୍କ ଶୁଭେଚ୍ଛୁଙ୍କୁ ଧନ୍ୟବାଦ ଜଣାଇଛନ୍ତି । ତାଙ୍କ ପାଇଁ ସେମାନେ ପ୍ରାର୍ଥନା କରୁଥିବାରୁ ସେମାନଙ୍କ ନିକଟରେ ସେ କୃତଜ୍ଞ ଥିବା ଭିଡିଓରେ ପ୍ରକାଶ କରିଛନ୍ତି । ସେହିଭଳି ହସ୍‌ପିଟାଲରେ ମଧ୍ୟ ତାଙ୍କୁ ଅନେକ ଭଲ ପାଇବା ମିଳିଥିଲା ସେ କହିଛନ୍ତି । ହସପିଟାଲ ଷ୍ଟାଫ୍‌ଙ୍କ ଠାରୁ ଆରମ୍ଭ କରି ଅନ୍ୟ ରୋଗୀଙ୍କ ସମ୍ପର୍କୀୟ ମଧ୍ୟ ତାଙ୍କ ପାଇଁ ପ୍ରାର୍ଥନା କରିଥିବା ଦୀପିକା ପ୍ରକାଶ କରିଛନ୍ତି । ସର୍ଜରୀ ପରେ ବର୍ତ୍ତମାନ ସେ ଧୀରେଧୀରେ ସୁସ୍ଥ ହେବାକୁ ଲାଗିଛନ୍ତି ଏବଂ ଖୁବଜଲଦି ସୁସ୍ଥ ହୋଇଯିବେ ବୋଲି ଦୀପିକା ମତ ଦେଇଛନ୍ତି । ସୂଚନା ଅନୁସାରେ ଚଳିତ ଇଦ୍ ମଧ୍ୟ ଦୀପିକା ଓ ସୋହେବ୍ ହସ୍‌ପିଟାଲରେ ହିଁ ପାଳନ କରିଛନ୍ତି । ଏହି ସମୟରେ ପୁରା ପରିବାର ଓ ସୋହେବ ତାଙ୍କ ସହିତ ଅଛନ୍ତି ଏବଂ ସେମାନଙ୍କ ଭଲପାଇବା ତାଙ୍କ ପାଇଁ କବଚ ସଦୃଶ୍ୟ କାମ କରୁଛି ବୋଲି ଦୀପିକା ମତ ଦେଇଛନ୍ତି । ପରିବାରର ଭଲ ପାଇବା ଓ ଫ୍ୟାନଙ୍କ ଶୁଭକାମନା କାରଣରୁ ସେ ଖୁବ ଜଲଦି ସୁସ୍ଥ ହୋଇଯିବେ ବୋଲି ଦୀପିକା ପ୍ରକାଶ କରିଛନ୍ତି ।

## ଚର୍ଚ୍ଚାରେ ସମୀରାଙ୍କ କନ୍ୟା ଦାନ

ଆଇପିଏଲ ଖେଳ ସମୟରେ ବ୍ୟବସାୟୀ ବିଜୟ ମାଲ୍ୟା ବର୍ତ୍ତମାନ ପୁଣି ଚର୍ଚ୍ଚାକୁ ଆସିଛନ୍ତି । ତେବେ ଏହାରି ଭିତରେ ତାଙ୍କୁ ନେଇ ବିଟାଉନ୍ ଅଭିନେତ୍ରୀ ସମୀରା ରେଡି ଏକ ବୟାନ ଦେଇଛନ୍ତି ଯାହା ଖୁବ ଆଲୋଚନାର ବିଷୟ ପାଲଟିଛି । ସମୀରାଙ୍କ ମତରେ ବିଜୟ ମାଲ୍ୟା ତାଙ୍କର କନ୍ୟା ଦାନ କରିଥିଲେ । ତେବେ ଏହା ସମୀରାଙ୍କର ଏକ ପୁରୁଣା ଭିଡିଓ ଯାହା ବର୍ତ୍ତମାନ ଭାଇରାଲ ହେଉଛି । ଯେଉଁଥିରେ ସେ ଏସମ୍ପର୍କରେ କଥା ହୋଇଛନ୍ତି । ୨୦୧୪ରେ ସମୀରା ଦେଇଥିବା ଏକ ସାକ୍ଷାତକାରରେ ପ୍ରକାଶ କରିଥିଲେ କି ବିଜୟ ମାଲ୍ୟା ତାଙ୍କ ମା'ଙ୍କ ପଟରୁ ଜଣେ ଏକମାତ୍ର ସମ୍ପର୍କୀୟ ଥିଲେ ଯିଏ ତାଙ୍କର କନ୍ୟା ଦାନ କରିଥିଲେ । ସୂଚନା ଅନୁସାରେ ୨୦୧୪ରେ ସମୀରା ବ୍ୟବସାୟୀ ଅକ୍ଷୟ ବର୍ଦେଙ୍କୁ ବିବାହ କରିଥିଲେ । ଏହି ବିବାହ ଖୁବ କମ୍ ଲୋକଙ୍କ ଗହଣରେ ସାଦାସିଦା ଭାବେ କରାଯାଇଥିଲା । ତେବେ ବର୍ତ୍ତମାନ ଫ୍ୟାନମାନେ ସୋସିଆଲ ମିଡିଆରେ ଏହି ସାକ୍ଷାତକାରକୁ ଖୁବ ଭାଇରାଲ କରାଇବାରେ ଲାଗିଛନ୍ତି ।



## ୨୦ ଫୁଟିଆ ପେନ୍‌ସିଲ

ବିଶ୍ୱର ବିଭିନ୍ନ ଦେଶରେ ଏଭଳି ଅନେକ ପରମ୍ପରାର ପାଳନ କରାଯାଇଥାଏ ଯାହା ବେଶ୍ ସ୍ୱତନ୍ତ୍ର ହୋଇଥାଏ । ସେହିଭଳି ଏକ ପରମ୍ପରା ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଆମେରିକାରେ ପ୍ରତିବର୍ଷ ଏକ ବିରଳ ପରମ୍ପରାର ପାଳନ କରାଯାଇଥାଏ । ଏହି ପରମ୍ପରାରେ କିଛି ଲୋକ ଗୋଟିଏ ସ୍ଥାନରେ ଏକତ୍ରିତ ହୋଇ ୨୦ ଫୁଟର ଏକ ପେନ୍‌ସିଲ୍‌କୁ ଧାର କରି ଥାଆନ୍ତି । ଏହି ବିରାଟ ପେନ୍‌ସିଲଟି ଏକ ବଗିଚାରେ ରହିଛି , ଯେଉଁଠାରେ ଏହି ଲୋକମାନେ ଏକାଠି ହୋଇଥାଆନ୍ତି । ଏହି ପେନ୍‌ସିଲ୍‌ଟିକୁ ଏକ ନଷ୍ଟ ହୋଇଯାଇଥିବା ଓକ୍ ଟ୍ରିକୁ କାଟି ତିଆରି କରାଯାଇଛି । ଧୀରେଧୀରେ ଏହା ସ୍ଥାନୀୟ ଅଞ୍ଚଳରେ ଏକ ପର୍ବରେ ପରିଣତ ହୋଇଛି । ସମସ୍ତେ ଖୁବ ଖୁସି ମନରେ ବାଜା ବଜାଇ ଏକାଠି ହୋଇ ଏହି ପେନ୍‌ସିଲ୍‌କୁ ଧାର କରି ଥାଆନ୍ତି ।



## ସୋସିଆଲ କୋଟ୍ସ



"ମୁଁ ଅନେକ ଦିନରୁ ପ୍ରିୟଙ୍କା, କ୍ୟାଟ୍ରିନା ଓ ଆଲିଆ ତିନିଜଣଙ୍କୁ ନେଇ ଫିଲ୍ମ କରିବାକୁ ଚାହୁଁଛି । ହେଲେ ତିନିଜଣଙ୍କର ସିଡ୍ୟୁଲ ବହୁତ ବିଜି ଥିବାରୁ ସେମାନେ ଫିଲ୍ମ ପାଇଁ ଟାଇମ୍ ଦେଇପାରୁ ନାହାନ୍ତି, ଯେଉଁଥିପାଇଁ ବିଳମ୍ବ ହେଉଛି ।

**ଫରହାନ ଅଖତର, ଅଭିନେତା**

"ଲୋକମାନେ କୁହନ୍ତି ମୁଁ ମୋ ବାପାଙ୍କ ଭଳି ଦେଖିବାକୁ । ମୋ ଦେହରେ ବାପାଙ୍କ ଝଲକ ସେମାନେ ଦେଖିଥାଆନ୍ତି । ତେବେ ମୁଁ ମୋର ନିଜର ପରିଚୟ ତିଆରି କରିବାକୁ ଚାହୁଁଛି ।

**ରାଜବୀର ଦେଓ୍ୱଲ, ଅଭିନେତା**





"ମୋ ଜୀବନର ବିଗତ ବର୍ଷ ଖୁବ ଭଲ ଥିଲା । ମୋତେ ଏକ ସ୍ପେସାଲ ଫିଲ୍ମର ଡାଇଲଗ ଲେଖିବାକୁ ସମୟ ମିଳିଲା । ବଡ ବଡ ଫିଲ୍ମ ମେକରଙ୍କ ସହ କାମ କରିବାର ସୁଯୋଗ ମଧ୍ୟ ମିଳିଲା ।

**ସୁମିତ ଅରୋରା, ଫିଲ୍ମ ରାଇଟର**

## ଇତିହାସ

୧୮୬୬– ଆଲାହାବାଦ ଉଚ୍ଚ ନ୍ୟାୟାଳୟର ସ୍ଥାପନ କରାଗଲା । ଏହା ପୂର୍ବରୁ ଆଗ୍ରା ଉଚ୍ଚ ନ୍ୟାୟାଳୟ ନାମରେ ଜଣାଯାଉଥିଲା ।

୧୮୯୭– ମହାନ ସ୍ୱତନ୍ତ୍ରତା ସେନାନି ରାମ ପ୍ରସାଦ ବିସମିଲା ଜନ୍ମଗ୍ରହଣ କରିଥିଲେ ।

୧୯୨୧– ବ୍ରାଜିଲ୍‌ରେ ମହିଳାମାନଙ୍କୁ ମତ ପ୍ରଦାନ ପାଇଁ ଅଧିକାର ଦିଆଗଲା ।

୧୯୪୮– ଭାରତୀୟ ରାଜନୀତିଜ୍ଞ ତଥା ବିହାରର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କ ଜନ୍ମ ।

୧୯୫୫– ପ୍ରଥମ ମ୍ୟାଗ୍ନେସିୟମ୍ ଜେଟ୍ ବିମାନ ଉଡାଣ ଭରିଲା ।

୧୯୬୪– ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଇଚ୍ଛାନୁସାରେ ତାଙ୍କ ଅସ୍ଥିର ଭସ୍ମ ସମଗ୍ର ଦେଶରେ ପକାଗଲା ।

୧୯୮୩– ଭାରତର ଅଗ୍ରଣୀ ଔଦ୍ୟୋଗିକ ବିର୍ଲା ସମୂହର ସଂସ୍ଥାପକ ଘନଶ୍ୟାମଦାସ ବିର୍ଲାଙ୍କ ପରଲୋକ ।

୨୦୦୩– କୋର୍ଣ୍ଣିକୋଭା ମହିଳା ଟେନିସ୍‌ର ସବୁଠୁ ସୁନ୍ଦର ଖେଳାଳି ବୋଲି ଘୋଷଣା କରାଗଲା ।

୨୦୦୮– ଭ୍ରଷ୍ଟାଚାର ବିରୋଧରେ ଜେଲ୍‌ରେ ବନ୍ଦି ଥିବା ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ୱାଜେଦ୍‌ଙ୍କୁ ମୁକ୍ତ କରାଗଲା ।

୨୦୧୨– ଆଫଗାନିସ୍ତାନରେ ଭୂମିକମ୍ପ କାରଣରୁ ହୋଇଥିବା ଭୂସ୍ଖଳନରେ ୮୦ ଲୋକଙ୍କ ପ୍ରାଣହାନୀ ।

R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୨୪୪
ତିଥି : ପୂର୍ଣ୍ଣିମା
୧୧ ଜୁନ୍ ୨୦୨୫, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 244
11 June 2025, Wednesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

DADLS-27
OIPR: 15001/13/0680/2526
ବର୍ଷ ଏକ ଉପଲବ୍ଧି ଅନେକ
ସମୃଦ୍ଧ ଓଡ଼ିଶା ପାଇଁ ମହିଳା ସଶକ୍ତିକରଣ
• ସୁଭଦ୍ରାରେ ୧ କୋଟିରୁ ଅଧିକ ମହିଳା ଉପକୃତ
• ୧୬ ଲକ୍ଷରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟି
• ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଶୁଭାରମ୍ଭ
• ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧ ଛାଡ



## ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି

# ୨୪ ବର୍ଷରେ ଯାହା ହୋଇନି, ୨୪ ମିନିଟ୍‌ରେ କରିଛୁ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୦।୬ (ସବ୍ୟୁ): ବିଗତ ସରକାରରେ ୨୪ବର୍ଷରେ ଯାହା ହୋଇନଥିଲା ତାହା ୨୪ ମିନିଟ୍‌ରେ କରି ଦେଖାଇଛୁ । ଏହା ହେଉଛି ଲୋକଙ୍କ ସରକାର ଓ ଲୋକଙ୍କ କଲ୍ୟାଣ ପାଇଁ ଯାହା ଆବଶ୍ୟକ ତାହା କରାଯାଉଛି । ଗତ ୧ବର୍ଷର କାର୍ଯ୍ୟକାଳ ମଧ୍ୟରେ ଲୋକଙ୍କର ଆକାଂକ୍ଷା ପୂରଣ କରିବାରେ ରାଜ୍ୟ ସରକାର ସଫଳ ହୋଇଛନ୍ତି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ସରକାରର ୧୧ବର୍ଷ ପୂର୍ତ୍ତି ଓ ରାଜ୍ୟରେ ଓଡ଼ିଶା ସରକାରଙ୍କ ମଧ୍ୟ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ କହିଲେ ଯେ, ଓଡ଼ିଶା ସରକାର ବର୍ଷକର କାର୍ଯ୍ୟକାଳ ମଧ୍ୟରେ ନିର୍ବାଚନବେଳେ ଦେଇଥିବା ପ୍ରତିଶ୍ରୁତି ପୂରଣ କରିଛନ୍ତି । ପ୍ରଧାନମନ୍ତ୍ରୀ ଓଡ଼ିଶାକୁ ଏକ ସମ୍ଭାବନା ରାଜ୍ୟ ଭାବେ ବର୍ଣ୍ଣନା କରିଛନ୍ତି । ତାହାକୁ ଦୃଷ୍ଟିରେ ରଖି ସେହି ଲକ୍ଷ୍ୟରେ ରାଜ୍ୟ ସରକାର ଅତି ନିଷ୍ଠାପର ଭାବରେ ଆଗେଇ ଚାଲିଛି । ଗତବର୍ଷ ଜୁନ୍ ୧୨ ସନ୍ଧ୍ୟାରେ ରାଜ୍ୟ ସରକାରଙ୍କ ପ୍ରଥମ କ୍ୟାବିନେଟ୍ ବସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା । ସେହି ନିଷ୍ପତ୍ତିକୁ ତୁରନ୍ତ କାର୍ଯ୍ୟକାରୀ କରାଯାଇ କାର୍ଯ୍ୟକାରୀ କରାଯାଇଥିଲା । ମହିଳା ଶସକ୍ତିକରଣକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି । ସୁଭଦ୍ରା ଯୋଜନାରେ ଦୁଇଟି

- ଯୁବକ, ଅନ୍ନଦାତା, ମହିଳା ଓ ଗରିବଙ୍କ ପାଇଁ ସମର୍ପିତ ଏ ସରକାର
- ଆଗାମୀ ଆର୍ଥିକ ବର୍ଷରେ ଆଉ ୪୦ହଜାର ନିଯୁକ୍ତି
- ୨୦୩୬ ମିଶନ ପାଇଁ ୩୬ କାର୍ଯ୍ୟକ୍ରମ
- ଖୁବ୍‌ଶୀଘ୍ର ରାଜ୍ୟରେ ଲୋକାୟୁକ୍ତ ନିଯୁକ୍ତି
- ଦୁର୍ନୀତି ନେଇ କଡା ଆଭିମୁଖ୍ୟ : କାହାକୁ ଛଡାଯିବନି

ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲାଯିବା ସହ ରାଜ୍ୟରେ ସୁଭଦ୍ରା ଯୋଜନା କିସ୍ତିରେ ୧୦ହଜାର ଟଙ୍କା ଲେଖାଏଁ ଦିଆଯାଇଛି । (୯ ପୃଷ୍ଠାରେ)

## ଲାଞ୍ଚୁଆ ଆଇଏଏସ୍ ଚକ୍‌ମା ନିଲମ୍ବିତ

ଭବାନୀପାଟଣା, ୧୦।୬ (ସବ୍ୟୁ): ଧର୍ମଗଡ଼ର ଲାଞ୍ଚୁଆ ଉପଜିଲ୍ଲାପାଳ ଧୀମାନ ଚକମାଙ୍କୁ ମଙ୍ଗଳବାର ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ କ୍ରମେ ଚାକିରୀରୁ ନିଲମ୍ବନ କରିଛନ୍ତି । ଏହା ସହିତ ଜେଲରେ ବିଗିଡ଼ିଛି ଲାଞ୍ଚୁଆ ଆଇଏଏସ୍ ଅଫିସର ଧୀମାନ ଚକମାଙ୍କ ସ୍ୱାସ୍ଥ୍ୟବସ୍ଥା । ତାଙ୍କୁ ଜେଲରେ ଚିକିତ୍ସା ଦେଉଛନ୍ତି ଡାକ୍ତରୀ ଟିମ୍। ସୋମବାର ଜାମିନ ନାମଞ୍ଜୁର ପରେ ତାଙ୍କୁ ଭବାନୀପାଟଣା ଜିଲ୍ଲା କାରାଗାରକୁ ପଠାଇ ଦିଆଯାଇଥିଲା । ପରେ ତାଙ୍କ ସ୍ୱାସ୍ଥ୍ୟ ଖରାପ ହୋଇଥିବା ସୂଚନା ମିଳିଛି । ଜଣେ ବ୍ୟବସାୟୀଙ୍କଠାରୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେବାବେଳେ ଧର୍ମଗଡ଼ ସବ କଲେକଟର ଧୀମାନ୍ ଚକମା ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ । ପରେ ତାଙ୍କ ସରକାରୀ (୯ପୃଷ୍ଠାରେ)

## ଝାଡାବାନ୍ତିରେ ୩ ମୃତ, ୨୦୦ ଆକ୍ରାନ୍ତ

ଧର୍ମଶାଳା/ଆନନ୍ଦପୁର, ୧୦ ।୬ (ସ ବ୍ୟୁ) : ଧର୍ମଶାଳା ବ୍ଲକର ବିଭିନ୍ନ ଗ୍ରାମରେ ଏବେ ଝାଡାବାନ୍ତି ରୋଗ ବ୍ୟାପୁଥିବା ଦେଖିବାକୁ ମିଳିଛି। ଆଜି ସକାଳୁ ଧର୍ମଶାଳା ବ୍ଲକର ବିଭିନ୍ନ ଗ୍ରାମରୁ ଆଜି ପ୍ରାୟ ଶତାଧିକ ଝାଡାବାନ୍ତି ରୋଗୀ ମେଡିକାଲକୁ ଆସି ଚିକିତ୍ସିତ ହେଉଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ ୨ ଜଣଙ୍କର ଧର୍ମଶାଳାରେ ମୃତ୍ୟୁ ହୋଇଥିବାବେଳେ ୨୦୦ରୁ ଅଧିକ ଆକ୍ରାନ୍ତ ହୋଇଛନ୍ତି । ସେହିଭଳି ଆନନ୍ଦପୁରରେ ଝାଡାବାନ୍ତିରେ ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି ।

ସେହିପରି ଡାକ୍ତରଖାନା ପକ୍ଷରୁ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ଓ ଆବଶ୍ୟକ ଔଷଧ ନ ମିଳିବାରୁ ରୋଗୀ ଓ ସେମାନଙ୍କ ସମ୍ପର୍କିୟମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଏତେ ସଂଖ୍ୟକ ଝାଡାବାନ୍ତି ରୋଗୀ ମେଡିକାଲରେ ଆସି ପହଁଚି ଚିକିତ୍ସା ହେବା ଖବର ପାଇ ଯାଜପୁର ସିଡିଏମଓ ପ୍ରକାଶ ଚନ୍ଦ୍ର ବଳ ଧର୍ମଶାଳା ଡାକ୍ତର ଖାନାରେ ପହଁଚି ସ୍ଥିତି ଅନୁଧ୍ୟାନ କରିବା (୯ ପୃଷ୍ଠାରେ)

## ଆଜି ମହାପ୍ରଭୁଙ୍କ ମହାସ୍ନାନ

ପୁରୀ, ୧୦।୬ (ସବ୍ୟୁ): ଆଜି ପବିତ୍ର ଦେବ ସ୍ନାନ ପୂର୍ଣ୍ଣିମା । ରନି ସିଂହାସନରୁ ପହଣ୍ଡି ବିଜେ ହୋଇ ସ୍ନାନ ବେଦୀରେ ଅଧିଷ୍ଠିତ ହେବେ ଚତୁର୍ଦ୍ଧା ମୂର୍ତ୍ତି ।

୧୦୮ ସୁବାସିତ ଜଳ ଗଡୁରେ ସ୍ନାନ ହେବେ ଚତୁର୍ଦ୍ଧା ମୂର୍ତ୍ତି । ସ୍ନାନ ବେଦୀରେ ହାତୀ ବା ଗଜାନନ ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ ଚତୁର୍ଦ୍ଧା ମୂର୍ତ୍ତି । ମହାପ୍ରଭୁଙ୍କ ହାତୀ ବେଶ ଦର୍ଶନ ପାଇଁ ପୁରୀକୁ ସୁଅ ଛୁଟିଛି ଲକ୍ଷାଧିକ ଭକ୍ତ । ଲକ୍ଷାଧିକ ଭକ୍ତଙ୍କ ସମାଗମ ଓ ଶୃଙ୍ଖଳିତ ଦର୍ଶନ ପାଇଁ ଜିଲ୍ଲା ପ୍ରଶାସନ, (୯ପୃଷ୍ଠାରେ)

## ପୋଲିସକୁ ଆକ୍ରମଣ, ଭଙ୍ଗାରୁଜା

ଭୁବନେଶ୍ୱର, ୧୦।୬ (ସବ୍ୟୁ) : ୧୦ଲକ୍ଷ ଟଙ୍କା ଠକେଇକୁ ନେଇ ଅଳସୁଆ ଗ୍ରାମର ମହିଳାମାନେ ଇନ୍ଫୋସିଟି ଥାନା ଘେରାଉ କରିବା ସହ ପୋଲିସକୁ ଆକ୍ରମଣ କରିଥିଲେ । ଏପରିକି ଥାନା ଭିତରେ ପଶି ଭଙ୍ଗାରୁଜା କରିବା ସହ ରାସ୍ତାରୋକ କରି ଠକେଇ ଟଙ୍କା ଆମକୁ ଦିଅ ବୋଲି ଦାବି କରିଥିଲେ । ଏହି ଗଣ୍ଡଗୋଳରେ ଉଭୟ ପକ୍ଷ ଆହତଙ୍କୁ ଚିକିତ୍ସା ପାଇଁ ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲ ନିଆଯାଇଥିଲା । ଏସ୍‌ଏସ୍‌ଜି ଗ୍ରୁପ୍ ନାଁରେ ବ୍ୟାଙ୍କରୁ ୧୦ଲକ୍ଷ ଋଣ ଆଣି ଦଲାଲ ସେହି ଟଙ୍କାକୁ ନିଜେ ଆତ୍ମସାତ୍ କରିଦେଇଥିଲା । ବ୍ୟାଙ୍କ (୯ ପୃଷ୍ଠାରେ)

## ଟୋକନ୍ ଥାଇ ଉଠୁନି ଧାନ

ବରଗଡ଼/ସମ୍ବଲପୁର/ଭବାନୀପାଟଣା, ୧୦।୬ (ସବ୍ୟୁ): ପଶ୍ଚିମ ଓଡ଼ିଶାରେ ଧାନ ବିକ୍ରୀରେ ଅବ୍ୟବସ୍ଥା ଦେଖାଦେଇଛି । ସରକାର କଟନୀ ଛଟନୀ ବନ୍ଦ ହୋଇଥିବା କହୁଥିବା ବେଳେ ବାସ୍ତବ କ୍ଷେତ୍ରରେ ତାହା ପରିଲକ୍ଷିତ ହେଉନାହିଁ । ଏପରିକି ଟୋକନ ଥାଇ ବି ଚାଷୀ ନିଜ କଷ୍ଟ ଉପାର୍ଜିତ ଧାନ ନିର୍ଦ୍ଧାରିତ ମୂଲ୍ୟରେ ବିକ୍ରୀ କରିପାରୁନାହିଁ । କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଚାଷୀ ଅଭାବୀ ବିକ୍ରୀର ଶୀକାର ହେଉଥିବା ଅଭିଯୋଗ ଆସୁଛି । ଅନ୍ୟ ପକ୍ଷରେ ଅଦିନିଆ ବର୍ଷାରେ ଧାନ ଭିଜି କିଛି କାଂଶରେ ନଷ୍ଟ (୯ ପୃଷ୍ଠାରେ)


Government of India
ମାଇଲଗୁଡ଼ିକ ମାଇଲଖୁଣ୍ଟରେ ହେଉଛି ପରିଣତ

CBC 37101/13/0008/2526









ବିମାନବନ୍ଦରଗୁଡିକ ଦ୍ୱିଗୁଣିତ ହୋଇଛି- ୭୪ ରୁ ୧୬୨
ଉଡ଼ାନ୍ ଅଧୀନରେ ୧.୫୦ କୋଟିରୁ ଅଧିକ ଲୋକ ସୁଲଭ ବିମାନ ଯାତ୍ରାର ସୁବିଧା ପାଇଛନ୍ତି
୨୦୧୪ରେ ମେଟ୍ରୋ ନେଟୱାର୍କ ୨୪୮ କିଲୋମିଟରରୁ ୧୦୦୦+ କିଲୋମିଟରକୁ ବିସ୍ତାରିତ ହୋଇଛି, ୨୦୧୪ରେ କେବଳ ୫ଟି ସହରରେ ତୁଳନାରେ ଏବେ ୨୩ଟି ସହରରେ ମେଟ୍ରୋ ସୁବିଧା
ଜାତୀୟ ଜଳପଥ ୫ ରୁ ୧୧୧ କୁ ବୃଦ୍ଧି ପାଇଛି, ୨୦୨୪ରେ ରେକର୍ଡ ୧୪୫+ ଏମଏମଟି ମାଲ ପରିବହନ, ୨୦୧୪ ତୁଳନାରେ ୮ ଗୁଣ
ସାଗରମାଳା ଅଧୀନରେ ୧.୪୧+ ଲକ୍ଷ କୋଟି ଟଙ୍କାର ୨୭୨ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି, ଉପକୂଳ ନେଟୱାର୍କର ବିସ୍ତାର ଏବଂ ବନ୍ଦର-କେନ୍ଦ୍ରିତ ବିକାଶକୁ ପ୍ରୋତ୍ସାହିତ କରାଯାଇଛି
ଭାରତରେ ଅଟର ସୁଡ଼ଙ୍ଗ ଅଛି- ୧୦,୦୦୦ ଫୁଟ ଉଚ୍ଚତାରେ ବିଶ୍ୱର ସବୁଠୁ ଲମ୍ବା ରାଜପଥ ସୁଡ଼ଙ୍ଗ ଏବଂ ଚେନାବ ସେତୁ- ବିଶ୍ୱର ସର୍ବୋଚ୍ଚ ରେଳ ଆର୍କ ବ୍ରିଜ
ଭାରତରେ ୬୬ ଲକ୍ଷ କିଲୋମିଟରରୁ ଅଧିକ ସଡ଼କ ରହିଛି - ବିଶ୍ୱରେ ଦ୍ୱିତୀୟ ସର୍ବବୃହତ
ଜାତୀୟ ରାଜପଥ ୯୧,୦୦୦ କିଲୋମିଟରରୁ ୬୦% ରୁ ଅଧିକ ବୃଦ୍ଧି ପାଇ ୧.୪୬ ଲକ୍ଷ କିଲୋମିଟର ହୋଇଛି ।
ଗ୍ରାମୀଣ ସଡ଼କ ଯୋଗାଯୋଗର କଭରେଜ୍ ୯୯%ରେ ପହଞ୍ଚିଛି
୧୪୨ଟି ବିଶ୍ୱସ୍ତରୀୟ ବନ୍ଦେ ଭାରତ ଟ୍ରେନ୍ ସେବା ଆଧୁନିକ ରେଳପଥର ପରିଚୟ ପାଲଟିଛି, ଯାହା ଏକ ଦ୍ରୁତ ଏବଂ ଆରାମଦାୟକ ଯାତ୍ରା ଅନୁଭୂତି ସୁନିଶ୍ଚିତ କରୁଛି ।
ଉଧମପୁର-ବାରାମୁଲ୍ଲା-ଶ୍ରୀନଗର ରେଳ ଲିଙ୍କ ସହିତ, କାଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ରେଳ ସଂଯୋଗ କରବାର ସ୍ୱପ୍ନ ଏବେ ସାକାର ହୋଇଛି ।
ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ୧୩୦୦ରୁ ଅଧିକ ରେଳ ଷ୍ଟେସନର ପୁନଃବିକାଶ କରାଯାଉଛି
Viksit Bharat ka Amrit Kaal
Seva, Sushasan, Garib Kalyan ke
11 SAAL



### ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି

# ଭିଜନ ଡକ୍ୟୁମେଣ୍ଟ ଓଡ଼ିଆଙ୍କ ସ୍ୱପ୍ନର ଭବିଷ୍ୟତ ପିଢ଼ିଙ୍କ ପାଇଁ ପ୍ରତିଶ୍ରୁତି : ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର(ସବ୍ୟୁ): 'ବିକଶିତ ଓଡ଼ିଶା ୨୦୩୬ ଏବଂ ୨୦୪୭' ପାଇଁ ରାଜ୍ୟବ୍ୟାପୀ ଆଲୋଚନା, ପର୍ଯ୍ୟାଲୋଚନା ସିରିଜର ଆଜି ଚୂଡାନ୍ତସ୍ତରରେ ପହଞ୍ଚିଛି । ଏହି ଭିଜନ ଡକୁମେଣ୍ଟ ସାଢ଼େ ୪ କୋଟି ଓଡ଼ିଆଙ୍କ ସ୍ୱପ୍ନର ଏକ ରୋଡମ୍ୟାପ୍ । ଏହା ଆମ ଭବିଷ୍ୟତ ପିଢିଙ୍କ ପାଇଁ ଏକ ପ୍ରତିଶ୍ରୁତ । ଏହା ଆମ ସାମଗ୍ରିକ ଚିନ୍ତା ଓ ଚେତନାକୁ ବିଶ୍ୱସ୍ତରୀୟ କରିବା ପାଇଁ ଏକ ଅଭିଯାନ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ସୁଶାସନ ଏବଂ ବିକଶିତ ଓଡ଼ିଶା-୨୦୩୬ ଓ ୨୦୪୭ ସଂପର୍କିତ ଏକ ଜାତୀୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଯୋଗଦେଇ ଆଲୋଚନାରେ ଉପସ୍ଥିତ ବିଷୟଭିତ୍ତିକ ବିଶେଷଜ୍ଞ, ଶିକ୍ଷାବିତ, ପ୍ରଶାସନିକ ଅଧିକାରୀ ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କୁ ସମ୍ବୋଧିତ କରି କହିଥିଲେ, ଆୟୁଷ୍ମାନ ଭାରତ-ଜନ ଆରୋଗ୍ୟ ଯୋଜନା, ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି, ପ୍ରଧାନମନ୍ତ୍ରୀ ଆବସ ଯୋଜନା, ସ୍ୱଚ୍ଛ ଭାରତ ଯୋଜନା, ନୂତନ ଶିକ୍ଷା ନୀତି, ଜନଧନ ଯୋଜନା, ବେଟି ବଚାଓ ବେଟି ପଢାଅ ଇତ୍ୟାଦି ଦେଶର ସାଧାରଣ ଜନତାଙ୍କ ଦୈନନ୍ଦିନ ଜୀବନରେ ସ୍ୱାଚ୍ଛନ୍ଦ୍ୟ ଆଣିବାରେ ସମର୍ଥ ହୋଇଥିବା ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ ।

ରାଜ୍ୟର ସାଢେ ଚାରିକୋଟି ଜନତାଙ୍କ ଆଶା ଆକାଂକ୍ଷାକୁ ସାକାର କରିବା ପାଇଁ ଆମ ସରକାର ନିରନ୍ତର ଭାବେ ପ୍ରଥମ ଦିନରୁ କାର୍ଯ୍ୟ କରିଚାଲିଛନ୍ତି ଏବଂ ଏହାର ସୁଫଳ ବିଭିନ୍ନ ସାମାଜିକ ଓ ଅର୍ଥନୈତିକ ସୂଚକାଙ୍କରେ ପ୍ରତିଫଳିତ ହେଉଛି । ରାଜ୍ୟ ଗଠନର ଶତବାର୍ଷିକୀ ପାଳନ ଅବସରରେ ଆମ ସରକାର ୨୦୩୬ ସୁଦ୍ଧା ଓଡ଼ିଶାକୁ ଏକ ସମୃଦ୍ଧ ଏବଂ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଏକ ଉଚ୍ଚାଭିଳାଷୀ ସଂକଳ୍ପ ନେଇଛନ୍ତି । ୨୦୪୭ ସୁଦ୍ଧା ଆମ ଦେଶକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାର ଲକ୍ଷ୍ୟ ହାସଲ ଦିଗରେ ମଧ ଏହା ସହାୟକ ହେବ । ୫୦୦ ନିୟୁତ ଡଲାର ଅର୍ଥନୀତି ଆଡକୁ ଆମେ ଅଗ୍ରସର ହେବା ପାଇଁ ଆମକୁ ଅତି କମରେ ଆସନ୍ତା ୧୧ ବର୍ଷର ପ୍ରତିବର୍ଷ ଦୁଇ ଅଙ୍କରେ ପ୍ରକୃତ ଅଭିବୃଦ୍ଧି ଆବଶ୍ୟକ । ଲକ୍ଷ୍ୟ ନିଶ୍ଚିତ ଭାବେ ବଡ ହେଲେ ମଧ ଏହା ହାସଲ ସାପେକ୍ଷ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ଆଲୋଚନାଚକ୍ରର ପ୍ରାରମ୍ଭିକ ଅଧିବେଶନରେ ରାଜ୍ୟ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଯୋଗଦେଇ ଶକ୍ତି ଉତ୍ପାଦନ, କୃଷିରେ ମୂଲ୍ୟଯୁକ୍ତ ଉତ୍ପାଦ ସହ ଉତ୍ପାଦିତ ସାମଗ୍ରୀର ପରିବହନର ସୁବିଧା, ଆମ ଯୁବକ ଯୁବତୀମାନଙ୍କର ଦକ୍ଷତା ବିକାଶ କରି ରାଜ୍ୟରେ ଶିଳ୍ପଭିତ୍ତିକ ନିଯୁକ୍ତି ଆଦି ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବାରେ ସହାୟକ ହେବ ବୋଲି କହିଥିଲେ । ନୀତି ଆୟୋଗର ଅନ୍ୟତମ ସଦସ୍ୟ ଡଃ. ବିନୋଦ ପାଲ ଯୋଗଦେଇ ଓଡ଼ିଶାରେ ସ୍ୱାସ୍ଥ୍ୟ, ପୋଷଣ ଓ ଶିକ୍ଷା ତଥା ଦକ୍ଷତା ବିକାଶ କ୍ଷେତ୍ରକୁ ଗୁରୁତ୍ୱ ଦେଇଥିଲେ । ପରେ ଅଂଶଗ୍ରହଣ କରିଥିବା ଶିଳ୍ପୋଦ୍ୟୋଗୀ, ବିଭିନ୍ନ ଶିଳ୍ପ ଅନୁଷ୍ଠାନ ଓ ଶିଳ୍ପ ସଂଘର କର୍ମକର୍ତ୍ତା, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସଂଘ, ଶିକ୍ଷାବିତ ତଥା ବିଭିନ୍ନ ବର୍ଗର ବୁଦ୍ଧିଜୀବୀ ଓ ଜନସାଧାରଣ ସୁଶାସନ, ବିକଶିତ ଓଡ଼ିଶା ତଥା ବିକଶିତ ଭାରତ ସଂପର୍କରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

### ଝାରସୁଗୁଡ଼ାର ଲକ୍ଷଣପୁର ବ୍ଲକରେ ଭାରତ ମସଲା

# ଚାଷୀଙ୍କଠୁ କିଣିଲା ଦୁଇ ମେଟ୍ରିକ୍ ଟନ୍ ଶୁଖିଲା ଅଦା

କଟକ,(ସବ୍ୟୁ): ଓଡ଼ିଶା ହେଉଛି କୃଷି ପ୍ରଧାନ ରାଜ୍ୟ ମଧ୍ୟରେ ଅନ୍ୟତମ । ମୁଣ୍ଡ ଝାଳ ତୁଣ୍ଡରେ ମାରି ଚାଷିଟିଏ ବିଭିନ୍ନ କୃଷିଜାତ ଦ୍ରବ୍ୟ ଉତ୍ପାଦନ କରି ସମୃଦ୍ଧ କରିଛି ରାଜ୍ୟକୁ । କିନ୍ତୁ ଚାଷୀ ଏଠି ପାଏନି ଉତ୍ପାଦିତ ଦ୍ରବ୍ୟର ଉଚିତ ମୂଲ୍ୟ । ଲାଭବାନ ହୁଅନ୍ତି ମିଡ଼ିଲ ମ୍ୟାନ । ଏଥିରେ ପରିବର୍ତ୍ତନ ଆଣିବାକୁ ଭାରତ ମସଲା କମ୍ପାନୀ ସିଧାସଳଖ ପହଞ୍ଚିଥିଲା ଚାଷୀଙ୍କ ନିକଟରେ । କୃଷିଜାତ ଦ୍ରବ୍ୟକୁ ସିଧାସଳଖ କୃଷକ ମାନଙ୍କ ଠାରୁ ଖର୍ଦ୍ଦୀ କରି ପରୋକ୍ଷରେ ପୂର୍ବରୁ ସେମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଆସୁଛି । ଏହି ପରିପ୍ରେକ୍ଷୀରେ ଭାରତ ମସଲା କମ୍ପାନୀ ଶୁଖିଲା ଅଦା ସଂଗ୍ରହ ପାଇଁ ଝାରସୁଗଡା ଜିଲ୍ଲା ଲକ୍ଷଣ ପୁର ବ୍ଲକ ଚାଷୀଙ୍କୁ କରିଥିଲା ଉତ୍ସାହିତ ।ଭାରତ ମସଲା ସହ ଚୁକ୍ତିନାମା ଅନୁଯାୟୀ ଓରମାସ ମଧ ଏଥିରେ କରିଥିଲା ସହଯୋଗ । କୋଇଲି ଗୁଗୁର ଫାର୍ମର ସଂସ୍ଥାକୁ ଏଫପିଓ ମାଧମରେ ବୈଷୟିକ ତାଲିମ୍ ଦେଇ ଉନ୍ନତ ମାନର ଶୁଖିଲା ଅଦା(ଜିଞ୍ଜର ଚିପସ) ଉତ୍ପାଦନ କରିବାରେ ସହାୟତା ପ୍ରଦାନ କରିଥିଲା ଓର୍ମାସ । ଫଳରେ ଚାଷୀମାନେ ପୁର୍ବରୁ ବିନା ପ୍ରକ୍ରିୟା ରେ ଅଦା କେଜି ପ୍ରତି ମାତ୍ର ୪୦ ଟଙ୍କାରେ ବିକ୍ରି କରୁଥିବାବେ ବେଳେ ଏବେ ନୂତନ ପ୍ରକ୍ରିୟାରେ ବହୁ ଅଧିକ ମୂଲ୍ୟରେ ଭାରତ ମସଲା କମ୍ପାନୀକୁ



ଏହାକୁ ବିକ୍ରୀ କରୁଛନ୍ତି । ପ୍ରଥମ ଥର ପାଇଁ ଚାଷୀ ମାନଙ୍କ ଠାରୁ ଦୁଇ ମେଟ୍ରିକ ଟନ ଶୁଖିଲା ଅଦା ଭାରତ ମସଲା ଆଜି କମ୍ପାନୀ ଖର୍ଦ୍ଦୀ କରିଛି । ତେବେ ଆଗକୁ ଶୁଖିଲା ଅଦା ୫୦ ମେଟ୍ରିକ୍ ଟନ୍ ଖର୍ଦ୍ଦି କରି ଚାଷୀମାନଙ୍କୁ ଅଧିକ ଅଦା ଚାଷ କରିବାକୁ ପ୍ରୋତ୍ସାହନ ଯୋଗାଇଦେବ ବୋଲି କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା କହିଛନ୍ତି । ପୁର୍ବରୁ ବାମଡ଼ା, କୁଚିଣ୍ଡା,ଦେବଗଡ଼, ଗଞ୍ଜାମ ଅଞ୍ଚଳରୁ ଶୁଖିଲା ଲଙ୍କା ସଂଗ୍ରହ କରୁଥିବା ଭାରତ ମସଲା କମ୍ପାନୀ ମଧ ଟମାଟୋ ସଂଗ୍ରହ କରି ଚାଷୀମାନଙ୍କୁ ମିଡିଲ ମ୍ୟାନ ମାନଙ୍କ ଶୋଷଣ ଦାଉରୁ ରକ୍ଷା କରିବାରେ ପରୋକ୍ଷ ସହଯୋଗ କରିଆସୁଛି । ଏହି ଅବସରରେ ଭାରତ ମସଲାର ଅଧକ୍ଷ ସୁରେନ୍ଦ୍ର ନାଥ ପଣ୍ଡା, ଓରମାସର ଯୁଗ୍ମ କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ବିହାରୀ ରାଉତ, ଓରମାସ ଝାରସୁଗୁଡ଼ା ବିଜିନେସ ମ୍ୟାନେଜର ପ୍ରମୁଖ ଉପସ୍ଥିତ ଥିଲେ ।

### ପାଟ୍ ପ୍ଲଟ୍ ବିକ୍ରି ବାଟ ଖୋଲିଲା

# ୫୦୦ ବର୍ଗ ମିଟର ଜମି ବିକ୍ରି ଲାଗି ଅନୁମତି ଦରକାର ନାହିଁ

ଭୁବନେଶ୍ୱର, (ସବ୍ୟୁ) : ଦୀର୍ଘ ଦିନ ଧରି ପାଟ୍ ପ୍ଲଟ୍ ବା ଆଂଶିକ ଜମି ବିକ୍ରି ଉପରେ ରୋକ୍ ଲାଗିଥିଲା। ଫଳରେ ନାହିଁ ନଥିବା ଅସୁବିଧା ସମ୍ମୁଖୀନ ହେଉଥିଲେ ଗରିବ ଲୋକ। ଝିଅ ବାହାଘର ହେଉ କିମ୍ବା ବହୁ ଦୂରା ରୋଗରେ ପୀଡିତ ରୋଗୀଙ୍କ ଚିକିତ୍ସା ଲାଗି ଆଉ ଅର୍ଥ ବାଧକ ହେବ ନାହିଁ। ଏବେ ପାଟ୍ ପ୍ଲଟ ବିକ୍ରି ପାଇଁ ବାଟ ପୁରା ପରିଷ୍କାର ହୋଇଛି। ଏ ନେଇ ଗତ ୯ ତାରିଖରେ ଗୃହ ଓ ନଗର ଉନ୍ନୟନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ବିଜ୍ଞପ୍ତି ଅନୁସାରେ, ଯେଉଁ ବ୍ୟକ୍ତିଙ୍କର ୫ ହଜାର ବର୍ଗଫୁଟ ଭିତରେ ଜାଗା ରହିଛି, ସେମାନେ ସରକାରଙ୍କ ବିନା ଅନୁମତିରେ ଜମିର କିଛି ଅଂଶ ବିକ୍ରି କରିପାରିବେ। ସେହିପରି ଯଦି କାହାର ଏକ ଏକର ଜମି ରହିଛି, ସେହି ଜମିରୁ ୫ ୦୦ ବର୍ଗମିଟର ଜମିକୁ ବିକ୍ରି କରିପାରିବେ। ତେବେ ଗୋଟିଏ ଥର ପାଇଁ ଆଂଶିକ ଜମି ବିକ୍ରି ହୋଇପାରିବ। ଅର୍ଥାତ୍ ଏକାଥରକେ ୫୦୦ ବର୍ଗମିଟର ବର୍ଗଫୁଟ କିମ୍ବା ଗୋଟିଏ ଥର ପାଇଁ ୫୦୦ ବର୍ଗମିଟରରୁ କମ୍ ଜମି ବିକ୍ରି କରିହେବ। ଯଦି ସେହି ବ୍ୟକ୍ତି ୫୦୦ ବର୍ଗମିଟରରୁ କମ୍ ଦୁଇଥର ଆଂଶିକ ଜମି ବିକ୍ରି କରିବାକୁ ଚାହିଁବେ, ତାହା ହେଲେ ସଂପୃକ୍ତ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ନେବାକୁ ପଡିବ। ସେହିଭଳି ପୂର୍ବରୁ ଥିବା ଶିଳ୍ପାଞ୍ଚଳଗୁଡିକରେ ପାର୍କିଂର ବ୍ୟବସ୍ଥାରେ ପରିବର୍ତ୍ତନ ହୋଇଛି। ୩୦ ପ୍ରତିଶତ ପାର୍କିଂ ଛାଡର ବ୍ୟବସ୍ଥା ଥିବାବେଳେ ଏବେ ଏହାକୁ କମାଇ ଦିଆଯାଇ ୮ ପ୍ରତିଶତକୁ ରଖାଯାଇଛି। ସେହିପରି ଏକ ଏକର ଜମିରେ ଲେଆଉଟ୍ ପ୍ଲାନ୍ ଆପ୍ରୁଲ୍‌ଭାଲ୍ ଲାଗି ଆବେଦନ କଲାବେଳେ ୫ ପ୍ରତିଶତ ଓପନ୍ ସ୍ପେସ୍ ( ପାର୍କ) ଆଉ ଛାଡିବାକୁ ପଡିବ ନାହିଁ। ଏକ ଏକର ପରେ ଲେଆଉଟ୍ ପ୍ଲାନ୍ ଆପ୍ରୁଲଭାଲ୍ ଆବେଦନ କରିବାକୁ ହେଲେ ୫ ପ୍ରତିଶତ ଓପନ୍ ସ୍ପେସ୍ ଛାଡିବାକୁ ପଡିବ।

# ରାଜ୍ୟର ୧୨ ଜିଲ୍ଲାକୁ ବ୍ୟାପିଲା କୋଭିଡ, ଆକ୍ରାନ୍ତଙ୍କ ସଂଖ୍ୟା ୬୩କୁ ବୃଦ୍ଧି

ଭୁବନେଶ୍ୱର(ସବ୍ୟୁ): ରାଜ୍ୟରେ ଧୀରେଧୀରେ ବ୍ୟାପିବାରେ ଲାଗିଛି କରୋନା । ଏବେ ୧୨ ଜିଲ୍ଲାକୁ କରୋନା ମାଡ଼ିସାରିଲାଣି । ଅନୁଗୁଳ, ବରଗଡ଼, କନ୍ଧମାଳ, ଗଞ୍ଜାମ ଓ ସୋନପୁର ଜିଲ୍ଲାରୁ ବି କୋଭିଡ ପଜିଟିଭ ଚିହ୍ନଟ ହେଲେଣି । ଆଜି ସୁଦ୍ଧା ରାଜ୍ୟରୁ ଚିହ୍ନଟ ହୋଇଥିବା ମୋଟ ୬୩ କରୋନା ରୋଗୀଙ୍କ ମଧ୍ୟରୁ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୨୫ ଜଣ ଅଛନ୍ତି ।

ସେହିପରି କଟକରୁ ୨୧ ଜଣ ପଜିଟିଭ ହୋଇଥିବା ବେଳେ ପୁରୀ ଜିଲ୍ଲାରୁ ୪ ଜଣ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି । ବାଲେଶ୍ୱର, ଜଗତସିଂହପୁର ଓ ସୁନ୍ଦରଗଡ଼ ଜିଲ୍ଲାରୁ ୨ ଜଣ ଲେଖାଏଁ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝର, ଅନୁଗୁଳ, ବରଗଡ଼, କନ୍ଧମାଳ, ଗଞ୍ଜାମ ଓ ସୋନପୁର ଜିଲ୍ଲାରୁ ଜଣେ ଲେଖାଏଁ ଆକ୍ରାନ୍ତ ବାହାରିଛନ୍ତି ।

ଚଳିତ ବର୍ଷ ରାଜ୍ୟର ମୋଟ୍ କୋଭିଡ୍ ରୋଗୀଙ୍କ ସଂଖ୍ୟା ୬୩ରେ ପହଞ୍ଚିଛି । ସେହିପରି ସୋମବାର ୫ ଜଣ ରୋଗୀ ସୁସ୍ଥ ହେବା ସହ ବର୍ତ୍ତମାନ ସୁଦ୍ଧା ମୋଟ ୨୫ ଜଣ ସୁସ୍ଥ ହୋଇଥିବା ଜଣାପଡ଼ିଛି । ଫଳରେ ରାଜ୍ୟରେ ଏବେ ୩୮ଜଣ ସକ୍ରିୟ କୋଭିଡ ରୋଗୀ ଅଛନ୍ତି । କୋଭିଡ-୧୯ କିମ୍ବା ଥଣ୍ଡା ଭଳି ରୋଗର ଲକ୍ଷଣ ଥିଲେ ଘରେ ରହିବାକୁ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି । ଲକ୍ଷଣ ଅନୁଭବ କଲେ ସମାବେଶରୁ ଦୂରେଇ ରହିବା ସହ ନିଜକୁ ଅଲଗା ରଖିବା ଉଚିତ ବୋଲି ସେ କହିଛନ୍ତି । ନୂତନ ଷ୍ଟ୍ରେନ ଅଧିକ ବିପଦପୂର୍ଣ୍ଣ ହୋଇ ନଥିଲେ ବି ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି ।

## ଆଜିର କାର୍ଯ୍ୟକ୍ରମ

ରଙ୍ଗାଧର ମେହେର ପ୍ରତିଷ୍ଠାନ ପକ୍ଷରୁ ସ୍ୱଭାବ କବି ରଙ୍ଗାଧର ମେହେରଙ୍କ ମହାବିଶ୍ରାମର ଶତବାର୍ଷିକୀ ଅବସରରେ ପ୍ରଥମ ଜାତୀୟ ହୁଲିଆ ସମ୍ମିଳନୀ ।
ତା ୧୧/୦୬/୨୦୨୫
ସମୟ – ଦିନ ୧୦ଟା ୩୦
ସ୍ଥାନ– ୟୁନିଟ୍-୩ ବୁଦ୍ଧ ମନ୍ଦିର ଭୁବନେଶ୍ୱର

### ଡ୍ରଗସ୍ କଣ୍ଟ୍ରୋଲ୍ ସ୍କ୍ୱାର୍ଡର ଛାନ୍‌ଭିନ୍

# ବିପୁଳ ପରିମାଣର ଗର୍ଭପାତ କିଟ୍ ଜବତ

କଟକ,(ସବ୍ୟୁ): ସହରରେ ଔଷଧ ଦୋକାନ ଗୁଡ଼ିକରେ ବେଆଇନ ଗର୍ଭପାତ କିଟ୍ ବିକ୍ରି କରାଯାଉଛି । ଏସସିବି ମେଡିକାଲର ଆଖପାଖ ଅଞ୍ଚଳ ସମେତ ମର୍କତନଗର, ବାଦାମବାଡ଼ି ଭଳି ଅଞ୍ଚଳରେ ଏହି କାରବାର ଜୋରଦାର୍ ହେଉଥିବା ଉଭୟ ଡ୍ରଗ୍ସ କଣ୍ଟ୍ରୋଲ୍ ବିଭାଗ ଏବଂ କମିଶନରେଟ୍ ପୁଲିସ ନିକଟରେ ଅଭିଯୋଗ ହୋଇଥିଲା । ମଙ୍ଗଳବାର ଡ୍ରଗ୍ସ କଣ୍ଟ୍ରୋଲ ବିଭାଗର ସ୍ୱତନ୍ତ୍ର ଟିମ୍ ଓ ମଙ୍ଗଳାବାଗ ପୁଲିସର ଉପସ୍ଥିତିରେ ଔଷଧ ଦୋକାନ ଗୁଡ଼ିକରେ ଚଢ଼ାଉ କରାଯାଇଥିଲା । ରାଣୀହାଟ, ଏସ୍ସିବି ନିକଟସ୍ଥ ମେଡିକାଲ ରୋଡ୍ ଓ କଲେଜଛକ ଅଞ୍ଚଳର ଔଷଧ ଦୋକାନ ଗୁଡ଼ିକରେ ଅନ୍‌ୱାଣ୍ଟେଡ୍ କିଟ୍ (ଗର୍ଭପାତ ବଟିକା),ନିଶାଯୁକ୍ତ କଫ୍ ସିରପ ଓ ବେଆଇନ ମେଡିସନ୍ ଅବାଧରେ ବିକ୍ରି କରାଯାଉଥିଲା । ତେବେ ଚଡ ସମୟରେ ଔଷଧ ଦୋକାନ ଗୁଡ଼ିକରୁ ବିପୁଳ ପରିମାଣରେ ଅନ୍‌ୱାଣ୍ଟେଡ୍ କିଟ୍ ଜବତ କରାଯାଇଛି । ଏଥି ସହ ଦୋକାନୀଙ୍କ ଠାରୁ ମେଡିସନର କ୍ରୟ ବିକ୍ରୟ ଚିଠା ଯାଞ୍ଚ କରାଯାଇଥିଲା । ଡାକ୍ତରଙ୍କ ପ୍ରେସ୍କ୍ରିପ୍ସନ ବିନା ଏହି ମେଡିସିନ ବିକ୍ରି କରିବାକୁ ସ୍କ୍ୱାର୍ଡ ତାଗିଦ କରଥିଲା । ଅନ୍ୟପଟେ ଚଢ଼ାଉ ଆଗୁଆ ସୂଚନା ପାଇ ଔଷଧ ଦୋକାନୀ ନିଶାଯୁକ୍ତ କଫ୍-ସିରପ୍ ଦୋକାନରୁ ହଟାଇ ଦେଇଥିବା ଅଭିଯୋଗ ଉଠିଛି । ଏନେଇ ରାଜ୍ୟ ଡ୍ରଗ୍ସ କଣ୍ଟ୍ରୋଲର ଅଧିକାରୀ ଧର୍ମଦେବ ପୁହାଣ କହିଛନ୍ତି ଯେ, ଅନ୍‌ୱାଣ୍ଟେଡ୍ କିଟ୍ ବିପୁଳ ମାତ୍ରାରେ ବିକ୍ରିହେଉଥିବା ଅଭିଯୋଗ ଥିବାରୁ ଏହି ଯାଞ୍ଚ କରାଯାଇଥିଲା । ମେଡିସିନ ଦୋକାନୀଙ୍କର ମେଡିକସିନ କିଣାବିକ୍ରି ତଥ୍ୟକୁ ଯାଞ୍ଚ କରାଯାଇଛି । ନିୟମ ମୁତାବକ ବିନା ଡାକ୍ତର ପରାମର୍ଶରେ ଅନ୍‌ୱାଣ୍ଟେଡ୍ କିଟ୍ କୌଣସି ଦୋକାନୀ ବିକ୍ରି କରି ପାରିବେ ନାହିଁ । ମୁଖ୍ୟତଃ ଅବିବାହିତ ମହିଳାମାନେ ବିନା ଡାକ୍ତର ପରାମର୍ଶରେ ଏହାକୁ ବ୍ୟବହାର କରୁଥିବାବେଳେ ତାଙ୍କ ଜୀବନ ବିପଦକୁ ଠେଲି ଦେଉଥିବା ଘଟଣା ସାମ୍ନାକୁ ଆସିବାରୁ ଏଭଳି ଯାଞ୍ଚ କରାଯାଇଛି । ଏଥିସହ ମେଡିସିନ ଦୋକାନୀଙ୍କୁ ସଚେତନ କରାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି । ସେହିପରି କଟକ ଡ୍ରଗ୍ସ କଣ୍ଟ୍ରୋଲର ଅଧିକାରୀ ହରପ୍ରିୟା ମଲ୍ଲିକ କହିଛନ୍ତି ଯେ, ଏହି କିଟ୍ ବ୍ୟବହାର କରିବା ବହୁ କ୍ଷତିକାରକ ଥିବାବେଳେ ବିନା ଡାକ୍ତର ପରାମର୍ଶରେ ବ୍ୟବହାର କରିବା ଓ ଏହାକୁ ବିକ୍ରି କରିବା ବେଆଇନ ରହିଛି । ଦୋକାନୀଙ୍କ ସମସ୍ତ କାଗଜପତ୍ରର ଯାଞ୍ଚ କରାଯାଇଥିବା ସେ କହିଛନ୍ତି । ଉକ୍ତ ଯାଞ୍ଚ ସମୟରେ ରାଜ୍ୟ ଡ୍ରଗ୍ସ କଣ୍ଟ୍ରୋଲର ଅଧିକାରୀ ତୁଷାର ରଞ୍ଜନ ପାଣିଗ୍ରାହୀଙ୍କ ସମେତ ଟିମ୍‌ର ଅନ୍ୟାନ୍ୟ ସଦସ୍ୟ ଏହି ଯାଞ୍ଚ ସମୟରେ ଉପସ୍ଥିତ ଥିଲେ ।

### ବିଜେଡ଼ିର ଜନଜାଗରଣ ଅଭିଯାନ କର୍ମକର୍ତ୍ତା ସମ୍ମିଳନୀ

# ଦାୟିତ୍ୱପୂର୍ଣ୍ଣ ବିରୋଧୀ ଦଳ ଭାବେ ବିଜେଡ଼ି କାର୍ଯ୍ୟ କରୁଛି : ନବୀନ

ଭୁବନେଶ୍ୱର (ସବ୍ୟୁ): ବିଜୁ ଜନତା ଦଳର ଜନ ଜାଗରଣ ଅଭିଯାନ କାର୍ଯ୍ୟକ୍ରମ ଅବସରରେ ଶଙ୍ଖ ଭବନରେ ଦଳର କର୍ମକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଅଞ୍ଚଳର ଦଳୀୟ କର୍ମକର୍ତ୍ତା ମାନେ ଶଙ୍ଖ ଭବନରେ ଏକାଠି ହୋଇଥିଲେ । ଏହି ଅବସରରେ ଉଦ୍‌ବୋଧନ ଦେଇ ଦଳର ସଭାପତି ନବୀନ ପଟ୍ଟନାୟକ ଦଳର ନେତା ଓ କର୍ମୀ ମାନଙ୍କୁ ଲୋକଙ୍କ ସେବା ଜାରୀ ରଖିବାକୁ ଆହ୍ୱାନ ଜଣାଇଥିଲେ । ଶ୍ରୀ ପଟ୍ଟନାୟକ କହିଥିଲେ ଯେ, ଲୋକଙ୍କ ଜନମତରେ ଆମେ ଆଜି ବିରୋଧୀ ଦଳରେ ବସିଛୁ । ବିଜେଡି ଏକ ଦାୟିତ୍ୱପୂର୍ଣ୍ଣ ବିରୋଧୀ ଦଳ ଭାବେ କାର୍ଯ୍ୟ କରୁଛି । ରାଜ୍ୟରେ ବିଜେପି ସରକାରର ବିଫଳତା ଉପରେ ଆଲୋକପାତ କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଭାରତୀୟ ଜନତା ପାର୍ଟି ସରକାର ଓଡିଶାର ଶାସନ ଦାୟିତ୍ୱ ନେବାର ଏକ ବର୍ଷ ହୋଇଗଲା । କୁହାଯାଉଛି ଲୋକଙ୍କ ସରକାର । କିନ୍ତୁ ଲୋକ କାହାନ୍ତି ? କେବଳ ଲମ୍ବା ଭାଷଣ, ବଡ ବଡ ବିଜ୍ଞାପନରେ ବିକାଶ ଆସେ ନାହିଁ ।

ଆମ ସରକାର ସମୟରେ ଓଡିଶାର ୯୦ % ଲୋକ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରୁ ଉପକାର ପାଉଥିଲେ । ଆୟୁଷ୍ମାନ ଭାରତ ଆରମ୍ଭ ହୋଇଛି । ରାଜ୍ୟର ୩୦ ଟି ଜିଲ୍ଲା ମଧ୍ୟରୁ ୧୯ ଟି ଜିଲ୍ଲାରେ ଏବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପଦବୀ ଖାଲି ପଡିଛି । ଲୋକମାନେ ଔଷଧ ପାଉ ନାହାନ୍ତି । ବିନା ଟଙ୍କାରେ ହସ୍ପିଟାଲରେ ଚିକିତ୍ସା ହୋଇ ପାରୁନି ଛ ହଜାର ହଜାର ଲୋକ ହଇରାଣ । ମା' ମାନେ ହଇରାଣ । ବୁଢା ବୁଢି ହଇରାଣ । କ୍ୟାନ୍ସର ରୋଗୀ ହଇରାଣ । ପିଲାମାନେ



ହଇରାଣ । ସ୍ୱାସ୍ଥ୍ୟ ବ୍ୟବସ୍ଥା ଭୁଷୁଡି ପଡିଛି । ବର୍ତ୍ତମାନ ସରକାରର ଏହା ହେଉଛି ସଫଳତା ।

ରାଜ୍ୟରେ ମିଶନ ଶକ୍ତି ମା' ମାନଙ୍କୁ ସରକାରଙ୍କ ଅଣଦେଖା ଉପରେ କ୍ଷୋଭ ପ୍ରକାଶ କରି ଶ୍ରୀ ପଟ୍ଟନାୟକ କହିଲେ ଯେ ତାଙ୍କ ସରକାର ମିଶନ ଶକ୍ତି ଜରିଆରେ ସତୁରି ଲକ୍ଷ ମା' ମାନଙ୍କୁ ସଶକ୍ତ କରିଥିଲେ । ଗୋଟିଏ ବର୍ଷ ଭିତରେ ମିଶନ ଶକ୍ତି ଭ । ଙ୍ଗି ଯାଇଛି । ଏ ହ । ହେଉଛି ଏ ସରକାରର ବ ଡ ସଫଳତା । ଆଜି ଏ ସରକାର ଅଛି । କାଲି ଆଉ କିଏ ଆସିବ । ଆମ ସରକାର ସମୟରେ ମିଶନ ଆନ୍ଦୋଳନକୁ ଦୁର୍ବଳ କରିବା ହେଉଛି ଏ ସରକାରର ସଫଳତା । ବ୍ୟାଙ୍କରେ ମା' ମାନେ ହଇରାଣ । ସରକାରୀ ଦପ୍ତରରେ ମା' ମାନଙ୍କ କାମ ହେଉନାହିଁ । ଦୁବାଇ ଓ ସିଙ୍ଗାପୁର ଯାଇଥିବା ମା' ମାନେ ଆଜି ଘରେ ବସି ହତାଶ । ମା' ମାନଙ୍କ ମନୋବଳ

ସ୍ୱାସ୍ଥ୍ୟବସ୍ଥା ଭୁଶୁଡି ପଡିଛି
ମା ମାନଙ୍କର ଆତ୍ମବିଶ୍ୱାସ ଭାଙ୍ଗିଛି
ମିଲରଙ୍କ ଦୟାରେ ଚାଷୀ
ରେକର୍ଡ ପରିମାଣ ଋଣରେ ସରକାର ଚାଲିଛି

। କିନ୍ତୁ ଲୋକ ନାରଖାର ଛ ଲୋକ ଚେତିଲେଣି । ସରକାର ବୁଝନ୍ତୁ । ଶକ୍ତି ଆନ୍ଦୋଳନ ସାରା ଭାରତରେ ରାଜ୍ୟ ପାଇଁ ସୁନାମ ଆଣି ଥିଲା । ତେଣୁ ମା' ମାନଙ୍କ ସଶକ୍ତିକରଣରେ ବାଧା ସୃଷ୍ଟି କରିବା ଏ ସରକାରର ସବୁଠାରୁ ବଡ ଭୁଲ୍ । ମା' ମାନେ ଏହାକୁ କେବେ କ୍ଷମା ଦେବେ ନାହିଁ । ଚାଷୀ ମାନଙ୍କ ସମସ୍ୟାରେ ଉଦ୍‌ବେଗ ପ୍ରକାଶ କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ନିର୍ବାଚନ ସମୟରେ କୁହା ଗଲା କଟନି ଛଟନି ବନ୍ଦ ହେବ । ସବୁ ଚାଷୀ ଏମ୍‌ଏସ୍‌ପି ପାଇବେ । ଆମ ଭିତରେ ବହୁ ଚାଷୀ ଭାଇ ଭଉଣୀ ଅଛନ୍ତି । ଆପଣ କୁହନ୍ତୁ କଟନୀ ଛଟନୀ ବନ୍ଦ ହୋଇଛି କି ? ମିଲରଙ୍କ ଦୟାରେ ଏବେ ଚାଷୀ । ସରକାରଙ୍କୁ ଭୟ ନାହିଁ । ଚାଷୀ ମାନେ କାହାକୁ ଗୁହାରୀ କରିବେ ? ଚାଷୀ କୃଷି ଋଣ ପାଇବାରେ ହଇରାଣ । ବିଜେଡି ସମୟରେ ରେକର୍ଡ ପରିମାଣରେ ଜଳସେଚନ କାମ ହୋଇଥିଲା । ଚାଲିଥିବା କାମକୁ ଏମାନେ ବନ୍ଦ କରିଦେଲେ । ଲୋକଙ୍କ ସରକାର

୨୦୦୦ ରୁ ୨୦୨୪ ମଧ୍ୟରେ ବିଜେଡି ସରକାରର ସଫଳତା ଉପରେ ଆଲୋକପାତ କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ୨୦୦୦ ରେ ବିଜେଡି ସରକାର ଦାୟୀତ୍ୱ ନେବା ସମୟରେ ଓଡିଶାର ଋଣ ଭାର ଥିଲା ୧୮ ହଜାର କୋଟି । ଓଭର ଡ୍ରାପ୍ଟ ରେ ସରକାର ଚାଲିଥିଲା । ୨୦୨୪ ରେ ଆମେ ଦାୟୀତ୍ୱ ଛାଡିବା ବେଳେ ରାଜକୋଷରେ ବଳକା ଥିଲା ୪୫ ହଜାରେ କୋଟି । କିନ୍ତୁ ଏବେ ରେକର୍ଡ ପରିମାଣର ଲୋନରେ ସରକାର ଚାଲିଛି ବୋଲି ଶ୍ରୀ ପଟ୍ଟନାୟକ କ୍ଷୋଭ ପ୍ରକାଶ କରିଥିଲେ । ଶ୍ରୀ ପଟ୍ଟନାୟକ କହିଥିଲେ ଯେ ୨୦୦୫-୦୬ ରେ ଓଡିଶାର ଗରିବୀ ୬୩.୮୩ % ଥିବା ବେଳେ ୨୦୨୩ ରେ ଏହା ୧୧.୦୭ % କୁ ଆସିଥିଲା ଛ ୧୦୨.୭୮ ଲକ୍ଷ ଲୋକ ଦାରିଦ୍ୟ ସୀମାରେଖା ଉପରକୁ ଉଠିଥିଲେ ଛ ଶିଶୁ ମୃତ୍ୟୁହାର, ମାତୃ ମୃତ୍ୟୁହାର ଆଦି ସବୁ ବିକାଶ ସୂଚକାଙ୍କରେ ଆଖିଦୃଶିଆ ଉନ୍ନତି ଆସିଥିଲା । ଗଣତନ୍ତ୍ରରେ ସାଧାରଣ ଲୋକ ହେଉଛନ୍ତି ମାଲିକ । ଲୋକଙ୍କ ଜନାଦେଶରେ ଆମେ ଆଜି ବିରୋଧୀ ଦଳରେ ବସିଛି ବୋଲି ଶ୍ରୀ ପଟ୍ଟନାୟକ କହିବା ସହିତ ବିଜେଡି ଏକ ଦାୟୀତ୍ୱପୂର୍ଣ୍ଣ ବିରୋଧୀ ଦଳ ଭାବରେ କାମ କରି ଚାଲିବ ବୋଲି କହିଥିଲେ ।

# ଲୋକଙ୍କୁ ଉତ୍କୃଷ୍ଟ ସେବା ଯୋଗାଇବ ଡିସିପିଙ୍କ ନୂଆ କାର୍ଯ୍ୟାଳୟ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ) : ଲୋକଙ୍କୁ ଭୁବନେଶ୍ୱର ଡିସିପିଙ୍କ ନୂଆ କାର୍ଯ୍ୟାଳୟ ଉତ୍କୃଷ୍ଟ ସେବା ଯୋଗାଇବ ବୋଲି ଉଦ୍‌ଘାଟନୀ ଅବସରରେ କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି କାର୍ଯ୍ୟାଳୟରେ ଭିନ୍ନକ୍ଷମ ଲୋକଙ୍କ ପାଇଁ ରାମ୍ପ, ସାଇବର ସେଲ୍, ସିସିଟିଏନ୍‌ଏସ୍ ରୁମ୍, ଇଣ୍ଟିଗ୍ରେଟେଡ୍ କଣ୍ଟ୍ରୋଲ୍ ରୁମ୍, ଲିଗାଲ୍ ସେଲ୍, ପାସ୍‌ପୋର୍ଟ ବିଭାଗ ଆଦି ସୁବିଧା ଉପଲବ୍ଧ ହେବ।ଏଥିସହ କନ୍‌ଫରେନ୍ସ ହଲ୍ ଏବଂ ଟ୍ରେନିଂ ହଲ୍‌ର ବ୍ୟବସ୍ଥା ମଧ ରହିଛି। ଏହି ନୂଆ କାର୍ଯ୍ୟାଳୟ ପୋଲିସ ପ୍ରଶାସନକୁ ଦକ୍ଷତାର ସହ ଲୋକଙ୍କୁ ଠିକ୍ ସମୟରେ ସେବା ଯୋଗାଇ ଦେବାରେ ଉପଯୋଗୀ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

୨୨୭୨ ବର୍ଗ ମିଟର୍ ଅଞ୍ଚଳରେ ୭ କୋଟି ୮୦ ଲକ୍ଷ ବ୍ୟୟରେ ୪ ମହଲା ବିଶିଷ୍ଟ ଏହି ନୂତନ କାର୍ଯ୍ୟାଳୟ ନିର୍ମାଣ



ହୋଇଛି। ଗତ ମାର୍ଚ୍ଚ ମାସରେ ୪୨ କୋଟି ଟଙ୍କା ବ୍ୟୟରେ ରାଜ୍ୟରେ ବିଭିନ୍ନ ଜିଲ୍ଲାରେ ନିର୍ମିତ ୧୪ ଟି ନୂତନ ଥାନା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ପୋଲିସ ନିରପେକ୍ଷ ଭାବେ ବିନା ପକ୍ଷପାତ ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ଗତ ୧ ବର୍ଷରେ ରାଜ୍ୟରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ସନ୍ତୋଷ ଜନକ ରହିଛି। ଏଥିନେଇ କେନ୍ଦ୍ର ସରକାର ମଧ ସନ୍ତୋଷ ବ୍ୟକ୍ତ କରିଛନ୍ତି।

ରାଜ୍ୟର ପ୍ରତ୍ୟେକ ଥାନାରେ ତଦନ୍ତକାରୀ ଅଫିସରଙ୍କୁ ଅଧିକ କ୍ରିୟାଶୀଳ କରିବା ପାଇଁ ଦୁଇ ଚକିଆ ଯାନର ବ୍ୟବସ୍ଥା କରାଯାଇଛି। ଆଜି ଏହି କ୍ରମରେ ମୁଖ୍ୟମନ୍ତ୍ରୀ କମିଶନରେଟ୍ ପୋଲିସ ଅନ୍ତର୍ଗତ ବିଭିନ୍ନ ଥାନାର ତଦନ୍ତକାରୀ ଅଫିସରମାନଙ୍କୁ ୪୨୫ ଟି ଦୁଇ ଚକିଆ ଯାନ ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଥାନାମାନଙ୍କୁ ଅଧିକ ୪ ଚକିଆ ଯାନ ପାଇଁ ମଧ ବ୍ୟବସ୍ଥା କରାଯାଇଛି। ଅପରାଧୀକ ଆଇନ୍‌ଗୁଡିକ ତଦନ୍ତ ପ୍ରକୀୟାରେ ଟେକ୍ନୋଲୋଜିର ପ୍ରୟୋଗ ପାଇଁ ସହାୟତା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଆଜିର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ, ଭୁବନେଶ୍ୱର ମଧ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ ଦାତା ପ୍ରକାଶ ମିଶ୍ର, ଡିଜିପି ୱାଇବି ଖୁରାନିଆ, ପୋଲିସ କମିଶନର ସୁରେଶ ଦେବଦତ ସିଂହ, ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ, ଭୁବନେଶ୍ୱର ଡିସିପି ଜଗମୋହନ ମିନା ଓ ଅନ୍ୟାନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

# କଂଗ୍ରେସରେ ବରିଷ୍ଠ ସାମ୍ବାଦିକ ଅରବିନ୍ଦ ଦାସ



ଭୁବନେଶ୍ୱର, (ସବ୍ୟୁ): ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଅଧ୍ୟକ୍ଷତାରେ ସାମ୍ବାଦିକ ଅରବିନ୍ଦ ଦାସ କଂଗ୍ରେସରେ ସାମିଲ ହୋଇଛନ୍ତି । ପିସିସି ସଭାପତି ଶ୍ରୀ ଦାସଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଛ ଦେଇ ଦଳକୁ ସ୍ୱାଗତ କରିବା ସହ କହିଥିଲେ ଯେ ଶ୍ରୀ ଦାସ ଜଣେ କେବଳ ସାମ୍ବାଦିକ ନୁହଁନ୍ତି ସେ ଛାତ୍ରଜୀବନରୁ ରାଜନୀତି ଓ ସମାଜସେବା ପ୍ରତି ତାଙ୍କର ଶ୍ରଦ୍ଧା ରହିଛି । ସେ ମଧ ଜଣେ ଭଲ ଲେଖକ ଓ କଥାକାର କଂଗ୍ରେସ ଦଳରେ ତାଙ୍କର ଯୋଗଦାନଅଧିକ ଶକ୍ତିଶାଳୀ କରିବ । କଂଗ୍ରେସ ଦଳ ଏ ଦେଶକୁ କେବଳ ରକ୍ଷା କରିପାରିବ ତେଣୁ ମୁଁ କଂଗ୍ରେସରେ ଯୋଗ ଦେଇଛି ବୋଲି ଶ୍ରୀ ଦାସ କହିଛନ୍ତି । ଏହି ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ଦାସରଥି ଗମାଙ୍ଗୋ, ସୁଦର୍ଶନ ଦାସ, ମନୋରଞ୍ଜନ ମହାନ୍ତି ରଜନୀ ମହାନ୍ତି, ସୁଧାଂଶୁ ଦେଓ, ମନୋଜରାଉତ, ଦୀପକ ମହାପାତ୍ର, ଚିନ୍ମୟ ସୁନ୍ଦର ଦାସ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ନାବାଳିକାକୁ ଦୁଷ୍କର୍ମ, ଯୁବକ ଗିରଫ

ବୁଗୁଡା, (ସବ୍ୟୁ): ବୁଗୁଡ଼ା ଥାନା ଅଞ୍ଚଳର ଜନୈକା ନାବାଳିକାକୁ ଦୁଷ୍କର୍ମ ଅଭିଯୋଗରେ ପୋଲିସ ସ୍ଥାନୀୟ ବାଲିପିଣ୍ଡି ହରିଜନ ସାହିର ଜନୈକ ଯୁବକକୁ ଗିରଫ କରି ପୋକ୍ସୋ କୋର୍ଟକୁ ଚାଲାଣ କରିଥିବା ଜଣାଯାଇଛି । ଗିରଫ ଯୁବକ ଜଣକ ହେଲେ ହେଲେ ଅଜୟ କୁମାର ବେହେରା(୨୭) ଓରଫ୍ ଅଜୁ । ଏନେଇ କେସ୍ ନଂ ୩୭୦/୨୫ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି। ପ୍ରକାଶ ଯେ, ଗତ ତିନି ବର୍ଷ ହେଲା ଅଜୟ ବୁଗୁଡା ଅଞ୍ଚଳର ଜନୈକା ନାବାଳିକା ସହିତ ସମ୍ପର୍କ ରଖିଆସୁଥିଲା। ଏ ବିଷୟ ନାବାଳିକାର ପରିବାର ଲୋକେ ଜାଣିବା ପରେ ତାକୁ ଆକଟ କରି ରଖିଥିଲେ। ଏଥିରେ ଯୁବକ ଜଣକ ବିବ୍ରତ ହୋଇ ନାବାଳିକାର ଫଟୋ ଭାଇରାଲ୍ କରିବା ନେଇ ତାଙ୍କର ପରିବାରକୁ ଧମକ ଦେଇଥିଲା । ଏନେଇ ନାବାଳିକାଙ୍କ ପରିବାର ଲୋକେ ଗତ ୮ ତାରିଖ ଦିନ ଥାନାରେ ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ କରି ପୋଲିସ ଅଜୁକୁ ଗିରଫ ସହ କୋର୍ଟ ଚାଲାଣ କରିଥିବା ନେଇ ତଦନ୍ତକାରୀ ଅଧିକାରୀ ଏସ୍ଆଇ ଜ୍ୟୋତିଶ୍ରୀ ସାହୁଙ୍କ ଠାରୁ ପ୍ରକାଶ ପାଇଛି ।

## ଶିମିଳିପାଳ ଏଆଇ କ୍ୟାମେରା ଧରିଲା ଶିକାରୀ
### ଦେଶୀବନ୍ଧୁକ ଓ ଧନୁତୀର ଜବତ



ବାରିପଦା, (ସବ୍ୟୁ) : ପୁଣି ଶିମିଳିପାଳ ଏଆଇ କ୍ୟାମେରା ଧରିଲା ଶିକାରୀ। ଶିମିଳିପାଳ ଅଭୟାରଣ୍ୟରୁ ଏଆଇ କ୍ୟାମେରା ଦ୍ୱାରା ପୁଣି ଦୁଇ ଶିକାରୀଙ୍କୁ ଗିରଫ କରିବାରେ ସଫଳ ହୋଇଛି ବନବିଭାଗ । ସୂଚନାଯୋଗ୍ୟ ଯେ, ମୟୂରଭଞ୍ଜ ଜିଲ୍ଲା ଶରତ ଥାନା ଅନ୍ତର୍ଗତ ଖାସିଝରଣ ଗ୍ରାମରୁ ୫-୬ଜଣ ସଶସ୍ତ୍ର ଶିକାରୀଙ୍କ ଏକ ଦଳ ବେଆଇନ୍ ଶିକାର ପାଇଁ ଶିମିଳିପାଳ ଅଭୟାରଣ୍ୟକୁ ଶିକାର ଉଦ୍ଦେଶ୍ୟରେ ପ୍ରବେଶ କରୁଥିବାବେଳେ ଶିମିଳିପାଳ ଟାଇଗର ପ୍ରୋଟେକ୍ସନ୍ ଫୋର୍ସ (ଏସଟିପିଏଫ୍) ପକ୍ଷରୁ ଅତର୍କୀତ ଚଢଉ କରାଯାଇ କାସିଝରଣ ଗ୍ରାମର ଜାଦୋକ ସିଂ(୩୩) ଓ ଲାଦୁରା ସିଂ(୪୫)ଙ୍କ ଠାରୁ ଗୋଟିଏ ଦେଶୀ ବନ୍ଧୁକ, ଧନୁତୀର ଓ ଅନ୍ୟାନ୍ୟ ନିଷିଦ୍ଧ ସାମଗ୍ରୀ ଜବତ କରାଯିବା ସହ ଏହି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା । ଅନ୍ୟପକ୍ଷରେ ଏଥିରେ ସମ୍ପୃକ୍ତ ଥିବା ଅନ୍ୟ ଶିକାରୀମାନଙ୍କୁ ମଧ୍ୟ ତୁରନ୍ତ ଗିରଫ କରାଯିବା ବୋଲି ଶିମିଳିପାଳ କର୍ତ୍ତୃପକ୍ଷ ପକ୍ଷରୁ ସୂଚନା ଦିଆଯାଇଛି।

# ୧୧ ବର୍ଷର ମୋଦି ସରକାର ମିଛ ପ୍ରତିଶ୍ରୁତି ଦେଇ ଦେଶବାସୀଙ୍କୁ ଭୁଆଁବୁଲାଇଛନ୍ତି – କଂଗ୍ରେସ

ଭୁବନେଶ୍ୱର, (ସବ୍ୟୁ): ମୋଦି ସରକାରଙ୍କ ତୃତୀୟ ପାଳିର ପ୍ରଥମ ବର୍ଷର ଯେଉଁ ସଫଳତାର ଗୋଲାପୀ ଚିତ୍ର ଦେଶବାସୀଙ୍କ ସାମନାରେ ରଖିଛନ୍ତି ତାହା ସଂପୂର୍ଣ୍ଣ ମିଛ ଓ ଦେଶବାସୀଙ୍କୁ ଭ୍ରମିତ କରିବା ଉଦ୍ଦେଶ୍ୟରେ ଏହା କରାଯାଇଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ୨୦୧୪ ମସିହା ପାଖରୁ ଆଜି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦି ଭାରତବର୍ଷର ଜନସାଧାରଣଙ୍କୁ ଯେଉଁସବୁ ପ୍ରତିଶ୍ରୁତି ଦେଇଥିଲେ ତାହା କେବଳ ପ୍ରତାରଣା ଥିଲା ଏବଂ ଜନସାଧାରଣଙ୍କୁ ଲୁଣ୍ଠନ କରିବାହିଁ ତାଙ୍କର ଏକମାତ୍ର ଅନୁଚିନ୍ତା ଥିଲା ବୋଲି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆହୁତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦଶେ କଂଗ୍ରେସର ମୁଖପାତ୍ର ରଜନୀ ମହାନ୍ତି ସାମ୍ବାଦିକମାନଙ୍କୁ କହିଥିଲେ। ଶ୍ରୀ ମହାନ୍ତି କହିଥିଲେଯେ, ମୋଦି ସରକାର ପ୍ରତିବର୍ଷ ୨ କୋଟି ଶିକ୍ଷିତ ଯୁବକ ଯୁବତୀଙ୍କୁ ନିଯୁକ୍ତି ଦେବାପାଇଁ ବାରମ୍ବାର ପ୍ରତିଶ୍ରୁତି ଦେଇଥିଲେ। ଏହି ୧୧ ବର୍ଷ ମଧ୍ୟରେ ୨୨ କୋଟି ଶିକ୍ଷିତ ଯୁବକ ଯୁବତୀଙ୍କୁ ନିଯୁକ୍ତି ମିଳିବା କଥା କିନ୍ତୁ ୧୧ ବର୍ଷ ମଧ୍ୟରେ ୪ କୋଟି ଯୁବକ ଯୁବତୀ ମଧ୍ୟ ନିଯକ୍ତି ପାଇଲେ ନାହିଁ। ଯେଉଁମାନଙ୍କ କାନ୍ଧରେ ଭାରତବର୍ଷର ଭବିଷ୍ୟତ ଛିଡ଼ାହେବାକୁ ଯାଉଛି ସେମାନଙ୍କ ସ୍ୱପ୍ନକୁ ଚୁରମାର କରି ଦିଆଯାଉଛି। ୧୧ ବର୍ଷରଶାସନ ମଧ୍ୟରେ ଦେଶର ୨୭ କୋଟି ଗରିବ ଲୋକଙ୍କୁ ଗରିବୀ ସୀମାରେଖା ଉପରକୁ ଉଠାଯାଇଛି ବୋଲିମୋଦି ସରକାର ଦାବି କରୁଛନ୍ତି । ଯଦି ଏହା ସତ୍ୟ ତାହାହେଲେ କାହିଁକି ଭାରତ ବର୍ଷର ୮୦ କୋଟି ଗରିବ ଲୋକଙ୍କୁ ଦୀର୍ଘ ୫ବର୍ଷ ଧରି ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ମାଗଣାରେ ୫ କେଜି ଚାଉଳ ବା ଗହମ ବଣ୍ଟନ କରାଯାଉଛି। ଯଦି ଦେଶରେ ଗରିବ ହଟିଛି ତାହାଲେ ଏହି ୧୧ ବର୍ଷ ମଧ୍ୟରେ ଅପପୃଷ୍ଟି ଆଜି ଏକ ଜାତୀୟ ସମସ୍ୟା ହୋଇ ଉଭା ହୋଇଛି। କେନ୍ଦ୍ର ସରକାରଙ୍କ ତଥ୍ୟ ଅନୁସାରେ ଅପପୃଷ୍ଟିର ଶିକାର ହୋଇଥିବା ପିଲାମାନଙ୍କ ମଧ୍ୟରେ ୩୫.୫ ହେଉଛନ୍ତି ଷ୍ଟଟିଂ, ୧୯.୩ ପ୍ରତିଶତ ଓ୍ୱେଷ୍ଟିଂ ଏବଂ ୩୨.୧ ପ୍ରତିଶତ ପିଲାମାନଙ୍କର ଓଜନ ହ୍ରାସ। ବିକଶିତ ଭାରତର ସ୍ୱପ୍ନ ବାଣ୍ଟୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତବର୍ଷର ଆଗାମୀ ଭବିଷ୍ୟତକୁ କେତେ ସୁରକ୍ଷିତ ରଖିଛନ୍ତି ଏଥିରୁ ବାରି ହୋଇ ପଡୁଛି। ପ୍ରଧାନମନ୍ତ୍ରୀ ଏଥିପ୍ରତି ଧ୍ୟାନ ଦିଅନ୍ତୁ ବୋଲି କଂଗ୍ରେସ ଆଶା କରୁଛି। ଭାରତବର୍ଷର ମହିଳା ମାନଙ୍କ ଆଖିରୁ ଲୁହ ଗଡ଼ିବ ନାହିଁ ଗୋବର ଓ କାଠ ଜାଳି ରୋଷେଇ କରିବେ ନାହିଁ ବୋଲି ୨୦୧୯ ମସିହାରେ ପ୍ରତିଶ୍ରୁତି ଦେଇଥିଲେ। ୯ କୋଟିର ଅଧିକ ଲୋକଙ୍କୁ ଉଜ୍ଜ୍ୱଳାଯୋଜନାର ହିତାଧିକାରୀ ବୋଲି ଦର୍ଶାଗଲା। କିନ୍ତୁ ପରିବାରର ଆର୍ଥିକ ବୋଝ ଏତେ ବେଶି ଯେ ଯୋଜନା ଆରମ୍ଭର ପ୍ରଥମ ଗ୍ୟାସ ସିଲିଣ୍ଡର ନେବା ପରେ ୫




କୋଟିର ଅଧିକ ମହିଳା ଦ୍ୱିତୀୟଥର ପାଇଁ ସିଲିଣ୍ଡର ଆଉ ବୁକ କରିନାହାନ୍ତି। କୋଟିକୋଟିଟଙ୍କା ଉଜ୍ଜ୍ୱଳାଯୋଜନା ନାରେ ପ୍ରଚାର ପ୍ରସାର ଓ ବିଜେପିକର୍ମୀ ଓ ନେତାମାନେ ହଡ଼ପ କଲେ। ସମସ୍ତ ବାସହୀନଙ୍କୁ ୨୦୨୦ ମସିହା ସୁଦ୍ଧା ପକ୍କାଘର ଯୋଗାଇ ଦେବା ପାଇଁ ଖୋଦ ପ୍ରଧାନମନ୍ତ୍ରୀ ବୁଲିବୁଲି ସାରା ଦେଶରେ ପ୍ରତିଶ୍ରୁତି ଦେଇଥିଲେ ଏବଂ ପୂର୍ବସରକାରଙ୍କୁ ଅତ୍ୟନ୍ତ ନିମ୍ନସ୍ତରକୁ ଯାଇ ଅତ୍ୟନ୍ତ କଟୁ ସମାଲୋଚନା କରୁଥିଲେ। ୨୦୨୦ ମସିହା ଶେଷସୁଦ୍ଧା ଏ ପ୍ରତିଶ୍ରୁତି ମଧ୍ୟ ପୂରଣ ହେଲା ନାହିଁ। ଭାରତବର୍ଷର କୋଟିକୋଟି ଲୋକ ଘର ପାଇଲେ ନାହିଁ। ଓଡ଼ିଶାରେ ପାଖାପାଖି ୧୫ଲକ୍ଷ ଲୋକ ବାସଗୃହ ଅପେକ୍ଷାରେ ଅଛନ୍ତି। ପ୍ରତ୍ୟେକ ପରିବାରକୁ ୨୦୨୨ ମସିହା ସୁଦ୍ଧା ସ୍ୱଚ୍ଛ ପାଇପ ପାଣି ଯୋଗାଇ ଦେବାପାଇଁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ୨୦୨୫ ମସିହା ମେ ମାସ ସୁଦ୍ଧା ୭୦ ପ୍ରତିଶତରୁ ଅଧିକ ପରିବାରକୁ ପାଇପ ପାଣି ଯୋଗାଇ ଦିଆଯାଇ ପାରିନାହିଁ। ଭାରତବର୍ଷର ଅର୍ଥନୀତିକୁ ଏକ ସ୍ୱଚ୍ଛ ଅର୍ଥନୀତି ରୂପେ ପରିଣତ କରିବା ପାଇଁ ବିମୁଦ୍ରୀକରଣ କରାଯାଇଥିଲା କିନ୍ତୁ ଦେଶ ବାହାରେ ଏବଂ ଦେଶଭିତରେ ଥିବା ସମସ୍ତ କଳାଧନକୁ ସରକାର ଫେରାଇ ଆଣିବା ପାଇଁ ପ୍ରତିଶ୍ରୁତି ଦେବା ସହିତ କଳାଧନ ଠୁଳ କରିଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଥିଲା। କିନ୍ତୁ ଆଜକୁ ୯ ବର୍ଷ ଭିତରେ ଦେଶକୁ କେତେ ପରିମାଣରେ କଳାଧନ ଆସିଲା ଏବଂ ମହଜୁତକାରୀମାନଙ୍କ ନାମ ମଧ୍ୟ ପ୍ରକାଶ କରାଯାଉ ନାହିଁ। ଏଥିରୁ ମୋଦି ଯାହାକୁହନ୍ତି ତାହା କରନ୍ତି ନାହିଁ ବୋଲି ଭଲ ଭାବରେ ବୁଝାପଡୁଛି। ଦୀର୍ଘ ୧୧ ବର୍ଷ ଭିତରେ ଭାରତ ବର୍ଷର ଜିଡିପିର ବୃଦ୍ଧି ୫ ପ୍ରତିଶତରୁ ୬.୫ ପ୍ରତିଶତ ମଧ୍ୟରେ ସୀମିତ ରହିଛି। କିନ୍ତୁ ଉପା ସରକାର ସମୟରେ ଭାରତବର୍ଷର ଜିଡିପିର ବୃଦ୍ଧି ୮.୫ ପ୍ରତିଶତରୁ ଅଧିକ ଥିଲା। ୫୫ ପ୍ରତିଶତକୃଷକଙ୍କ ପରିବାର ଆଜି ଋଣଗ୍ରସ୍ତ। ୧୪.୪୩ କୋଟିଭାଗଚାଷୀମାନେ ପିଏମକିଷାନ ଯୋଜନାରୁ ଆଜି ବାଦ ପଡ଼ିଛନ୍ତି। ୧୧ ବର୍ଷ ମଧ୍ୟରେ ୫ କିଲୋମିଟର ଗଙ୍ଗାଜଳକୁ ପରିଷ୍କାର କରାଯାଇପାରି ନାହିଁ। ନରେନ୍ଦ୍ରମୋଦିଙ୍କସରକାରସମୟରେ ଆଜକୁ ୩୯ ମାସ ଧରି ପେଟ୍ରୋଲ ଓ ଡିଜେଲର ଦାମ କମିଲା ନାହିଁ ୧୦୦ କୁ ସବୁ ପାର ହୋଇଗଲା। ମହିଳାମାନଙ୍କକ୍ଷେତ୍ରରେ ଅପରାଧ ଦୁଇଗୁଣାରୁ ଅଧିକ ହୋଇସାରିଛି। ଭାରତୀୟ ରେଳବିଭାଗ ୩୨ ହଜାର ୧୨ କୋଟି ଟଙ୍କା ୨୦୨୧-୨୨ ମଧ୍ୟରେ କୌଣସି କାରଣ ନଥାଇ ଖର୍ଚ୍ଚ କରିଛନ୍ତି ଏହା ହଡ଼ପ କରାଯାଇଛି। ସତ୍ୟ କ'ଣ ଏଥିରୁ ସ୍ପଷ୍ଟ ବୁଝାପଡୁଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ମୁଖପାତ୍ର ପ୍ରଶାନ୍ତ ଶତପଥି, ମନୋରଞ୍ଜନ ଦାଶ, ଅରବିନ୍ଦ ଦାସ, ସୁଦର୍ଶନ ଦାସ, ମନିଶା ଦାସ ପଟ୍ଟନାୟକ, ଜୟଶ୍ରୀ ପାତ୍ର ଓ ଦୀପକ କୁମାର ମହାପାତ୍ର ଉପସ୍ଥିତ ଥିଲେ।

## ପରକୀୟା ପ୍ରୀତି ସନ୍ଦେହରେ ପତ୍ନୀଙ୍କୁ ହତ୍ୟା ପରେ ସ୍ୱାମୀର ଆତ୍ମହତ୍ୟା

ପାରଳାଖେମୁଣ୍ଡି, (ସବ୍ୟୁ): ଗଜପତି ଜିଲ୍ଲାର ଗୁମ୍ମା ବ୍ଲକ ଗାଇବା ଗ୍ରାମରେ ଏକ ଅଭାବନୀୟ ଓ ଦୁଃଖଦ ଘଟଣା ଘଟିଛି। ପରକୀୟା ପ୍ରୀତି ସନ୍ଦେହରେ ପତ୍ନୀଙ୍କୁ ହତ୍ୟା କରି ସ୍ୱାମୀ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ପ୍ରକାଶଯେ, ଏହି ଜିଲ୍ଲାର ସେରଙ୍ଗ ଥାନା ଅନ୍ତର୍ଗତ ଗାଇବା ଗାଁରେ ପତ୍ନୀକୁ ଶିଳପୁଆରେ ଛେଚି ନିର୍ମମ ହତ୍ୟା କରିଛି ସ୍ୱାମୀ । ମୃତକ ହେଲେ ଜି. ମାଲେସୁଙ୍କ ଝିଅ ମୋନିକା ପାଇକା । ତେବେ ପତ୍ନୀକୁ ହତ୍ୟା କରିବା ପରେ ନିଜେ ସ୍ୱାମୀ ନରେନ୍ଦ୍ର ପାଇକ ମଧ୍ୟ ଗ୍ରାମ ନିକଟ କାଜୁ ଜଙ୍ଗଲରେ ଥିବା ଏକ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତ୍ୟୁ ପୂର୍ବରୁ ନରେନ୍ଦ୍ର ସୋସିଆଲ ମିଡିଆରେ ଏକ ଭିଡିଓ ପୋଷ୍ଟ କରିଥିଲେ। ଏଥିରେ ସେ ପତ୍ନୀଙ୍କ ପରକୀୟା ପ୍ରୀତି ରହିଥିବା ସନ୍ଦେହ କରୁଥିବା ଓ କାହାରିକୁ ଛାଡ଼ିବେ ନାହିଁ ବୋଲି କହିଥିଲେ। ତେଣୁ ପରକୀୟା ପ୍ରୀତି ସନ୍ଦେହରୁ ସ୍ୱାମୀ ନରେନ୍ଦ୍ର ଏଭଳି ଅମାନୁଷିକ କାଣ୍ଡ ଘଟାଇଥିବା ପୁଲିସ ଅନୁମାନ କରୁଛି। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୋନିକାଙ୍କ ରକ୍ତ ଜୁଡୁବୁଡୁ ଶବ ଜବତ କରିବା ସହ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଛି। ଏନେଇ କେସ୍ ନମ୍ବର ୩୮/୨୫ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ପ୍ରମୋଦ କୁମାର ଖଣ୍ଡୁଆଳ ସୂଚନା ଦେଇଛନ୍ତି। ଅନ୍ୟପଟେ ଗତକାଲି ଭୋର୍ ୩ଟା ବେଳେ ନରେନ୍ଦ୍ର ହତ୍ୟାକାଣ୍ଡ ଘଟାଇବା ପରେ ନିଖୋଜ ରହିଥିଲା । ହେଲେ ସନ୍ଧ୍ୟାରେ ଗାଁ ନିକଟ କାଜୁ ଜଙ୍ଗଲରେ ଶବ ଝୁଲୁଥିବା ପୁଲିସକୁ ଖବର ମିଳିଥିଲା। ଘଟଣାସ୍ଥଳରେ ପୁଲିସ ପହଞ୍ଚିଥିବା ବେଳେ ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ କରିବା ପରେ ସତ୍କାର ପାଇଁ ତାଙ୍କ ପରିବାରଙ୍କୁ ହସ୍ତାନ୍ତର କରିଥିବା ଜଣାଯାଇଛି। ଏହି ୨ ଟି ଘଟଣା ନେଇ ପୋଲିସ ତଦନ୍ତ ଜାରି ରଖିଛି ।

## ଉଚ୍ଚ ହମ୍ପସ୍ ଯୋଗୁଁ ଘଟୁଛି ଦୁର୍ଘଟଣା, ପ୍ରତିକାର ଦାବି

ବୁଗୁଡ଼ା, (ସବ୍ୟୁ): ସ୍ଥାନୀୟ ବାଲିପିଣ୍ଡି ସାହି ରାସ୍ତା ଓ ପରିବା ବଜାର ରାସ୍ତାର ସଂଯୋଗ ସ୍ଥଳରେ ନିର୍ମିତ ଅତି ଉଚ୍ଚର ହମ୍ପସ୍ ଯୋଗୁଁ ଅନେକ ସମୟରେ ଦୁର୍ଘଟଣାମାନ ଘଟୁଥିବାରୁ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି । ଏନ୍ଏସି ପକ୍ଷରୁ ନର୍ଦ୍ଦମା ଉପରେ ନିର୍ମୀତ ଏହି ହମ୍ପସ୍ ଯୋଗୁଁ ଅନେକ ବ୍ୟକ୍ତି ଦୁର୍ଘଟଣାର ଶିକାର ହୋଇ ଆହତ ହୋଇଥିବାର ନଜିର ରହିଛି। ଦୁର୍ଘଟଣାରେ କେତେବେଳେ ଯେ କାହାର ଜୀବନ ଚାଲିଯିବ ସେନେଇ ଆଶଙ୍କା ଦେଖା ଦେଇଛି। ଏନ୍ଏସିର କନିଷ୍ଠ ଯନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ଠିକାଦାର କିଭଳି ଏପରି ଦୁର୍ଘଟଣାକୁ ଆମନ୍ତ୍ରଣ କରୁଥିବା ଭଳି ବିପଦଜ୍ଜନକ ହମ୍ପସ୍ ନିର୍ମାଣ କଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି। ସେହି ଅତି ଉଚ୍ଚ ହମ୍ପସ୍ ଦେଇ କୌଣସି ପରିବା ବୋଝେଇ ଗାଡି ଗଲେ ତାହା ଓଲଟି ପଡୁଛି ଏବଂ ସେହି ରାସ୍ତା ଦେଇ ଯାନବାହାନ ଚଳାଚଳ କରିବାକୁ ଭୟ କରୁଛନ୍ତି। ଏନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏନ୍ଏସି ପକ୍ଷରୁ କୌଣସି ପ୍ରତିକାର ବ୍ୟବସ୍ଥା କରାଯାଉନଥିବାରୁ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି । ଯଥାଶୀଘ୍ର ସେଥିପ୍ରତି ପଦକ୍ଷେପ ଗ୍ରହଣ କରାଯିବ ବୋଲି ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିଭୁତି ଭୂଷଣ ବେହେରାଙ୍କ ଠାରୁ ପ୍ରକାଶ ପାଇଛି ।

### ଆରଡି ବିଭାଗରେ ବ୍ୟାପକ ଦୁର୍ନୀତି
## ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଲା କଂଗ୍ରେସ



ବାରିପଦା, (ସବ୍ୟୁ) : ଡବଲ ଇଞ୍ଜିନ୍ ସରକାର ଦୁର୍ନୀତିର ପାହାଡ଼ରେ ପରିଣତ ହୋଇଛି। ସମସ୍ତ ସରକାରୀ କାର୍ଯ୍ୟାଳୟ ଦୁର୍ନୀତିର ଉତ୍ସରେ ପରିଣତ ହୋଇସାରିଛି। ତଳୁ ଉପର ସମସ୍ତଙ୍କର ସମ୍ପୃକ୍ତି ରହିଥିବାର ପରିଲକ୍ଷିତ ହୋଇଛି। ଏହାର ଏକ ଉଦାହରଣ ପାଲଟିଛି ମୟୂରଭଞ୍ଜ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ବାରିପଦା କାର୍ଯ୍ୟାଳୟ। କାର୍ଯ୍ୟାଳୟ ପକ୍ଷରୁ ପ୍ରାୟଃ ୧୪କୋଟି ଟଙ୍କାରୁ ଅଧିକ ଦୁର୍ନୀତି ହୋଇଥିବାର ଜଣାପଡିଛି। କୌଣସି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସମ୍ପାଦନ ନହୋଇ ଅଥବା ପ୍ରକଳ୍ପ ନିର୍ମାଣର ଟେଣ୍ଡର ନହୋଇ ମିଥ୍ୟା ବିଲ ପାସ୍ କରାଯାଇଛି। କୁଳିଅଣା, ଖୁଣ୍ଟାପାଳ, ଇଟାମୁଣ୍ଡିଆ, ଶୁଳିଆପଦା, ଶ୍ୟାମାଖୁଣ୍ଟା ଆଦି ଅଞ୍ଚଳ ଗୁଡିକରେ ବିନା କାର୍ଯ୍ୟରେ ମିଥ୍ୟା ବିଲ ପାସ୍ କରାଯାଇ ସର୍ବସାଧାରଣଙ୍କ ଟଙ୍କା ଆତ୍ମସାତ କରାଯାଇଛି। ଏହି ସମସ୍ତ ଦୁର୍ନୀତି ଗୁଡିକର ନିରପେକ୍ଷ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରି ମଙ୍ଗଳବାର ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ଉପସଭାପତି ଅରବିନ୍ଦ ଦାସଙ୍କ ନେତୃତ୍ୱରେ ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ସୁସ୍ମିତା ଘୋଷାଲ, ଛାତ୍ର କଂଗ୍ରେସ ସଭାପତି ମୋତିପ୍ରକାଶ ଦାଶ, କିଷାନ ସେଲ ଅଧ୍ୟକ୍ଷ ଦୀପକ ଦାଶ, ଜିଲ୍ଲା ପଞ୍ଚାୟତ ସେଲ ଅଧ୍ୟକ୍ଷ ଶିବାନନ୍ଦ ଦାସ, ଓବିସି ସେଲ ଚେୟାରମ୍ୟାନ ଦିଲ୍ଲୀପ ନାୟକ, ସେକ ଇକବାଲ, କଂଗ୍ରେସ ନେତା ସ୍ୱରୂପ ମିଶ୍ର ଓ ଭବାନୀ ବେହେରା ପ୍ରମୁଖ ନେତୃବୃନ୍ଦ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଯଦି, ଆଗାମୀ ୭ଦିନ ମଧ୍ୟରେ ଉପରୋକ୍ତ ମହାଦୁର୍ନୀତିର ନିରପେକ୍ଷ ତଦନ୍ତ ଓ ଦୋଷୀଙ୍କ ବିରୋଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ, ତେବେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ଉପସଭାପତ ଶ୍ରୀ ଦାସ ଚେତାବନୀ ଦେଇଛନ୍ତି।

## କନ୍ଧମାଳରେ ଦିଶା ଅଧିବେଶନ ଓ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ

ଫୁଲବାଣୀ, (ସବ୍ୟୁ): ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ (ପଞ୍ଚାୟତ ଭବନ), ଫୁଲବାଣୀ ଠାରେ ଅଧ୍ୟକ୍ଷ, ଦିଶା ଅଧିବେଶନ ତଥା ମାନ୍ୟବର ଲୋକସଭା ସଦସ୍ୟ, କନ୍ଧମାଳ ସୁକାନ୍ତ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଜିଲ୍ଲା ପରିଷଦ, କନ୍ଧମାଳର ପ୍ରଥମ ଦିଶା ଅଧିବେଶନ ତଥା ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ପାଣିଗ୍ରାହୀ ଜିଲ୍ଲାର ସ୍ୱାସ୍ଥ୍ୟ, ଶିକ୍ଷା, ଗ୍ରାମୀଣ ଜଳଯୋଗାଣ ଓ ପରିମଳ, ପର୍ଯ୍ୟଟନ ଇତ୍ୟାଦି ବିଭିନ୍ନ ବିଭାଗରେ ଚାଲିଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମର କାର୍ଯ୍ୟକାରିତାକୁ ସମୀକ୍ଷା କରି କହିଥିଲେ ଯେ, ସମସ୍ତେ ମିଳିମିଶି ଜିଲ୍ଲାର ବିକାଶ କରିବା ହେଉଛି ଏହି ଅଧିବେଶନର ମୂଳ ଲକ୍ଷ୍ୟ । ଲୋକଙ୍କ ପାଖକୁ ଯାଇ ସରକାରୀ ଯୋଜନା ବିଷୟରେ ବୁଝାଇଲେ ଲୋକମାନେ ତାହାର ଲାଭ ନେଇପାରିବେ ଏବଂ ଏହା ସମସ୍ତଙ୍କର ଦାୟିତ୍ୱ । କନ୍ଧମାଳବାସୀ ଆମ ପରିବାର ଏହି ଭାବନା ନେଇ କାର୍ଯ୍ୟ କରିବାକୁ ଅଧିକାରୀମାନଙ୍କୁ ସାଂସଦ ପରାମର୍ଶ ଦେଇଥିଲେ । ଏହି ବୈଠକରେ ବିଧାୟକ ଉମା ଚରଣ ମଲ୍ଲିକ, ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ସୁଶ୍ରୀ ନନ୍ଦିନୀ ମଲ୍ଲିକ, କନ୍ଧମାଳ ଜିଲ୍ଲାପାଳ ଅମ୍ରିତ ରୁତୁରାଜ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା, ମୁଖ୍ୟଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହ ଅଧିକାରୀ, ଜିଲ୍ଲା ପରିଷଦ, କନ୍ଧମାଳ ଶମ୍ଭୁନାଥ ନନ୍ଦୀ, ବିଜ୍ଞାପିତ ଅଞ୍ଚଳ, ବାଳିଗୁଡ଼ା ଓ ଜି ଉଦୟଗିରିର ଅଧ୍ୟକ୍ଷ/ଅଧ୍ୟକ୍ଷା, ୧୨ ଗୋଟି ପଞ୍ଚାୟତ ସମିତିର ଅଧ୍ୟକ୍ଷ/ଅଧ୍ୟକ୍ଷା, ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ଓ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

## ମୟୂର କଳାଭୂମୀ ପକ୍ଷରୁ ମାଗଣା ନୃତ୍ୟ ଶିବିର ଉଦ୍‌ଘାଟିତ

ବାରିପଦା, (ସବ୍ୟୁ) : ବାରିପଦା ଦାରୋଗାଡାହି ସ୍ଥିତ ତୁଳସୀ ମଣ୍ଡପ ଠାରେ ମୟୂର କଳାଭୂମୀ ଆନୁକୂଲ୍ୟରେ ଏକ ୩ ଦିନିଆ ମାଗଣା ନୃତ୍ୟ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି । ପୂର୍ବତନ ଯୁବ ବିଜେଡି ରାଜ୍ୟ ଉପସଭାପତି ଲଲାଟେନ୍ଦୁ ବେହେରା ଏବଂ ଓଡିଶା ସାମ୍ବାଦିକ ସଂଘର ରାଜ୍ୟ ଉପସଭାପତି ସାମ୍ବାଦିକ ଦୀପକ କୁମାର ନାୟକ, ଏସ.କେ. ସାହିଲ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ । ମୟୂର କଳାଭୂମୀ ଅନୁଷ୍ଠାନର ଦିଲ୍ଲିପ କୁମାର ପାତ୍ରଙ୍କ ନେତୃତ୍ୱରେ ଦୀପା ସିଂ, ଧୀରଜ ପାଢ଼ୀ, ତରୁଣ ପରମାଣିକ ଓ ମନୋଜ ମହାକୁଡ଼ ପ୍ରମୁଖ ଶିବିର ପରିଚାଳନା କରିଥିଲେ । ଅର୍ଜୁନ ହାଁସଦା ମଞ୍ଚ ପରିଚାଳନା କରିଥିବା ବେଳେ, କାର୍ଯ୍ୟକ୍ରମରେ ବିଭିନ୍ନ ଅଞ୍ଚଳରୁ ଶତାଧିକ ଶିବିରର୍ଥୀ ଯୋଗଦେଇ ଥିବାବେଳେ, ଏହି ଶିବିର ଆଗାମୀ ଜୁନ୍ ୧୨ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାଯାଇଛି ।

## ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପାରିକ ଖାଦ୍ୟ ପ୍ରତିଯୋଗିତା

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ବ୍ଲକ ସ୍ତରୀୟ 'ସୁଭଦ୍ରା ଶକ୍ତି ପାରମ୍ପାରିକ ଖାଦ୍ୟ ପ୍ରତିଯୋଗିତା' ଜାନ୍ଜେଜୟ ଉତ୍ସାହ ଓ ସଂସ୍କୃତି ମାଧ୍ୟମରେ ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତା ମିଶନଶକ୍ତି ବିଭାଗ, ଓଡ଼ିଶା ସରକାର ଦ୍ୱାରା ଅନୁଷ୍ଠିତ ହୋଇଥିଲା । ଏହି ଉଦ୍ୟମ ମାଧ୍ୟମରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ମାନେ ତାଙ୍କର ପାରମ୍ପାରିକ ଖାଦ୍ୟ ଜ୍ଞାନ ଓ ପ୍ରତିଭାକୁ ପ୍ରଦର୍ଶନ କରିବା ସୁଯୋଗ ପାଇଥିଲେ। ପ୍ରତିଯୋଗିତାରେ ବିଭିନ୍ନ ଜିଲ୍ଲା ଓ ଅଞ୍ଚଳର ଓଡ଼ିଆ ପାରମ୍ପାରିକ ଖାଦ୍ୟ ପ୍ରସ୍ତୁତ କରାଯାଇଥିଲା, ଯାହା ଦର୍ଶନାର୍ଥୀ ଓ ମୁହଁ ଜଳାଉଥିବା ରୁଚିର ଖାଦ୍ୟ ପ୍ରେମୀଙ୍କ ମନ ଜିତି ନେଇଥିଲା । ଏହି ଅବସରରେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର ମୁଖ୍ୟଅତିଥି ଭାବରେ ଉପସ୍ଥିତ ଥିଲେ ଓ ମିଶନଶକ୍ତିର ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ। ସେ କହିଥିଲେ ଏହିପରି ପ୍ରତିଯୋଗିତା ମାଧ୍ୟମରେ ମହିଳାମାନେ ନିଜର ଦକ୍ଷତାକୁ ଅନ୍ୟମାନଙ୍କ ସମ୍ମୁଖରେ ଆଣିପାରୁଛନ୍ତି, ଏହା ତାଙ୍କ ସ୍ୱାବଲମ୍ବନରେ ଏକ ନୂଆ ଅଧ୍ୟାୟ ଯୋଗ କରିଥାଏ।

## ପତ୍ନୀକୁ ମାଡ ମାରି ସ୍ୱାମୀ ଗିରଫ

ବୁଗୁଡା, (ସବ୍ୟୁ): ବୁଗୁଡ଼ା ଥାନା ବାଲିପଦର ଗ୍ରାମ ମାଷ୍ଟର କଲୋନୀରେ ରହୁଥିବା ପୁଷ୍ପାଞ୍ଜଳି ସେଠୀ (୩୦) ନାମ୍ନୀ ମହିଳାଙ୍କୁ ମାଡ ମାରିବା ଅଭିଯୋଗରେ ତାଙ୍କର ସ୍ୱାମୀ ପାଣ୍ଡୁ ସେଠୀ(୫୫)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ଏନେଇ ଥାନାରେ କେସ୍ ନଂ ୩୭୧/୨୫ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି। ପ୍ରକାଶ ଯେ, ପାଣ୍ଡୁ ଚାରି ମାସ ହେଲା ବିଏସଏଫରୁ ଅବସର ଗ୍ରହଣ କରି ଗାଁକୁ ଫେରିଥିଲେ। ସେ ଅଧିକାଂଶ ସମୟରେ ସ୍ତ୍ରୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଆସୁଥିଲେ। ତେବେ ଗତ ୯ ତାରିଖ ଦିନ ସ୍ତ୍ରୀ ପୁଷ୍ପା ପିଲାମାନଙ୍କ ସକାଶେ ଜଳଖିଆ ଆଣିବା ପାଇଁ ସ୍ୱାମୀ ପାଣ୍ଡୁଙ୍କୁ ପଚାଶ ଟଙ୍କା ମାଗିଥିଲେ। ଏଥିରେ ସେ ରାଗିଯାଇ ସ୍ତ୍ରୀଙ୍କୁ ତଣ୍ଟିଆ ମାରିବା ସହ ଚୁଟିକୁ ଧରି କାନ୍ଥରେ ମୁଣ୍ଡକୁ ବାରମ୍ବାର ବାଡାଇ ଥିଲେ। ଫଳରେ ପୁଷ୍ପାଙ୍କ ମୁଣ୍ଡ ଫାଟି ପ୍ରବଳ ରକ୍ତସ୍ରାବ ହୋଇଥିଲା। ପିଲାମାନେ ଛଡାଇବାରୁ ସେମାନଙ୍କୁ ମଧ୍ୟ ପାଣ୍ଡୁ ଗାଳିଗୁଲଜ କରିବା ସହ ମାଡ ମାରିଥିଲା । ଏନେଇ ପୁଷ୍ପା ପୋଲିସରେ ଅଭିଯୋଗ କରିବା ବାଲିପଦର ଫାଣ୍ଡି ଅଧିକାରୀ ଏନ୍. ନିଳାଦ୍ରୀ ରେଡି ଘଟଣାର ତଦନ୍ତ କରି ପାଣ୍ଡୁଙ୍କୁ ଗିରଫ କରିଥିଲେ।

## ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ 'ବିକାଶ ବାହାନ ରଥ ସମ୍ପର୍କୀତ ପ୍ରସ୍ତୁତି ବୈଠକ

ବାରିପଦା, (ସବ୍ୟୁ) : ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଓସ୍ୱାନ ହଲ ଠାରେ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତା ରେ 'ବିକାଶ ବାହାନ ରଥ ପରିକ୍ରମା ସମ୍ପର୍କୀତ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ଜୁନ ମାସ ୧୨ତାରିଖ ରୁ ଜୁନ୍ ୨୧ତାରିଖ ପର୍ଯ୍ୟନ୍ତ ଜିଲ୍ଲାରେ ବିକାଶ ବାହାନ ରଥ ପରିକ୍ରମା କରିବ। ଏହି ବିକାଶ ବାହାନରେ ଲୋକ ମାନଙ୍କ ସଚେତନତା ପାଇଁ ସରକାରଙ୍କ ଦ୍ୱାରା ଲୋକମାନଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଗୁଡିକ ବ୍ୟାନର ପୋଷ୍ଟର ମାଧ୍ୟମରେ ପ୍ରଦର୍ଶନ କରାଯିବା ସହିତ ଏଲଇଡି ଜରିଆରେ ବିଭିନ୍ନ ଯୋଜନା ସମ୍ବନ୍ଧରେ ବିସ୍ତୃତ ସୂଚନା ପ୍ରଦର୍ଶନ କରାଯାଇ ଲୋକମାନଙ୍କୁ ସଚେତନ କରାଯିବ। ଏତଦ୍‌ବ୍ୟତୀତ ରାଜ୍ୟରେ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନତି ମୂଳକ ଯୋଜନାର ଉପଲବ୍ଧି ସମ୍ବନ୍ଧରେ ମଧ୍ୟ ଲୋକଙ୍କୁ ଅବଗତ କରାଯିବ। ଏହି ବିକାଶ ବାହାନ ପର୍ଯ୍ୟାୟ କ୍ରମେ ଜିଲ୍ଲାର ସମସ୍ତ ଗ୍ରାମ ପଂଚାୟତକୁ ପହଂଚି ଲୋକମାନଙ୍କୁ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ବନ୍ଧରେ ଅବଗତ କରିବା ସହ ଯୋଜନାରେ ସାମିଲ ହେବା ପାଇଁ ସଚେତନ କରାଯିବ। ଏତଦ୍‌ବ୍ୟତୀତ ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ସେହି ସ୍ଥାନରେ ଯୋଜନାର କାର୍ଡ, ପ୍ରମାଣପତ୍ର ବଣ୍ଟନ ଓ ଅନ୍ୟାନ୍ୟ ସହାୟତା ଯୋଗାଇ ଦିଆଯିବା ସହ ଯୋଜନାରେ ସାମିଲ ହେବାକୁ ଥିବା ହିତାଧିକାରୀ ମାନଙ୍କ ଠାରୁ ସେହି ସ୍ଥାନରେ ତୁରନ୍ତ ଆବେଦନ ପତ୍ର ଆଦି ଗ୍ରହଣ କରାଯିବ ଏବଂ ବିଭିନ୍ନ ଯୋଜନାରେ ନୂତନ ହିତାଧିକାରୀ ଚିହ୍ନଟି କରଣ କାର୍ଯ୍ୟ ମଧ୍ୟ କରାଯିବ। ଏତଦ୍‌ବ୍ୟତୀତ ବିଭିନ୍ନ ଯୋଜନାରେ ଲାଭାନ୍ୱିତ ହୋଇଥିବା ହିତାଧିକାରୀମାନଙ୍କ ପାଖରୁ ସେମାନଙ୍କ ସଫଳତା କାହାଣୀ ସଂଗ୍ରହ କରାଯିବ। ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ସମସ୍ତ ଲୋକଙ୍କୁ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ପ୍ରତ୍ୟେକଙ୍କୁ ସଚେତନ କରାଇବା ଏବଂ ଧାଡ଼ିର ଶେଷ ଲୋକ ପାଖରେ ଯୋଜନାକୁ ପହଞ୍ଚାଇବା। ଏହି ବିକାଶ ବାହାନ ରଥ ଜିଲ୍ଲାର ପ୍ରତ୍ୟେକ ବ୍ଲକ ସଦର ମହକୁମା ଠାରେ ଜୁନ୍ ୧୨ତାରିଖ ଦିନ ଶୁଭାରମ୍ଭ ହେବ ଏବଂ ପ୍ରତ୍ୟେକ ଦିନ ଏହି ବିକାଶ ବାହନ ସମ୍ପୃକ୍ତ ବ୍ଲକର ୩/୪ ଟି ଗ୍ରାମ ପଂଚାୟତକୁ ପରିକ୍ରମା କରି ସାଧାରଣ ଲୋକଙ୍କୁ ସଚେତନ କରାଇବ। ୟୁଏଲବି ତରଫରୁ ମଧ୍ୟ ବିକାଶ ବାହନ ସହରାଞ୍ଚଳର ବିଭିନ୍ନ ୱାର୍ଡକୁ ପରିକ୍ରମାରେ ଯାଇ ହିତାଧିକାରୀଙ୍କ ପାଖରେ ପହଁଚି ସମାନ କାର୍ଯ୍ୟ ସମ୍ପାଦନ କରିବ। ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସମ୍ପୃକ୍ତ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଆଜିର ବୈଠକରେ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ବାରିପଦା ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା, ଏସିଡିଓ ଶାନ୍ତନୁ କୁମାର ନାୟକଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଲାଇନ୍ ବିଭାଗର ଅଧିକାରୀ ଯୋଗ ଦେଇଥିବା ବେଳେ ଉପଖଣ୍ଡ ଓ ବ୍ଲକ ସ୍ତରୀୟ ଅଧିକାରୀ ମାନେ ଅଭାସୀ ଜରିଆରେ ଯୋଡି ହୋଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଜିଲ୍ଲା ଶିଶୁବିକାଶ କମିଟି ସଦସ୍ୟା ଭାବେ ଜଗତମୟୀ ମନୋନୀତ



ବାରିପଦା, (ସବ୍ୟୁ) : ରାଜ୍ୟ ସରକାରଙ୍କ ମହିଳା ଏବଂ ଶିଶୁ ବିକାଶ ବିଭାଗଙ୍କ ବିଜ୍ଞପ୍ତି ସଂଖ୍ୟା ୩୯୭୦/୦୯ ଦ୍ୱାରା ମୟୂରଭଞ୍ଜ ଜିଲ୍ଲା ପାଇଁ ଜଗତମୟୀ ଦାସଙ୍କୁ ଜିଲ୍ଲା ଶିଶୁ ବିକାଶ କମିଟିର ସଦସ୍ୟା ଭାବରେ ମନୋନୀତ କରାଯାଇଛି। ଶ୍ରୀମତୀ ଦାସ ଏହା ପୂର୍ବରୁ ଜିଲ୍ଲାର ବିଭିନ୍ନ କମିଟିର ସଦସ୍ୟା ଅଛନ୍ତି। ଜିଲ୍ଲାର ସବାଇ ଘାସ, ବାଉଁଶ, ଢ଼ୋକ୍ରା ଏବଂ ପଥର ଶିଳ୍ପକୁ ନେଇ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ କରିଛନ୍ତି। ଶ୍ରୀମତୀ ଦାସ ମୟୂରଭଞ୍ଜ ଜିଲ୍ଲାର ପ୍ରତିଷ୍ଠିତ ଅନୁଷ୍ଠାନ ଦାସୀ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିଷ୍ଠାତା ସଦସ୍ୟା ରୂପେ ଦୀର୍ଘ ୨୭ବର୍ଷ ରୁ ଉର୍ଦ୍ଧ ସମୟ କାର୍ଯ୍ୟ କରି ଆସୁଛନ୍ତି।

## ୧୧ବର୍ଷର ମୋଦି ଓ ବର୍ଷକର ମୋହନ ସରକାର ଜନବିରୋଧୀ : ଯୁବକଂଗ୍ରେସ

ଭୁବନେଶ୍ୱର, (ସବ୍ୟୁ): କେନ୍ଦ୍ରର ମୋଦି ସରକାରର ୧୧ ବର୍ଷ ପୂର୍ତ୍ତିରେ ପ୍ରଧାନମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ବିଜେପି ଦଳର ନେତୃବର୍ଗ ସଫଳତାର ଡିଣ୍ଡିମ ପିଟୁଛନ୍ତି। ମାତ୍ର ବାସ୍ତବରେ ୧୧ ବର୍ଷର ମୋଦି ସରକାର ଜନବିରୋଧୀ ପ୍ରମାଣିତ ଏବଂ ପ୍ରତିଶ୍ରୁତି ପାଳନରେ ସଂପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ପ୍ରଦେଶ ଯୁବକଂଗ୍ରେସର ଓଡ଼ିଶା ପ୍ରଭାରୀ ଶ୍ରୀ ମହେଶ ଦେଶମୁଖ କହିଛନ୍ତି। ଶ୍ରୀ ଦେଶମୁଖ ଏକ ପ୍ରେସବାର୍ତ୍ତାରେ କହିଛନ୍ତି ଯେ ଦେଶର ଯୁବସମାଜକୁ ମୋଦି ସରକାର ସଂପୂର୍ଣ୍ଣ ପ୍ରତାରିତ କରିଛନ୍ତି। ୨୦୧୪ ନିର୍ବାଚନ ପୂର୍ବରୁବର୍ଷକୁ ୨ କୋଟି ନିଯୁକ୍ତି ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ୧୧ ବର୍ଷ ପରେ ଏହି ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଛି। ଆଜିବି ଭାରତସରକାରଙ୍କର ୪୦ଲକ୍ଷର ଉର୍ଦ୍ଧ୍ୱ ମଞ୍ଜୁରିପ୍ରାପ୍ତ ପଦବୀରୁ ୩୦ଲକ୍ଷ ସ୍ଥାନ ପୂରଣ ହୋଇଥିବା ସ୍ଥଳେ ୯ ଲକ୍ଷ ୬୪ ହଜାର ପଦବୀ ଖାଲି ପଡ଼ିଛି। ପ୍ରଧାନମନ୍ତ୍ରୀମୋଦୀଙ୍କ 'ପକୋଡା ନିଯୁକ୍ତି' ପ୍ରସଙ୍ଗ ଦେଶର ଯୁବକମାନଙ୍କ ପ୍ରତି ଏକ ବିଶ୍ୱାସଘାତକତା। ସେହିପରି ମୋଦିଙ୍କ ବିକଶିତ ଭାରତ 'ବିଶ୍ୱକ୍ଷୁଧା ସୂଚାଙ୍କ-୨୦୨୪'ରେ ୧୨୭ଟି ଦେଶ ମଧ୍ୟରୁ ୧୦୫ତମ ସ୍ଥାନ ଅଧିକାର କରିଛି। ଏହି ସୂଚାଙ୍କରେ ବାଙ୍ଗଲାଦେଶ ୮୪ତମ ସ୍ଥାନରେ ଥିବାବେଳେ ଶ୍ରୀଲଙ୍କା ୫୬ତମ ସ୍ଥାନରେ ରହିଛି। ଏଣୁ ମୋଦି ଦେଶବାସୀଙ୍କୁ ବିକାଶ ନାମରେ ଭୂଆଁବୁଲାଉଛନ୍ତି ବୋଲି ଶ୍ରୀ ଦେଶମୁଖ ଅଭିଯୋଗ କରିଛନ୍ତି। ତେଣୁ ମୋଦିଙ୍କ ୧୧ ବର୍ଷ ପୂର୍ତ୍ତି ପ୍ରତାରଣାର ୧୧ ବର୍ଷର ପୂର୍ତ୍ତି ବୋଲି ଯୁବକଂଗ୍ରେସ ବିଚାର କରୁଛି।
ପ୍ରଦେଶ ଯୁବକଂଗ୍ରେସ ସଭାପତି ରଣଜିତ ପାତ୍ର କହିଛନ୍ତିଯେ ୧୧ ବର୍ଷରେ ନରେନ୍ଦ୍ର ମୋଦି ଦେଶକୁ ରସାତଳଗାମୀ କରିଦେଇଛନ୍ତି । ୧୯୪୭ ମସିହା ଠାରୁ ୨୦୧୪ ମସିହା ପର୍ଯ୍ୟନ୍ତ ଆଜି ଭାରତ ଋଣଭାର ୫୫ ଲକ୍ଷ କୋଟି ଥିଲା। ମାତ୍ର ୧୧ ବର୍ଷର ମୋଦି ସରକାରରେ ଏହା ୨୦୦ ଲକ୍ଷ କୋଟି ଟଙ୍କାରେ ପହଁଞ୍ଚିଛି। ସେହିଭଳି ଦେଶର ଚାଷୀଙ୍କୁ ପ୍ରାଧାନ୍ୟ ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ ତୁମ୍ଭି ତୋଫାନ କରୁଥିଲେ। ମାତ୍ର ତିନିକଳା ଆଇନ ଆଣି ଚାଷୀଙ୍କର ସର୍ବନାଶ କରିବା ପାଇଁ ଷଡଯନ୍ତ୍ର କରୁଥିଲେ। ପୁଞ୍ଜିପତିଙ୍କ ହାତରେ ଚାଷୀଙ୍କ ଜମି ଟେକିଦେବା ପାଇଁ ଯୋଜନା ଚାଲିଥିଲା। ଦେଶର ଚାଷୀ ଦିଲ୍ଲୀରେ ଏହା ବିରୁଦ୍ଧରେ ଯେଉଁ ଆନ୍ଦୋଳନ କରିଥିଲେ ସେହି ଆନ୍ଦୋଳନରେ ୭୦୦ ଚାଷୀଙ୍କର ଜୀବନ ଗଲା। ୨୦୧୬ ମସିହାରେ ପ୍ରଧାନମନ୍ତ୍ରୀ କହିଲେ ଯେ ୨୦୨୨ ମସିହାସୁଦ୍ଧା ଦେଶର ଚାଷୀଙ୍କର ଆୟ ଦୁଇଗୁଣିତ କରିଦେବେ। ହେଲେ ଏବେ ଚାଷୀ ଆତ୍ମହତ୍ୟା ଅନିୟନ୍ତ୍ରିତ ହୋଇପଡ଼ିଛି। କେନ୍ଦ୍ରଗୃହମନ୍ତ୍ରୀଙ୍କ ପୁଅ ଲକ୍ଷ୍ମୀପୁର ଖେରୀରେ ଆନ୍ଦୋଳନରତ ୮ ଜଣ ଚାଷୀଙ୍କୁଗାଡ଼ି ଚଢ଼ାଇ ହତ୍ୟା କଲେ। କହିଥିଲେ କ୍ଷମତାକୁ ଆସିଲେ ଦରଦାମ ନିୟନ୍ତ୍ରଣକରିବେ। ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସଠାରୁ ଆରମ୍ଭ କରି ଅଟା, ଡାଲି, ତେଲ, ଲୁଣ ପର୍ଯ୍ୟନ୍ତ ସମସ୍ତ ନିତ୍ୟବ୍ୟବହାର୍ଯ୍ୟ ଦ୍ରବ୍ୟର ଦର ମୋଦିଙ୍କ ୧୧ ବର୍ଷରେ ଆକାଶଛୁଆଁ ହୋଇପଡ଼ିଛି। ସେହିଭଳି ଦେଶର ସାମ୍ବିଧାନିକ ଅନୁଷ୍ଠାନ ଗୁଡ଼ିକୁ ମୋଦି ନିଜର ସଖିକଣ୍ଢେଇ କରିବାରେ ସଫଳ ହୋଇଛନ୍ତି। ଏପରିକି ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରଭାବରେ ସିବିଆଇ, ଇଡି, ନିର୍ବାଚନ କମିଶନ, ନିର୍ବାଚନୀ ବ୍ୟବସ୍ଥା, ନ୍ୟାୟଳୟ ପ୍ରଭୃତି ସାମ୍ବିଧାନିକ ଅନୁଷ୍ଠାନ ଗୁଡ଼ିକ ପାଇଁ ମୋଦି ବିପଦ ହୋଇ ପଡ଼ିଛନ୍ତି। ମୋଦିଙ୍କ ୧୧ ବର୍ଷରଶାସନ ବ୍ୟବସ୍ଥା, ଦୁର୍ନୀତି, ଭ୍ରଷ୍ଟାଚାର ଓ ବିଶ୍ୱାସଘାତକତା ଭରିରହିଛି। ସେହିପରି ଓଡ଼ିଶାର ଏକବର୍ଷର ମୋହନ ସରକାର ନିର୍ବାଚନୀ ପ୍ରତିଶ୍ରୁତି ପାଳନ କରିବାରେ ବିଫଳ ହୋଇଛନ୍ତି। କହିଥିଲେ ୩୦୦ ୟୁନିଟ ବିଜୁଳି ମାଗଣା ଦେବେ। କିନ୍ତୁ ଏବେ ସ୍ମାର୍ଟମିଟର ଲଗାଇ ବିଜୁଳି ଉପଭୋକ୍ତାଙ୍କୁ ଶୋଷଣ କରିବା ପାଇଁ ଚକ୍ରାନ୍ତ ଚାଲିଛି। ମହିଳାମାନଙ୍କୁ ୫୦ ହଜାରର ଭାଉଚର ଦେବେ ବୋଲି କହି ଭୋଟ ହାତେଇବା ପରେ ୬ ମାସରେ ମାତ୍ର ୫ ହଜାର ଟଙ୍କା ଦେଇଛନ୍ତି ଯାହା ଦିନକୁ ୨୭ ଟଙ୍କା ପଡୁଛି। ୫ ବର୍ଷରେ ୩ଲକ୍ଷ ୫୦ ହଜାର ନିଯୁକ୍ତି ଦେବେବୋଲି ଘୋଷଣା କଲେ। ଯାହା ବର୍ଷକୁ ୭୦ ହଜାର ସରକାରୀ ନିଯୁକ୍ତି ମିଳିବା କଥା। ମାତ୍ର ୧ ବର୍ଷର ମୋହନ ସରକାର ୧ ବର୍ଷରେ ୫ ହଜାର ନିଯୁକ୍ତି ଦେଇପାରି ନାହିଁ। ଦାଦନ ଖଟିବାକୁ ଓଡ଼ିଶା ବାହାରକୁ ଯାଉଛନ୍ତି। ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ଏବଂ ବିଶେଷ କରି ସରକାରୀ ନିଯକ୍ତି ପାଇଁ ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ବାରମ୍ବାର ହେଉଥିବା ବେଳେ ଏହାକୁ ସରକାର ନିୟନ୍ତ୍ରଣ କରିପାରିଲେ ନାହିଁ। ସହିଭଳି ବିଜୁ ସ୍ୱାସ୍ଥ୍ୟକଲ୍ୟାଣ ଯୋଜନାର ନାମ ପରିବର୍ତ୍ତନ କରିଦିଆଯାଇଛି। ହେଲେ ଆୟୁଷ୍ମାନ ପ୍ରାଇଭେଟ ହସପିଟାଲମାନେ ଗ୍ରହଣ କରୁନାହାନ୍ତି। ଜାତୀୟ ଶିକ୍ଷାନୀତି-୨୦୨୦ କେବଳ ଶିକ୍ଷାବ୍ୟବସ୍ଥାକୁ ଗୈରୀକରଣ କରିବା ପାଇଁ ଉର୍ଦ୍ଦିଷ୍ଟ। ଏହାର କୌଣସିସୁଫଳ ନାହିଁ। ଏଠାରେ ମହିଳାମାନେ ମଧ୍ୟ ଅସୁରକ୍ଷିତ ।

## ବ୍ରହ୍ମପୁରର ବିଜୁଳି ବିତରଣ ବ୍ୟବସ୍ଥାକୁ ସୁଦୃଢ଼ କରୁଛି ଟିପିଏସ୍‌ଓଡିଏଲ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ଏବଂ ଏହାର ଆଖପାଖ ଅଞ୍ଚଳରେ ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍‌ଓଡିଏଲ୍) ପକ୍ଷରୁ କନିଷି ପ୍ରାଇମେରୀ ସବଷ୍ଟେସନ (ପିଏସଏସ୍)ର ଉନ୍ନତିକରଣ କରାଯାଇଛି। ଏହି ପଦକ୍ଷେପ ପରେ ସହରର ସବୁଠୁ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟିକ ଅଞ୍ଚଳରେ ଭରସାଯୋଗ୍ୟ ବିଦ୍ୟୁତ ସେବା ଯୋଗାଇ ଦିଆଯାଉଛି ଏବଂ ବର୍ଦ୍ଧିଷ୍ଣୁ ବିଜୁଳି ଚାହିଦା ପୂରଣ ହେବା ସହ ଅପରେସନାଲ ସୁରକ୍ଷା ସୁନିଶ୍ଚିତ ହୋଇଛି। ଏହି ପଦକ୍ଷେପରେ ହଳଦିଆପଦରକୁ ବିଦ୍ୟୁତ ଯୋଗାଉଥିବା ଗୋଟିଏ ଟ୍ରାନ୍ସଫର୍ମରର କ୍ଷମତା ୩.୧୫ ଏମଭିଏରୁ ୮ ଏମଭିଏକୁ ବୃଦ୍ଧି କରାଯାଇଛି। ଫଳରେ ସବଷ୍ଟେସନର ମୋଟ କ୍ଷମତା ୧୬.୧୫ ଏମଭିଏକୁ ବୃଦ୍ଧି ପାଇଛି। ଏହା ଦ୍ୱାରା ଓଭରଲୋଡିଂ ସମସ୍ୟା ହ୍ରାସ ପାଇବ ଏବଂ ହଳଦିଆପଦର, ଅଟୋନଗର, କନିଷି ଓ ଆଖପାଖ ଅଞ୍ଚଳର ପ୍ରାୟ ୭,୦୦୦ ଲୋକଙ୍କ ବିଜୁଳି ଚାହିଦା ପୂରଣ ହୋଇପାରିବ। ଏହାସହ ଟୁଲୁ, ରଣ୍ଡା ଅଞ୍ଚଳର ଦୁଇଟି ପାୱାର ଟ୍ରାନ୍ସଫର୍ମର ଯଥାକ୍ରମେ ୫ ଏମଭିଏ ଏବଂ ୩.୧୫ ଏମଭିଏ କ୍ଷମତାରେ ଚାଲୁଅଛି। ତିନୋଟି ଟ୍ରାନ୍ସଫର୍ମରର ମୋଟ କ୍ଷମତା ୧୬.୧୫ ଏମଭିଏକୁ ବୃଦ୍ଧି ପାଇଛି ସୁରକ୍ଷା ଏବଂ ସୁଦୃଢ଼ ଭିତ୍ତିଭୂମି ସୁନିଶ୍ଚିତ କରିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଏଥିରେ ପିଏସଏସ୍ ପରିସରରେ ୧୧ କେଭି ଓଭରହେଡ ଲାଇନ୍ ବଦଳରେ ଭୂତଳ ଲାଇନ୍



ସଂଯୋଗ, ସ୍ୱିଚୟାର୍ଡ ଚାରିପାଖରେ ଚେନ୍ ଲିଙ୍କ ଫେନ୍ସିଂ ସ୍ଥାପନ, ସବଷ୍ଟେସନର ନବୀକରଣ, ପାରମ୍ପରିକ କାନ୍ଥ ବଦଳରେ ଡିଟାଚେବଲ୍ ଗ୍ରିଲ୍ ସ୍ଥାପନ ଏବଂ କର୍ମଚାରୀ ଓ ଉପଭୋକ୍ତାଙ୍କ ସୁରକ୍ଷିତ ଯା'ଆସ ପାଇଁ ଏକ ସ୍ୱତନ୍ତ୍ର ମାର୍ଗ ତିଆରି କରାଯାଇଛି। ଏହି ଭିତ୍ତିଭୂମି ବିକାଶ ପଦକ୍ଷେପ ସମ୍ପର୍କରେ ମତ ଦେଇ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, ଦକ୍ଷିଣ ଓଡ଼ିଶାରେ ଏକ ସୁଦୃଢ଼ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ବିଦ୍ୟୁତ ଭିତ୍ତିଭୂମି ନିର୍ମାଣ କରିବା ହେଉଛି ଆମର ଉଦ୍ଦେଶ୍ୟ। କନିଷି ପ୍ରାଇମେରୀ ସବଷ୍ଟେସନର କ୍ଷମତା ବୃଦ୍ଧି ପରେ ବ୍ରହ୍ମପୁର ବାସିନ୍ଦା ଏବଂ ବ୍ୟାବସାୟିକ ଅନୁଷ୍ଠାନଗୁଡ଼ିକ ଭରସାଯୋଗ୍ୟ ଓ ସୁରକ୍ଷିତ ବିଜୁଳି ସେବା ପାଇବେ, ଯାହା ସ୍ଥାନୀୟ ଅଞ୍ଚଳର ସାମାଜିକ ତଥା ଅର୍ଥନୈତିକ ବିକାଶରେ ସହାୟକ ହେବ । ଏହି ପଦକ୍ଷେପ ବ୍ରହ୍ମପୁର ସହରରେ ଉନ୍ନତ ବିଜୁଳି ସେବା ଯୋଗାଇ ବିକାଶକୁ ତ୍ୱରାନ୍ୱିତ କରିବା ଦିଗରେ ଟିପିଏସ୍‌ଓଡିଏଲର ପ୍ରତିବଦ୍ଧତାକୁ ଦର୍ଶାଉଛି। ସୁରକ୍ଷିତ ଏବଂ ଗୁଣାତ୍ମକ ବିଦ୍ୟୁତ ଯୋଗାଣ ଦିଗରେ କମ୍ପାନୀ ଏହାର ପ୍ରୟାସ ଜାରି ରଖିଛି।

### ୫ ଦିନ ପରେ ଆମରଣ ଅନଶନ ପ୍ରତ୍ୟାହୃତ

# ଅନଶନକାରୀଙ୍କ ସହ ଏସପି, ଏଡିଏମଙ୍କ ଆଲୋଚନା

ରାଜନଗର ,(ସବ୍ୟୁ) : ରାଜନଗରର ଥାନା ଆଗରେ ନିର୍ବାଚିତ ଲୋକ ପ୍ରତିନିଧି ୩ ଦିନ ଅନଶନ ଓ ଦୁଇ ଦିନ ଧରି ଆମରଣ ଅନଶନରେ ବସିବା ପରେ ପ୍ରଶାସନ ହାତ ଟେକିଦେଇ ଦାବି ମାନି ନେଇଛି । ମଙ୍ଗଳବାର ଆମରଣ ଅନଶନ ସ୍ଥଳରେ ରାଜନଗର ବିଧାୟକ ଧ୍ରୁବ ସାହୁ ପହଞ୍ଚି ଆମରଣ ଅନଶନକାରୀଙ୍କ ସହ ବସିଥିଲେ । କେନ୍ଦ୍ରାପଡା ଏସପି ଓ ଅତିରିକ୍ତ ଜିଲ୍ଲାପାଳ ରାଜନଗର ଥାନାରେ ପହଞ୍ଚିଥିଲେ । ଏସପି , ଅତିରିକ୍ତ ଜିଲ୍ଲାପାଳ , ବିଧାୟକ ଓ ଆମରଣ ଅନଶନକାରୀଙ୍କ ଏକ ପ୍ରତିନିଧି ଦଳ ଙ୍କ ସହ ଆଲୋଚନା କରିଥିଲେ । ୩୧ ତାରିଖ ଦିନ ବିଡିଓ, ପଞ୍ଚାଯତ ସମିତି ଅଧକ୍ଷା ଓ ବିଧାୟକ ଉନ୍ନୟନ ମୂଳକ କାମ ସମ୍ପର୍କରେ ଆଲୋଚନା କରୁଥିବା ବେଳେ ବିଡିଓଙ୍କ କବାଟକୁ ଗୋଇଠା ମାରି ଅରାଜକତା ସୃଷ୍ଟି କରିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ରାଜନଗର ବିଡିଓ ଏତଲା ଦେବେ । ସିସିଟିଭି ଫୁଟେଜ ଆଧାରରେ ଅଭିଯୁକ୍ତଙ୍କ ବିରୁଦ୍ଧରେ କାର୍ଯ୍ୟନୁଷ୍ଠାନ ନିଆଯିବ । ବିଡିଓ ବାତ୍ୟା ଆଶ୍ରୟସ୍ଥଳୀର କର୍ମକର୍ତ୍ତା ତାଲିକା ଥାନାକୁ ଦେବେ । କମିଟି ବାତ୍ୟା ଆଶ୍ରୟସ୍ଥଳିର ମରାମତି କାମ କରିବ ଅନ୍ୟ କେହି ସେଠାରେ ଅରାଜକତା ସୃଷ୍ଟି କଲେ ପୋଲିସ ପଦକ୍ଷେପ ନେବ । ପେଣ୍ଠ ବାତ୍ୟା ଆଶ୍ରୟସ୍ଥଳୀରେ ଚୋରୀ ଓ ସମ୍ବାଦକଙ୍କୁ ମାଡ ଘଟଣାରେ ଦୁଇଟି ମାମଲା ରୁଜୁ ହୋଇଛି । ଆଇଆଇସି ନିଜେ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରି କାର୍ଯ୍ୟନୁଷ୍ଠାନ ନେବେ ବୋଲି ଏସପି ଓ ଅତିରିକ୍ତ ଜିଲ୍ଲାପାଳଙ୍କ ପତିଶ୍ରୁତି ପରେ ଆମରଣ ଅନଶନ ପ୍ରତ୍ୟାହୃତ ହୋଇଛି ।

# ଇଣ୍ଡିଆନ ଅଏଲ ରିଫାଇନାରୀରେ ଅନ ସାଇଟ ଡିଜାଷ୍ଟର ଡ୍ରିଲ

ପାରାଦୀପ, (ଜିପ୍ର) : ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନାରୀ ୧୦ ଜୁନ୍ ୨୦୨୫ ରେ ଏକ ଲିଭେଲ୍ -୨ ମକ୍ ଡ୍ରିଲ୍ (ଅନ୍ ସାଇଟ୍ ଡିଜାଷ୍ଟର ଡ୍ରିଲ୍) ଆୟୋଜନ କରିଥିଲା ଯେଉଁଥିରେ ରିଫାଇନାରୀ ତାହାର ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ପ୍ରସ୍ତୁତିର ପ୍ରଭାବ ଯାଞ୍ଚ କରିଥିଲା । ପାରାଦୀପ ରିଫାଇନାରୀର ଅନୁମୋଦିତ ଇମରର୍ଜେନ୍ସି ରେସପନସ୍ ଆଣ୍ଡ୍ ଡିଜାଷ୍ଟର୍ ମ୍ୟାନେଜରମେଣ୍ଟ ପ୍ଲାନ୍ (ଇଆର୍‌ଡିଏମ୍‌ପି) ଅନୁଯାୟୀ ଏହି ଡ୍ରିଲ୍ କାର୍ଯ୍ୟକାରୀ କରାଯାଇଥିଲା । ମ୍ୟୁଚୁଆଲ୍ ଏଡ୍ ସଂସ୍ଥାର ପ୍ରତିନିଧିମାନେ ମଧ ଏହି ଅଭ୍ୟାସରେ ଅଂଶଗ୍ରହଣ କରିଥିଲେ । ପାରାଦୀପ ରିଫାଇନାରୀର ଏକ ପମ୍ପ ଡିସଚାର୍ଜ ଲାଇନରୁ ପ୍ରୋପିଲିନ୍ ଲିକେଜ୍ ହୋଇ ବାଷ୍ପ ମେଘ ସୃଷ୍ଟି ହେଲେ ଏବଂ ତା'ପରେ ବିସ୍ଫୋରଣ ଘଟିଲେ, ତାହାକୁ ସଫଳତାର ସହିତ କିପରି ମୁକାବିଲା କରାଯିବ ସେହି ବିଷୟବସ୍ତୁ ଉପରେ ମକ୍‌ଡ୍ରିଲ୍‌ଟି ଆଧାରିତ ଥିଲା । ଏଥିରେ ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ବିପର୍ଯ୍ୟୟ ପରିଚାଳନା ଯୋଜନାର ପ୍ରୋଟୋକଲ୍ ଅନୁଯାୟୀ ନିଆଯାଇଥିବା ପ୍ରତିକ୍ରିୟା ଏବଂ ନିୟନ୍ତ୍ରଣ ପଦକ୍ଷେପ ଗୁଡିକ ସଠିକ୍ ଭାବରେ ସମନ୍ୱିତ ହୋଇଥିଲା ଏବଂ ଏହାକୁ ସମସ୍ତ କର୍ତ୍ତୃପକ୍ଷ



ପ୍ରଶଂସା କରିଥିଲେ । ଏହି ଡ୍ରିଲ୍ ପରେ ପାରାଦୀପ ରିଫାଇନାରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନାରୀ ପ୍ରମୁଖ କୌଶିକ ବସୁଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନା ସଭାର ଆୟୋଜନ କରାଯାଇଥିଲା ।

# ଶ୍ରୀ ବଳଦେବ ଜୀଉ ନୂତନ ଟ୍ରଷ୍ଟ ବୋର୍ଡର ପ୍ରଥମ ବୈଠକ



କେନ୍ଦ୍ରାପଡା ,(ସବ୍ୟୁ) : କେନ୍ଦ୍ରାପଡାର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉ ମନ୍ଦିରର ସୁ ପରିଚାଳନା ନିମନ୍ତେ ମଙ୍ଗଳବାର ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଟରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୋର୍ଡର ବରିଷ୍ଠ ସଭ୍ୟ ହୃଷିକେଶ ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ପୂର୍ବତନ ନଗରପାଳ ଧିରେନ୍ କୁମାର ସାହୁ, କେନ୍ଦ୍ରାପଡା ପୌରସଂସ୍ଥାର ଅଧିକାରୀ ଅଜିତ୍ ନାରାୟଣ ଗିରି, କେନ୍ଦ୍ରାପଡା ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗଉଡ, ସେବକ ନୃସିଂହ ପତ୍ରି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଉପଜିଲ୍ଲାପାଳଙ୍କୁ ସର୍ବସମ୍ମତିକ୍ରମେ ମଧବର୍ତ୍ତୀକାଳୀନ ଟ୍ରଷ୍ଟବୋର୍ଡର ସଭାପତି ଭାବେ ମନନୟନ କରାଗଲା। ଏହି ପ୍ରସ୍ତାବକୁ ଗୃହୀତ କରାଯାଇ ଦେବୋତ୍ତର କମିଶନରଙ୍କ ନିକଟକୁ ପଠାଯିବାକୁ ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରି ଙ୍କୁ ଦାୟିତ୍ୱ ଦିଆଗଲା। ବୈଠକ ଆରମ୍ଭରେ ଦେବୋତ୍ତର ସଂସ୍ଥାର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ଦେବୋତ୍ତର କମିଶନରଙ୍କ ଦ୍ୱାରା ପଠାଇଥିବା ନିଯୁକ୍ତିପତ୍ରକୁ ପାଠ କରିଥିଲେ। ପରବର୍ତ୍ତୀ ବୈଠକରେ ମନ୍ଦିରର ରଥଯାତ୍ରା ଓ ଅନ୍ୟ ସମସ୍ୟା ସଂପର୍କରେ ଆଲୋଚନା କରାଯିବାକୁ ସ୍ଥିର କରାଯାଇଛି।

## ରୋଗ ଯନ୍ତ୍ରଣା ସହିନପାରି ମହିଳାଙ୍କ ଆତ୍ମହତ୍ୟା

ନିଶ୍ଚିନ୍ତକୋଇଲି, (ସବ୍ୟୁ) : ନିଶ୍ଚିନ୍ତକୋଇଲି ଥାନା ଅଧିନସ୍ଥ ବଡ଼କ୍ଷୀର ପଞ୍ଚାୟତ କାଚରାପାଟଣା ଗ୍ରାମର ପ୍ରଗତି ଚାନ୍ଦଙ୍କ ପତ୍ନୀ ଅଞ୍ଜନା ଚାନ୍ଦ (୪୮) ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାଯାଇଛି । ଅସହ୍ୟ ରୋଗ ଯନ୍ତ୍ରଣା ସହି ନପାରି ମଙ୍ଗଳବାର ସକାଳେ ମହିଳା ଜଣଙ୍କ ତାଙ୍କ ଗୁହାଳ ପାଖରେ ଥିବା ଛଣ ଚାଳିରେ ବେକରେ ରଶି ଲଗାଇ ଦେଇଥିଲେ । ପରିବାର ପକ୍ଷରୁ ତାଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ନିମନ୍ତେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା ବେଳେ ଡ଼ାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ଖବର ପାଇ ସରପଞ୍ଚ ହିମାଂଶୁ ନାରାୟଣ ମଲ୍ଲ, ସମିତିସଭ୍ୟ ପ୍ରଦୋଷ ସାହୁ, ଯୁବନେତା ଜ୍ୟୋତିରଂଜନ ସ୍ୱାଇଁଙ୍କ ସମେତ ବହୁ ନେତୃବୃନ୍ଦ ମୃତ୍ୟୁ ଶଯ୍ୟା ନିକଟରେ ଉପସ୍ଥିତ ହୋଇଥିଲେ । ଏ ସଂକ୍ରାନ୍ତରେ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡ଼ିକାଲ ପଠାଇଥିଲେ । ବ୍ୟବଚ୍ଛେଦ ପରେ ଶୋକାକୁଳ ପରିବେଶରେ ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ସାନପୁଅ କନିଷ୍ଠ ପୁତ୍ର ନରେଶ ଚାନ୍ଦ ମୁଖାଗ୍ନୀ ଦେଇଥିଲେ ।

## ଅଧିକାରୀମାନେ ତୃଣମୂଳ ସ୍ତରକୁ ଯାଇ ଲୋକଙ୍କ ସମସ୍ୟା ବୁଝି ସମାଧାନ କରନ୍ତୁ : ଉଚ୍ଚଶିକ୍ଷା ମନ୍ତ୍ରୀ

କେନ୍ଦ୍ରାପଡ଼ା, (ସ୍ୱପ୍ର ) : କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଭାରୀ ତଥା ମନ୍ତ୍ରୀ ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବ ବ୍ୟପାର ଏବଂ ଓଡିଆ ଭାଷା,ସାହିତ୍ୟ ଓ ସଂସ୍କୃତି ସୂର୍ଯ୍ୟବଂଶୀ ସୂରଜ ଆଜି କେନ୍ଦ୍ରାପଡ଼ା ଜିଲ୍ଲା ଗସ୍ତକରି ସରକାରଙ୍କ ବିଭିନ୍ନ ଯୋଜନା ଓ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ସ୍ଥାନୀୟ ଜିଲ୍ଲପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମହାକାଳପଡ଼ା ବିଧାୟକ ଡ.ଦୁର୍ଗା ପ୍ରସନ୍ନ ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବାଶିଷ ଧଳ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ସମେତ ସମସ୍ତ ବିଡିଓ, ତହସିଲଦାର ଏବଂ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ବୈଠକରେ ମନ୍ତ୍ରୀ ସରକାରଙ୍କ ବିଭିନ୍ନ ଜନହିତକାରୀ ଯୋଜନାର ସୁଫଳ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଗୁରୁତ୍ୱ ଦେଇଛନ୍ତି । ଅଧିକାରୀମାନେ ତୃଣମୂଳ ସ୍ତରକୁ ଯାଇ ଲୋକଙ୍କ ସମସ୍ୟା ବୁଝିବା ସହିତ ତାର ସମାଧାନ ଉପରେ କାର୍ଯ୍ୟ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା,ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ନିଯୁକ୍ତି ଯୋଜନା, ସ୍ୱଚ୍ଛଭାରତ, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟଗ ଯୋଜନା, ଧାନ ସଂଗ୍ରହ, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ବୟବନ୍ଦନ ଯୋଜନାରେ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ ସହିତ ଜିଲ୍ଲାର ସମସ୍ତ ଅଙ୍ଗନବାଡିର ସ୍ଥିତ ସମୀକ୍ଷା କରିଥିଲେ । ଅଙ୍ଗନବାଡି ଗୁଡିକର ଆନୁଷଙ୍ଗିକ ବ୍ୟବସ୍ଥା ଗୁଡିକ ତୁରନ୍ତ ସମାଧାନ ଉପରେ ଗୁରୁତ୍ୱ ଦେବାକୁ ମନ୍ତ୍ରୀ କହିଛନ୍ତି । ଜନହିତକାରୀ ଯୋଜନାର ସୁଫଳ ଯେପରି ହିତାଧିକାରୀ ପାଇପାରେ କୌଣସି ଅସୁବିଧା କିମ୍ବା ବିଳମ୍ବ ନ ହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ମନ୍ତ୍ରୀ କହିଛନ୍ତି । ସାମାଜିକ ନ୍ୟାୟ ସମାଜର ଦର୍ପଣ ହେବା ଉଚିତ ଏଥିରୁ ବିଚ୍ୟୁତ ହେବା କଥା ନୁହେଁ ଏହା ସହିତ ମହିଳା ତଥା ସ୍ୱୟଂସହାୟକ



ଗୋଷ୍ଠୀଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ନୁଆଁ ସମ୍ଭାବନା ସୃଷ୍ଟି କରି ଜୀବନ ଜୀବିକା ତଥା ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ଉନ୍ନତ କରିବାକୁ ପଡିବ ବୋଲି ମନ୍ତ୍ରୀ କହିଛନ୍ତି ।ଅନ୍ତୋଦୟ ଗୃହ ଯୋଜନାରେ ଘର ଯୋଗେଇବା ଏବଂ ହିତାଧିକାରୀ ଚୟନ ପ୍ରକ୍ରିୟା ରେ ସଠିକ ତଦନ୍ତ, ଶଯ୍ୟାଶାୟୀ, ୮୦ ବର୍ଷରୁ ଉର୍ଦ୍ଧ ହିତାଧିକାରୀ ହିତାଧିକାରୀଙ୍କ ଭତ୍ତା କିପରି ଘର ଦାଣ୍ଡରେ ପହଂଚିବ ସେଥିପ୍ରତି ଯତ୍ନବାନ ହେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏକ ଟିମ ହୋଇ କାର୍ଯ୍ୟ ଏବଂ ଜିଲ୍ଲାର ଉନ୍ନତିରେ ନିଜର ଆନ୍ତରିକତା ଓ ଆତ୍ମୀୟତା ରହିଲେ ନିଶ୍ଚିତ ଭାବେ ଜିଲ୍ଲା ଏକ ନମ୍ବର ହେବ ବୋଲି ମନ୍ତ୍ରୀ କହିଛନ୍ତି । ବୈଠକ ପୂର୍ବରୁ ମନ୍ତ୍ରୀ ବଳଦେବ ଜିଉଙ୍କୁ ଦର୍ଶନ କରି କରିଥିଲେ

# ଟ୍ରେନ ଲାଇନ୍‌ରେ କଟି ୩ ମଇଁଷି ମୃତ

ଡେରାବିଶ,(ସବ୍ୟୁ) :ଡେରାବିଶ ବ୍ଲକ ଗୁଆଳସିଂ ପଂଚାୟତ ଅନ୍ତର୍ଗତ ଠାକୁର ହାଟ ସ୍ଥିତ ପାଟଶମୁଳେଇ ମନ୍ଦିର ନିକଟରେ ସୋମବାର ଅପରାହ୍ଣରେ ଟ୍ରେନ ଦୁର୍ଘଟଣାରେ ୩ଟି ମଇଁଷିଙ୍କର ମୃତ୍ୟୁ ହୋଇଥିବା ବେଳେ ୨ଟି ଗୁରୁତର ଆହାତ ହୋଇଛନ୍ତି । ସୂଚନାରୁ ପ୍ରକାଶ ଗତକାଲି ଅପରାହ୍ଣରେ ଗୁଆଳସିଂ ପଂଚାୟତ ଛାଂଚୁଣିଆ ଗ୍ରାମର କୁମର ବେହେରା ତାଙ୍କ ମଇଁଷି ପଲକୁ ପାଟ ସମୁଳେଇ ନିକଟସ୍ଥ ଟ୍ରେନ ଲାଇନ କଡ଼ରେ ଥିବା ବିଲରେ ଚରାଉଥିଲେ । ଏହି ସମୟରେ ହଠାତ୍ କଳାହାଣ୍ଡିଆ ମେଘ ଉଠାଇ ଆସି ଘଡ଼ଘଡ଼ି ସହ ପ୍ରଚୁର ବର୍ଷା ହୋଇଥିଲା । ଘଡ଼ଘଡ଼ିର ପ୍ରଚଣ୍ଡ ଶବ୍ଦରେ ମଇଁଷିମାନେ ଇତସ୍ତତ ହୋଇ ଟ୍ରେନ୍‌ଲାଇନ୍ ଉପରକୁ ଚଢ଼ି ଯାଇଥିଲେ । ଏହି ସମୟରେ ହଠାତ୍ ଟ୍ରେନ ଆସିଯିବା ସହିତ ମଇଁଷି ପଲଙ୍କୁ ଧକ୍କା ଦେଇଥିଲା । ଫଳରେ ଟ୍ରେନ ଲାଇନ୍ ଉପରେ ଥିବା ୫ଟି ମଇଁଷି ମଧ୍ୟରୁ ଟ୍ରେନ୍ ଧକ୍କାରେ ୩ଟି ମଇଁଷିଙ୍କର ମୃତ ହୋଇଯାଇଥିବା ବେଳେ ଅନ୍ୟ ଦୁଇଟି ଗୁରୁତର ଅବସ୍ଥାରେ ପଡ଼ିରହିଥିଲେ । ତେବେ ମରିଯାଇଥିବା ତିନୋଟି ମଇଁଷି କ୍ଷିର ଦେଉଥିବା ବେଳେ ସେମାନଙ୍କ ମୃତ୍ୟୁ ଶ୍ରୀ ବେହେରାଙ୍କ ମୁଣ୍ଡରେ ଚଡ଼କ ପାଇଛି । କୁମର ଗୁରୁତର ଆହାତ ହୋଇଥିବା ମଇଁଷି ଦୁଇଟିଙ୍କୁ ତୁରନ୍ତ ପଶୁ ଚିକିତ୍ସକଙ୍କୁ ଡକାଇ ଚିକିତ୍ସା କରୁଥିବା ଜଣାଯାଇଛି ।

# ୧୨ରୁ ବିକାଶ ମେଳା ୨୦୨୫

ଜଗତସିଂହପୁର, (ସବ୍ୟୁ) : ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ହେବାକୁ ଥିବା ବିକାଶ ମେଳା ୨୦୨୫ ପ୍ରସ୍ତୁତି ସମ୍ପର୍କରେ ଏକ ସମୀକ୍ଷା ବୈଠକ ଓସ୍ୱାନ୍ ଭିସି ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ବିକାଶ ମେଳା ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍ ଠାରେ ଜୁନ ୧୨ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ଅତିରିକ୍ତ ଜିଲ୍ଲାପାଳ ସୂଚନା ଦେଇଥିଲେ । ପ୍ରଭାରୀ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ପଲ୍ଲୀଶ୍ରୀ ମେଳା ଉଦଘାଟନ କରିବେ। ଏହି ମେଳାରେ ୫ ହଜାର ଜନ ସମାଗମ ହେବ। ସ୍କିମ୍ ଅନୁଯାୟୀ ହିତାଧିକାରୀ ମାନଙ୍କୁ ସୁବିଧା ପ୍ରଦାନ, ପଦ୍ମ ପୁରସ୍କାର ପାଇଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା, ସଫଳ କାହାଣୀ ବୁକଲେଟ, ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍ଘାଟନ, ଆଇ.ଇ.ସି କ୍ରିୟାକଳାପ, ସାଂସ୍କୃତିକ କାର୍ଯ୍ୟକ୍ରମରେ ସଙ୍ଗୀତ, ନୃତ୍ୟ, କୃଷି, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, ହ୍ୟାଣ୍ଡଲୁମ୍, ଟେକ୍ସଟାଇଲ, ହାଣ୍ଡିକ୍ରାଫ୍ଟ, ବିଦ୍ୟାଳୟ ଓ ଗଣଶିକ୍ଷା, ମହିଳା ଓ ଶିଶୁ ବିକାଶ, ଶ୍ରମ, କ୍ରୀଡା ବିଭାଗ ପକ୍ଷରୁ ଜୁନ ୧୨ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ସେମିନାର ଆୟୋଜନ, ପେଣ୍ଟିଂ, ସୁସ୍ୱାଦୁ ଖାଦ୍ୟ ପ୍ରତିଯୋଗୀତା,ରଙ୍ଗୋଲି ପ୍ରତିଯୋଗିତା, ରଜଦୋଳି, ମେହେନ୍ଦି, ନେଲ ଆର୍ଟ,ଜଙ୍ଗଲ ବିଭାଗ ପକ୍ଷରୁ ଚାରା ଗଛ ବଣ୍ଟନ, ନିଶା ନିବାରଣ ସଚେତନତା ଅଭିଯାନ ଇତ୍ୟାଦି ବ୍ୟାପକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୧୨ ତାରିଖରୁ ପ୍ରତ୍ୟେକ ବ୍ଲକରେ ଭ୍ୟାନ ମାଧ୍ୟମରେ ଜନ ସଚେତନତା ପ୍ରତ୍ୟେକ ପଞ୍ଚାୟତରୁ ବ୍ଲକ୍ ଓ ପୌରାଞ୍ଚଳ ପରିକ୍ରମା କରିବ। ଏତଦ୍‌ବ୍ୟତୀତ ଷ୍ଟାଡିୟମ୍ ଠାରେ ଓରମାସ ପକ୍ଷରୁ ୮୦ ଟି ଷ୍ଟଲ୍ ବିଭିନ୍ନ ବିଭାଗର ପ୍ରଦର୍ଶନୀ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀଙ୍କ ଦ୍ୱାରା ଗ୍ରାମୀଣ ଉତ୍ପାଦ ବିକ୍ରୟ କରାଯିବ। ଏତଦ୍‌ବ୍ୟତୀତ ମିଶନ ଶକ୍ତି ବିଭାଗ ପକ୍ଷରୁ ୨୫ ଟି ପାରମ୍ପରିକ ଖାଦ୍ୟ ଷ୍ଟଲର ଆୟୋଜନ କରାଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ , ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ଗାଚରଣ ନାୟକ ମେମୋରିଆଲ କଲେଜ

# କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ମାହାଙ୍ଗା, (ସବ୍ୟୁ) : କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଅର୍ନ୍ତଗତ ହଳଦିଆ ପଂଚାୟତ ସ୍ଥିତ ଦୁର୍ଗା ଚରଣ ନାୟକ ମେମୋରିଆଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଚଳିତ ଯୁକ୍ତ ୨କଳା ପରୀକ୍ଷାରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ କଲେଜ ତରଫରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ଅମ୍ରିତା ବେହେରା ୫୨୧ନମ୍ବର ରଖି ଅନୁଷ୍ଠାନର ତଥା ହଳଦିଆ ଗ୍ରାମ ପଂଚାୟତ ପାଇଁ ଗର୍ବ ଓ ଗୌରବ ଆଣିଦେଇଛନ୍ତି। ସେ ଦିନକୁ ୧୨ଘଣ୍ଟାରୁ ଉର୍ଦ୍ଧ୍ୱ ସମୟଧରି ପରିଶ୍ରମ କରିଥାନ୍ତି। ତାଙ୍କର ଏହି ସଫଳତା ପାଇଁ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା ଓ ପିତାମାତାଙ୍କୁ ଶ୍ରେୟ ଦେଇଛନ୍ତି। ସେ ହେଉଛନ୍ତି ସନାତନ ବେହେରା ଓ ମାଳତୀ ବେହେରାଙ୍କ ଏକମାତ୍ର କନ୍ୟା। ସେ ଭବିଷ୍ୟତରେ ଜଣେ ଅଧ୍ୟାପିକା ହେବା ପାଇଁ ଆଶା ରଖିଛନ୍ତି ବୋଲି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଅନୁଷ୍ଠାନ ଏହିଭଳି ଜଣେ ସମ୍ବର୍ଦ୍ଧିତ ପ୍ରତିଭାକୁ ସମ୍ବର୍ଦ୍ଧନା ଦେବା ସହିତି ଅନ୍ୟସମସ୍ତ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ଏକ ଭବ୍ୟ ଉତ୍ସବର ଆୟୋଜନ କରିଥିଲେ। ଏହି ଉତ୍ସବରେ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରହଲ୍ଲାଦ ଜେନା ସଭାପତିତ୍ୱ କରିଥିଲା ବେଳେ ମୁଖ୍ୟ ଅତିଥି ଭାବେ ସୁରେନ୍ଦ୍ର କୁମାର ଶତପଥୀ, ସମ୍ମାନୀତ ଅତିଥିଭାବେ ବିଷ୍ଣୁପ୍ରସାଦ ରଥ, ପ୍ରବୀର କୁମାର ଜେନା, ଯଚିନ୍ଦ୍ର ସିଂ, ଅଡ୍‌ମିସନ ଇନ୍‌ଚାର୍ଜ ବିଶ୍ୱନାଥ ସେଠୀ , ପରୀକ୍ଷା ପ୍ରମୁଖ ମନୋଜ କୁମାର ପଣ୍ଡା, ଅଧ୍ୟାପକ ସଂଜୟ କୁମାର ଜେନା, ସତ୍ୟବ୍ରତ ରଥ, ଯୋଗଦେଇ ଛାତ୍ରଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ ଅତିଥିମାନେ କୃତୀଛାତ୍ରଛାତ୍ରୀମାନଙ୍କୁ ଉତ୍ତରିୟ ,ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଓଡ଼ିଆ ଭାଷାସାହିତ୍ୟର ଅଧ୍ୟାପକ ବିପଦଭଞ୍ଜନ ନାୟକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲା ବେଳେ ଶିକ୍ଷା ବିଭାଗର ଅଧ୍ୟାପକ ଅଭୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦୁର୍ଗାଚରଣ ନାୟକ ମେମୋରିଆଲ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ସମସ୍ତ ଅଧ୍ୟାପକ/ଅଧ୍ୟାପକ ଓ କର୍ମଚାରୀଗଣ ଉପସ୍ଥିତ ରହିଥିଲେ।

## ସଡକ ଦୁର୍ଘଟଣାରେ ଟ୍ୟାଙ୍କର ଡ୍ରାଇଭର ମୃତ

ଧର୍ମଶାଳା, (ସବ୍ୟୁ) : ଧର୍ମଶାଳା ଥାନା ୧୬ ନଂ ଜାତୀୟ ରାଜପଥ ଜାରକା ବସଷ୍ଟପ ନିକଟରେ ଗତକାଲି ବିଳମ୍ବିତ ରାତିରେ ଏକ ସଡକ ଦୁର୍ଘଟଣାରେ ତେଲ ଟ୍ୟାଙ୍କର ଚାଳକଙ୍କ ମୃତ୍ୟୁ ଘଟିଛି । ମୃକ ଟ୍ୟାଙ୍କର ଚାଳକ ଜଣକ କଟକ ଜିଲ୍ଲା ଭଦ୍ରେଶ୍ୱର ଥାନା ଗୋର୍ତଙ୍ଗ ଅଂଚଳର ବଳରାମ ଜେନାଙ୍କ ପୁଅ ଅମୀୟ କୁମାର ଜେନା (୪୩) ବୋଲି ଜଣାପଡିଛି । ଗତକାଲି ରାତି ପ୍ରାୟ ୧୧ ଟା ସମୟରେ ଓଆର ୦୫ଏଏଲ- ୯୭୪୯ ତେଲ ଟ୍ୟାଙ୍କରଟି ପାଣି କୋଇଲି ଅଭିମୁଖେ ଯାଉଥିବା ବେଳେ ୧୬ ନଂ ଜାତୀୟ ରାଜପଥ କଲିକତା ଯାଉଥିବା ବସ ଜାରକା ବସ ଷ୍ଟପରେ ଛିଡା ହୋଇଥିବା ଭରଖର ଟ୍ୟାଙ୍କରଟି ପଛପଟୁ ଧକ୍କା ଦେଇଥିଲା । ଧକ୍କା ହେବା ଫଳରେ ଟ୍ୟାଙ୍କର ଡ୍ରାଇଭର ଗୁରୁତର ଆହତ ହୋଇଥିଲେ । ତେବେ ବସଟି ଘଟଣାସ୍ଥଳରୁ ଫୋରାର ହୋଇଯାଇଥିଲା । ଖବର ପାଇ ଧର୍ମଶାଳା ପୁଲିସ ଆହତ ଡ୍ରାଇଭରକୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରିଥିଲା । ତେବେ ସେଠାରେ ତାର ଚିକିତ୍ସା ଚାଲିଥିବା ବେଳେ ଡ୍ରାଭରର ମୃତ୍ୟୁ ହୋଇଥିବା ଡାକ୍ତର ସୂଚନା ଦେଇଛନ୍ତି । ଏନେଇ ଧର୍ମଶାଳା ପୁଲିସ ଏକ ମାମଲା ରୁଜୁ କରି ମୃତଦେହକୁ ବ୍ୟବଛେଦ ଲାଗି ପଠାବା ସହ ଦୁର୍ଘଟଣାଗ୍ରସ୍ତ ଟ୍ୟାଙ୍କର ଗାଡିକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି । ଅନ୍ୟପଟେ ଡ୍ରାଇଭରର ମୃତ୍ୟୁ ନେଇ ସାଧାରଣରେ ଅନେକ କଥା ଆଲୋଚନା ହେଉଛି । ଗୁରୁତର ଡ୍ରାଇଭରକୁ ଯଥା ଶିଘ୍ର କଟକ ମେଡିକାଲକୁ ନପଠାଯିବାରୁ ତାର ମୃତ୍ୟୁ ହୋଇଥିବା ଶୁଣାଯାଉଛି । ଏହି ଅଭିଯୋଗକୁ କିନ୍ତୁ ଯାଜପୁର ସିଡିଏମଓ ପ୍ରକାଶ ଚନ୍ଦ୍ର ବଳ ଖଣ୍ଡନ କରିଛନ୍ତି ।

# ବ୍ଲକସ୍ତରୀୟ ପାରମ୍ପାରିକ ଖାଦ୍ୟ ପ୍ରତିଯୋଗିତା

ରଘୁନାଥପୁର,(ସବ୍ୟୁ) : ଓଡ଼ିଶା ସରକାର ମିଶନ ଶକ୍ତି ବିଭାଗ ଦ୍ୱାରା ଆୟୋଜିତ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ପରିପ୍ରେକ୍ଷୀରେ ଆଜି ରଘୁନାଥପୁର ବ୍ଲକ ପୁରଣ ଓଡ଼ପଡ଼ାସ୍ଥିତ ପ୍ରମିଳା ମଣ୍ଡପରେ ଆୟୋଜିତ ପ୍ରତିଯୋଗୀତାରେ ୧୮ଟି ମହିଳା ଗ୍ରୁପର ୫୪ଜଣ ସଦସ୍ୟା ଅଂଶ ଗ୍ରହଣ କରିଥିଲେ । ସମସ୍ତ ପ୍ରତିଯୋଗୀମାନଙ୍କ ମଧ୍ୟରେ ପାରମ୍ପରିକ ଖାଦ୍ୟ ଭିତରେ ପିଠା, ମିଠା , ପୁରି ଓ ବିଭିନ୍ନ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରିବା ନେଇ ପ୍ରତିଯୋଗିତା ହୋଇଥିଲା । ରଘୁନାଥପୁର ମିଶନ ଶକ୍ତି ବିପିସି ଶଶାଙ୍କ ଶେଖର ସ୍ୱାଇଁ,ଓଏଲଏମ ବିଭାଗ ବିପିଏମ ଲିପିକା ଷଡଙ୍ଗୀ,କ୍ୟାସିୟର ଭବେଶ ବେହେରା, ବିଏଲସି ମୀନାରାଣୀ ଦାସ, ବିଶ୍ୱଜିତା ଦାଶ, ଶ୍ରୀନାଥ ଦାସ,ବିପିଏ ସିବୁଲି ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ବିଚାରକ ଭାବେ ରଘୁନାଥପୁର ବିଡିଓ ବିରେଞ୍ଚି ନାରାୟଣ ବେହେରା,ସିଡିପିଓ ତୃପ୍ତିଲତା ମହାନ୍ତି, ଅତିରିକ୍ତ ତହସିଲଦାର ତପନ କୁମାର ପରିଡା ଓ ଏବିଡିଓ ସ୍ମାରକ ରଂଜନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଣି ବିଷ୍ଣୁପ୍ରିୟା ସେଠୀ, ଡିପିସି ମୋନାଲିସା ଭଞ୍ଜ ଯୋଗ ଦେଇଥିଲେ । ଏହି ପ୍ରତିଯୋଗିତାରେ ତାରାପୁର ଗୋପିନାଥ ଏସଏଚଜି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସାଦେଇପୁର ଅଭିରାମ ଏସଏଚଜି ଦ୍ୱିତିୟ ସ୍ଥାନ ଅଧିକାର କରିଥିଲା । ବ୍ଲକ ପ୍ରଶାସନ ପକ୍ଷରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ଗ୍ରୁପର ସଦସ୍ୟା ଆଲେସ୍କା ଆଞ୍ଜୋଲିନା, ରାଜଲକ୍ଷ୍ମୀ ସିଂହ, କଳ୍ପନା ସିଂହଙ୍କୁ ପୁରସ୍କାର ରାଶି ୫ହଜାର ଟଙ୍କା ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଗ୍ରୁପ ସଦସ୍ୟା ଲକ୍ଷ୍ମୀପ୍ରିୟା ସ୍ୱାଇଁ, ରୁବୀ ପ୍ରଧାନ, ସୁଷମା ପ୍ରଧାନଙ୍କୁ ୪ହଜାର ଟଙ୍କାର ଚେକ୍ ପ୍ରଦାନ କରା ଯାଇଥିଲା । ଏଥି ସହିତ ସମସ୍ତ ପ୍ରତିଯୋଗୀମାନଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରମାଣପତ୍ର ପ୍ରଦାନ କରା ଯାଇଥିଲା ।

## ୨ବାଲି ବୋଝେଇ ହାଇୱା ଜବତ

ପାଣିକୋଇଲି,(ସବ୍ୟୁ) : ପାଣିକୋଇଲି ଥାନା ଅଂଚଳ ଦିବାରାତ୍ରୀ ଚୋରା ବାଲି ଚାଲାଣ ବୃଦ୍ଧି ପାଇବାରେ ଲାଗିଛି । ଗ୍ରାମଂଚଳ ଠାରୁ ରାଜପଥ ଓ ନଦୀବନ୍ଧରେ ପ୍ରତ୍ୟେକ ରାସ୍ତାରେ ବେନିୟମ ଭାବେ ଭାରିଯାନରେ ବାଲି ଚାଲାଣ କରାଯାଉଛି। କେତେବେଳେ କେମିତି ଖଣି ବିଭାଗ ଓ ପୁଲିସ ଗାଡି ଧରି ତାର କାମ ସାରୁଛି । ସମୁଦ୍ରକୁ ଶଙ୍ଖେ ଭଳି ବାଲି ଗାଡି ଧରୁଛି ଖଣି ବିଭାଗ । ମଂଗଳବାର ମଧ୍ୟାହ୍ନ ସମୟରେ ଖଣି ବିଭାଗ ପକ୍ଷରୁ ପାଣିକୋଇଲି ଥାନା ଅନ୍ତର୍ଗତ ମୂଳାପାଳ ବରୁଣ୍ଡାଇ ରାସ୍ତାର ବୈତରଣୀ ନଦୀ ବନ୍ଧରେ ଚଢାଉ କରାଯାଇ ଦୁଇଟି ବାଲି ହାଇୱାକୁ (ଓଡି୨୨ୱାଇ ୦୯୩୭, ଓଡି୦୯କେ ୦୬୦୩) ଖଣିବିଭାଗ ଧରିବାରେ ସକ୍ଷମ ହୋଇଛି । ଚଢାଉ ସମୟରେ ବାଲିର କୌଣସି ଟିପି ନଥିବାରୁ ବେଆଇନ ଚାଲାଣ ହେଉଥିବା ଜଣାପଡିଥିଲା । ଜୁନିଅର ଖଣି ଅଧିକାରୀ ଦିପ୍ତା ସୁନ୍ଦର ସେଠୀ ଓ ପୁଲିସ ପ୍ରମୁଖ ଏହି ଚଢାଉରେ ସାମିଲ ଥିଲେ ।

# କୁସ୍ତିରା -ଗଡମଧୁପୁର ରାସ୍ତା ପାର୍ଶ୍ୱରେ ଗଦା ହୋଇଛି ଶତାଧିକ ଟ୍ରିପ ଚୋରା କଳାପଥର

ଚଣ୍ଡିଖୋଲ/ଚଡେଇଧରା, (ସବ୍ୟୁ) ଯାଜପୁର ଜିଲ୍ଲାର ଧର୍ମଶାଳା ତହସିଲ ଏବେ ପୁନର୍ବାର କଳାପଥର ଚୋରିର ହବ ପାଲଟିଛି । ପୂର୍ବରୁ ଏହି ଅଞ୍ଚଳରେ ଶହଶହ କୋଟି ଟଙ୍କାର ପଥର ଚୋରି ଓ ସରକାରୀ ରାଜସ୍ୱ ଆତ୍ମସାତ ନେଇ ରାଜ୍ୟରେ ମୁଖ୍ୟ ପ୍ରସଙ୍ଗ ପାଲଟିଥିଲା । ଏପୁଣି ପୂର୍ବର ପୁନରାବୃତ୍ତି ପାଇଁ ମାଫିଆମାନେ ପ୍ରୟାସ ଆରମ୍ଭ କରିଛନ୍ତି । ଗତ କିଛିଦିନ ହେବ ଧର୍ମଶାଳା ତହସିଲ ଓ ଜେନାପୁର ଥାନା ଅନ୍ତର୍ଗତ କୁସ୍ତିରା-ଗଡମଧୁପୁର ରାସ୍ତା ପାର୍ଶ୍ୱରେ ପୁରୁଣା ରେଲଲାଇନ କଡରେ ଶହଶହ ଟ୍ରିପ ଚୋରା କଳାପଥର ମହଯୁଦ ରଖାଯାଇଥିବା ବେଳେ ତାହା କାହାର ଓ କାହିଁକି ଏଠାରେ ତାକୁ ରଖାଯାଇଛି କେହିତାର ଖୋଳତାଡ କରୁନାହାନ୍ତ । ଗଦା ହୋଇଥିବା ବଡବଡ ପଥର ଖଣ୍ଡକୁ ଛୋଟ କରିବା ପାଇଁ ଏକ ବ୍ରେକର ଓ ଲୋଡର ମେସିନ ମଧ ସେଠାରେ ରହିଛ । ପ୍ରତେକ ରାତିରେ ଏହି ବ୍ରେକର ମେସିନ ସାହାଯ୍ୟରେ ବଡ ପଥର ଖଣ୍ଡକୁ ଛୋଟ କରାଯାଇ ଟ୍ରକ ଓ ଟ୍ରାକ୍ଟର ଯୋଗେ ଚାଲାଣ କରାଯାଉଥିବା ସୂଚନା ମିଳିଛି । ତେବେ ଏହି ବେଆଇନ କାରବାର କିଏ କରୁଛି ଓ ସେହି ଲକ୍ଷଲକ୍ଷ ଟଙ୍କା ମୂଲ୍ୟର ପଥର କେଉଁଠି ବିନିଯୋଗ ହେଉଛି ତାହା ସ୍ଥାନୀୟ ପୋଲିସ ଓ



ବିଭାଗୀୟ ଅଧିକାରୀଙ୍କ ପାଖରେ ନାହିଁ । ଉକ୍ତ ସ୍ଥାନରେ କଳାପଥର ଗଚ୍ଛିତ ପାଇଁ କାହାରିକୁ ଅନୁମତି ଦିଆଯାଇ ନଥିବା ଖଣି ବିଭାଗ ପକ୍ଷରୁ କୁହାଯାଇଛି । ହେଲେ ଅତି ସନ୍ତର୍ପଣରେ ସ୍ୱଷ୍ଟ ଦିବାଲୋକରେ ଏପରି ବେଆଇନ କାର୍ଯ୍ୟ କିଏ କରୁଛି ତାହା ସାଧାରଣରେ ପ୍ରଶ୍ନବାଚୀ ହୋଇଛ । ଇତିମଧରେ ହଜାରେରୁ ଉର୍ଦ୍ଧ୍ୱ ଟ୍ରିପ ଚୋରା କଳାପଥର ଏଠାରେ ମହଯୁଦ ରଖାଯାଇ ପର୍ଯ୍ୟାୟ କ୍ରମେ ତାହାକୁ ବ୍ରେକିଙ୍ଗପରେ ଟ୍ରକ ଓ ଟ୍ରାକ୍ଟରରେ ଅନ୍ୟତ୍ର ବୁହାହେଉଥିବା ଅନୁସନ୍ଧାନରୁ ଜଣାପଡିଛି । ଯେଉଁଥି ପାଇଁ ସରକାର ବ୍ୟାପକ ରାଜସ୍ୱ ହରାଉଥିବା ଜଣାପଡିଛି । ତେବେ ସବୁ ଜାଣି ସବୁ ଦେଖି ସ୍ଥାନୀୟ ପ୍ରଶାସନ ଓ ପୋଲିସ ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଛି! ବିସ୍ଫୋରଣ କରି ଯିଏ ଯେଉଁଠୁ ପାରିଲା ସେଠୁ କଳାପଥର ଲୁଟି ଚାଲୁଛନ୍ତ । ଖଣିଲିଜ ଓ ଲିଜଧାରୀଙ୍କୁ ଟିପି ପ୍ରଦାନ କେବଳ ପ୍ରହସନ ହୋଇଛି । ସନ୍ଧ୍ୟା ହେଲେ ଶକ୍ତିଶାଳୀ ପଥର ବିସ୍ଫୋରଣରେ ଚଡେଇଧରା,ଡଙ୍କାରୀ ବରଡା,ରାହାଡପୁର ଅଞ୍ଚଳ ଥରୁଛି । ଲିଜକୁ ଆଳକରି ସମଗ୍ର ଅଞ୍ଚଳରୁ ମାଫିଆମାନେ ଅନ୍ୟାୟାସରେ ଦୈନିକ ହଜାର ହଜାର ଟ୍ରିପ ପଥର ଲୁଟୁଛନ୍ତି । ଯାହାର କିଛି ହିସାବ କାହା ପାଖରେ ନାହିଁ । ରାତିହେଲେ ବଡବଡ ପଥରଖଣ୍ଡ ଶତାଧିକ ଟ୍ରକରେ ଲୋଡହୋଇ ବିନା ଟିପିରେ ବାହାରକୁ ଚାଲାଣ ହେଉଛ । କେଉଁ ଖଣିରୁ କେଉଁ କ୍ରସରକୁ ଦୈନିକ କେତେ ଟ୍ରକ କଳାଫଥର କଞ୍ଚାମାଲ ଭାବେ ଯୋଗାଣ ହେଲା ଆଉ ସେ ବାବଦରେ କେତେ ଟିପି ପ୍ରଦାନ କରାଗଲା ତାହାର ମଧ ସଠିକ ହିସବ କେହି କାହାକୁ ଦେଉନାହାନ୍ତି । ଏହି ଅଞ୍ଚଳର ଖଣି ଗୁଡିକରୁ ଦୈନିକ ହଜାର ହଜାର ଟ୍ରିପ କଳାପଥର ସ୍ଥାନୀୟ କ୍ରସର ସମେତ ବାହାରକୁ କଞ୍ଚାମାଲ ଭାବେ ଚାଲାଣ ହେଉଥିଲେବି ାସ୍ତବରେ ତାର ହଜାରେ ଗୁଣରୁ କମ ସଂଖ୍ୟାରେ ଓ ଅତି ନଗଣ୍ୟ ଭାବେ ଟିପି ଇସୁ କରିଯାଇ ଦୈନିକ ଲକ୍ଷଲକ୍ଷ ଟଙ୍କାର ରାଜସ୍ୱ ଆତ୍ମସାତ କରାଯାଉଥିବା ଅଭିଯୋଗ ହୋଇଛି । ଏହି ବେଆଇନ କାରବାର ନେଇ ସ୍ୱତନ୍ତ୍ର ଅନୁସଂଧାନ ଓ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହୋଇଛି ।

## ଗୋଦାବରୀଶ ମିଶ୍ର ଆଦର୍ଶ ସ୍କୁଲରେ ଅନ୍ତର୍ଭୁକ୍ତ ହେବ ୧୧ପ୍ରାଥମିକ ସ୍କୁଲ

ମହାକାଳପଡ଼ା,(ସବ୍ୟୁ) :ବର୍ତ୍ତମାନର ସରକାର ପ୍ରାଥମିକ ଶିକ୍ଷା ର ବିକାଶ ନେଇ ଚିନ୍ତା ପ୍ରକଟ କରିଛନ୍ତି । ପ୍ରଥମେ ଶିକ୍ଷାୟତନର ଭିତ୍ତିଭୂମି ବିକାଶ ଲକ୍ଷ୍ୟରେ ପ୍ରତ୍ୟେକ ପଂଚାୟତରେ ଗୋଟିଏ ପ୍ରମୁଖ ପ୍ରାଥମିକ ବିଦ୍ୟାଳୟକୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟରେ ଅନ୍ତର୍ଭୁକ୍ତ କରୁଛନ୍ତି । ପ୍ରଥମ ପର୍ଯ୍ୟାୟ ରେ ମହାକାଳପଡ଼ା ବ୍ଲକ ଅଧୀନ ସୁନୀତି ପଂଚାୟତସ୍ଥ କଣ୍ଟିଲୋ ୟୁଜିୟୁପି ସ୍କୁଲକୁ ଅନ୍ତର୍ଭୁକ୍ତ ପାଇଁ ପ୍ରସ୍ତାବ ଦିଆଯାଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ଉତ୍ତର ବରକୋଳି ଖୋଲା ୟୁଜିୟୁପି,ବତୀଘର, ଶିବଶକ୍ତି ୟୁପିଏସ, ବିଜୟ ନଗର, ଜୟଦେବ ୟୁପିଏସ ଯଦୁପୁର, ବୁଦ୍ଧେଶ୍ୱରୀ ନୋଡାଲ ୟୁପିଏସ,ବଳିପାଳ, କଂସାର ବଡ଼ଦାଣ୍ଡୁଆ ୟୁପିଏସ,କଂସାର ବଡ଼ଦାଣ୍ଡୁଆ, ଜାଗୁଳାଇ ନୋଡାଲ ୟୁପିଏସ,ବାରଡାଙ୍ଗ ,ପେଟଛେଲ । ୟୁଜିୟୁପିଏସ,ପେଟଛେଲ ।,କରମକୁଳ ୟୁପିଏସ,ବଡକୁଳ,ବରଜବାହାକୁଦ ନୋଡାଲ ୟୁପିଏସ,ରାମନଗର ଓ ତିଖୀରୀ ନୋଡାଲ ୟୁପିଏସ, ତିଖିରି ପଂଚାୟତ ର ପ୍ରମୁଖ ପ୍ରାଥମିକ ବିଦ୍ୟାଳୟ ଗୁଡିକୁ ଅନ୍ତର୍ଭୁକ୍ତ ନେଇ ପ୍ରସ୍ତାବିତ ହୋଇଥିବାର ଜଣାପଡିଛି । ବାକି ୨୦ପଂଚାୟତ ଗୁଡିକର ପ୍ରମୁଖ ପ୍ରାଥମିକ ବିଦ୍ୟାଳୟ ଗୁଡିକ ପରବର୍ତ୍ତୀ ସମୟରେ ପର୍ଯ୍ୟାୟ କ୍ରମେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ରେ ଅନ୍ତର୍ଭୁକ୍ତ ହୋଇ ଶିକ୍ଷାୟତନ ର ନବକଳେବର ହେବ ବୋଲି ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଜଣାପଡିଛି ।

# କଂଗ୍ରେସର ସମ୍ବିଧାନ ବଞ୍ଚାଅ ସମାବେଶ

କେନ୍ଦ୍ରାପଡ଼ା, (ସ୍ୱପ୍ର ): କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀ ସ୍ତରରେ ସମ୍ବିଧାନ ବଞ୍ଚାଅ ସମାବେଶ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ତିନିମୁହାଣି ଛକରେ ଥିବା ଗାନ୍ଧୀ ସ୍ମାରକୀ ପୀଠରେ ଦଳୀୟ ନେତା ଓ କର୍ମୀ ଏକାଠି ହୋଇ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀର ବିଧାୟିକା ପ୍ରାର୍ଥୀ ଡ଼. ସିପ୍ରା ମଲ୍ଲିକଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ ସଙ୍ଗଠକ ,କର୍ମୀ ପଦଯାତ୍ରାରେ ବାହାରି କଂଗ୍ରେସ ଭବନ ଅଭିମୁଖେ ଯାତ୍ରା କରିଥିଲେ । ସେଠାରେ ପ୍ରଦେଶ କଂଗ୍ରେସ କମିଟିର କେନ୍ଦ୍ରାପଡ଼ା ଦାୟିତ୍ୱରେ ଥିବା ପର୍ଯ୍ୟବେକ୍ଷକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ବରିଷ୍ଠ କଂଗ୍ରେସନେତା ଫକୀର ଚରଣ ଖଟୁଆ, ପିସିସି ସମ୍ପାଦିକା ସସ୍ମିତା ପଣ୍ଡା, ଯୁବ କଂଗ୍ରେସ ନେତା ଉମେଶ ପାଢ଼ୀ, ଛାତ୍ର କଂଗ୍ରେସ ଜିଲ୍ଲା ସଭାପତି ଦିବ୍ୟ ସ୍ୱରୂପ ରାଉତ, ସସ୍ମିତା ପଣ୍ଡା, ରଶ୍ମି ରଞ୍ଜନ ଚୌଧୁରୀ, ସସ୍ମିତା ପଣ୍ଡା, ହରିଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଆୟୋଜିତ ସମାବେଶରେ ସଭାପତିତ୍ୱ କରିଥିଲେ ନିର୍ବାଚନର ସଂଯୋଜକ ପ୍ରଫୁଲ୍ଲ କୁମାର ଦାସ।

# ବାଲିପାଟଣାରେ ବିକଶିତ କୃଷି ସମ୍ପର୍କ ଅଭିଯାନ



ବାଲିପାଟଣା, (ସବ୍ୟୁ) :ସାରା ରାଜ୍ୟରେ କୃଷର ଉନ୍ନତି ପାଇଁ ବିକଶିତ କୃଷି ସଂପର୍କ ଅଭିଯାନ ଆରମ୍ଭ ହୋଇଥିବା ବେଳେ ଆଜି ଅପରାହ୍ଣ ବାଲିପାଟଣା ରେ ରେ ଅନୁଷ୍ଠିତ ହୋଇଯାଇଛି । ଉନ୍ନତ ପ୍ରଣାଳୀରେ ଚାଷ କରି କୃଷକ ସଶକ୍ତ ହେଲେ ରାଷ୍ଟ୍ର ସମୃଦ୍ଧ ହେବ ବୋଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ବିକଶିତ କୃଷି ସଂକଳ୍ପ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦାନ କରି କହିଛନ୍ତି । ସୋମବାର ଦିନ ନରିସ ଗ୍ରାମପଞ୍ଚାୟତ ଅଧୀନ ଶ୍ରୀରାମପୁର ଗ୍ରାମ ଠାରେ ଆତ୍ମା ସଭାପତି ଶରତ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦାନ କରି ରାଜ୍ୟ ବିଜେପି ସମ୍ପାଦକ ସାରଦା ପ୍ରସନ ଶତପଥୀ କହିଲେ କୃଷକର ଆର୍ଥିକ ସ୍ଥିତି ସୁଦୃଢ ପାଇଁ କେନ୍ଦ୍ର ସରକାର ବିଭିନ୍ନ ଯୋଜନା କରିଛନ୍ତି । ତାର ସୁଫଳ ଚାଷୀଙ୍କ ନିକଟରେ ପହଞ୍ଚାଇବାକୁ ଉପସ୍ଥିତ ସରକାରୀ ଅଧିକାରୀମାନଙ୍କୁ କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ମନୋରଞ୍ଜନ ସାହୁ, ବାଲିପାଟଣା ତହସିଲଦାର କଳ୍ପନା ଦାସ, ମୁଖ୍ୟ କୃଷି ଅଧିକାରୀ ରବିନାରାୟଣ ସେନାପତି ଅତିଥିଭାବେ ଯୋଗଦାନ କରିଥିଲେ । ବ୍ଲକ କୃଷି ଅଧିକାରୀ ସୁବାସ ବାରିକ ପରିଚାଳନା କରିଥିଲେ । ଏହି ଅବସରରେ ଦଶଜଣ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା ।

## ବ୍ୟବସାୟରେ ପାର୍ଟନର୍ ମାନସିକ ଚାପ ପକାଇବାରୁ ଆତ୍ମହତ୍ୟା କଲେ ଯୁବକ

# ଅଭିଯୁକ୍ତକୁ ଗିରଫ ଦାବିରେ ରାସ୍ତାରେ ଶବ ରଖି ଧାରଣା

ବାଙ୍କୀ, (ସବ୍ୟୁ) : ଡାକ୍ତରଖାନା ବ୍ୟବସାୟରେ ପାର୍ଟନରଙ୍କ ମାନସିକ ଚାପରେ ସିମିଳିପୁର ଗ୍ରାମର ଯୁବକଙ୍କ ଆତ୍ମହତ୍ୟା । ଚାପ ପକାଇଥିବା ପାର୍ଟନରକୁ ଗିରଫ ଦାବିରେ ରାସ୍ତାରୋକ୍ କରିଛନ୍ତି । ଗ୍ରାମବାସୀ ଅଭିଯୋଗ ଅନୁସାରେ

କଟକ ଅରୁଣୋଦୟ ମାର୍କେଟରେ ବିଶ୍ୱଜିତ ପ୍ରଧାନ ନାମକ ବ୍ୟକ୍ତି ସହିତ ସିମିଳିପୁର ଗ୍ରାମର କିଶୋର ଅମୃତ ସୁବୁଦ୍ଧି ନାମକ ଯୁବକ ମିଶି ଦୁଇ ଜଣ ପାର୍ଟନରରେ ଏକ ଘରୋଇ ଡାକ୍ତରଖାନା ଦୀର୍ଘ ପାଞ୍ଚ ବର୍ଷ ଧରି ଚଳାଉ ଥିଲେ । ମାତ୍ର ପାର୍ଟନର୍ ଥିବା ବାଙ୍କୀ ସିମିଳିପୁର ଗ୍ରାମର କିଶୋର ଅମୃତ ସୁବୁଦ୍ଧି ନାମକ ଯୁବକଙ୍କୁ ସବୁ ବେଳେ ମାନସିକ ଚାପ ପକାଇବା ସହିତ ଆର୍ଥିକ



ସହଯୋଗ ମଧ୍ୟ କରୁ ନ ଥିଲେ ।ପାର୍ଟନର୍‌ଙ୍କ ମାତ୍ରାଧିକ ଚାପ ଗ୍ରସ୍ତ ହୋଇ ନିଜ ଘରେ କିଶୋର ଏକ ହାତଲେଖା ସୁଇସାଇଡ ନୋଟ ଲେଖି ଆତ୍ମ ହତ୍ୟା କରିଛନ୍ତି । ଆତ୍ମହତ୍ୟାର କାରଣ ଏକ ସୁଇସାଇଡ ନୋଟରୁ ଜଣାପଡିଛି । ତେଣୁ ଯେଉଁପାର୍ଟନରଙ୍କ ଯୋଗୁ ଆତ୍ମହତ୍ୟା କଲେ ସେହି ଅଭିଯୁକ୍ତକୁ ଗିରଫ କରିବା ଦାବିରେ ବାଙ୍କୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ କୌଣସି ପଦକ୍ଷେପ ନ ନେବାରୁ ବାଧ ହୋଇ ବାଙ୍କୀ – କଟକ ରାସ୍ତାର ସିମିଳିପୁର ଛକ ଠାରେ ରାସ୍ତା ଉପରେ ଶବ ରଖି ଧାରଣା ଦେଇଛନ୍ତି ଗ୍ରାମବାସୀ । ଦୁଇ ପଟେ ଶହ ଶହ ଗାଡି ଅଟକି ରହିଛି । ଘଟଣା ସ୍ଥଳରେ ବାଙ୍କୀ ଆଇ, ଆଇ, ସି, ଦିଲ୍ଲୀପ କୁମାର ମର୍ଦ୍ଦରାଜ ଭୂୟାଁ, ବାଙ୍କୀ ତହସିଲଦାର ଅଶେଷ କୁମାର୍ ନାୟକ୍ ପହଞ୍ଚି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ପ୍ରତିଶୃତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି । ଜାହାଙ୍କ ଯୋଗୁଁ କିଶୋର ଙ୍କ ମୃତ୍ୟୁ ଘଟିଛି ସେହି ବିଶ୍ୱଜିତ ପ୍ରଧାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ମୃତକଙ୍କ ପତ୍ନୀ ଦାବି କରିଛନ୍ତି ।

# ମରଣାନ୍ତକ ଆକ୍ରମଣରେ ଜଣେ ଗୁରୁତର, ଥାନାରେ ମାମଲା

ଖଣ୍ଡପଡ଼ା, (ସବ୍ୟୁ) : ଖଣ୍ଡପଡ଼ା ବ୍ଲକ ଅଧିନ କୋସ୍କା ପଞ୍ଚାୟତର ଅଁଳାପଟା ଗ୍ରାମର ରାଜା ନାଏକକୁ ସେହି ଗ୍ରାମର ବୁଲୁ ମୁଦୁଲି ପୂର୍ବ ଶତୃତାକୁ କେନ୍ଦ୍ର କରି ଏକ ଠେଙ୍ଗା ଓ ଟାଙ୍ଗିଆ ସହାୟତାରେ ମରଣାନ୍ତକ ଆକ୍ରମଣ କରିଥିବା ନେଇ ଖଣ୍ଡପଡ଼ା ଥାନାରେ ଅଭିଯୋଗ ହୋଇଛିଛ ଆକ୍ରମଣରେ ଆହତ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ ନୟାଗଡ ଜିଲ୍ଲା ମୂଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ଜଣାପଡିଛି । ରାଜାର ମୁଣ୍ଡରେ ଗଭିର କ୍ଷତ ସୃଷ୍ଟି ହୋଇଥିବା ବେଳେ ଗୋଡରେ ଆଘାତ ଲାଗିଛି । ଘଟଣା ସମ୍ପର୍କରେ ରାଜାଙ୍କ ପତ୍ନୀ କୁନି ନାଏକ ଖଣ୍ଡପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡିଛି । ମରଣାନ୍ତକ ଆକ୍ରମଣ ଘଟଣା ପରେ ଆକ୍ରମଣକାରୀ ଗାଁ ଛାଡି ଅନ୍ୟତ୍ର ଫେରାର ହୋଇ ଯାଇଥିବା ଜଣାପଡିଛି । ଘଟଣାରୁ ପ୍ରକାଶ ଗ୍ରାମର ତ୍ରିନାଥ ମଣ୍ଡପରେ ରାଜା କେତେକ ବ୍ୟକ୍ତିଙ୍କ ସହ ବସି କଥାବାର୍ତ୍ତା ହେଉଥିବା ବେଳେ ହଠାତ ବୁଲୁ ସେଠାରେ ପହଞ୍ଚି ସମସ୍ତଙ୍କୁ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିବାକୁ କେନ୍ଦ୍ର କରି ପ୍ରଥମେ ବଚସା ହୋଇଥିଲା । ହଠାତ ବୁଲୁ ଆକ୍ରମଣ କରିବାରୁ ରାଜା ତଳେ ଖସିପଡି ଗୁରୁତର ଆହତ ହୋଇଥିବା ବେଳେ ଅନ୍ୟମାନେ ଭୟରେ ଘଟଣାସ୍ଥଳରୁ ଛତ୍ରଭଙ୍ଗ ଦେଇ ପଳାଇ ଯାଇଥିଲେ । ପାଟିତୁଣ୍ଡ ଶୁଣି ରାଜାଙ୍କ ପତ୍ନୀ ସେଠାରେ ପହଞ୍ଚିବା ପରେ ଆକ୍ରମଣକାରୀ ତାଙ୍କୁ ମଧ ଟଣାଓଟରା କରି ମାରଧର କରିଥିବା ନେଇ ଖଣ୍ଡପଡ଼ା ଥାନାରେ ଦାଏର ହୋଇଥିବା ଲିଖିତ ଅଭିଯୋଗପତ୍ରରୁ ଜଣାପଡିଛି । ମରଣାନ୍ତକ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଅସାମାଜିକ ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ କରିବାକୁ ଆହତଙ୍କ ପରିବାରବର୍ଗ ଓ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି । ନୟାଗଡ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଘଟଣାରେ ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହେଉଛି ।

# ଜାଗା ବାଡିକୁ ନେଇ ବିବାଦ ମା’–ପୁଅଙ୍କୁ ଆକ୍ରମଣ

ବଳଙ୍ଗା,(ସବ୍ୟୁ) :ଯାଗା ବାଡି ବିବାଦକୁ କେନ୍ଦ୍ର କରି ବଳଙ୍ଗା ଥାନା ରେସିଙ୍ଗା ଗ୍ରାମରେ ଗତକାଲି ରାତିରେ ଫାର୍ସା ଚୋଟରେ ପୁଅ ଗୁରୁତର ହୋଇଥିବା ବେଳେ ଠେଙ୍ଗା ମାଡ଼ରେ ମା’ର ହାତ ଭାଙ୍ଗି ଯାଇଛି । ସୂଚନା ମୂତାକ ରେସିଙ୍ଗା ଗ୍ରାମର ନିତ୍ୟାନନ୍ଦ ପାତ୍ରଙ୍କ ସ୍ତ୍ରୀ କବିତା ପାତ୍ର ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଘରାରି ପ୍ଲଟକୁ ନେଇ କବିତା ଓ ତାଙ୍କ ପଡୋଶୀ ନିଶାମଣି ପାତ୍ରଙ୍କ ମଧ୍ୟରେ ଦୀର୍ଘଦିନ ଧରି ବିବାଦ ଲାଗିରହିଥିବାରୁ ଭଦ୍ରଲୋକମାନଙ୍କ ମଧ୍ୟରେ ଜାଗା ଚିହ୍ନଟ ହେବାପରେ ନିଜ ନିଜ ଜାଗାରେ ରହି ଆସୁଥିବା ବେଳେ ନିଶାମଣି ତାଙ୍କ ଜାଗାରେ ଘର କରିସାରିଛନ୍ତି । କବିତା ତାଙ୍କ ଚିହ୍ନଟ ଜାଗା ଉପରେ ଘର କରିବା ପାଇଁ ନିଅ ଖୋଳୁଥିବା ସମୟରେ ନିଶାମଣି ବିରୋଧ କରିଥିଲେ । ଫଳରେ କବିତା ଏ ନେଇ ଥାନାରେ ଅଭିଯୋଗ କରି ଘରକୁ ଫେରିବା ସମୟରେ ନିଶାମଣିଙ୍କ ପୁଅ ଚନ୍ଦ୍ରଶେଖର ପାତ୍ର କବିତାଙ୍କୁ, ପୁଅ ସଞ୍ଜୟ ପାତ୍ରଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଧରିଥିବା ଫାର୍ଶାକୁ ମୁଣ୍ଡରେ ଚୋଟ ପକାଇଥିଲେ । ଫଳରେ ସଞ୍ଜୟ ପାଟି କରି ତଳେ ପଡ଼ିଯିବା ସମୟରେ କବିତା ପୁଅକୁ ରକ୍ଷା କରିବାରେ ଚନ୍ଦ୍ରଶେଖରଙ୍କ ସ୍ତ୍ରୀ ନମିତା ଓ ଭଣଜା ସହ ମିଶି କବିତାଙ୍କୁ ପାଖରେ ଥିବା ବାଲିଗଦା ଉପରକୁ ନେଇ ମାଡ଼ ମାରିବା ସହ ନମିତା ଧରିଥିବା ଏକ ଠେଙ୍ଗାରେ ପିଟି ଦେବାରୁ କବିତାଙ୍କ ଡାହାଣ ହାତ ଭାଙ୍ଗି ଯାଇଥିଲା । ଆସାମୀମାନେ ଧମକ ଚମକ ଦେଇ ଗଲାପରେ ଗ୍ରାମବାସୀମାନେ ମା ଓ ପୁଅକୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ମଙ୍ଗଳପୁର ଡ଼ାକ୍ତରଖାନାରେ ଚିକିତ୍ସା ପାଇଁ ନେଇ ଯାଇଛନ୍ତି । ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି ।

# ମା’ ଉମାଦେବୀଙ୍କ ପୀଠରେ ରଜ ମହୋତ୍ସବ ନେଇ ପ୍ରସ୍ତୁତି

ଖଣ୍ଡପଡ଼ା, (ସବ୍ୟୁ) : ସହରର ମା ଉମାଦେବୀଙ୍କ ପୀଠରେ ଚଳିତ ବର୍ଷ ରଜ ମହୋତ୍ସବ ନିମନ୍ତେ ବ୍ୟାପକ ପ୍ରସ୍ତୁତି ପର୍ବ ଚାଲିଥିବା ବେଳେ ମହୋତ୍ସବକୁ ସରସ ସୁନ୍ଦର କରିବା ପାଇଁ ରଜ ମହୋତ୍ସବ କମିଟିର କର୍ମକର୍ତ୍ତାମାନେ ପ୍ରୟାସ ଜାରି ରଖିଥିବା ଜଣାପଡିଛିଛ ୪ ଦିନ ଧରି ଆୟୋଜିତ ହେବାକୁ ଥିବା ରଜ ମହୋତ୍ସବର ବିଭିନ୍ନ ଦିନରେ ଚିତାକର୍ଷକ ସାଂସ୍କୃତିକ ଓ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଆୟୋଜନ ସହ ଏ ଅବସରରେ ରଜକୁଇନ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଜଣାପଡିଛି । ଆସନ୍ତା ୧୩ ତାରିଖରେ ମା ଉମାଦେବୀଙ୍କର ଧଣ୍ଡାମାଳ ଖଣ୍ଡପଡ଼ା ସହର ପରିକ୍ରମା କରିବା ଅବସରରେ ମହୋତ୍ସବର ବାର୍ତ୍ତା ସର୍ବସାଧାରଣଙ୍କୁ ପ୍ରଦାନ କରାଯିବାର ପରମ୍ପରା ପ୍ରଚଳିତ ହୋଇ ଆସୁଛି ବୋଲି ମହୋତ୍ସବର ଆୟୋଜକମାନେ ଜଣାଇଛନ୍ତି । ଆସନ୍ତା ୧୪ ତାରିଖରୁ ରଜ ମହୋତ୍ସବ ଆରମ୍ଭ ହୋଇ ୧୭ ତାରିଖ ରାତିରେ ଉଦଯାପିତ ହେବ ବୋଲି ମହୋତ୍ସବ କମିଟିର ସଭାପତି ତଥା ବରିଷ୍ଠ ଆଇନଜୀବୀ ଗିରିଜାଶଙ୍କର ମିଶ୍ରଙ୍କ ଠାରୁ ପ୍ରକାଶ ଛଏ ଅବସରରେ ମା ଉମାଦେବୀ ବିଭିନ୍ନ ସୁବେଶରେ ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ଦର୍ଶନ ଦେବେ ବୋଲି ମା ଉମାଦେବୀ ମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ ଜଣାଇଛନ୍ତି ।

# କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ୧୯୭୧ ବ୍ୟାଚ ବନ୍ଧୁମିଳନ

କାକଟପୁର ,(ସବ୍ୟୁ) : ପୁରୀଜିଲ୍ଲା କାକଟପୁର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ୧୯୭୧ ବ୍ୟାଚର ପ୍ରାକ୍ତନ ଛାତ୍ରଛାତ୍ରୀ ମାନଙ୍କ ପକ୍ଷରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ସ୍ୱପ୍ନେଶ୍ୱର ମହାଦେବଙ୍କ ପୀଠରେ ଏକ ବର୍ଣ୍ଣାଢ୍ୟ ପାରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି ।ସମସ୍ତ ପ୍ରାକ୍ତନ ଛାତ୍ରଛାତ୍ରୀମାନେ ଏକାଠି ହୋଇ ନିଜ ନିଜର ଛାତ୍ର ଜୀବନର ଅଭୁଲା ସ୍ମୃତିକୁ ରୋମନ୍ଥନ କରିଥିଲେ । ଏଥିସହିତ ପରସ୍ପର ପାରିବାରିକ ଜୀବନ ସମ୍ପର୍କରେ ଅବଗତ ହୋଇଥିଲେ । ଏଥିସହିତ ୧୯୭୧ ମସିହା ଡିସେମ୍ବର ୩ ତାରିଖରେ ଭାରତ–ପାକିସ୍ତାନ ମଧ୍ୟରେ ହୋଇଥିବା ଯୁଦ୍ଧ ସମୟରେ ସହିଦ ହୋଇଥିବା ଗଞ୍ଜାମ ଆସିକା ଅଞ୍ଚଳର ଓଡ଼ିଆ ପୁଅ କାଶୀନାଥ ସାହୁଙ୍କ ସମେତ ସମସ୍ତ ସହିଦମାନଙ୍କ ପାଇଁ ପ୍ରାର୍ଥନା କରିଥିଲେ । ଉକ୍ତ କାର୍ଯ୍ୟକ୍ରରେ କାକଟପୁର ମଙ୍ଗଳା ମହାବିଦ୍ୟାଳୟ ଏବଂ ଗୋପ ମହାବିଦ୍ୟାଳର ପ୍ରାକ୍ତନ ଅଧ୍ୟକ୍ଷ ଜମେଶ୍ୱର ଦୀକ୍ଷିତ, ବରିଷ୍ଠ ହୃଦରୋଗ ବିଶେଷଜ୍ଞ ପ୍ରଫେସର ଡ଼ଃ ପ୍ରଭାତ କୁମାର ଦାଶ,ବାବାଜୀ ସେନାପତି, ପ୍ରମୋଦ ସେନାପତି,ରାଜକିଶୋର ଦାଶ, କ୍ଷୀରୋଦ ଦାଶ, କାଳୀ ପ୍ରସାଦ ଦାଶ, ହୃଷିକେଶ ଦୀକ୍ଷିତ, ପ୍ରମୋଦିନ ମହାନ୍ତି, ପ୍ରଫୁଲ ଦୀକ୍ଷିତ, ସର୍ବେଶ୍ୱର ଦୀକ୍ଷିତ, ବାଲୁଙ୍କେଶ୍ୱର ମିଶ୍ର ସମେତ ୪୦ ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଏକାଠି ହୋଇଥିଲେ । ପୁରୁଣା ସ୍ମୃତିକୁ ମନେ ପକାଇବା ପାଇଁ ଏହି କାର୍ଯ୍ୟକ୍ରମ ପ୍ରତ୍ୟେକ ବର୍ଷ କରିବାକୁ ସଂକଳ୍ପ ନେବାସହିତ ଦିବଂଗତ ଛାତ୍ରଛାତ୍ରୀ ମାନଙ୍କ ପାଇଁ ସ୍ମୃତିଚାରଣ କରିଥିଲେ ।

# ସଡକ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ : ରାସ୍ତାରୋକ



କଣାସ, (ସବ୍ୟୁ) : ପୁରୀ ଜିଲ୍ଲା କଣାସ ବ୍ଲକ ଚୁପୁରିଙ୍ଗ ବୁଡା ବ୍ରିଜ ମେଗା ପାନୀୟ ଜଳ ପ୍ରକଳ୍ପ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି । ଖବରରୁ ପ୍ରକାଶ ବିନ୍ଧଣ ଗ୍ରାମର ପ୍ରତାପ ବିଶ୍ୱାଳଙ୍କ ପୁତ୍ର ତପନ ବିଶ୍ୱାଳ (୨୭) ନିରାକାରପୁରୁ ପଟୁ ଫେରୁଥିବା ବେଳେ ଚୁପୁରିଙ୍ଗ ବୁଡା ବ୍ରିଜ ମେଗା ପାନୀୟ ଜଳ ପ୍ରକଳ୍ପ ନିକଟରେ ଦୁର୍ଘଟଣା ଗ୍ରସ୍ତ ହୋଇ ମୃତ୍ୟୁବରଣ କରିଥିବା ବେଳେ କିଭଳି ମୃତ୍ୟୁ ଘଟିଲା ତାହା ଅସ୍ପଷ୍ଟ ରହିଛି । ପରିବାର ଓ ଗ୍ରାମବାସୀ ଆସି ନୂଆ ଜଗନ୍ନାଥ ସଡକକୁ ଅବରୋଧ କରିଥିଲେ । ପରିବାର ଲୋକେ ମେଗା ପାନୀୟ ଜଳ ପ୍ରକଳ୍ପ ଚାଲୁଥିବା ବେଳେ ସେଠାରେ ଥିବା ଜେସିବ ମେସିନରେ ଦୁର୍ଘଟଣା ଘଟିଥିବା ସନ୍ଦେହ ପ୍ରକଟ କରିଛନ୍ତି । ଘଟଣା ସ୍ଥଳରେ ଗଡ଼ିଶାଗୋଦା ଥାନା ଏସଆଇ ପରେଶ କୁମାର ଷଡଙ୍ଗୀ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା ବେଳେ ଲୋକମାନଙ୍କୁ ବୁଝାସୁଝା କରିଥିଲେ । ରାସ୍ତା ଅବରୋଧ ଯୋଗୁଁ ପ୍ରାୟ ଏକ ଘଣ୍ଟା କାଳ ଗାଡି ମଟର ଯାତାୟତରେ ସମସ୍ୟା ସୃଷ୍ଟି ହୋଇଥିଲା । କଣାସ ଅତିରିକ୍ତ ତହସିଲଦାର ଉପେନ୍ଦ୍ର କୁମାର ସେଠୀ ପହଞ୍ଚି ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ମୃତକ ପରିବାରକୁ ପ୍ରଧାନ କରିଥିଲେ । ପରେ ରାସ୍ତା ଅବରୋଧ ହଟିଥିଲା । ମୃତ ଶରୀରକୁ ବେବଚ୍ଛେଦ ପାଇଁ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ପୋଲିସ ପଠାଇଥିବା ଜଣାପଡିଛି

# ବିଧବାଙ୍କ ହାତଗୋଡ଼ ବାନ୍ଧି ଅଳଙ୍କାର ଓ ଟଙ୍କା ଲୁଟ

ଗୋପ, (ସବ୍ୟୁ) : ଗତକାଲି ବିଳମ୍ବିତ ରାତ୍ରିରେ ପୁରୀ ଜିଲ୍ଲା ଗୋପ ଥାନା ଅନ୍ତର୍ଗତ କୁଣ୍ଡିସ ଗ୍ରାମରେ ନିଜ ଘରେ ଏକୁଟିଆ ରହୁଥିବା ବିଧବା ମହିଳା ଝୁମୁରି ଦାସଙ୍କ ଦୁଇରୁ ତିନି ଜଣ ଦୁର୍ବୃତ୍ତ ତାଙ୍କ ହାତ ଗୋଡ଼ ବାନ୍ଧି ଘର ଆଲମୀରା ଭାଙ୍ଗି ସୁନା ଓ ରୁପା ଅଳଙ୍କାର ସହ ନଗଦ ୧୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି । ଝୁମୁରୀଙ୍କ ଦେଢଶୁର ଓ ତାଙ୍କ ପିଲାମାନେ ବାହାରେ ରହୁଥିବା ବେଳେ ଝୁମୁରୀଙ୍କ ପୁଅ ମଧ ବାହାରେ ରୁହନ୍ତି । ଘରେ ସେ ଏକୁଟିଆ ଥିବାର ସୁଯୋଗ ନେଇ ଦୁର୍ବୃତ୍ତ ମାନେ ବିଳମ୍ବିତ ରାତ୍ରିରେ ତାଙ୍କ ଘର ଗ୍ରୀଲ ଓ କବାଟ ଭାଙ୍ଗି ଘରେ ପଶିବାକୁ ଉଦ୍ୟମ କଲାବେଳେ ଝୁମୁରି ଉଠିଯାଇଥିଲେ । ଦୁଇ ଜଣ ଦୁର୍ବୃତ୍ତତାଙ୍କ ହାତ ଗୋଡ଼ ଓ ମୁହଁକୁ ବାନ୍ଧି ବନ୍ଦ ଥିବା ସମସ୍ତ ଗୃହ ତାଲା ଓ ଆଲମାରୀ ତାଲା ଭାଙ୍ଗି ଅଳଙ୍କାର ଓ ଟଙ୍କା ନେଇ ଫେରାର ହୋଇ ଯାଇଥିଲେ । ସକାଳ ହେବା ପରେ ଗାଁ ଲୋକେ ଝୁମୁରୀଙ୍କୁ ଉଦ୍ଧାର କରିଥିଲେ । ଘଟଣା ସ୍ଥଳରେ ଗୋପ ପୁଲିସ ଓ ସାଇଣ୍ଟିଫିକ ଟିମ ପହଂଚି ତଦନ୍ତ ଆରମ୍ଭ କରିଛି । ତେବେ ଏସମ୍ପର୍କରେ ଗୋପ ଥାନ ଆଇ ଆଇ ସି ପ୍ରଶାନ୍ତ କୁମାର ପଢିହାରି କହିଛନ୍ତି ମହିଳାଙ୍କ ଅଜାଣତରେ ଲକ୍ଷାଧିକ ଟଙ୍କାର ଚୋରି ହୋଇଛି ।

# କାର୍ ପଛକୁ ପିଟିଲା କାର୍

ବାରଙ୍ଗ, (ସବ୍ୟୁ) : ବାରଙ୍ଗଥାନା ଅନ୍ତର୍ଗତ ମଧୁପୁର ଛକରେ ମଙ୍ଗଳବାର ସନ୍ଧ୍ୟା ୫ଟା ସମୟରେ କାର ପଛକୁ କାର ଧକା ଦେଇଥିଲା । ସୌଭାଗ୍ୟବଶତଃ ଉଭୟ କାର ଚାଳକ ସାମାନ୍ୟ ଆହତ ହୋଇଥିଲେ । ଦୁର୍ଘଟଣା ପରେ ଉତେଜନା ଦେଖାଦେବାରୁ ଖବର ପାଇ ପୋଲିସ ଆସିବା ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା । ପରେ ଗାଡି ଦୁଇଟିକୁ ପୋଲିସ ଥାନାକୁ ନେବାପରେ ପରିସ୍ଥିତି ଶାନ୍ତ ପଡିଥିଲା। ମଙ୍ଗଳବାର ସଂନ୍ଧ୍ୟା ୫ଟା ସମୟରେ ତ୍ରିଶୂଳିଆ ବଜାରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଓଡି ୦୫ଏପି ୫୫୧୦ କାରକୁ ପଛପଟରୁ ଆସୁଥିବା ଓଡି ୦୨ ସିବି ୧୫୬୨ କାର ଦୃତଗତିରେ ଆସି ମଧୁପୁର ଗାଁ ମୁଣ୍ଡରେ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଉଭୟ କାର କ୍ଷତିଗ୍ରସ୍ତ ହୋଇଥିବା ବେଳେ ଚାଳକ ଅଳ୍ପକେ ବର୍ତ୍ତି ଯାଇଥିଲେ। କିନ୍ତୁ ଉଭୟ କାରରେ ଥିବା ଯାତ୍ରୀ ମାନଙ୍କର କୌଣସି କ୍ଷତି ହୋଇ ନଥିବାର ଜଣାପଡୁଛି।ଖବରପାଇ ବାରଙ୍ଗଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଦୁଇଟିକୁ ଜବତ କରିବା ପରେ ଦେଖାଦେଇଥିବା ଉତେଜନା କମିଯାଇଥିଲା।

# ବୃଦ୍ଧାଶ୍ରମ ଲୋକାର୍ପିତ

ଟାଙ୍ଗୀ,(ସବ୍ୟୁ) :ଟାଙ୍ଗୀ ରତ୍ନମାଳୀ ପାଟଣା ସାହି ରେ ଏକ ନୂତନ ବୃଦ୍ଧାଶ୍ରମ ଆଜି ଲୋକାର୍ପିତ ହୋଇଥିବା ଜଣାପଡିଛି। ଏହି ବୃଦ୍ଧାଶ୍ରମ ରେ ଦୁଇଶହ ଜଣ ନିରିହା ବୃଦ୍ଧା ରହିବାର ସମସ୍ତ ବ୍ୟବସ୍ଥା କରାଯାଇଥିବା ସଂଘ ପକ୍ଷରୁ କୁହାଯାଇଛି। କଳିଙ୍ଗ ବୈଶ୍ୟ ସଂଘ( ପୁରୀ ଅଞ୍ଚଳ) ଦ୍ୱାରା ର୍ନିମାଣ କରାଯାଇଥିବା ବୃଦ୍ଧାଶ୍ରମ ର ନାମ ବାସବୀ ରଖାଯାଇଥିବା ଜଣାପଡିଛି। ଏହି ଅବସରରେ କଳିଙ୍ଗ ବୈଶ୍ୟ ସଂଘର ସଭାପତି ପ୍ରଫୁଲ୍ଲ କୁମାର ସେନାପତି,ସଂପାଦକ ମନୋଜ ପାତ୍ର,କୋଷାଧକ୍ଷ ମହେଶ୍ୱର ସେନାପତି,ସହ ସଂପାଦକ ମଧୁସୂଦନ ମହାପାତ୍ର,ରଘୁନାଥ କଳିଙ୍ଗ ବୈଶ୍ୟ ସଂଘ ସଭାପତି କିଶୋର ମହାପାତ୍ର,ଉଗ୍ରତାରା କଳିଙ୍ଗ ବୈଶ୍ୟ ସଂଘ ସଭାପତି ରବିନ୍ଦ୍ର କୁମାର ପୃଷ୍ଟି,କନ୍ଧନୟାଗଡ କଳିଙ୍ଗ ବୈଶ୍ୟ ସଂଘ ସଭାପତି ନନ୍ଦକିଶୋର ପୃଷ୍ଟି ସମେତ ସଂଘ ର ସମସ୍ତ କର୍ମକର୍ତ୍ତା ପ୍ରମୁଖ ଯୋଗଦେଇଥିଲେ। ଏହି ବୃଦ୍ଧାଶ୍ରମ କଳିଙ୍ଗ ବୈଶ୍ୟ ସଂଘ ର ସହୟତା ରେ ପରିଚାଳିତ ହେବ ବୋଲି ଜଣାପଡିଛି। ଏହି ସଂଘ ଏକ ଉତମ ପରିବେଶ ତଥା ଖାଦ୍ୟପେୟ, ରହିବା କରାଯାଇଥିବା ସମସ୍ତ ବ୍ୟବସ୍ଥା ଉଚ୍ଚକୋଟିର ଥିବା ତଥା ଏହା ଏ ଅଞ୍ଚଳ ପାଇଁ ଆବଶ୍ୟକତା ଥିଲା ବୋଲି କାର୍ଯ୍ୟକ୍ରମ ରେ ଯୋଗଦେଇଥିବା ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ସଭାପତି ବରିଷ୍ଠ ସାମ୍ବାଦିକ ପଦ୍ମନାଭ ବିଶ୍ୱାଳ,ସଂପାଦକ ମନୋଜ କୁମାର ପଟନାୟକ ମତବ୍ୟକ୍ତ କରିଛନ୍ତି।

# ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପାରିକ ଖାଦ୍ୟ ପ୍ରତିଯୋଗିତା

ଫୁଲନଖରା, (ସବ୍ୟୁ) : ବାରଂଗ ବ୍ଲକ ସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ୧୬ ଟି ଗ୍ରାମପଞ୍ଚାୟତରୁ ୧୬ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଅଂଶଗ୍ରହଣ କରିଥିଲେ । ଏଥିରେ ପାରମ୍ପରିକ ବିଭିନ୍ନ କିସମର ପିଠା,ନାନାଦି ପ୍ରକାରର ମିଠା ଜାତୀୟ ଖାଦ୍ୟ,ମାଣ୍ଡିଆ ଜାତୀୟ ଖାଦ୍ୟ,ବିଭିନ୍ନ ପ୍ରକାରର ତେଲ ଭାଜି ପ୍ରକାରର ଖାଦ୍ୟ,ଖେଚୁଡ଼ି,ବିଭିନ୍ନ କିସମର ତରକାରୀ ଓ ନାନାଦି ପ୍ରକାର ବ୍ୟଞ୍ଜନ କରାଯାଇଥିଲା । ଏହି ପ୍ରତିଯୋଗିତାରେ ବିଚାରକ ଭାବେ ବି.ଡି.ଓ ସ୍ୱାଗତ ଦାସ, ଏ.ବି.ଡି.ଓ ବିଜୟ କେତନ ଚୌଧୁରୀ ,ସି.ଡି.ପି.ଓ ସଂଯୁକ୍ତା ମହାରଣା,ବି.ପି.ସି ଗଙ୍ଗୋତ୍ରୀ ପ୍ରିୟଦର୍ଶିନୀ,ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ,ବି.ପି.ଏ.ସି.ଏ ମଧୁସ୍ମିତା ବେହେରା ପ୍ରମୁଖ ଯୋଗ ଦେଇଥିଲେ । ନଗରୀ ଗ୍ରାମପଞ୍ଚାୟତର ବଟେଶ୍ୱର ସ୍ୱୟଂ ସହାୟକ ଗୋଷ୍ଠୀ ଏଥିରେ ପ୍ରଥମ ସ୍ଥାନ ଅଧିକାର କରି ୫,୦୦୦ ଅର୍ଥରାଶି ପୁରସ୍କାର



ପାଇବା ସହ ଜିଲ୍ଲା ସ୍ତରକୁ ମନୋନୀତ ହୋଇଥିବାବେଳେ ମଧୁପୁର ଗ୍ରାମ ପଞ୍ଚାୟତର ଓମ୍ ଶିରିଡ଼ି ସାଇ ସ୍ୱୟଂ ସହାୟକ ଗୋଷ୍ଠୀ ୨ୟ ସ୍ଥାନ ଅଧିକାର କରି ୪,୦୦୦ ଅର୍ଥରାଶି ପୁରସ୍କାର ପାଇଥିଲେ । ଏହି ପ୍ରତିଯୋଗିତାରେ ୧୬ ଟି ପଞ୍ଚାୟତର ଅଂଶଗ୍ରହଣ କରିଥିବା ମୋଟ ୪୮ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମଟିକୁ ବ୍ଲକ ସ୍ତରୀୟ ମହାସଂଘର ସଭାନେତ୍ରୀ ସୁମିନା ପ୍ରଧାନ,ସମ୍ପାଦିକା ବୁଲି ଭୋଇ,ଓ.ଏଲ୍.ଏମ ଷ୍ଟାଫ୍,ସମସ୍ତ ଏମ.ବି.କେ ପରିଚାଳନା କରିଥିଲେ । ନଗରୀ ଗ୍ରାମପଞ୍ଚାୟତର ବଟେଶ୍ୱର ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ନଗରୀ ଗ୍ରାମ ପଞ୍ଚାୟତ ମହାସଂଘର ସଭାନେତ୍ରୀ ଶ୍ରୀମତୀ କାଦମ୍ବିନୀ ଦାଶ,ସମ୍ପାଦିକା ସଂଯୁକ୍ତା ମହାପାତ୍ରଙ୍କ ସମେତ ସମସ୍ତ କାର୍ଯ୍ୟକାରୀ ସଦସ୍ୟା,ଏମ.ବି.କେ ପ୍ରିୟଙ୍କା ଦାସ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିଥିଲେ।

# ଧାନକିଣା ନହେଲେ ରାଜରାସ୍ତାରେ ଆନ୍ଦୋଳନ କରିବାକୁ ଚେତାବନୀ

ପିପିଲି, (ସବ୍ୟୁ) : ପିପିଲି ବ୍ଲକ ଅନ୍ତର୍ଗତ ପ୍ରାଥମିକ ସେବା ସମବାୟ ସମିତିରୁ ଧାନମଣ୍ଡିରେ ଚାଷୀଙ୍କ ଧାନ କିଣା ନହେଲେ ରାଜରାସ୍ତାରେ ଆନ୍ଦୋଳନ ହେବ ବୋଲି ପ୍ରାଥମିକ ସେବା ସମବାୟ ସମିତିର ସଭାପତିମାନେ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ପ୍ରଶାସନକୁ ଚେତାବନୀ ଦେଇଛନ୍ତି । ଏହି ବ୍ଲକ ଅନ୍ତର୍ଗତ ପ୍ରାଥମିକ ସେବା ସମବାୟ ସମିତିର ସଭାପତି ମାନେ ତେଇସିପୁର ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନକୁ ରବି ରୁତୁ ପାଇଁ ଧାନମଣ୍ଡି ଖୋଲି ଚାଷୀଙ୍କ ଧାନ କିଣିବାକୁ ନିବେଦନ କରିଛନ୍ତି । କାରଣ ରବି ରୁତୁ ପାଇଁ ମଣ୍ଡି ରେ ଧାନ ବିକ୍ରି କରିବା ପାଇଁ ଚାଷୀଙ୍କ ପାଖକୁ ଟୋକନ ମିଳିଛି । ତାର ଅବଧୀ ଜୁନ ୧୯ ତାରିଖରେ ସରିବ । ତେବେ ମିଲରମାନେ ଅଳ୍ପ ଧାନ କିଣି ଆଉ ଧାନ କିଣିବେ ନାହିଁ ବୋଲି ଯୋଗାଣ ବିଭାଗକୁ ରୋକଠୋକ ମନା କରି ମଣ୍ଡିକୁ ଆସୁ ନଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କରେ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ତଥା ଆରୁହା ସେବା ସମବାୟ ସମିତିର ସଭାପତି ପର୍ଶୁରାମ ମହାପାତ୍ର ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ପିପିଲି ବ୍ଲକରେ ଏ ପର୍ଯ୍ୟନ୍ତ କୌଣସି ମଣ୍ଡି ଖୋଲିଲାନି । ମିଲରମାନେ ମଣ୍ଡିକୁ ଆସିଲେନି । ପିପିଲି ବ୍ଲକର ହଜାର ହଜାର ପିକରଣ ଚାଷୀ ମଣ୍ଡିରେ ଧାନ ବିକ୍ରି କରିନପାରୀ ଘୋର ଅସୁବିଧାର ରହିଛନ୍ତି । ଧାନ ମଣ୍ଡିରେ ବିକିବାକୁ ନେଇ ଚାଷୀ ଏବେ ଦ୍ୱନ୍ଦରେ ପଡିଛି । ଅନ୍ୟପଟେ ଚାଷୀର ଟୋକନ ଅବଧି ସମୟ ସରିବାକୁ ଅଳ୍ପଦିନ ବାକି ରହିଛି । ଏଭଳି ପରିସ୍ଥିତିରେ ଚାଷୀ ସେବା ସମବାୟ ସମିତି ଆଗରେ ଆନ୍ଦୋଳନ କରିବାକୁ ଏକ ପ୍ରକାର ଧମକ ଦେଇଛି । ସରକାର ତୁରନ୍ତ ଧାନମଣ୍ଡି ଖୋଲି ଚାଷୀଙ୍କ ଧାନ କିଣିବାକୁ ସେ ନିବେଦନ କରିଛନ୍ତି । ସେହିପରୀ ତେଇସିପୁର ସେବା ସମବାୟ ସଭାପତି ତଥା ଜିଲ୍ଲା ପରିଷଦ ଧରଣୀଧର ସାହୁ କହିଥିଲେ । ରାଜ୍ୟ ସରକାର ୮ଶହ ଟଙ୍କା ଇନପୁଟ ସବସିଡି ଦେଇ ଧାନର ମୁଲ୍ୟ କ୍ୱିଣ୍ଟାଲ ପିଛା ୩୧ଶହ ଟଙ୍କାରେ କିଣି ବାହାବା ନେବାକୁ ବସିଥିବା ବେଳେ ଚଳିତ ରବି ରୁତୁରେ ଧାନ ମଣ୍ଡି ବିଳମ୍ବରେ ଖୋଲି ସମୁଦ୍ରକୁ ଶଂଖେ ଟାରେଗେଟ ଦେଲେ । ଯାହା ଫଳରେ ଚାଷୀ ତାର ଧାନ ବିକ୍ରି କରିବାରେ ପୁରା ଅସୁବିଧା ଭୋଗୁଛି । ଅନ୍ୟପଟେ ମଣ୍ଡିକୁ ମିଲର ମାନେ ଆସୁ ନାହାନ୍ତି । ଚାଷୀମାନେ ସେବା ସମବାୟ ଅଧିନରେ ଧାନ ବିକ୍ରି କରିବା ପାଇଁ ପିକରଣ କରିଛନ୍ତି । ଧାନ ବିକ୍ରି କରିନପାରି ଚାଷୀମାନେ ସେବା ସମବାୟ ସମିତି ଆଗରେ ହୋହଲ୍ଲା କରୁଛନ୍ତି । ମଣ୍ଡିରେ ଧାନ ବିକ୍ରି କରିନପାରୀ ଚାଷୀ ଅଭାବ ପାଇଁ ବାହାରେ କଳା ବଜାରରେ ଧାନ କମ ଦରରେ ବିକ୍ରି କରିବେ । ସରକାର ଯଦି ୭ଦିନ ଭିତରେ ଚାଷୀଙ୍କ ଧାନ ନକିଣିଁ । ସେଥିପାଇଁ ଚାଷୀର ଯାହା ଅସୁବିଧା ହେବ ସେଥିପାଇଁ ଜିଲ୍ଲା ପ୍ରଶାସନ ଓ ସରକାର ଦାୟୀ ରହିବେ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୁର୍ବତନ ବ୍ଲକ ଅଧକ୍ଷ ତଥା ଗୋବର୍ଦ୍ଧନପୁର ସୁଲତାନନଗର ସେବା ସମବାୟ ସମିତି ସଭାପତି ଯୁଧିଷ୍ଠିର ସ୍ୱାଇଁ , ମଙ୍ଗଳପୁର ସେବା ସମବାୟ ସମିତି ସଭାପତି ମାଗୁଣି ଚରଣ ପରିଡା, ଦୃର୍ଗାଦାସପୁର ସେବା ସମବାୟ ସମିତି ସଭାପତି ବିଶ୍ୱଜିତ୍ ଦାସ ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଚାଷୀଙ୍କ ସମସ୍ୟା ତୁରନ୍ତ ସମାଧାନ କରି ଧାନ କିଣିବାକୁ ସରକାରଙ୍କୁ ନିବେଦନ କରିଛନ୍ତି । ଯଦି ୭ଦିନ ଭିତରେ ଏହି ସମସ୍ୟାର ସମାଧାନ ନହୁଏ । ହଜାର ହଜାର ଚାଷୀ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଚେତାବନି ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଆଶିଷ ବରାଳ,ଜୟନ୍ତ କୁମାର ଦାଶ ପ୍ରମୁଖ କେତେକ ଚାଷୀ ଉପସ୍ଥିତ ଥିଲେ । ସୁଚନା ଥାଉକି ମିଲର ମାନଙ୍କର ପୁର୍ବ ବର୍ଷ ଚାଉଳ ସରକାର ଉଠାଉ ନଥିବାରୁ ଧାନ ମିଲ ରେ ପଡି ରହିଛି । ଯାହା ଫଳରେ ଏଭଳି ସମସ୍ୟା ଦେଖା ଦେଇଥିବା ବିଶେଷ ସୁତ୍ରରୁ ଖବର ମିଳିଛି ।



(ଶ୍ରୀମଦ୍ଭଗବଦ୍ ଗୀତା ୧୬/୧୩)
-ଦୈବାସୁରସମ୍ପଦ୍‌ବିଭାଗ-
(ଶ୍ରୀଭଗବାନୁବାଚ)

**ଇଦମଦ୍ୟ ମୟା ଲବ୍‌ଧମିମଂ ପ୍ରାପ୍‌ସ୍ୟେ ମନୋରଥମ୍ ।**
**ଇଦମସ୍ତୀଦମପି ମେ ଭବିଷ୍ୟତି ପୁନର୍ଦ୍ଧନମ୍ ।।୧୩।।**

ମୁଁ ଆଜି ଏହି ଦ୍ରବ୍ୟ ପାଇଲି, ଏହି ବାଞ୍ଛିତ ଦ୍ରବ୍ୟ ଶୀଘ୍ର ପାଇବି, ଏହି ଧନ ମୋର ଅଛି, ଏହା ପୁଣି ବର୍ଦ୍ଧିତ ହେବ, ମୁଁ ଏହି ଶତ୍ରୁକୁ ମାରିଲି, ଅନ୍ୟ ଶତ୍ରୁମାନଙ୍କୁ ମଧ୍ୟ ପରେ ମାରିବି, ମୁଁ ସର୍ବଶକ୍ତିମାନ୍, ମୁଁ ଭୋଗୀ, ମୁଁ ସିଦ୍ଧିଲାଭ କରିଛି, ମୁଁ ବଳବାନ୍ ଓ ସୁଖୀ ଅଟେ, ମୁଁ ଧନଶାଳୀ, ମୁଁ କୁଳୀନ, ମୋ'ପରି ଆଉ କିଏ ଅଛି ? ମୁଁ ଆଉ ଯାଗାଦି ଅନୁଷ୍ଠାନ କରି ଅନ୍ୟମାନଙ୍କ ଅପେକ୍ଷା ଅଧିକ ପ୍ରତିଷ୍ଠା ଲାଭ କରିବି, (ସ୍ତାବକମାନଙ୍କୁ) ଦାନ କରିବି, ଆମୋଦ ପ୍ରମୋଦ କରିବି-ଏହିପରି ଅଜ୍ଞାନ ବିମୋହିତ ହୋଇ ସେମାନେ ବିବିଧ ଅଭିଳଷିତ ବିଷୟରେ ପ୍ରବୃତ୍ତିବଶତଃ ଉଦ୍‌ଭ୍ରାନ୍ତ ଓ ମୋହଜାଲଦ୍ୱାରା ସମ୍ପୂର୍ଣ୍ଣ ବେଷ୍ଟିତ ଏବଂ କାମଭୋଗରେ ଆସକ୍ତ ହୋଇ ମହାକ୍ଲେଶମୟ ନରକରେ ପତିତ ହୁଅନ୍ତି ।। ୧୩।।

# କେନ୍ଦ୍ର ଶାସନର ଏଗାର ବର୍ଷ

**ସମ୍ପାଦକୀୟ**

ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ରର ଏନ୍.ଡି.ଏ. ବା ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ସରକାରଙ୍କ ଏଗାର ବର୍ଷ ପୂର୍ତ୍ତି ବିଭିନ୍ନ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ । ମାତ୍ର ବିରୋଧୀ ଦଳର ଯାବତୀୟ ସମାଲୋଚନା କେନ୍ଦ୍ର ସରକାରଙ୍କ ଲୋକପ୍ରିୟତାକୁ ନିଷ୍ପ୍ରଭ କରି ପାରିନାହିଁ । ଏହା ହିଁ ବିଜେପି ନେତୃତ୍ୱରେ କେନ୍ଦ୍ର ସରକାରଙ୍କ ବୈଶିଷ୍ଟ୍ୟ । ବିଗତ କଂଗ୍ରେସ ଶାସନର ଦଶବର୍ଷକୁ ଅତିକ୍ରମ କରି ଏବର ଏନ୍.ଡି.ଏ. ସରକାର ଏଗାର ବର୍ଷରେ ପହଞ୍ଚି ପାରିଛି । ଅଥଚ ତୁଳନା କଲେ ଏଗାର ବର୍ଷ ଏନ୍.ଡି.ଏ. ଶାସନର ଲୋକପ୍ରିୟତା ଓ କାର୍ଯ୍ୟଧାରା ଯେ ଅଧିକ ଏଥିରେ ସନ୍ଦେହ ନାହିଁ । 'ସବ୍ କା ସାଥ୍, ସବ୍‌କା ବିକାଶ ଓ ସବ୍‌କା ବିଶ୍ୱାସ'କୁ ପୁଞ୍ଜି କରି କେନ୍ଦ୍ର ସରକାର ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଛନ୍ତି ।

ଜମ୍ମୁ ଓ କାଶ୍ମୀର ଆମ ଭାରତର । ପାକିସ୍ତାନକୁ ତୁଷ୍ଟିକରଣ କରାଯିବା ନୀତିରେ ସେଠାରେ ଦୁଇ ପ୍ରକାରର ଶାସନ ଚାଲୁଥିଲା । ଭାରତର ଜାତୀୟ ପତାକା ସମେତ ସେମାନଙ୍କର ଆଉ ଏକ ପତାକା ସେଠାରେ ଉଡୁଥିଲା । ବିଗତ ସରକାରଙ୍କର ଏହି ଦୋ ମୁହାଁ ନୀତିକୁ ବନ୍ଦ କରି ଭାରତର ସାର୍ବଭୌମତ୍ୱର ବୈଶିଷ୍ଟ୍ୟ ପ୍ରତିପାଦନ କଲେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି । ଦୃଢ଼ତାର ସହିତ ସେ ସଂବିଧାନର ୩୭୦ ଧାରାକୁ ଉଚ୍ଛେଦ କରି ଜମ୍ମୁ ଓ କାଶ୍ମୀରକୁ ମିଳିଥିବା ସ୍ୱତନ୍ତ୍ର ସୁବିଧାକୁ ରଦ୍ଦ କଲେ । ଏହା କମ୍ ବଡ଼ କଥା ନୁହେଁ । ନିର୍ବିବାଦରେ ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ କରିବା, ଧର୍ମାନ୍ଧ କେତେକ ମୁସଲମାନଙ୍କ ତିନି ତଲାକ୍ ନୀତିର ଉଚ୍ଛେଦ କରିବା, ନାବାଳକଙ୍କୁ ବଳାତ୍କାର ଲାଗି ଦଣ୍ଡ ବିଧାନ କରିବା, ମହିଳାମାନଙ୍କ ପାଇଁ ସଂସଦ ଓ ବିଧାନସଭା ନିର୍ବାଚନରେ ସ୍ଥାନ ସଂରକ୍ଷଣ କରିବା, ନିର୍ବାଚନକୁ ଶୃଙ୍ଖଳିତ ଓ ଅପବ୍ୟୟରୁ ଉଦ୍ଧାର କରିବାକୁ 'ଏକ ଦେଶ, ଏକ ନିର୍ବାଚନ' ଲାଗି ଆଇନ ପ୍ରଣୟନ କରିବା, ପାକିସ୍ତାନର ଆତଙ୍କବାଦକୁ 'ଅପରେସନ ସିନ୍ଦୂର' ଜରିଆରେ ଦୃଢ଼ ହସ୍ତରେ ଦମନ କରି ଉଚିତ ଶିକ୍ଷା ଦେବା, ପଡ଼ୋଶୀ ଓ ବିଦେଶୀ ରାଷ୍ଟ୍ରମାନଙ୍କ ସହ ସୁସଂପର୍କ ରଖିବା ପ୍ରଭୃତି ବିଷୟର ପ୍ରଶଂସା ଯେତେ କଲେ ବି କମ୍ ହେବ । ଭାରତକୁ ଆତ୍ମନିର୍ଭର କରିବା ମଧ୍ୟ ଏନ୍.ଡି.ଏ. ସରକାରଙ୍କର ଆଉ ଏକ ସଦ୍‌ଗୁଣ । ଏବର ସବୁଠାରୁ ଅପରିହାର୍ଯ୍ୟ ପଦାର୍ଥ ମୋବାଇଲ ଫୋନ ଠାରୁ ଆରମ୍ଭ କରି ସ୍ୱଦେଶ ନିର୍ମିତ ଖେଳନା ପ୍ରଭୃତିରେ ଭାରତ ଆତ୍ମନିର୍ଭରଶୀଳ ହୋଇ ପାରିଛି । ଏବେ ମୋବାଇଲ ଫୋନ ରପ୍ତାନୀ କରି ଗତ ବର୍ଷ ଭାରତ ୨୦ ବିଲିଅନ ଡଲାର ହାସଲ କରି ପାରିଛି । ଏପରି ଆଶାତୀତ ସଫଳତା ଭାରତକୁ ଯେ ଆତ୍ମନିର୍ଭରଶୀଳ କରିପାରିଛି, ଏଥିରେ ସନ୍ଦେହ ନାହିଁ । ସେହିପରି ଭାରତରେ ଖେଳନା ଶିଳ୍ପର ବିକାଶ ପରିଲକ୍ଷିତ ହୋଇଛି । ଭାରତୀୟ ଖେଳନାକୁ ଏବେ ଶତାଧିକ ରାଷ୍ଟ୍ରକୁ ରପ୍ତାନୀ କରାଯାଇ ପାରୁଛି । ତାହାର ଆଦର ମଧ୍ୟ ବଢ଼ି ଚାଲିଛି ।

ଭାରତୀୟ ଅର୍ଥନୀତି ଏବେ ପ୍ରଶଂସନୀୟ ସ୍ଥାନରେ ଉପନୀତ ହୋଇପାରିଛି । ଜିଡିପି ହାରରେ ତୁଳନା କଲେ ସମଗ୍ର ବିଶ୍ୱରେ ଭାରତ ଚତୁର୍ଥ ସ୍ଥାନ ହାସଲ କରି, ଜାପାନକୁ ପଛରେ ପକାଇ ପାରିଛି । ଏବେ ଏହା ୭ ଦଶମିକ ୪ ପ୍ରତିଶତ ଅଭିବୃଦ୍ଧି ହାରରେ ବୋଲି ଆକଳନ କରାଯାଉଛି ଏବଂ କ୍ରୟ ଶକ୍ତି ବୃଦ୍ଧି ତୁଳନାରେ (ପି.ପି.ପି. ବା ପରଚେଜିଂ ପାୱାର ପାର୍ଟି) ମୁଣ୍ଡ ପିଛା ଆୟକୁ ଗୁରୁତ୍ୱ ଦେଲେ ଏହା ମଧ୍ୟ ବିଶ୍ୱରେ ତୃତୀୟ ସ୍ଥାନ ଅଧିକାର କରିପାରିଛି ।

ଭାରତ ଗତ ୧୯୪୭ ଅଗଷ୍ଟ ୧୫ ତାରିଖରେ ସ୍ୱାଧୀନତା ହାସଲ କରିବା ପରେ ଏହାର ପଞ୍ଚସ୍ତରୀ ବର୍ଷକୁ ଇଂରେଜମାନଙ୍କ ଅନୁକରଣରେ ହୀରକ ଜୟନ୍ତୀ ଉତ୍ସବ ଭାବରେ ପାଳନ ନକରି ଭାରତ, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଜୀଙ୍କ ଇଚ୍ଛାନୁଯାୟୀ 'ସ୍ୱାଧୀନତାର ଅମୃତ ମହୋତ୍ସବ' ପାଳନ କରିଥିଲା । ଏହା ପରେ ଭାରତ ୨୦୪୭ରେ ଯେତେବେଳେ ତାହାର ସ୍ୱାଧୀନତା ଶତବାର୍ଷିକରେ ପାଦ ଦେବ, ତା' ପୂର୍ବରୁ ଅମୃତ କାଳଖଣ୍ଡ ଦେଇ ଗତି କରିବ ଏବଂ ଶେଷରେ ବିକଶିତ ଭାରତରେ ପରିଣତ ହୋଇଥିବ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ଏହି ନୀତି ଓ ଆଦର୍ଶକୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଅନୁସରଣ କରିପାରିଲେ, ବର୍ଷକର ତାଙ୍କ ଶାସନ ମଧ୍ୟ ବିକଶିତ ଓଡ଼ିଶାର ଲକ୍ଷ୍ୟ ହାସଲ କରିବାକୁ ସମର୍ଥ ହୋଇ ପାରନ୍ତା ବୋଲି ଓଡ଼ିଶାବାସୀ ଆଶା ପ୍ରକାଶ କରୁଛନ୍ତି ।

**ସଙ୍କଳ୍ପ**
**ନିଜ ସୁଖ ପାଇଁ, ଜାତ ନୁହେଁ ହିନ୍ଦୁ**
**ବିଶ୍ୱହିତେ ହିନ୍ଦୁ,ପ୍ରତି ରକ୍ତବିନ୍ଦୁ ।**
**ଗୋପବନ୍ଧୁ ଦାସ**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

**ଏହି ପୃଷ୍ଠାରେ ପ୍ରକାଶିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରା



ଜୟଶ୍ରୀ ପଟ୍ଟନାୟକ

ଜ୍ୟେଷ୍ଠ ପୂର୍ଣ୍ଣିମାକୁ ଦେବସ୍ନାନ ପୂର୍ଣ୍ଣିମା କୁହାଯାଏ । ଏହିଦିନ ଜଗନ୍ନାଥଙ୍କର ସ୍ନାନଯାତ୍ରା ଅନୁଷ୍ଠିତ ହୁଏ । ସ୍ନାନଯାତ୍ରା ଓ ରଥଯାତ୍ରାରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଶ୍ରୀମନ୍ଦିରର ରତ୍ନ ସିଂହାସନରୁ ଓହ୍ଲାଇ ଆସି ଏହି ଯାତ୍ରାରେ ଅଂଶ ଗ୍ରହଣ କରନ୍ତି । ତେଣୁ ଏହି ଦୁଇ ଯାତ୍ରାକୁ ଜଗନ୍ନାଥଙ୍କର ସ୍ୱୟଂଲୀଳା ବୋଲି କୁହାଯାଏ । ଅନ୍ୟ ଯାତ୍ରାମାନଙ୍କରେ ଜଗନ୍ନାଥଙ୍କର ଚଳନ୍ତି ପ୍ରତିମା ମଦନମୋହନ ଅଂଶଗ୍ରହଣ କରନ୍ତି । ଶ୍ରୀକ୍ଷେତ୍ର ପୁରୀ ହେଉଛି ଏକ ମହାନ୍ ଐତିହାସିକ, ପୌରାଣିକ, ଦର୍ଶନୀୟ ତୀର୍ଥକ୍ଷେତ୍ର ଓ ଓଡ଼ିଆ ଜାତିର ମହାନ୍ ସାଂସ୍କୃତିକ ପୀଠ । ଏଠାରେ ବର୍ଷ ତମାମ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ଅନୁଷ୍ଠିତ ହୁଏ ଦ୍ୱାଦଶ ଯାତ୍ରା ଏବଂ ଅନେକ ପର୍ବପର୍ବାଣି । ସେଠାରେ ଅନୁଷ୍ଠିତ ହେଉଥିବା ଯାତ୍ରାମାନଙ୍କ ମଧ୍ୟରୁ ସ୍ନାନଯାତ୍ରା, ରଥଯାତ୍ରା, ଚନ୍ଦନଯାତ୍ରା, ଦୋଳଯାତ୍ରା ଓ ଝୁଲଣ ଯାତ୍ରା ଆଦି ପ୍ରଧାନ । ଏହି ଯାତ୍ରାମାନଙ୍କ ମଧ୍ୟରୁ ସ୍ନାନଯାତ୍ରା ଓ ରଥଯାତ୍ରାରେ ସ୍ୱୟଂ ଦାରୁମୂର୍ତ୍ତିମାନେ ବିଜେ ହେଉଥିବାବେଳେ, ଅନ୍ୟାନ୍ୟ ଯାତ୍ରାରେ ଜିଉମାନଙ୍କର ଚଳନ୍ତି ପ୍ରତିମା ମଦନମୋହନ ବିଜେ କରନ୍ତି । ମାନବୀୟ ଲୀଳା କରିବା ନିମନ୍ତେ କଳିଯୁଗରେ ଶ୍ରୀକ୍ଷେତ୍ରରେ ବିରାଜିତ ମହାପ୍ରଭୁ ଶ୍ରୀଶ୍ରୀଜଗନ୍ନାଥଙ୍କର ଦୁଇଟି ଲୀଳା ହେଉଛି ମୁଖ୍ୟ । ତାହା ହେଲା ସ୍ନାନଯାତ୍ରା ଏବଂ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା । ଏହି ଦୁଇଟି ଯାତ୍ରାରେ ମହାପ୍ରଭୁ ସଶରୀରେ ଲୀଳାଖେଳା ଜନତା ଜନାର୍ଦ୍ଦନଙ୍କ ସହିତ କରନ୍ତି । ମନ୍ଦିରରୁ ବାହାରକୁ ଆସି ଭକ୍ତମାନଙ୍କୁ ଦର୍ଶନ ଦିଅନ୍ତି । ପତିତମାନଙ୍କୁ ଉଦ୍ଧାର କରିବା ପାଇଁ ଏହି ଦୁଇ ମହନୀୟ ଯାତ୍ରା ସ୍ୱୟଂ କରିଥାନ୍ତି । ବ୍ରହ୍ମ ପୁରାଣରେ ବର୍ଣ୍ଣିତ ଦ୍ୱାଦଶ ଯାତ୍ରାରେ ଦେବସ୍ନାନ ପୂର୍ଣ୍ଣିମାରେ ଏହି ସ୍ନାନଯାତ୍ରାକୁ ଦିବ୍ୟଯାତ୍ରା କୁହାଯାଇଛି । ତେଣୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ 'କୋଟି ବ୍ରହ୍ମାଣ୍ଡସୁନ୍ଦରୀ' କାବ୍ୟରେ ଏହି ଉକ୍ତି ଦ୍ୱାରା ସ୍ନାନଯାତ୍ରାର ମହତ୍ତ୍ୱ ପ୍ରତିପାଦନ କରିଛନ୍ତି ଯେ- 'ସ୍ନାନଗୁଣ୍ଡିଚା ଏ ବେନି ସ୍ୱୟଂ ଲୀଳା ଯାର- ପତିତପାବନ ଅର୍ଥେ ପ୍ରାସାଦୁଁ ବାହାର '। ସାରା ବିଶ୍ୱରୁ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ ବୌଦ୍ଧ, ଜୈନ ଏବଂ ଶିଖ ଆଦି ଧର୍ମାବଲମ୍ବୀ ଭକ୍ତମାନେ ରଥଯାତ୍ରାକୁ ଦେଖିବାକୁ ଆସିଥାନ୍ତି ।

ସ୍ନାନଯାତ୍ରା ହେଉଛି ରଥଯାତ୍ରାର ଆଦ୍ୟପର୍ବ । ବର୍ଷର ସବୁ ସମୟରେ ମନ୍ତ୍ର ସ୍ନାନ ହୋଇଥାଏ । ପୁରାଣ ବର୍ଣ୍ଣିତ ଜ୍ୟେଷ୍ଠ ଶୁକ୍ଳ ପୂର୍ଣ୍ଣିମା ଦିନ ମହାପ୍ରଭୁଙ୍କର ଆବିର୍ଭାବ ହୋଇଥିଲା । ମହାପ୍ରଭୁ ଦାରୁବ୍ରହ୍ମ ରୂପ ହେଲାପରେ ରାଜା ଇନ୍ଦ୍ରଦ୍ୟୁମ୍ନ ମଙ୍ଗଳମୟ ମୁହୂର୍ତ୍ତରେ ଆଦ୍ୟ ସ୍ନାନଲୀଳା କରାଇଥିଲେ । ମଞ୍ଚ ସ୍ନାନ ଏକ ଶାସ୍ତ୍ରୀୟ ଲୀଳା । ଜାତି, ଧର୍ମ, ବର୍ଣ୍ଣ ସବୁ ଧର୍ମର ଭକ୍ତମାନେ ଦର୍ଶନ କରିଥିବାରୁ ଏହାକୁ ପତିତପାବନ ଲୀଳା ମଧ୍ୟ କୁହାଯାଏ । ଏହିଦିନ ତିନି ଠାକୁର ସ୍ୱୟଂ ରତ୍ନବେଦୀରୁ ଓହ୍ଲାଇ ଆସନ୍ତି ସ୍ନାନବେଦୀକୁ । ଜ୍ୟେଷ୍ଠ ପୂର୍ଣ୍ଣିମାକୁ ଦେବସ୍ନାନ ପୂର୍ଣ୍ଣିମା ମଧ୍ୟ କୁହାଯାଏ । ସ୍ନାନ ଗୁଣ୍ଡିଚା ଏ ବେନି ସ୍ୱୟଂ ଲୀଳା ଯାର ପତିତପାବନ ଅର୍ଥୁ ପ୍ରାସାଦୁ ବାହାର । ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ଶ୍ରୀକ୍ଷେତ୍ରରେ ଚତୁର୍ଦ୍ଧା ମୂରତିଙ୍କର ସ୍ନାନଯାତ୍ରା ଅନୁଷ୍ଠିତ ହୁଏ । ଏଥି ନିମନ୍ତେ ଚତୁର୍ଦ୍ଦଶୀ ଦିନ ସକାଳ ଧୂପ ଦ୍ୱିପହର ଧୂପ ସମାପନ ପରେ ସ୍ୱଳ୍ପ ସମୟ ପହୁଡ ପରେ କୋଠ ସୁଆଁସିଆ ପ୍ରବେଶ କରନ୍ତି । ମହାପ୍ରଭୁଙ୍କର ପହଣ୍ଡି ଚାରମାଳ ବାନ୍ଧନ୍ତି । ସେନାପଟା ଓ ବାହୁଟି ଲାଗି ହୁଏ । ରତ୍ନ ସିଂହାସନ ଉପରେ ମଙ୍ଗଳାର୍ପଣ ହୁଏ । ପହଣ୍ଡି ବିଜେ ସମୟରେ ଠାକୁରମାନେ ସାତ ପାହାଚ ଉପରେ ଚୂଳ ଓ ଟାହିଆ ଲାଗି ହୁଅନ୍ତି ।

ଟାହିଆ ଲାଗି ହେବା ପରେ ଦ୍ୱିତୀୟ ମଙ୍ଗଳାର୍ପଣ ବନ୍ଦାପନା ଓ ରାଘବ ଦାସ ମଠରୁ ଆସିଥିବା ଘଷାଲାଗି ହୁଏ ପରେ ପନ୍ତି ଖାଇ ଠାକୁରମାନେ ହରିବୋଲ ହୁଳହୁଳି ଶବଦରେ ପହଣ୍ଡି ହୋଇ ଆସନ୍ତି ଆନନ୍ଦ ବଜାର ମଧ୍ୟରେ ଥିବା ସ୍ନାନ ମଣ୍ଡପକୁ । ପ୍ରଥମେ ଶ୍ରୀ ସୁଦର୍ଶନ ଶୂନ୍ୟ ପହଣ୍ଡିରେ ଆସନ୍ତି । ତା'ପରେ ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥଙ୍କୁ ଧାଡି ପହଣ୍ଡିରେ ଅଣାଯାଏ ସ୍ନାନ ମଣ୍ଡପକୁ । ଏହି ମଣ୍ଡପଟି ଆନନ୍ଦବଜାର ପରିସରରେ ପୂର୍ବାଭିମୁଖୀ ହୋଇ ଅବସ୍ଥିତ । ଏହା ବଉଳମାଳା ପଥରରେ ନିର୍ମିତ ପ୍ରାୟ ୭୫ ଫୁଟ ଦୈର୍ଘ୍ୟ ଓ ପ୍ରସ୍ଥ ବିଶିଷ୍ଟ ଏକ ବର୍ଗାକାର କ୍ଷେତ୍ର ଅଟେ । ଏହାର ଉପରକୁ ଉଠିବା ପାଇଁ ଉଭୟ ଦିଗରେ ପାହାଚ ରହିଛି । ଏଥିରେ ଗୋଟିଏ ସିଂହାସନ ଓ ୩ ଟି ଚକା ସ୍ଥାପିତ ହୋଇଛି । ସ୍ନାନ ନିମନ୍ତେ ପୂର୍ଣ୍ଣିମାର ପୂର୍ବଦିନ ଚତୁର୍ଦ୍ଦଶୀ ରାତିରେ ସବୁ ତୀର୍ଥଜଳରୁ ଜଳ ମିଶି ଶ୍ରୀମନ୍ଦିରର ଉତ୍ତର ଦ୍ୱାରରେ ଶୀତଳା ଠାକୁରାଣୀଙ୍କ ସମ୍ମୁଖରେ ଥିବା ସୁନା କୂଅରୁ ୧୦୮ ଗରା ଜଳ ସୁନା ଗୋସାଇଁ ଓ ମୁଦିରସ୍ତ ସେବାୟତ ଆଣିଥାନ୍ତି । ସେହି ଜଳରେ କର୍ପୂର, ଚନ୍ଦନ ଓ କେଶରାଦି ତେରଟି ଦ୍ରବ୍ୟ ମିଶ୍ରିତ କରି ସଂସ୍କାର କରିଥାନ୍ତି । **ଆଧ୍ୟାତ୍ମିକ ପରିବେଶରେ ଭକ୍ତମାନଙ୍କ ଗହଣରେ ଜଗନ୍ନାଥଙ୍କୁ ୩୫ ଗରା, ବଳଭଦ୍ରଙ୍କୁ ୩୩ ଗରା, ସୁଭଦ୍ରାଙ୍କୁ ୨୨ ଗରା ଏବଂ ସୁଦର୍ଶନଙ୍କୁ ୧୮ ଗରା ଜଳ ଲାଗି ହୋଇ ସ୍ନାନ କରାଯାଏ । ଏହି ସ୍ନାନବେଳେ ସମୁଦ୍ର ଜ୍ୟେଷ୍ଠା ମନ୍ତ୍ର ଉଚ୍ଚାରଣ କରାଯାଏ ଯାହା ବରୁଣ ବା ଜଳଦେବତାଙ୍କ ଉଦ୍ଦେଶ୍ୟରେ ବୋଲାଯାଏ ।**



ସ୍ନାନପରେ ଗଜପତି ମହାରାଜା ଛେରାପହଁରା କାର୍ଯ୍ୟ ଓ ବନ୍ଦାପନା କରି ପୁଷ୍ପାଞ୍ଜଳୀ ପ୍ରଦାନ କରିଥାନ୍ତି । ରାଘବ ଦାସ ମଠରୁ ସୁଭଦ୍ରାଙ୍କ ପାଇଁ ଫୁଲଚୂଳ ଚନ୍ଦ୍ରିକା ଛତ୍ରୀ ଲାଗି କରି ବେଶ କଲାପରେ ଗୋପାଳ ତୀର୍ଥ ମଠରୁ ପ୍ରଦତ୍ତ ଗଜାନନ ବେଶରେ ଭକ୍ତ ଗଣପତି ଭଟ୍ଟଙ୍କ ପାଇଁ ଠାକୁରମାନଙ୍କୁ ଗଣେଶ ବା ହାତୀବେଶ କରାଯାଏ । ଜଗନ୍ନାଥଙ୍କୁ କଳା ହାତୀ ରୂପରେ ଓ ବଳଭଦ୍ରଙ୍କୁ ଧଳାହାତୀ ରୂପରେ ବେଶ କରାଯାଏ । ଶ୍ରୀ ସୁଦର୍ଶନଙ୍କୁ ଚକ୍ର ଲାଗି କରାଯାଏ । କଳାହାତୀଙ୍କର ଦକ୍ଷିଣାବର୍ତ୍ତ ଶୁଣ୍ଢ ଓ ଧଳାହାତୀଙ୍କର ବାମାବର୍ତ୍ତ ଶୁଣ୍ଢ କରାଯାଏ । ତିନି ଧୂପ ବଦଳରେ ଗୋଟିଏ ଧୂପ ହୁଏ କିମ୍ବଦନ୍ତୀ ବା ଦାର୍ଢ୍ୟତା ଭକ୍ତି ପ୍ରମାଣରେ ଏହି ବେଶ ସପ୍ତଦଶ ଶତାବ୍ଦୀରେ ମହାରାଷ୍ଟ୍ରର ଭକ୍ତ ଗଣପତି ଭଟ୍ଟଙ୍କର ଶ୍ରୀକ୍ଷେତ୍ର ଆଗମନ ସମୟରୁ ବେଶ କରାଯାଉଅଛି । ଗଣପତି ଭଟ୍ଟ ଗଣପତି ଉପାସକ ଥିଲେ । ଗଣପତି ତାଙ୍କର ଇଷ୍ଟଦେବତା ଥିବାରୁ ସେ ଜଗନ୍ନାଥଙ୍କୁ ଏହିଦିନ ଗଣେଶ ରୂପରେ ଦେଖିବାକୁ ଚାହୁଁଥିଲେ । ପଞ୍ଚଦେବ ଉପାସନା ଅନୁସାରେ ଗଣେଶ ଅଗ୍ରପୂଜ୍ୟ ଦେବତା ଶ୍ରୀକ୍ଷେତ୍ରରେ ଭାଦ୍ରବ ଶୁକ୍ଳ ଚତୁର୍ଥୀରେ ଗଣେଶଙ୍କୁ ଉପାସନା କରାଯାଏ । ପୂର୍ଣ୍ଣିମାର ପୂର୍ବାହ୍ନରେ ଜଗନ୍ନାଥଙ୍କୁ ସ୍ନାନବେଦୀରେ ଦର୍ଶନ କରି ତାଙ୍କର ଉପସ୍ଥିତ ଆରାଧ୍ୟ ଦେବତା ଗଣନାଥଙ୍କୁ ଦର୍ଶନ କରି ନ ପାରି ବିଷାଦ ମନରେ ଗଣପତି ଭଟ୍ଟ ଶ୍ରୀମନ୍ଦିରରୁ ବାହୁଡିଗଲେ । ଜଗନ୍ନାଥ ପୁନଃଦର୍ଶନ କରାଇବାର ସ୍ୱପ୍ନାଦେଶ ମୁଦିରଥଙ୍କୁ ଦେଲେ । ଭକ୍ତ ବତ୍ସଳ ଜଗନ୍ନାଥ ଭକ୍ତର ମନକଥା ଜାଣି ପାରିଥିବାରୁ ସେ ପ୍ରତ୍ୟାବର୍ତ୍ତନ କରି ସ୍ନାନବେଦୀ ଉପରେ ଜଗନ୍ନାଥଙ୍କୁ ଗଣେଶ ରୂପରେ ଦର୍ଶନ କରି ନିଜକୁ ଅତି ଭାଗ୍ୟବାନ ମନେକରି ଗଣପତି ଭଟ୍ଟ ପରଂବ୍ରହ୍ମ ଜଗନ୍ନାଥଙ୍କୁ ସ୍ତୁତି କଲେ । ସେହି ଦିନକୁ ମନେରଖିବା ପାଇଁ ପ୍ରତିବର୍ଷ ସ୍ନାନପୂର୍ଣ୍ଣିମା ଦିନ ଜଗନ୍ନାଥଙ୍କର ଗଜାନନ ବେଶ ସ୍ନାନ ମଣ୍ଡପରେ ଅନୁଷ୍ଠିତ ହୁଏ । ଏହିଦିନ ଘଣ୍ଟା ଛତା ଭୋଗ ହୁଏ । ସକାଳ ଧୂପ ଅବଢ଼ା ଲାଗି ହୋଇଥାଏ । ସନ୍ଧ୍ୟାରେ ସର୍ବ ସାଧାରଣଙ୍କ ପାଇଁ ସ୍ନାନ ପୂର୍ଣ୍ଣିମା ସାହାଣମେଲା ଦର୍ଶନ ହୁଏ । ପ୍ରତିବର୍ଷ ରାଘବଦାସ ମଠରୁ ଶ୍ରୀଜଗନ୍ନାଥ ଓ ମା' ସୁଭଦ୍ରାଙ୍କ ପାଇଁ ବେଶ ପୋଷାକ ଆସିଥାଏ । ଶ୍ରୀବଳଭଦ୍ରଙ୍କ ବେଶ ପାଇଁ ଗୋପାଳତୀର୍ଥ ମଠ ପଠାଏ । ଜଳଲାଗି ସରିବା ପରେ ମଠ ଦ୍ୱୟରୁ ଆସିଥିବା ପୋଷାକ ପିନ୍ଧାଯାଏ । ମଠର ମହନ୍ତମାନଙ୍କୁ ମହାପାତ୍ର ମୁଣ୍ଡରେ ଶାଢ଼ୀ ଓ ଭଣ୍ଡାର ମେକାପ କପାଳରେ ଚନ୍ଦନ ଲଗାଯାଏ । ଠାକୁର ସ୍ନାନ ମଣ୍ଡପରୁ ଅଣସର ପିଣ୍ଡିକୁ ପହଣ୍ଡି ହେବା ସମୟରେ ଯେଉଁ ଦୂବ ଟାହିଆ ପିନ୍ଧାଯାଏ, ତାହା ମଧ୍ୟ ରାଘବଦାସ ମଠରୁ ଆସିଥାଏ । ରାତି୧୦ ଟାରେ ସେହି ହାତୀବେଶ କଢ଼ା ହେବା ପରେ ବାହୁଡି ଯିବାର ଗୋଟି ପହଣ୍ଡି ଆରମ୍ଭ ହୋଇଥାଏ ଏବଂ ମଧ୍ୟରାତ୍ରି ପରେ ମସ୍ତକରୁ ସୁନା ଚିତା ଓ ରାହୁରେଖା ବାହାର କରାଯିବା ପରେ କର୍ପୁର ଆଳତୀ କାର୍ଯ୍ୟ ସରିବାପରେ ଅଣସର ପିଣ୍ଡିକୁ ଠାକୁରମାନେ ବିଜେ କରିଥାନ୍ତି ଏବଂ ସେଠାରେ ଗୋଟିଏ ପକ୍ଷ ବିତାଇଥାନ୍ତି । ଅଣସର ନୀତି ପାଳନ ପରେ ନବଯୌବନ ବେଶ ଓ ନେତ୍ରୋତ୍ସବ ଶେଷ ହେବା ପରେ ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ପୃଥିବୀ ପ୍ରସିଦ୍ଧ ରଥଯାତ୍ରା ପାଇଁ ପ୍ରସ୍ତୁତ ହୁଅନ୍ତି ।

**ଗଙ୍ଗନଗର, ଭୁବନେଶ୍ୱର,**
**ମୋ-୭୯୭୮୧୧୦୪୭୪**

# ନାଟ୍ୟମହର୍ଷି ଗୁରୁ ଭଗବାନ ସାହୁ

ମନ୍ଦାକିନୀ ଶତପଥୀ

ନାଟ୍ୟମହର୍ଷି ଗୁରୁ ଭଗବାନ ସାହୁ ଥିଲେ ଏକାଧାରରେ ଜଣେ କବି,ଗୀତିକାର,ଲେଖକ, ନାଟ୍ୟକାର, ସଂଗୀତଜ୍ଞ,ନୃତ୍ୟଗୁରୁ, ଚିତ୍ରଶିଳ୍ପୀ, ସାହିତ୍ୟିକ,ସୁବକ୍ତା,ଅସାଧାରଣ କଣ୍ଠଶିଳ୍ପୀ ଓ ସମ୍ବଲପୁରୀ/କୋଶଳୀ ଇତିହାସର ଗବେଷକ । ଓଡ଼ିଶା ଇତିହାସରେ ଛଅଘଣ୍ଟା ମଞ୍ଚ ନାଟକର ସୃଷ୍ଟିକର୍ତ୍ତା, ସମ୍ବଲପୁରୀ ଲୋକନୃତ୍ୟ, ଶବ୍ଦନୃତ୍ୟର ପ୍ରଚାରକ, ପଶ୍ଚିମ ଓଡ଼ିଶାରେ ଗୋଟିଏ ଦିନରେ ନବାନ୍ନ ପାଳନ ପଛର ମହାନାୟକ, ଲୋକମହୋତ୍ସବର ଜନକ ଥିଲେ ନାଟ୍ୟ ମହର୍ଷି ଗୁରୁ ଭଗବାନ ସାହୁ ।

୧୯୩୧ ମସିହା ଜ୍ୟେଷ୍ଠ ମାସ ଦେବସ୍ନାନ ପୂର୍ଣ୍ଣିମା ତିଥିରେ ବରଗଡ଼ ଜିଲ୍ଲା ବରପାଲି ବ୍ଲକ ଅନ୍ତର୍ଗତ କୁମ୍ଭାରୀ ଗ୍ରାମରେ ଏକ କୁଳିତା ଗୋଣ୍ଟିଆ ପରିବାରରେ ଗୁରୁ ଭଗବାନ ସାହୁ ଜନ୍ମଗ୍ରହଣ କରିଥିଲେ ।

ଗୁରୁ ଭଗବାନ ସାହୁଙ୍କ ବାପା କୃଷ୍ଣଗୁରୁ ଗାୟକ ଥିଲେ । ବାପାଙ୍କର ଗାଇବା ଓ ହାରମୋନିୟମ ବଜାଇବା ଦେଖି ଦେଖି ଓ ଶୁଣି ଶୁଣି ସେ ୧୯୩୬ରୁ ଗାଇବା, ହାରମୋନିୟମ ବଜାଇବା ଏବଂ ନାଚିବା ଆରମ୍ଭ କଲେ । ବରଗଡ଼ ଜର୍ଜ ହାଇସ୍କୁଲ ହଷ୍ଟେଲରେ ରହି ହାରମୋନିୟମ ରଖି ବଜାଇବା ଓ ଗୀତଗାଇବାରୁ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ତାଙ୍କୁ ହଷ୍ଟେଲରୁ ବାହାର କରିଦେଇଥିଲେ ।୧୯୩୮ରେ କୁମ୍ଭାରୀରୁ ୩ କିଲୋମିଟର ଦୂର ତୁରଙ୍ଗା ଗ୍ରାମରେ ସୁଭଦ୍ରା ଗୀତିନାଟ୍ୟର ମେନେଜର ପୀତାମ୍ବର ଭଗବାନ ସାହୁଙ୍କୁ ନିମନ୍ତ୍ରଣ କଲେ ଗାଇବାକୁ ଓ ନାଚିବାକୁ । ତାଙ୍କର ଗୀତ ଗାଇବା ଓ ନାଚିବା ଦେଖି ମେନେଜର ପୀତାମ୍ବର ଭଗବାନ ସାହୁଙ୍କ ଉପରେ ସନ୍ତୁଷ୍ଟ ହୋଇ ତାଙ୍କର ଝିଅ ସୁରୁନନୀଙ୍କୁ ବିବାହ ଦେଇ ଗୁରୁ ଭଗବାନଙ୍କୁ ଜ୍ୱାଇଁ କରିବାକୁ ଚାହିଁଲେ । ଗୁରୁ ଭଗବାନ, ସାତବର୍ଷ ବୟସରେ ପାଞ୍ଚ ବର୍ଷର ଝିଅ ସୁରୁନନୀଙ୍କୁ ବାଲ୍ୟବିବାହ କରିଥିଲେ । ବାର ବର୍ଷ ବୟସରେ କଲେରାରେ ସୁରୁନନୀର ମୃତ୍ୟୁ ହୋଇଯାଇଥିଲା ।

୧୯୫୦ ମସିହା ରାମନବମୀ ତିଥିରେ କୁମ୍ଭାରୀ ଗ୍ରାମରେ 'ବ୍ରଜେଶ୍ୱରୀ ନୃତ୍ୟକଳା ପରିଷଦ' ନାମରେ ଏକ ନାଟକ ଅନୁଷ୍ଠାନ ପ୍ରତିଷ୍ଠା କରି ନିଜେ ନାଟକ ଓ ଗୀତ ରଚନା,ନିର୍ଦ୍ଦେଶନା ଦେଉଥିଲେ ଗୁରୁ ଭଗବାନ । ସରକାରୀ ଚାକିରୀ ଛାଡି ଘରର ସମସ୍ତ ସମ୍ପତ୍ତିର ବିନିମୟରେ ନିରବଚ୍ଛିନ୍ନ ଭାବରେ ୫୦ ବର୍ଷ ଧରି ୯୦୦୦ ରାତିରୁ ଉର୍ଦ୍ଧ୍ୱ ରାତି ନାଟକ, ସମ୍ବଲପୁରୀ ଲୋକନୃତ୍ୟ,ଶବ୍ଦନୃତ୍ୟ ପରିବେଷଣ କରିଛନ୍ତି ।

ଯାନବାହାନ ପ୍ରଚଳିତ ନ ଥିବା ସମୟରେ ନିଜ ଶିଷ୍ୟମାନଙ୍କ ସହ ଚାଲି ଚାଲି ଓଡ଼ିଶା ଏବଂ ଛତିଶଗଡ଼ର ଅନେକ ଜିଲ୍ଲାରେ ନାଟକ, ସମ୍ବଲପୁରୀ ଲୋକନୃତ୍ୟ ଓ ଶବ୍ଦନୃତ୍ୟ ସେ ପରିବେଷଣ କରିଛନ୍ତି । ଛୋଟ ଛୋଟ ପିଲାମାନେ ବଳଦ ଗାଡ଼ିରେ ବସି ଯାଉଥିଲେ । କେତେ ଜଣ ଭାରୁଆ ହାରମୋନିୟମ ଓ ନାଟକ ସାମଗ୍ରୀ ବୋହି ଯାଉଥିଲେ । ଗୁରୁ ଭଗବାନ ସାହୁ କେବେ ବଳଦ ଗାଡିରେ ବସୁ ନ ଥିଲେ । ଅଧିକ ଦୂରତା ଥିଲେ ରାତିରେ ଚୁଡା, ଗୁଡ଼ ଓ ମୁଢି ଖାଇ ମଝିରେ ମଝିରେ ବିଶ୍ରାମ ନେଉଥିଲେ । ୧୯୫୧ ମସିହା ପର୍ଯ୍ୟନ୍ତ ଗୋବର ଘସି ମଶାଲ ଜଳାଇ ନାଟକ କରୁଥିଲେ । ୧୯୫୨ରେ ପେଟ୍ରୋମାକ୍ସ ଲାଇଟ ଆସିବା ପରେ ଦୁଇଟା ପେଟ୍ରୋମାକ୍ସ ଲାଇଟରେ ନାଟକ ହେଉଥିଲା । ନାଟକ ଓ ନୃତ୍ୟରେ ପିଲାମାନେ ପାଉଡର ବଦଳରେ ଚକଖଡିଗୁଣ୍ଡ ଓ କଜ୍ଜ୍ୱଳ ବଦଳରେ ହାଣ୍ଡିର କଳା ସେତେବେଳେ ବ୍ୟବହାର କରୁଥିଲେ ।

ଗୁରୁ ଭଗବାନ ସାହୁଙ୍କ ପ୍ରତିଟି ନାଟକ ପୌରାଣିକ,ଐତିହାସିକ ଏବଂ କିମ୍ବଦନ୍ତୀମୂଳକ । ଯଥା- ହରିଶ୍ଚନ୍ଦ୍ର, ସୀତାଚୋରୀ, ଶାନ୍ତିଦୂତ, ରାମରାଜ୍ୟ, ଯୋଗଜନ୍ମା ରାବଣ, ପ୍ରଣୟ ବଲ୍ଲରୀ, ମାନଭଞ୍ଜନ, ତରଣୀସେନ ବଧ ଇତ୍ୟାଦି ଅନେକ ।

ତାଙ୍କ ନିଜ ରଚନାର ନାଟକଗୁଡିକ ହେଲା ପ୍ରାର୍ଥ ପ୍ରଣୟିନୀ, ମଥୁରା ଯାତ୍ରା, ଗାଁ ମଜଲିସ,ଇନ୍ଦିରା ପ୍ରିୟଦର୍ଶନୀ, ତ୍ରିରଙ୍ଗା ପତାକାର ରଙ୍ଗ ନାହିଁ ଏବଂ କୋଶଳୀ/ସମ୍ବଲପୁରୀ ନାଟକ ସତ କହିଲେ ଛାତି ଫାଟେ, ବୀର ସୁରେନ୍ଦ୍ର ସାଏ ଓ କଳିଙ୍ଗ ବୀର ବିଜୁ ପଟ୍ଟନାୟକ । ୧୯୪୭ ରୁ ୧୯୬୫ ମଧ୍ୟରେ ସେ କେତେଗୁଡିଏ ନାଟକ ଲେଖିଥିଲେ,ଯାହା ବିଭିନ୍ନ ଗ୍ରାମର ଶିକ୍ଷାନୁଷ୍ଠାନ ଓ ନାଟ୍ୟ ଅନୁଷ୍ଠାନଗୁଡିକରେ ପ୍ରଦର୍ଶିତ ହୋଇଛି । ସେଗୁଡିକ ହେଲା, ଜନ୍ମାଷ୍ଟମୀ, ଗଣେଶ ଜନ୍ମ, ରାମ ବନବାସ, ମହାରାଣା ପ୍ରତାପ, କବି ଗଙ୍ଗାଧରଙ୍କ କୀଚକ ବଧ, ଦୁଷ୍ମନ୍ତ ଶକୁନ୍ତଳା,ବିଲ୍ୱ ମଙ୍ଗଳ ଇତ୍ୟାଦି ।

ଚୌହାନ ବୀର ସୁରେନ୍ଦ୍ର ସାଏଙ୍କ ନାଟକ ପାଇଁ ୧୯୪୭ରୁ ୧୯ ବର୍ଷ ପର୍ଯ୍ୟନ୍ତ ତଥ୍ୟ ସଂଗ୍ରହ କରି ୧୯୬୭ ରେ ମଞ୍ଚସ୍ଥ କରିବା ଆରମ୍ଭ କଲେ । ମହାନ ସ୍ୱାଧୀନତା ସଂଗ୍ରାମୀ ସୁରେନ୍ଦ୍ର ସାଏଙ୍କ ସହିତ ଭଗବାନ ସାହୁଙ୍କ ବଂଶର ସମ୍ପର୍କ ଥିଲା । ଭଗବାନ ସାହୁଙ୍କ ପଣ ଅଜା ସୁନାଧର ସାହୁ(ଗୋଣ୍ଟିଆ) ୧୮୩୬ ଗଣ୍ଡମାରୁ ସମୟରୁ ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ବ୍ରିଟିଶ ସରକାରଙ୍କ ବିରୋଧରେ ଲଢ଼େଇ କରି ସହିଦ ହୋଇଥିଲେ । କୁମ୍ଭାରୀ ଗାଁ ମଝିରେ ଇଂରେଜମାନେ ଅତି ନିର୍ମମ ଭାବରେ ଗୁଳି କରି ହତ୍ୟା କରିବା ପରେ ଶବକୁ ଖଣ୍ଡ ଖଣ୍ଡ କରି ପକାଇଦେଇଥିଲେ ।



ସେହି ସମୟରେ ଦର୍ଶକମାନେ ସମ୍ବଲପୁରୀ ନାଟକ ଦେଖିବାକୁ ପ୍ରସ୍ତୁତ ନ ଥିଲେ । ନାଟକ ଆରମ୍ଭରୁ ପାଟିତୁଣ୍ଡ କରି ପଥର, ଜୋତା, ଚପଲ ପିଙ୍ଗୁଥିଲେ । ଭଗବାନ ସାହୁଙ୍କ ଉପରେ ଅନେକ ଥର ଜୋତା ଚପଲ ପଡିଛି, ପଥର ବାଜି ମଞ୍ଚରେ ଖଣ୍ଡିଆ ହୋଇ ରକ୍ତ ବାହାରିଲେ ମଧ୍ୟ ତାହାକୁ ସେ ଖାତିର କରୁ ନ ଥିଲେ । ୧୯୬୮ରୁ ଭଗବାନ ସାହୁ ନିଷ୍ପତ୍ତି ନେଲେ ଯେ ସୁରେନ୍ଦ୍ର ସାଏ ନାଟକ ଛଡ଼ା ସେ ଅନ୍ୟ ନାଟକ କରିବେ ନାହିଁ । ସମୟ କ୍ରମେ ଲୋକମାନେ ନାଟକକୁ ଆଦର କଲେ ଓ ସୁରେନ୍ଦ୍ର ସାଏଙ୍କ ପ୍ରତି ଭକ୍ତିଭାବ ଜାଗ୍ରତ ହେଲା । ସମ୍ବଲପୁରୀ/କୋଶଳୀ ଭାଷାରେ ୬ ଘଣ୍ଟାର ନାଟକ ରଚନା କରି ମଞ୍ଚସ୍ଥ କରିବାରେ ଭଗବାନ ସାହୁ ପ୍ରଥମ । ସୁରେନ୍ଦ୍ର ସାଏଙ୍କ ସହିତ ସହିଦ ହୋଇଥିବା ଭେଡ଼େନ ଜମିଦାର ମନୋହର ସିଂ, ଘେଁସ ଜମିଦାର ହଟ୍ଟେ ସିଂ, ଲଖନପୁର ଜମିଦାର ଖଗେଶ୍ୱର ଦାଉ, ରମ୍ପେଲା ଗଉଁଟିଆ ଲୋକନାଥ ଗଡ଼ତିଆ, କୋଲାବିରା ଜମିଦାର କରୁଣାକର ନାଏକଙ୍କ ଇତିହାସ ଲୋକଲୋଚନକୁ ଆଣି ପାରିଥିଲେ ।

ଭଗବାନ ସାହୁ ଜଣେ ମେଧାବୀ ଛାତ୍ର ଥିଲେ ଓ ନବେ ପ୍ରତିଶତ ନମ୍ବର ରଖୁଥିଲେ ମଧ୍ୟ ଇଂରେଜମାନଙ୍କୁ ବିରୋଧ କରି ମ୍ୟାଟ୍ରିକ ପରୀକ୍ଷାରେ ଇଂରାଜୀ ପରୀକ୍ଷା ଦେଲେ ନାହିଁ । ସେଇଠୁ ପାଠପଢ଼ା ବନ୍ଦ ହୋଇଗଲା । ଭଗବାନ ସାହୁ ବାପାଙ୍କର ତିନି ପୁଅ ଭିତରୁ ଅତି ପ୍ରିୟ ଥିଲେ । କାକାଙ୍କର ପୁଅ ଝିଅ ନ ଥବାରୁ ସେ ଭଗବାନ ସାହୁଙ୍କୁ ପୁଅ କରି ରଖିଥିଲେ । ତାଙ୍କର ଅଠର ଏକର ଚାଷଜମି ଓ ଅଜସ୍ର ସମ୍ପତ୍ତି ଥିଲା । ନାଟକ ବନ୍ଦ କରି ସମ୍ପତ୍ତିର ଦେଖାଶୁଣା କରିବାକୁ କାକା ତାଙ୍କୁ ଅନେକଥର ବୁଝେଇଥିଲେ, ନ ହେଲେ କିଛି ବି ଦେବେ ନାହିଁ ବୋଲି କହିଥିଲେ । ଭଗବାନ ସାହୁ, ସେ ସବୁ ପ୍ରତ୍ୟାଖ୍ୟାନ କରି ଆଉ କାକାଙ୍କ ତୁମଗାଁ ଘରେ ପାଦ ବି ଦେଲେ ନାହିଁ ।

ଭଗବାନ ସାହୁ ତୁରଙ୍ଗା ଗ୍ରାମରେ ବିବାହ କରିଥିଲେ । ୧୯୫୮ ମସିହାରେ କୁମ୍ଭାରୀ ବ୍ରଜେଶ୍ୱରୀ ଏମ୍.ଇ. ସ୍କୁଲ ଅର୍ଥାଭାବରୁ ବନ୍ଦ ହୋଇଯିବାରୁ ଭଗବାନ ସାହୁ ନିଜେ ସ୍କୁଲ ପରିଚାଳନା ଦାୟିତ୍ୱ ବହନ କଲେ । ବାର ଜଣ ଅନାଥ ପିଲାଙ୍କୁ ନିଜ ପାଖରେ ରଖି ବ୍ୟାଙ୍କରୁ ଋଣ ଆଣି ପାଠପଢ଼ା ଦାୟିତ୍ୱ ନେଇଥିଲେ । ଓଡ଼ିଶା ଓ ଛତିଶଗଡ଼ରେ ଅନେକ ସ୍କୁଲ ଓ ମନ୍ଦିର ନିର୍ମାଣ ପାଇଁ ମାଗଣାରେ ନାଟକ କରିଛନ୍ତି । ବରପଦର ହାଇସ୍କୁଲ ସେ ପ୍ରତିଷ୍ଠା କରିଥିଲେ ।

ଗୁରୁ ଭଗବାନ ସାହୁ ପଶ୍ଚିମ ଓଡ଼ିଶାରେ ଏକତାକୁ ଦୃଢ଼ୀଭୂତ କରିବାକୁ ପଶ୍ଚିମାଞ୍ଚଳରେ ଗୋଟିଏ ଦିନରେ ନବାନ୍ନ ପର୍ବ ପାଳନ କରିବାକୁ ଲକ୍ଷ୍ୟନେଇ ନାଟକ ମଝିରେ ସମସ୍ତଙ୍କୁ ଅନୁରୋଧ କରୁଥିଲେ । ସ୍ୱର୍ଗତ ମୁରାରୀ ପ୍ରସାଦ ମିଶ୍ର, ସ୍ୱର୍ଗତ ପ୍ରଫୁଲ୍ଲ ପତି, ଡଃ ଶ୍ରଦ୍ଧାକର ସୂପକାର, ଶ୍ରୀବଲ୍ଲଭ ପାଣିଗ୍ରାହୀ ଆଦି ବିଶିଷ୍ଟ ବ୍ୟକ୍ତିତ୍ୱଙ୍କ ସହ ସେ ସଂପର୍କ ରଖିଥିଲେ । ନବାନ୍ନ ପାଳନ ସହ ଲୋକକଳା ସାଂସ୍କୃତିକ ମହୋତ୍ସବ ପାଇଁ ପ୍ରସ୍ତାବ ଦେଇଥିଲେ । ପଶ୍ଚିମ ଓଡ଼ିଶା ସାଂସ୍କୃତିକ ପରିଷଦକୁ ରେଜିଷ୍ଟ୍ରେସନ କରିବାକୁ ଦାୟିତ୍ୱ ନେଇଥିଲେ ସନାତନ ବିଶି (ପୂର୍ବତନ ମନ୍ତ୍ରୀ)। ଗୁରୁ ଭଗବାନ ସାହୁ ସଭାପତି ଓ ସନାତନ ବିଶି ସଂପାଦକ ଥିଲେ । ଏହି ଅନୁଷ୍ଠାନ ତରଫରୁ 'ଲୋକ ମହୋତ୍ସବ' ମାଧ୍ୟମରେ ଗୋଟିଏ ଦିନରେ ନବାନ୍ନ ସର୍ବତ୍ର ପାଳନ ପାଇଁ ପ୍ରଚାର କରୁଥିଲେ । ସମ୍ବଲପୁର,ବଲାଙ୍ଗୀର, ବରପାଲି ଆଦି ସ୍ଥାନରେ ଲୋକମହୋତ୍ସବ ପାଳନ ଅବସରରେ ଅନେକ ଧାର ପରିଶୋଧ ପାଇଁ ଜମିବାଡି ଓ ତାଙ୍କ ସ୍ତ୍ରୀଙ୍କ ସୁନାଗହଣା ବିକ୍ରି କରିଥିଲେ ।

ଭଗବାନ ସାହୁ ଦୂରଦର୍ଶନ ମାଧ୍ୟମରେ ୧୯୫୪ରୁ ୧୯୯୫ ଭିତରେ ୧୫ ଥରରୁ ଅଧିକ ଶବ୍ଦନୃତ୍ୟ କାର୍ଯ୍ୟକ୍ରମ ପରିବେଷଣ କରିଛନ୍ତି । ଜଣେ ବକ୍ତା ଭାବରେ ୨/୩ ଘଣ୍ଟା ଲୋକଙ୍କୁ ସ୍ଥିର ରଖି ପାରୁଥିଲେ । ଗଙ୍ଗାଧର ସାହିତ୍ୟ ଉପରେ ଆଲୋଚନା କରିବାକୁ ଯାଉଥିଲେ । ନାଟକ ପ୍ରଦର୍ଶନ ମାଧ୍ୟମରେ ବିଭିନ୍ନ ଗ୍ରାମର ମନୋମାଳିନ୍ୟ ଦୂରକରି ଅଶାନ୍ତ ପରିବେଶକୁ ଶାନ୍ତ କରୁଥିଲେ ।

**ସମ୍ବଲପୁର ଆକାଶବାଣୀରେ ଚାକିରି କରିବାକୁ ଗୁରୁ ଭଗବାନ ସାହୁଙ୍କୁ ବହୁତ ଅନୁରୋଧ କରାଯାଇଥିଲା, କିନ୍ତୁ ସେ ମନା କରିଦେଇଥିଲେ । ସ୍ୱର୍ଗତ ଫକୀର ପଟ୍ଟନାୟକ ଓ ଜିତେନ୍ଦ୍ରିୟ ହରିପାଲ ଆକାଶବାଣୀ ପାଇଁ ଅଡିସନ ଦେବା ସମୟରେ ଭଗବାନ ସାହୁ ବିଚାରକ ଥିଲେ । ସେ ଓଡ଼ିଶା ସମେତ ଛତିଶଗଡ଼ର ଅନେକ ସ୍ଥାନରେ ସମ୍ମାନିତ ହୋଇଥିଲେ ।**

ଭାରତ ବର୍ଷର ଅନେକ ପ୍ରଖ୍ୟାତ ନୃତ୍ୟବିତ୍‌ଙ୍କ ସହିତ ଗୁରୁ ଭଗବାନ ସାହୁଙ୍କ ସୁସଂପର୍କ ଥିଲା । ରୁକ୍ମିଣୀ ଦେବୀ ଅରୁଣ୍ଡାଲେ, ଅନୁରାଧା ଗୁହା,ବିନୋଦ ଚୋପ୍ରା, ଗୋପୀକୃଷ୍ଣନ, ବିରଜୁ ମହାରାଜ, ଦେବ ପ୍ରସାଦ ଦାସ, ରାଜ କିଶୋର ରାୟ, କେଳୁଚରଣ ମହାପାତ୍ର,ସଂଯୁକ୍ତା ପାଣିଗ୍ରାହୀ,ପ୍ରଣବ ପଟ୍ଟନାୟକ, କୁମକୁମ ମହାନ୍ତି ପ୍ରମୁଖ କୁମ୍ଭାରୀ ଆସି ଶବ୍ଦନୃତ୍ୟ ଦେଖି ତାଙ୍କ ସହ ଆଲୋଚନା କରିଛନ୍ତି । ୧୯୬୪ରେ ବିଶିଷ୍ଟ ନୃତ୍ୟବିତ୍ ଗୋପୀକୃଷ୍ଣନ ସମ୍ବଲପୁର ଅଶୋକା ଟକିଜରେ ଭଗବାନ ସାହୁଙ୍କ ଶବ୍ଦନୃତ୍ୟ ଦେଖିଥିଲେ । ୧୯୬୫ରେ ସର୍ବଭାରତୀୟ ସ୍ତରରେ ଦିଲ୍ଲୀଠାରେ ଶାସ୍ତ୍ରୀୟ ନୃତ୍ୟ ଉପରେ ତିନି ଦିନିଆ ଆଲୋଚନା ସଭାରେ ଗୋପୀକୃଷ୍ଣନଙ୍କଠାରୁ ନିମନ୍ତ୍ରଣ ପାଇ ସେଥିରେ ଅଂଶଗ୍ରହଣ କରିଥିଲେ ।

୧୯୬୮ରେ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ତରଫରୁ ବରପାଲିଠାରେ ଚାଲିଥିବା କାର୍ଯ୍ୟକ୍ରମରେ ବିଶିଷ୍ଟ ନୃତ୍ୟବିତମାନେ ଉପସ୍ଥିତ ରହି ଶବ୍ଦନୃତ୍ୟ ଦେଖିଥିଲେ । ଏହି ନୃତ୍ୟ ବଞ୍ଚାଇ ରଖିଥିବାରୁ ଅନେକ ପ୍ରଶଂସା କରିଥିଲେ ଓ ଏହି ନୃତ୍ୟ ସମ୍ବନ୍ଧୀୟ ବ୍ୟାକରଣ ଲେଖି ପ୍ରକାଶ କରିବାକୁ ପରାମର୍ଶ ଦେଇଥିଲେ । ଶବ୍ଦନୃତ୍ୟର ଶାସ୍ତ୍ରୀୟ ମାନ୍ୟତା ପାଇଁ ଦୁଇଟି ପୁସ୍ତକ ରଚନା କରିବାକୁ ମନସ୍ଥ କଲେ । କିନ୍ତୁ ଗୋଟିଏ ପୁସ୍ତକ 'ଭାରତୀୟ ନୃତ୍ୟକଳାରେ ଶବ୍ଦନୃତ୍ୟ' ରଚନା କରି ସାରିବା ପରେ ଦୀର୍ଘ ବର୍ଷର ଖାଇବାରେ ଅବହେଳା ଓ ଅନିଦ୍ରା ହେତୁ ସେ ଅସୁସ୍ଥ ହୋଇପଡିଲେ । ଏହି ସମୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ତରଫରୁ ଶାସ୍ତ୍ରୀୟ ଶବ୍ଦନୃତ୍ୟକୁ ଲୋକନୃତ୍ୟ ଭାବେ ପୁରସ୍କାର ପ୍ରଦାନ କରାଗଲା, ଯାହାକି ଗୁରୁଙ୍କୁ ମର୍ମାହତ କରିଥିଲା ।

ଅନେକ ଆତ୍ମୀୟଙ୍କୁ ସେ ଚିଠି ଲେଖିଥିଲେ ଏହା ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ । ସେ ଖାଦ୍ୟ ଓ ଔଷଧ ଖାଇବା ଛାଡି ଅତିଶୟ ଦୁର୍ବଳ ହୋଇଗଲେ ଓ ତା ୨୦.୧୧.୨୦୦୦ ରେ ଇହଧାମ ତ୍ୟାଗ କଲେ । ଭାଷା, ଲୋକ କଳା,ସଂସ୍କୃତିର ପ୍ରଚାରକ, ନାଟ୍ୟଜଗତର ମହାନାୟକ, ତ୍ୟାଗ ଓ ବଳିଦାନର ପ୍ରତିମୂର୍ତ୍ତି ଗୁରୁ ଭଗବାନ ସାହୁ ଚିର ସ୍ମରଣୀୟ ହୋଇ ରହିବେ । ତାଙ୍କର ସ୍ମୃତିରକ୍ଷା ପାଇଁ ବରଗଡ଼ ଜିଲ୍ଲା ଗୁରୁ ଭଗବାନ ସାହୁ ରାଜ୍ୟ ସ୍ତରୀୟ ସ୍ମୃତି କମିଟି ଗଠନ କରାଯାଇଛି । ଏହା ସହିତ ଅନେକ ଜିଲ୍ଲାରେ ତାଙ୍କର ଜୟନ୍ତୀ ଓ ଶ୍ରାଦ୍ଧ ଦିବସ ପାଳିତ ହେଉଛି । ଶବ୍ଦନୃତ୍ୟର ଶାସ୍ତ୍ରୀୟ ମାନ୍ୟତା ପାଇଁ ପ୍ରଶାସନ, ସରକାର ତଥା ସମସ୍ତେ ତତ୍ପରତା ପ୍ରକାଶ କଲେ ତାଙ୍କର ଅମର ଆତ୍ମାକୁ ଶାନ୍ତି ମିଳନ୍ତା । ଆଜି ୯୫ ତମ ଜୟନ୍ତୀ ଅବସରରେ ତାଙ୍କୁ ମୋର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

**ଝାରସୁଗୁଡ଼ା**
**ମୋ-୯୪୩୭୪୦୦୬୯୬**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୨୪ ବର୍ଷରେ...

ରାଜ୍ୟରେ ୧୬ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରାଯାଇଛି । ଏଥିରେ ୧କୋଟିରୁ ଅଧିକ ମହିଳା ଉପକୃତ ହୋଇଛନ୍ତି ।

କୃଷି କ୍ଷେତ୍ରରେ ମଧ୍ୟ ସମୃଦ୍ଧ କୃଷି ଯୋଜନା କାର୍ଯ୍ୟକାରୀ କରାଯାଇଛି । ମତ୍ସ୍ୟ, ପ୍ରାଣୀ ସଂପଦକୁ କୃଷି ବଜେଟ୍‌ରେ ଅଣାଯାଇଛି । ଧାନ କ୍ୱିଣ୍ଟାଲ ପିଛା ୮୦୦ ଟଙ୍କା ଇନପୁଟ୍ ସବ୍‌ସିଡି ଦିଆଯାଉଛି ।

ଶିକ୍ଷା କ୍ଷେତ୍ରରେ ମଧ୍ୟ ଅଶେଷ ଉନ୍ନତି କରାଯାଉଛି । ୫-୮ ନାଁରେ ଉଙ୍ଗା ସ୍କୁଲରେ ରଙ୍ଗ ମରାଯାଇନି । ଶିଶୁବାଟିକା ପ୍ରାଥମିକ ବିଦ୍ୟାଳୟ ଆରମ୍ଭ ହୋଇଛି । ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ଗୋଟିଏ ଲେଖାଏଁ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା ହେବ । ଶତାବ୍ଦୀ ବିଦ୍ୟାଳୟ ଗୁଡ଼ିକର ନବୀକରଣ ପାଇଁ ଐତିହ୍ୟ ବିଦ୍ୟାଳୟ ଯୋଜନାର ଶୁଭାରମ୍ଭ ମଧ୍ୟ ହୋଇଛି ।

ରାଜ୍ୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମଧ୍ୟ ଲୋକେ ଯେପରି ଉନ୍ନତ ସ୍ୱାସ୍ଥ୍ୟସେବା ପାଇବେ ସେଥିପାଇଁ ଆୟୁଷ୍ମାନ ଭାରତ ଲାଗୁ କରାଯାଇଛି । ଦୁର୍ନୀତି ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ସେ ପିଅନ ହୁଅନ୍ତୁ ବା ଆଇଏଏସ୍ କାହାରିକୁ ଛାଡ଼ିଯିବନି ବୋଲି ମୁଖ୍ୟମନ୍ତ୍ରୀ ସତର୍କ କରିଦେଇଛନ୍ତି ।

ମୁଖ୍ୟମନ୍ତ୍ରୀ କହିଲେ ଯେ, ଲୋକଙ୍କୁ ସୁଶାସନ ଦେବା ସରକାରଙ୍କ କର୍ତ୍ତବ୍ୟ । ଲୋକ ଓ ସରକାରଙ୍କ ମଧ୍ୟରେ ଥିବା ପାଚିର ଦୂର ହୋଇଛି । ଅଭିଯୋଗ ପ୍ରକୋଷ୍ଠ ଚାଲିଛି କେବଳ ଭୁବନେଶ୍ୱର ନୁହେଁ ଭୁବନେଶ୍ୱର ବାହାରେ ମଧ୍ୟ ଅଭିଯୋଗ ଶୁଣାଣି ହେଉଛି । ଫଳରେ ଲୋକେ ସୁବିଧାରେ ଆସି ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ନିଜର ସମସ୍ୟା ଜଣାଇପାରୁଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟେକ ଅଭିଯୋଗ ଶୁଣାଣିରେ ୧୦,୮୯୪ ଅଭିଯୋଗ ମଧ୍ୟରୁ ୯୩୮୮ ଅର୍ଥାତ ୮୬ ପ୍ରତିଶତର ସମାଧାନ ହୋଇଛି । ଜନଶୁଣାଣୀ ପୋର୍ଟାଲ ମାଧ୍ୟମରେ ୫ଲକ୍ଷରୁ ଅଧିକ ସମାଧାନ ହୋଇଛି । ୪ଟି ବର୍ଗକୁ ନେଇ ସରକାର ଗୁରୁତ୍ୱାରୋପ କରୁଛନ୍ତି । ସେମାନେ ହେଲେ ଯୁବକ, ଅନ୍ନଦାତା, ମହିଳା ଓ ଗରିବ ।

ନିଯୁକ୍ତି କ୍ଷେତ୍ରରେ ମଧ୍ୟ ପଦକ୍ଷେପ ନିଆଯାଉଛି । ରାଜ୍ୟରେ ଖାଲି ପଡ଼ିଥିବା ୧ଲକ୍ଷ ୫୦ହଜାର ପଦବୀ ପୂରଣ ହେବ । ପ୍ରଥମ ବର୍ଷରେ ୧୮ ହଜାର ଯୁବକଙ୍କୁ ନିଯୁକ୍ତି ଦିଆଯାଇଛି । ଆସନ୍ତା ଆର୍ଥିକ ବର୍ଷରେ ଆହୁରି ୪୦ହଜାର ଯୁବକଙ୍କୁ ନିଯୁକ୍ତି ଦିଆଯିବ । ଓଡ଼ିଶା ଶିଳ୍ପ କ୍ଷେତ୍ରରେ ହବ୍ ହେବ ମେକ୍‌ଇନ୍ ଓଡ଼ିଶା, ଉତ୍କର୍ଷ ଓଡ଼ିଶାରେ ରାଜ୍ୟ ସରକାର ୧୭ଲକ୍ଷ କୋଟିର ଏମ୍‌ଓୟୁ ସ୍ୱାକ୍ଷର କରିଛନ୍ତି । ସେଥିରୁ ୪ଟି ଶିଳାନ୍ୟାସ କରାଯାଇଛି । ୨୦୩୬ ବିକଶିତ ଓଡ଼ିଶା ପାଇଁ ୩୬ଟି କାର୍ଯ୍ୟକ୍ରମ ଘୋଷଣା କରିବୁ । ଏଥିପାଇଁ ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତ ହୋଇଛି । ଗୁଡ୍ ଗଭର୍ଣ୍ଣାନ୍ସ କ୍ଷେତ୍ରରେ ସେଥିରୁ ଓଡ଼ିଶା ଏକ ମଡେଲ୍ ରାଜ୍ୟ ହେବ ।

ଶିକ୍ଷା କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ସଂପର୍କରେ ମନ୍ତ୍ରୀ କହିଲେ ଯେ, ବୈଷୟିକ ଶିକ୍ଷା କ୍ଷେତ୍ରରେ ମଧ୍ୟ ସଂରକ୍ଷଣ ଦିଆଯିବ । ଏହି ଶିକ୍ଷାରେ ୧୧.୨୫ ପ୍ରତିଶତ ସଂରକ୍ଷଣ ରହିବ । ୨୦୨୬ସୁଦ୍ଧା ୯୦ ପ୍ରତିଶତ ଲୋକଙ୍କୁ ପାଇପ ଯୋଗେ ପାନୀୟଜଳ ଯୋଗାଇ ଦିଆଯିବ । ୫ଲକ୍ଷ ଲୋକଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ଘର ଦିଆଯିବ ।

ରାଜ୍ୟରେ ଲୋକାୟୁକ୍ତ ନିଯୁକ୍ତି ସଂପର୍କରେ ମୁଖ୍ୟମନ୍ତ୍ରୀ କହିଲେ ଯେ, ଏ ସଂପର୍କରେ ପ୍ରକ୍ରିୟା ଆରମ୍ଭ କରାଯାଇଛି ଖୁବ୍‌ଶୀଘ୍ର ଲୋକାୟୁକ୍ତ ନିଯୁକ୍ତି ଦିଆଯିବ । ଦିଘାରେ ଜଗନ୍ନାଥ ଧାମକୁ ନେଇ ସୃଷ୍ଟି ହୋଇଥିବା ବିବାଦକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଯେଉଁ ଚିଠି ଲେଖିଥିଲେ ତାହା ଉତ୍ତର ସେ ଲିଖିତ ଭାବେ ଦେଇନାହାନ୍ତି । ମୁ ତାଙ୍କ ପ୍ରତିକ୍ରିୟା ଶୁଣିଛି । ତେବେ ପଶ୍ଚିମବଙ୍ଗ ସରକାରଙ୍କ ଅହଂକାରର ଜବାବ ଲୋକେ ଦେବେବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ସୁଚରାଂ ବର୍ଷ ୧ ସଫଳତା ଅନେକ ବୋଲି ଶ୍ରୀ ମାଝୀ କହିବା ସହିତ କେନ୍ଦ୍ର ସରକାରଙ୍କର ମଧ୍ୟ ଅନେକ ସଫଳତା ନେଇ ବର୍ଣ୍ଣନା କରିଥିଲେ । ଜୁନ୍ ୨୦୨୪ରେ ତୃତୀୟ ଥର ପାଇଁ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ରରେ ଏକ ସ୍ଥିର ସରକାର ଗଠନ ହୋଇଛି । ଏହି ସରକାରର ବର୍ଷପୂର୍ତ୍ତିକୁ ସେବା, ସୁଶାସନ ଓ ସଫଳତାର ବର୍ଷ କହିଲେ ଅତ୍ୟୁକ୍ତି ହେବ ନାହିଁ । ବର୍ଷେ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ କେନ୍ଦ୍ର ସରକାର ଗ୍ରହଣ କରିଛନ୍ତି । ଜାମ୍ମୁକାଶ୍ମୀରରୁ ୩୭୦ ଧାରା ଉଚ୍ଛେଦ, ଟ୍ରିପୁଲ ତଲାକ, ଦେଶରେ ଏକ ଜିଏସ୍‌ଟି ପ୍ରଚଳନ, କୋଭିଡ୍ ମୁକାବିଲା ଓ ଦେଶର ସୁରକ୍ଷା ଲୋକଙ୍କ ସୁରକ୍ଷା ଦିଗରେ ଉଲ୍ଲେଖନୀୟ ପଦକ୍ଷେପ କେନ୍ଦ୍ର ସରକାର ସଠିକ୍ ପଦକ୍ଷେପ ଗ୍ରହଣ କରିଛନ୍ତି । ୨୭କୋଟି ଲୋକ ଦାରିଦ୍ର୍ୟରୁ ମୁକ୍ତ ହୋଇଛନ୍ତି । ନୂତନ ଶିକ୍ଷାନୀତି, ଜନଧନ ଯୋଜନା, ଆତଙ୍କବାଦ୍‌ର କଡାଜବାବ ଆଦି ମୋଦି ସରକାରଙ୍କ ଉଲ୍ଲେଖନୀୟ ପଦକ୍ଷେପ ବୋଲି ସେ କହିଥିଲେ ।

## ପୋଲିସକୁ...

କର୍ମଚାରୀ କିସ୍ତି ପାଇଁ ଅଳସୁଆ ଗ୍ରାମକୁ ଆସିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା । ଦଲାଲ ଅଜୟ ମହାନ୍ତିଙ୍କୁ ଏସ୍‌ଏସ୍‌ଜି ମହିଳାମାନେ ଟଙ୍କା ସମ୍ପର୍କରେ କହିବାରୁ ମୁଁ ବ୍ୟାଙ୍କକୁ ଦେଇଦେବି ବ୍ୟସ୍ତ ହୁଅନାହିଁ ବୋଲି ସେ କହିଥିଲା । ଏପ୍ରିଲ ମାସ ୧୩ ତାରିଖରେ ଦଲାଲ ଅଜୟ କାହାକୁ କୌଣସି ସୂଚନା ନଦେଇ ଘର ଓ ନିଜ ବ୍ୟବସାୟ ବନ୍ଦ କରି ପରିବାର ସହ ଚେନ୍ନାଇ ଫେରାର ହୋଇଯାଇଥିଲା ।

ଏପ୍ରିଲ୍ ୧୯ ତାରିଖରେ ଇନ୍‌ଫୋସିଟି ଥାନାରେ ଏତଲା ହୋଇଥିବା ବେଳେ ପୋଲିସ ଅଭିଯୁକ୍ତ ଅଜୟ ମହାନ୍ତିଙ୍କୁ ଖୋଜଖବର କରୁଥିବା ବେଳେ ପାଇନଥିଲା । କାରଣ ସେ ଦୁଇଟି ଏସ୍‌ଏସ୍‌ଜି ଗ୍ରୁପ୍‌ର ୪୨ଜଣ ମହିଳାଙ୍କ ନାଁରେ ୫ଲକ୍ଷ ଲେଖାଏଁ ଟଙ୍କା ବ୍ୟାଙ୍କରୁ ଋଣ ଆଣି ତାକୁ ନିଜେ ଚଳୁ କରିଦେଇଥିଲା । ମହିଳାମାନଙ୍କୁ ପ୍ରତାରଣା କରି ସେ ଚେନ୍ନାଇ ପଳାଇଯିବା ପରେ ଏତଲା ହୋଇଥିବାରୁ ପୋଲିସ ଅଜୟ ସନ୍ଧାନରେ ଥିଲା । ଅଜୟ ଆସିବା ପରେ ମହିଳାମାନେ ପୋଲିସକୁ ଖବର କରିଥିଲେ । ଖବର ପାଇ ପୋଲିସ ଅଜୟ ମହାନ୍ତିଙ୍କୁ ଥାନାକୁ ଆଣି କୋର୍ଟଚାଲାଣ କରିବା କଥା କହିବାରୁ ମହିଳାମାନେ ବିରୋଧ କରିଥିଲେ । କାରଣ ମହିଳାଙ୍କ କହିବାନୁଯାୟୀ ଦୁଇଟି ଗ୍ରୁପ୍ ନାରେ ୧୦ଲକ୍ଷ ଟଙ୍କା ଋଣ ଆଣି ସେ ନିଜେ ଆତ୍ମସାତ୍ କରିଦେଇଛି । ତାକୁ ଗିରଫ କରି କୋର୍ଟଚାଲାଣ କରାଗଲେ ବ୍ୟାଙ୍କକୁ ଟଙ୍କା ଆମେ ସୁଝିବୁ କିପରି ?

କିଛି ସମୟ ଇନ୍‌ଫୋସିଟି ଥାନା ପୋଲିସ ସହ ମହିଳାମାନେ ଧସ୍ତାଧସ୍ତି ହେବା ସହ ଆକ୍ରମଣ କରିଥିଲେ । ଏପରିକି ଥାନା ଭିତରେ ପଶି ଭଙ୍ଗାରୁଜା କରିବାରୁ ଉଚ୍ଚ ପଦସ୍ଥ ପୋଲିସ ଅଧିକାରୀ ଖବର ପାଇଥିଲେ । ଘଟଣାସ୍ଥଳରେ ଜୋନ୍ ଏସିପିଙ୍କ ସମେତ ବରିଷ୍ଠ ଅଧିକାରୀ ପହଞ୍ଚିବା ସହ ଚନ୍ଦ୍ରଶେଖରପୁର ଓ ନନ୍ଦନକାନନ ଥାନା ଆଇଆଇସି ସଦଳବଳେ ପହଞ୍ଚି ବୁଝାସୁଝା କରିଥିଲେ ମଧ୍ୟ ମହିଳାମାନେ ବୁଝିନଥିଲେ । ଗଣ୍ଡଗୋଳ ଉଗ୍ରରୂପ ନେବାରୁ ଉଭୟଙ୍କ ମଧ୍ୟରୁ କେତେକ ଆହତ ହୋଇଥିଲେ । ଜଣେ ମହିଳା ଚେତାଶୂନ୍ୟ ହୋଇ ତଳେ ପଡିଯାଇଥିଲେ । ଆମ୍ବୁଲାନ୍ସକୁ ଖବର ହେବା ପରେ ଘଟଣାସ୍ଥଳରୁ ଆହତମାନଙ୍କୁ ହସ୍ପିଟାଲ ନିଆଯାଇଥିଲା । ଯେଉଁମାନେ ଆହତ ହୋଇନଥିଲେ ଓ ସାମାନ୍ୟ ଆହତ ହୋଇଥିବା ମହିଳାମାନେ ଥାନା ସମ୍ମୁଖରେ ଧାରଣା ଦେବା ସହ ରାସ୍ତାରୋକ କରି ଟଙ୍କା ଫେରସ୍ତ ଦାବି କରିଥିଲେ । ସେମାନଙ୍କ କହିବା କଥା ଆମେ ଅଜୟ ମହାନ୍ତିର ଗିରଫଦାରୀ ଚାହୁଁନାହୁଁ । ଆମକୁ ସେ ଟଙ୍କା ଫେରାଇଲେ ଆମେ ବ୍ୟାଙ୍କର ଋଣ ପରିଶୋଧ କରିବୁ । ଅଭିଯୁକ୍ତକୁ ଜେଲ୍ ପଠାଇଲେ ଆମେ ବ୍ୟାଙ୍କ ଋଣ ସୁଝିବୁ କିପରି ବୋଲି ମହିଳାମାନେ ପ୍ରଶ୍ନ କରିଥିଲେ । ଅଜୟ ଘର ବାଲେଶ୍ୱର ଜିଲ୍ଲାରେ ହୋଇଥିବା ବେଳେ ସେ ଦୀର୍ଘ ୧୫ବର୍ଷ ହେବ ଅଳସୁଆ ଗ୍ରାମ ନିକଟ ମହିମାନଗରରେ ରହିଆସୁଥିଲା ।

ଗାଁର ମହିଳାମାନଙ୍କୁ ନିଜେ ଏକତ୍ରିତ କରାଇ ଏସ୍‌ଏସ୍‌ଜି ଗ୍ରୁପ୍ ଗଠନ କରିବା ସହ ଟଙ୍କା କାରବାର କରାଉଥିଲା । ସେ ଠକିଥିବା ୧୦ଲକ୍ଷ ଟଙ୍କା ବ୍ୟାଙ୍କରୁ ଋଣ ଆଣିଥିବା ମହିଳାମାନେ ଜାଣିନଥିଲେ । ଋଣ କିସ୍ତି ପାଇଁ ବ୍ୟାଙ୍କ କର୍ମଚାରୀ ଗାଁକୁ ଆସିବା ପରେ ଏସ୍‌ଏସ୍‌ଜି ଗ୍ରୁପ୍ ସଦସ୍ୟମାନେ ଋଣ ସମ୍ପର୍କରେ ଜାଣିଥିଲେ । ପୋଲିସ ଅଜୟ ମହାନ୍ତିଙ୍କୁ ୧୫୮ ନମ୍ବର କେସ୍‌ରେ ମଙ୍ଗଳବାର କୋର୍ଟଚାଲାଣ କରିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ଟୋକନ...

ହୋଇଯାଇଛି । ଗୋଟିଏ ପରେ ଅଭାବୀ ବିକ୍ରି ଓ ଅନ୍ୟ ପଟେ ଅଦିନିଆ ବର୍ଷାରେ ଧାନର କ୍ଷୟକ୍ଷତି ଚାଷୀ ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗିଦେଇଛି । ଫଳରେ ଚାଷୀ ଆନ୍ଦୋଳନ ମୁହାଁ ହେଉଛନ୍ତି ।

ସୋମବାର ସକାଳୁ ସମ୍ବଲପୁର-ଦେବଗଡ ଜାତୀୟ ରାଜପଥ ଅବରୋଧ କରିଥିଲେ ଚାଷୀ । ସମ୍ବଲପୁର-ମାନେଶ୍ୱର ବାଇପାସ ରାସ୍ତାକୁ ସିନ୍ଦୁରପଙ୍କରେ ଅବରୋଧ କରିଥିଲେ । ପ୍ରାୟ ୫ ଘଣ୍ଟା ଧରି ହଜାର ହଜାର ଗାଡି ମଟର ରାସ୍ତାରେ ଅଟକି ରହିଥିଲା । ଟୋକନ ଥାଇ ମିଲର୍ସ ପାଖରେ ଟାର୍ଗେଟ ନଥିବାରୁ ଧାନ ବିକ୍ରି ବନ୍ଦ ହୋଇଯାଇଛି । ଫଳରେ ଚାଷୀ ଆନ୍ଦୋଳନକୁ ଓହ୍ଲାଇଛି । ଏପରିକି ମିଲର୍ସ ପଏଣ୍ଟରେ ଧାନ ଲୋଡିଂ ଗାଡି ୪ ଦିନ ଲେଖାଏଁ ଅନଲୋଡିଂ ନହେବାରୁ ତାତିଛନ୍ତି ଚାଷୀ । ଅଦିନିଆ ବର୍ଷା ଯୋଗୁଁ ଖଳାରେ ଧାନ ଭିଜୁଥିବାରୁ ଜଲଦି ବିକ୍ରି ପାଇଁ ଜିଦ୍ ଧରିଛନ୍ତି । ଯୋଗାଣ ବିଭାଗ ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ଚାଷୀ ଆନ୍ଦୋଳନରୁ ଓହରିଛନ୍ତି ।

ଓଡ଼ିଶାର ଭାତହାଣ୍ଡି କୁହାଯାଉଥିବା ବରଗଡ ଜିଲ୍ଲାର ପଦ୍ମପୁର ସମେତ ବିଭିନ୍ନ ଗ୍ରାମାଞ୍ଚଳରେ ବି ତେଜିଛି ଆନ୍ଦୋଳନ । ଲଗାତାର ଭାବେ ଚାଷୀ ଆନ୍ଦୋଳନ କରିଛନ୍ତି । ଅନ୍ୟପଟେ ବରଗଡର ମିଲର୍ସମାନେ ମଧ୍ୟ ସାଙ୍କେତିକ ଭାବେ ଆନ୍ଦୋଳନ ଆରମ୍ଭ କରିଛନ୍ତି । ଦୁଇଦିନ ମାର୍କେଟୟାର୍ଡରୁ ଧାନ ଉଠିବ ନାହିଁ ବୋଲି ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ମିଲର୍ସଙ୍କ ଅଭିଯୋଗ ହେଲା, ଦୁଇ ବର୍ଷ ହେଲା ଧାନ ଉଠାଯାଇଥିଲେ ବି ଜିଲ୍ଲା ପ୍ରଶାସନ ପାଖରୁ ବକେୟା ଟଙ୍କା ମିଳିନାହିଁ । ଏହାର ସମାଧାନ ନ ହେଲେ ୧୬ ତାରିଖରୁ ଅନିର୍ଦ୍ଦିଷ୍ଟକାଳ ପାଇଁ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି । ପଦ୍ମପୁର , ଗାଇସିଲଟ, ଅମ୍ବାଭାନା, ବିଜେପୁର ଏବଂ ବରପାଲି ବ୍ଲକ କ୍ଷତିପୂରଣ ପାଇବାରୁ ବଞ୍ଚିତ ଚାଷୀଙ୍କୁ କ୍ଷତି ପୂରଣ ପ୍ରଦାନ ଦାବି କରିଛନ୍ତି ।ଚଳିତ ରବି ଋତୁ ମଇ ମାସରେ କାଳ ବୈଶାଖୀ ଲଘୁଚାପ ଜନିତ ଅଦିନିଆଁ ବର୍ଷା ଏବଂ ମୌସୁମୀ କାରଣରୁ ବରଗଡ଼ ଜିଲ୍ଲାରେ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଛି ।

ଅନ୍ୟପକ୍ଷରେ ଦିନିକିଆ ସମ୍ବଲପୁର ଗସ୍ତରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପହଞ୍ଚି ଚାଷୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଛନ୍ତି । ସମ୍ବଲପୁର କୃଷକ ସଂଗଠନ ସହ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଛନ୍ତି ମନ୍ତ୍ରୀ ଶ୍ରୀ ପାତ୍ର । ମୁଖ୍ୟତଃ ସମ୍ବଲପୁରରେ ଚାଷୀଙ୍କ ସହ ଧାନକିଣା ଟାର୍ଗେଟ ଓ ଟୋକନ ସମସ୍ୟା ନେଇ ଆଲୋଚନା କରିଥିଲେ । ଯଦି ଟୋକନ ଅବଧି ସରିବା ସତ୍ତ୍ୱେ ଚାଷୀ ଧାନ ବିକ୍ରି କରି ନପାରିଲେ , ଜିଲ୍ଲାପାଳ ତାଙ୍କର ସ୍ୱତନ୍ତ୍ର କ୍ଷମତା ବ୍ୟବହାର କରି ଆହୁରି ୧୫ ଦିନ ଏହାର ଅବଧି ବଢ଼ାଇ ପାରିବେ ବୋଲି କହିଛନ୍ତି ଯୋଗାଣ ମନ୍ତ୍ରୀ । ଏହାପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲା ଯୋଜନା କମିଟିର ବୈଠକରେ ଯୋଗଦେଇଥିଲେ । ସେହିପରି ବୁଡ଼ି ଅଞ୍ଚଳରେ ଧାନକିଣା ପାଇଁ ଆଗକୁ ମଧ୍ୟ ଅନୁମତି ରହିବ ବୋଲି ମନ୍ତ୍ରୀ କହିଛନ୍ତି ।

## ଝାଡାବାନ୍ତିରେ...

ସହ ଯାଜପୁରରୁ ଏକ ମେଡିକାଲ ଟିମ ଏଠାକୁ ପଠାଇ ରୋଗୀ ମାନଙ୍କ ଚିକିତ୍ସା କରାଇବା ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ତେବେ ରୋଗୀ ଓ ତାଙ୍କ ସମ୍ପର୍କିୟମାନଙ୍କ ଅଭିଯୋଗ ଉପରେ ପରବର୍ତୀ ସମୟରେ ବିଚାର କରାଯିବ ବୋଲି କହିଥିଲେ। ସୋମବାର ଅତ୍ୟଧିକ ବର୍ଷା ହେବା ଏବଂ ବଜାରରେ ବିକ୍ରି ହେଉଥିବା ଆମ୍ବ ଓ ପଣଷ ଖାଇ ଲୋକମାନେ ଏଭଳି ଝାଡାବାନ୍ତି ରୋଗରେ ପଡିଥିବା ସିଡିଏମଓ କହିଛନ୍ତି। ଆଜି ଧର୍ମଶାଳା ବ୍ଲକର ଗୋଡିପାଟିଆ, ଭେଜିଗୋଠ, ବାଲିସାହି, ଗଡମଧୁପୁର, ପାଖର, ଅଞ୍ଜିରା, ଚହଟା ଏବଂ ରସୁଲପୁର ବ୍ଲକ ଗୋପାଳପୁର ଓ ପ୍ରଥମାଖଣ୍ଡି ଗ୍ରାମର ଲୋକମାନେ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଧର୍ମଶାଳା ମେଡିକାଲରେ ଭର୍ତି ହୋଇଛନ୍ତି। ଧର୍ମଶାଳା ମେଡିକାଲ ଷ୍ଟାଫ ଓ ଯାଜପୁରରୁ ଆସିଥିବା ମେଡିକାଲ ଟିମ ମିଳିତ ଭାବେ ରୋଗୀମାନଙ୍କ ଚିକିତ୍ସା ଚଳାଇଥିବା ଦେଖିବାକୁ ମିଳିଛି। ଚିକିତ୍ସିତ ହୋଇ ଅନେକ ରୋଗୀ ଘରକୁ ଫେରୁଥିବା ବେଳେ ଏବେବି ଅନେକ ଝାଡାବାନ୍ତି ରୋଗୀ ମେଡିକାଲକୁ ଆସି ଚିକିତ୍ସିତ ହେଉଥିବା ଦେଖିବାକୁ ମିଳିଛି।

## ଲାଞ୍ଚୁଆ...

ବାସଭବନରୁ ୪୭ଲକ୍ଷ ୪୭ ହଜାର ୬୦୦ ଟଙ୍କା ଜବତ ହୋଇଥିଲା । ଏକାଧିକ ସ୍ଥାନରେ ଚଢ଼ାଉ ବେଳେ ସମୁଦାୟ ୫୭ ଲକ୍ଷ ୪୬ ହଜାର ୬୦୦ ଟଙ୍କା ଜବତ ହୋଇଥିଲା ।

୨୦୨୧ ବ୍ୟାଚ ଆଇଏଏସ୍ ଶ୍ରୀ ଚକ୍ମା ତ୍ରିପୁରାର ଏକ ଆଭ୍ୟନ୍ତରୀଣ ଅଞ୍ଚଳ କାଞ୍ଚନପୁରର ବାସିନ୍ଦା । ତାଙ୍କ ବାପା ଜଣେ ସ୍କୁଲ ଶିକ୍ଷକ । ଅଗରତାଲା ଏନ୍‌ଆଇଟିରୁ କମ୍ପ୍ୟୁଟର ସାଇନ୍ସରେ ଡିଗ୍ରି ହାସଲ କରିବା ପରେ ୟୁପିଏସସି ପରିଚାଳିତ ଭାରତୀୟ ପ୍ରାଶାସନିକ ସେବା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । ଲାଞ୍ଚ ନେବା ମାମଲାରେ ସୋମବାର ପୁଣି ଭିଜିଲାନ୍ସର ଏକ ଟିମ୍ ଧର୍ମଗଡ଼ ଯାଇ ଉପଜିଲ୍ଲାପାଳଙ୍କ ଅଫିସରେ ଛାନଭିନ୍ କରିଥିଲେ । ଫଳରେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରି ତଦନ୍ତ କରିଥିବା ଜଣା ପଡ଼ିଛି । ଏହାଛଡ଼ା ଉପଜିଲ୍ଲାପାଳଙ୍କ ଅଫିସରେ ଅନ୍ୟ କର୍ମଚାରୀମାନଙ୍କ ସହ ବି ଆଲୋଚନା କରିଛନ୍ତି ଭିଜିଲାନ୍ସ ଅଧିକାରୀ ।

## ଆଜି...

ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ମନ୍ଦିର ଭିତର ଓ ବାହାରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ମାର୍କେଟ ଛକ ନିକଟରେ ବାଉଁଶରେ ବ୍ୟାରିକେଡ଼ ନିର୍ମାଣ କରାଯାଇଛି । ବ୍ୟାରିକେଡ଼ ଦେଇ ଭକ୍ତମାନେ ଧାଡ଼ିରେ ବଡ ଦାଣ୍ଡ ଦେଇ ଶ୍ରୀମନ୍ଦିର ଭିତରେ ପ୍ରବେଶ କରି ସ୍ନାନ ବେଦୀରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ହାତୀ ବେଶରେ ଦର୍ଶନ କରିବେ । ସ୍ନାନ ପୂର୍ଣ୍ଣିମା ପାଇଁ ଶ୍ରୀମନ୍ଦିର ପ୍ରଶାସନ ଓ ଛତିଶା ନିଯୋଗ ପକ୍ଷରୁ ଚୂଡାନ୍ତ ହୋଇ ଥିବା ନୀତି ନିର୍ଘଣ୍ଟ ଅନୁସାରେ ମଙ୍ଗଳାର୍ପଣ ଭୋର୍ ୪ ଟା ୩୦ ମିନିଟ୍, ଡୋର ଲାଗି, ପୁଷ୍ପାଞ୍ଜଳୀ, ପହଣ୍ଡି ଆରମ୍ଭ ସକାଳ ୫ ଟା ରୁ ୭ ଟା, ମଙ୍ଗଳ ଆଳତି ସକାଳ ୯ ଟା , ମଇଲମ ସକାଳ ୯ ଟା ୧୫ ମିନିଟ, ତଡ଼ପ ଲାଗି ୯ ଟା ୨୫ ମିନିଟ, ଅଧର ପୋଛା ୯ ଟା ୪୫ ମିନିଟ, ଅବକାଶ ୧୦ ଟା ୨୦ ମିନିଟ, ସୂର୍ଯ୍ୟ ପୂଜା ୧୦ ଟା ୩୦ ମିନିଟ, ଦ୍ୱାର ପାଳ ପୂଜା ୧୦ ଟା ୪୫ ମିନିଟ, ବେଶ୍ ଶେଷ ୧୧ ଟା ୧୦ ମିନିଟ, ଜଳ ବିଜେ, ପୂଜା, ମହାସ୍ନାନ ଦିବା ୧୨ ଟା ୨୦ ମିନିଟ ରୁ ୧ ଟା ୪୫ ମିନିଟ, ମଇଲମ, ମେକାପ, ସର୍ବାଙ୍ଗ, ନୂଆ ବସ୍ତ୍ର ଲାଗି ଅପରାହ୍ନ ୨ ଟା ୫୦ ମିନିଟ, ଛେରା ପହଁରା ୩ ଟା ୩୦ ମିନିଟ, ଗଜାନନ ବେଶ ୪ ଟା ୩୦ ମିନିଟ, ମହନ୍ତ ଶାଢ଼ୀ ବନ୍ଧା ୪ ଟା ୩୦ ମିନିଟ, ଘଣ୍ଟ ଛତା, ସକାଳ ଧୂପ ସନ୍ଧ୍ୟା ୫ ଟା ୪୫ ରୁ ୭ଟା ୨୦ ମିନିଟ, ଦକ୍ଷିଣ ଘର ଭୋଗ ସନ୍ଧ୍ୟା ୭ ଟା ୩୦ ମିନିଟ, ସାହଣ ମେଳା ଦର୍ଶନ ସନ୍ଧ୍ୟା ୭ ଟା ୩୦ ମିନିଟ ରୁ ରାତ୍ର ୧୦ ଟା ୩୦ ମିନିଟ, ହାତୀ ବେଶ୍ ମଇଲମ ରାତ୍ର ୧୧ ଟା, ପୁଷ୍ପାଞ୍ଜଳି ଓ ଡୋର ଲାଗି ରାତ୍ର ୧୧ ଟା ୩୦ ମିନିଟ, ବାହୁଡ଼ା ପହଣ୍ଡି ରାତ୍ର ୧୧ ଟା ୩୦ ମିନିଟ ରୁ ୨ ଟା , ସୁନା ଚିତା ଓ ରାହୁ ରେଖା ମଇଲମ ରାତ୍ର ୨ ଟା ୩୦ ମିନିଟ ଚୂଡାନ୍ତ ହୋଇ ଥିବା ସୂଚନା ମିଳିଛି ।

- ମଙ୍ଗଳାର୍ପଣ ପ୍ରାତଃ- ୪ଟା ୩୦
- ଡୋରଲାଗି ଓ ପୁଷ୍ପାଞ୍ଜଳୀ ହୋଇ ପହଣ୍ଡି ଆରମ୍ଭ- ୫ ଟା ରୁ ୭ଟା
- ମଙ୍ଗଳଆଳତି- ସକାଳ ୯ ଟା
- ମଇଲମ- ୯ଟା ୧୫
- ତଡପ ଲାଗି- ୯ଟା ୨୫
- ଅଧର ପୋଛା - ୯ଟା ୪୫
- ଅବକାଶ- ୧୦ଟା ୨୦
- ରୋଷହୋମ - ୧୦ଟା ୨୦
- ସୂର୍ଯ୍ୟ ପୂଜା - ୧୦ଟା ୩୦
- ଦ୍ୱାରପାଳ ପୂଜା - ୧୦ଟା ୫୫
- ବେଶ ଶେଷ- ୧୧ଟା ୧୦
- ଜଳ ବିଜେ, ପୂଜା, ସ୍ନାନ-ଦିବା ୧୨ଟା ୨୦ ରୁ ୧ଟା ୪୫
- ମଇଲମ, ମେକାପ ସର୍ବାଙ୍ଗ, ନୂଆଲୁଗା ଲାଗି ବେଶ - ୨ଟା ୫୦
- ଛେରା ପହଁରା - ୩ଟା ୩୦
- ହାତୀ ବେଶ - ୪ଟା ୩୦
- ମହନ୍ତଶାଢ଼ୀବନ୍ଧା- ୪ଟା ୩୦
- ଘଣ୍ଟଛତା ସକାଳ ଧୂପ - ୫ଟା ୪୫ ରୁ ୭ଟା ୨୦
- ଦକ୍ଷିଣଘର ଭୋଗ- ସନ୍ଧ୍ୟା ୬ଟା ୩୦
- ସାହାଣମେଳା - ୭ଟା ୩୦ ରୁ ୧୦ ଟା ୩୦
- ହାତୀବେଶ ମଇଲମ- ରାତ୍ର ୧୧ଟା
- ପୁଷ୍ପାଞ୍ଜଳୀ ଓ ଡୋରଲାଗି- ୧୧ଟା ୧୦
- ବାହୁଡା ପହଣ୍ଡି - ୧୧ଟା ୩୦ ରୁ ୨ ଟା
- ସୁନା ଚିତା ଓ ରାହୁ ରେଖା ମଇଲମ - ୨ଟା ୩୦

# ସର୍ଚ୍ଚ ଅପରେସନରେ ଡ୍ରୋନ ଛୋଟଛୋଟ ଗୋଷ୍ଠୀରେ ମାଓବାଦୀ

ସମ୍ବଲପୁର, ୧୦।୬ (ସବ୍ୟୁ): ସମ୍ବଲପୁର ଜିଲ୍ଲାରେ ମାଓ ଗତିବିଧି ନଜରକୁ ଆସିବା ପରେ ଗତ ୪ଦିନ ହେବ ସର୍ଚ୍ଚ ଅପରେସନ୍ ଜାରି ରହିଛି । ସ୍ଥାନୀୟ ପୋଲିସ ସହାୟତାରେ ସଶସ୍ତ୍ର ଅର୍ଦ୍ଧ ସାମରିକ ବଳ ଘଞ୍ଚ ଜଙ୍ଗଲରେ କମ୍ବିଂ ଚଳାଇଛନ୍ତି । ଅନ୍ୟପଟେ ଉଚ୍ଚ କ୍ଷମତା ସମ୍ପନ୍ନ ଡ୍ରୋନକୁ ମଧ୍ୟ ସର୍ଚ୍ଚ ଅପରେସନ୍‌ରେ ସାମିଲ କରାଯାଇଛି । ଫଟୋ ଓ ଭିଡିଓ ଉତ୍ତୋଳନ କରାଯାଇ ଏସବୁକୁ ତନ୍ନତନ୍ନ ଯାଞ୍ଚ କରାଯାଉଛି । ଏଭଳିସ୍ଥଳେ ମାଓବାଦୀ ମାନେ ଛତ୍ରଭଙ୍ଗ ଦେଇଥିବା ଜଣାପଡିଛି । ସେମାନେ ଛୋଟଛୋଟ ଭାଗ ହୋଇ ଭିନ୍ନ ଭିନ୍ନ ଜଙ୍ଗଲରେ ଆତ୍ମଗୋପନ କରିଛନ୍ତି । ବିଶେଷ ଭାବେ ସମ୍ବଲପୁର ଜିଲ୍ଲାର ରେଢାଖୋଲ, ଚାରମାଳ, ଯୁଯୋମୁରା, ଜମନକିରା, ନାକଟିଦେଉଳ ଓ କିସିଣ୍ଡା ଥାନା ଅଞ୍ଚଳରେ ସକ୍ରିୟ ଥିବା ଗୁଇନ୍ଦା ବିଭାଗ ପକ୍ଷରୁ ଜଣାପଡିଛି । ଏହା ଜଣାପଡିବା ପରେ ପୋଲିସ ପକ୍ଷରୁ ଅସ୍ତ୍ରାଗାର ଗୁଡିକର ସୁରକ୍ଷା ବ୍ୟବସ୍ଥା ବଢାଇ ଦିଆଯାଇଛି । ପୂର୍ବରୁ ମାଓ ଅଞ୍ଚଳ ଥିବା ଥାନା ଗୁଡିକରେ ଏସ୍‌ଓଜି ଯବାନ ମୁତୟନ କରାଯାଇଛି । ବାରମ୍ବାର ପୋଲିସ ଅଧିକାରୀଙ୍କ ସହ ବୈଠକ ଓ ମାଓ ମୁକାବିଲା ପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରାଯାଇଛି ।

ଛତିଶଗଡରେ ମାଓବାଦୀ ବିରୋଧି ଅପରେସନର ସଫଳତା ଓ ସରଣ୍ଡା ଜଙ୍ଗଲରୁ ଲୁଟ୍ ବିସ୍ଫୋରକ ସାମଗ୍ରୀ ଜବତ ପରେ କିଛି ମାଓବାଦୀ ସମ୍ବଲପୁର ଜିଲ୍ଲା ଚାରମାଳ ଥାନା ଅନ୍ତର୍ଗତ ଘଞ୍ଚ ସଂରକ୍ଷିତ ଜଙ୍ଗଲରେ ଆତ୍ମଗୋପନ କରିଥିବା ପୋଲିସକୁ ସୂଚନା ମିଳିଥିଲା । ଏହା ଜଣାପଡିବା ପରେ ଅର୍ଦ୍ଧ ସାମରିକ ବାହିନୀ ଓ ଏସ୍‌ଓଜି ଯବାନଙ୍କ ପକ୍ଷରୁ ମିଳିତ ଭାବେ ଗତ ୭ତାରିଖରୁ ସର୍ଚ୍ଚ ଅପରେସନ ଜାରି ରହିଛି । ବୌଦ୍ଧ, ସୋନପୁର ଓ ରେଢାଖୋଲ ଅଞ୍ଚଳର ଠେଙ୍ଗୋ ଡ୍ୟାମ ସଂଲଗ୍ନ ବିଭିନ୍ନ ଜଙ୍ଗଲରେ ଏହି ଅପରେସନ୍ ଚାଲୁଥିବା ବେଳେ ସେମାନେ ପାଲଟା ଆକ୍ରମଣ ବଳରେ ଆତ୍ମଗୋପନକୁ ଶ୍ରେୟ ମଣୁଛନ୍ତି । ଜଙ୍ଗଲ ପାର୍ଶ୍ୱବର୍ତ୍ତୀ କିଛି ଗ୍ରାମବାସୀଙ୍କ ସହ ସୁସମ୍ପର୍କ ସ୍ଥାପନ ସହ ସେମାନଙ୍କ ଜରିଆରେ ଖାଦ୍ୟପାନୀୟ ବ୍ୟବସ୍ଥା ପରିଚାଳନା କରୁଛନ୍ତି । ଏଥିସହ ପୋଲିସର ଗତିବିଧି ଉପରେ ସର୍ବଦା ନଜର ରଖିଛନ୍ତି । ଆବଶ୍ୟକସ୍ଥଳେ ସ୍ଥାନ ପରିବର୍ତ୍ତନ ମଧ୍ୟ କରୁଛନ୍ତି । ଏହା ଜଣାପଡିବା ପରେ ଜଙ୍ଗଲ ଜାତ ଦ୍ରବ୍ୟ ଉପରେ ନିର୍ଭର କରୁଥିବା ଲୋକେ ଆଉ ଭୟରେ ଜଙ୍ଗଲ ଯାଉନଥିବା ଜଣାପଡିଛି । ସେହିପରି କିଛି ବନ କର୍ମଚାରୀ ମଧ୍ୟ ହାତୀ ଓ ମାଓବାଦୀ ଭୟରେ ଘଞ୍ଚ ଜଙ୍ଗଲକୁ ଆଉ ଯାଉନଥିବା ନଜରକୁ ଆସିଛି ।

# ଉତ୍କଳ ରଂଜନ ସାହୁଙ୍କୁ ରାଜସ୍ଥାନ ଲୋକ ସେବା ଆୟୋଗର ଅଧ୍ୟକ୍ଷ

ଭୁବନେଶ୍ୱର (ସବ୍ୟୁ) : ଓଡ଼ିଆ ପୁଅ ଉତ୍କଳ ରଂଜନ ସାହୁଙ୍କୁ ରାଜସ୍ଥାନରେ ବଡ଼ ଦାୟିତ୍ୱ ମିଳିଛି। ଭାରତୀୟ ପୁଲିସ ସେବା (ଆଇପିଏସ୍) ଅଧିକାରୀ ଶ୍ରୀ ସାହୁଙ୍କୁ ରାଜସ୍ଥାନ ସରକାର ରାଜ୍ୟର ଲୋକ ସେବା ଆୟୋଗର ନୂଆ ଅଧ୍ୟକ୍ଷ ପଦବିରେ ନିଯୁକ୍ତି ଦେଇଛନ୍ତି। ଏହି ପଦବିରେ ନିଯୁକ୍ତ ହେଲା ପରେ ୧୯୮୮ ବ୍ୟାଚ୍ର ଆଇପିଏସ୍ ଶ୍ରୀ ସାହୁ ନିଜର ଯୋଜନା ସଂପର୍କରେ ଗଣମାଧ୍ୟମର ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି। ଶ୍ରୀ ସାହୁ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ଆଦେଶାନୁସାରେ ତାଙ୍କୁ ଦାୟିତ୍ୱ ମିଳିଛି। ଏହାକୁ ନିଷ୍ଠାର ସହିତ ପାଳନ କରିବି। ମୁଁ ଗତ ୩୫ ବର୍ଷ ହେଲା ସରକାରୀ ସେବାରେ ରହିଛି ଏବଂ ସବୁବେଳେ ଆଦେଶର ପାଳନ କରିଛି। ବର୍ତ୍ତମାନ ନୂଆ ଦାୟିତ୍ୱ ମିଳିଥିବାରୁ, ମୁଁ ସଂପୂର୍ଣ୍ଣ ଭାବେ ଉଦ୍ୟମ କରିବି ଯେ, ଏହି ପଦ ଅନୁସାରେ କାମ କରାଯିବ। ଯଥା ସମ୍ଭବ ଭଲ କରିବାକୁ ଉଦ୍ୟମ କରିବିଛ ଅନୁଗୁଳ ଜିଲ୍ଲା ଛେଣ୍ଡିପଦା ବ୍ଲକର କୋଶଳା ଗାଁରେ ଜନ୍ମିତ ଶ୍ରୀ ସାହୁ କହିଛନ୍ତି, ବିଗତ କିଛି ବର୍ଷରେ ନିଯୁକ୍ତି ପରୀକ୍ଷାସଂପର୍କିତ ଅନେକ ସମସ୍ୟା ଆସିଥିଲା।


**AFFIDAVIT**

By virtue of an affidavit sworn before Executive Magistrate, Gop, Dated. 9.6.2025, I SILU PATRA, Son of Atula Patra, Village-Panichhatra (Patrasahi), Po-Nayahat, Ps-Gop, Dist-Puri, Pin-752107, Declare that I have changed my daughter (Old name) Soumyashree Mohapatra To (New name) SOUMYASHREE PATRA, Henceforth She shall be know as SOUMYASHREE PATRA for all purposes.

SILU PATRA

**AFFIDAVIT**

By virtue of an affidavit sworn before Executive Magistrate Bhubaneswar, Dated-10.06.2025. I, Ramanath Sahoo resident of Gojabayani Basti, Vss Nagar, Po/Ps-Saheed nagar, Bhubaneswar, Dist-Khordha, Odisha, Pin-751007 declare that I have changed the name of my daughter from Swayan Sampruna Sahoo to Swayam Sampurna Sahoo. Henceforth She shall be known as "Swayam Sampurna Sahoo" for all purposes.

Ramanath Sahoo

**AFFIDAVIT**

I, Adwita Ballabh Pattanayak, resident of At-GL-19, Vss Nagar, P.o-Rasulgarh, P.s/ Saheed Nagar, Dist-Khordha, Odisha, Pin-751010 Odisha, declare by this affidavit No. 659 dtd.-09/06/2025 that now onwards I shall known as "Adwaita Ballabha Pattanayak" for all future purposes.

**ଦ.ପୂ. ରେଳପଥ-ଟେଣ୍ଡର**

ସିନିୟର ଡିଭିଜନାଲ ମେକାନିକାଲ ଇଞ୍ଜିନିୟର ଦକ୍ଷିଣ ପୂର୍ବ ରେଳପଥ, ଖଡଗପୁର ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଇ-ଟେଣ୍ଡର ନୋଟିସ୍ ନଂ. : ଏମ-ଆରଏସପି-ଆରଓଏଚ୍-୨୫ଆର ଲାଗି ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । କାର୍ଯ୍ୟର ନାମର ସଂକ୍ଷିପ୍ତ ବିବରଣୀ ସହିତ ଏହାର ଅବସ୍ଥିତି : ପିବି ଆଇଟମ ନଂ. ୪୬୯/୨୦୨୪-୨୫ ଅନ୍ତର୍ଗତ ସ୍ପାଇକ କିଟ୍ / ଏଚଏମଟି ଠାରେ ୧୫୦୦ ସ୍ପାଇକର ଆଉଟ୍‌ଏଚ୍, ଟେଣ୍ଡର ମୂଲ୍ୟ : ଟ. ୨,୯୬,୭୭,୫୪୦.୮୮, ଅମାନତ ଅର୍ଥ : ଟ. ୨,୯୮,୪୦୦.୦୦ । ଇ-ଟେଣ୍ଡର ବନ୍ଦ ତାରିଖ ଓ ସମୟ : ୨୬.୦୬.୨୦୨୫ ଅପରାହ୍ନ ୧୬.୦୦ ଘଟିକା । ୱେବସାଇଟ୍, ବିବରଣୀ ଓ ସର୍ବିଶେଷ ତଥ୍ୟ www.ireps.gov.in , ବିଡ଼ ଆରମ୍ଭ ତାରିଖ : ୧୨.୦୬.୨୦୨୫ । (PR-244)

**AFFIDAVIT**

By the virtue of an affidavit sworn before The Notary public, Simulia, Balasore on dated 10.06.2025. I, Jayant Kumar Jena (50 yrs) S/O-Pasupati Jena, At-Balikana, Po-Govindapur, Ps-Simulia, Dist-Balasore declare that I have changed my name from Jayanta Kumar Jena to Jayant Kumar Jena. Henceforth, I shall be known as Jayant Kumar Jena for all purposes.

**VIKRAM DEV UNIVERSITY**
**JEYPORE, DIST: KORAPUT, ODISHA-764001**
No. 1423 /VDU/25 DATE : 31.05.2025

**QUOTATION CALL NOTICE**

CAD-721 : Sealed quotations are invited from the registered firms/authorized book sellers for supply of Books of different Subjects/ Departments to be purchased out of the Government Grant so as to reach in the office of the undersigned by 5.00 P.M. on or before 20.06.2025 by Registered Post/Speed Post Positively only for consideration. Quotations received after the due date will not be entertained. The quotation will be opened in the office of the undersigned at 11.00 A.M. on 24.06.2025. The firms/ book selleres should quote the percentage of discount to be given on the printed price/MRP of each book i.e. on the text book/ reference book (Odia & English) and foreign publisher books of P.G. and U.G. Courses as per latest syllabus and edition separately in the prescribed proforma. Further, they should enclose their GST/ IT clearance/ authorized book seller certificate if any, with their quotation. Concerned book sellers should visit our University Website www.vikramdevuniversity.ac.in to see the detailed book lists and prescribed Proforma.

Sd/- Registrar
V. Dev University, Jeypore

OIPR : 11133/11/0007/2526

**AFFIDAVIT**

By virtue of an affidavit sworn before Notary Public Titilagarh dated 02.06.2025 I, Manoj Kumar Dandasana, Address At-Bandhapara, Po-Bandhapara, Ps-Deogaon, Dist-Balangir, Odisha, Pin-767029 declare that I have changed my son's name from Saddharth Dandasena to Siddharth Dandasana. Henceforth, he shall be known as Siddharth Dandasana for all purposes.

Manoj Kumar Dandasana

**AFFIDAVIT**

By virtue of an affidavit sworn before Notary Public, Khordha, dated. 09.06.2025, I Pramod Kumar Das, resident of At/Po-Saradhapur, PS/Dist-Khordha, Pin-752057, Odisha, declare that I have changed the name of my son from Debrat Das to Debabrata Das. Hence, he shall be known as Debabrata Das for all purposes.

**TPWODL**
**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following packages :

1. TPWODL/SA/O/SU/2500000980 : Rate contract for supply of resin cast CT & PT.
2. TPWODL/VP/O/SU/2500000973 : PO for Supply of Testing Equipment's in TPWODL.

Interested bidders are to submit Tender Participation Fee and Authorization Letter through email on or before 21st June 2025, 15:00Hrs, respectively, after which link from e-Tender system shall be shared with them.

For detailed tender documents of the above-mentioned tender, please visit Tender section of www.tpwesternodisha.com. All details for participating in the tender is given in the tender document.

All future correspondence regarding the tender, bid submission, date extension etc. will happen with participating bidders only through E-Tender system.

Sd/- Head- Contracts & Procurement

**AFFIDAVIT**

By virtue of an affidavit sworn before the Executive Magistrate Bhuban on dated 1388/10.06.2025. I Mr Prakash Kumar Kanar, S/o Gouranga Charan Kanar, Address Palashpithia, Po-Garhnurshingh Prasad, Ps-Bhuban, Dist- Dhenkanal have changed my name from Prakash Chandra Kanar to Prakash Kumar Kanar. Henceforth I shall be known as "Prakash Kumar Kanar" for all purposes.

Prakash Kumar Kanar

**ODISHA HYDRO POWER CORPORATION LIMITED**
BALIMELA HYDRO ELECTRIC PROJECT:,POST: BALIMELA: DIST: MALKANGIRI (ODISHA); PIN: 764051:
Phones: 06861-232581 (O)/232641 (R) : FAX:06861-232541.,E-Mail unit-head balimela@yahoo.com
REGD. OFFICE:ODISHA HYDRO POWER CORPORATION LIMITED
(A Govt. of Odisha Undertaking)
BHOI NAGAR, JANAPATH, BHUBANESWAR - 751022
Tel-91-0674-2542983.2542802,2545526 . Fax: 2542102, GRAM HYDROPOWER,
E-MAIL: ohpc.co@gmail.com/ / md@ophcltd.com, Web : www.ohpcltd.com,
CIN: U40101OR1995SGC003963, GSTIN-21AAACO2575P1Z9

TENDER CALL NOTICE No.BHEP/TECH/ 17/2025-26 Dtd.09.06.2025

CAD-722 : The Sealed tenders are invited in single part bid basis from the Manufacturer / Reputed Suppliers /Authorised Dealers for supply of materials as detailed below.

| Sl .No. | Description of Items. | Cost of Tender Paper (In Rs.) |
|---|---|---|
| 1. | Supply of HYDAC make Pressure Switches for BHEP, Balimela | Rs.7080/- Inclusive of GST @ 18% |

The Sale of Tender Paper will be from : 13.06.2025 to 25.06.2025 (up to 11:00 hrs)
The last date & time of receipt of tenders : Up to 11:30 hrs of 25.06.2025
Date and time of opening of the Bid : 25.06.2025 at 12:00 hrs
For details of tender documents, Terms and Conditions, Eligibility criteria and downloading, please visit our website at www.ohpcltd.com

OIPR : 04019/11/0094/2526
Sd/- C & P Head, BHEP, Balimela

CAD-727

**INVITATION FOR BIDS (IFB)**
**ODISHA STATE CASHEW DEVELOPMENT CORPORATION LIMITED,**
**KAJU BHAWAN, GHATIKIA, BHUBANESWAR**
E-Mail :- contact@oscdc.com
e- Procurement Notice
Bid Identification Number- OSCDC-02 of 2025-26
Tender Call Notice No: 1717 Date:- 10.06.2025

| | |
|---|---|
| Name of the work: | 1. Construction of Agro shed-net Truss with drainage system at Jayantagiri-II nursery. Koraput 2. Construction of Agro shed-net Truss at Kathagada Nursery, Ganjam. 3. Construction of Drying yard with Working shed. Store room & toilet atkathagada Ganjam under Khordha Division. |
| Total No. of Projects: | 3(Three) numbers |
| Estimated cost of projects: | Varies from Rs.8.73 lakh to Rs. 37.00 lakh (Excluding GST) |
| Class of contractor: | "D", "C"&"B" Class (of Odisha PWD) or relevant Class of other licensing authorities. |
| Period of Completion : | As per TCN |

**Other details:**

| Procurement Officer | Bid Identification Number | Availability of Tender online for bidding From | Availability of Tender online for bidding To | Submission of Original Documents | Date & Place of Ope'ning of tender |
|---|---|---|---|---|---|
| 1 | 2 | 3 | 4 | 5 | 6 |
| MANAGING DIRECTOR, OSCDC LTD. BHUBANESWAR | OSCDC-02 of2024-25 | 11.06.2025 from 11.00 A.M. | 21.06.2025 up to 5.00 P.M | During office hours of working days from dt. 12.06.2025 from 11.00AM to 23.06.2025upto 05.00 PM in the Office of Executive Engineer, OSCDC, Kaju Bhawan, Bhubaneswar, 751029 (To be dropped in the sealed Box) | Dt. 24.06.2025at 11.30 AM in the conference hall, OSCDC, Kaju Bhawan, Bhubaneswar 751029 |

Further details can be seen from the website www.tendersodisha.gov.in
OIPR: 01049/11/0032/2526
Sd/- Managing Director

# ଓଜେଇଇ ଫଳାଫଳ ପ୍ରକାଶ

ଭୁବନେଶ୍ୱର(ସବ୍ୟୁ): ଓଡ଼ିଶା ମିଳିତ ପ୍ରବେଶିକା ପରୀକ୍ଷା (ଓଜେଇଇ)-୨୦୨୫ ରେଜଲ୍ଟ ମଙ୍ଗଳବାର ସନ୍ଧ୍ୟାରେ ପ୍ରକାଶ ପାଇଛି । ଓଡିଶା ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ଫଳାଫଳ ପୁସ୍ତକ ଉନ୍ମୋଚିତ ହୋଇଛି । ଶିକ୍ଷମନ୍ତ୍ରୀ ସମ୍ପଦ ସ୍ୱାଇଁ ଆନୁଷ୍ଠାନିକ ଭାବେ ଓଜେଇଇ-୨୦୨୫ ରେଜଲ୍ଟ ଘୋଷଣା କରିଛନ୍ତି । ଛାତ୍ରଛାତ୍ରୀମାନେ ନିଜର ରେଜଲ୍ଟ ଜାଣିବା ପାଇଁ (www.ojee.nic.in) ୱେବ୍‌ସାଇଟ୍ ମାଧ୍ୟମରେ ନିଜର ରାଙ୍କ କାର୍ଡ ପାଇପାରିବେ ।



ଗତ ମେ' ୨ ତାରିଖରେ ଓଜେଇଇ ପରୀକ୍ଷା ଆରମ୍ଭ ହୋଇଥିଲାଛ ୧୨ ତାରିଖ ଯାଏ ଏହା ୩ଟି ସିଫ୍ଟରେ ଜାରି ରହିଥିଲା । ସମସ୍ତ ପରୀକ୍ଷା କମ୍ପ୍ୟୁଟର ବେସଡ ଟେଷ୍ଟ (ସିବିଟି) ମୋଡରେ ହୋଇଥିଲା । ଓଜେଇଇ ରେଜଲ୍ଟ ପ୍ରକାଶିତ ହୋଇଥିବା ବେଳେ କେଉଁ କୋର୍ସ ପାଇଁ କେଉଁ ପରୀକ୍ଷାର୍ଥୀ ଶ୍ରେଷ୍ଠ ରାଙ୍କ ଆଣିଛନ୍ତି, ତାହା ସୂଚନା ଦିଆଯାଇଛି । ବି ଫାର୍ମାରେ ଯତୀନ ମେହେର, ଲେଟରାଲ -ଟେକ୍ନୋଲୋଜି (ଡିପ୍ଲୋମା)ରେ ଗୌରବ ସ୍ୱାଇଁ, ଲେଟରାଲ ଏଣ୍ଟ୍ରି-ଟେକ୍ନୋଲୋଜି (ବିଏସସି)ରେ ସାକ୍ଷୀ କୁମାରୀ, ଲେଟରାଲ ଏଣ୍ଟ୍ରି-ଟେକ୍ନୋଲୋଜି-ଫାର୍ମାସିରେ ସାଗରିକା ଦାଶ, ଏମବିଏରେ ଅନୁରାଗ ମିଶ୍ର, ଏମସିଏ/ଏମଏସସି(କମ୍ପ୍ୟୁଟର ସାଇନ୍ସ)ରେ ଏସ୍ ସିସେନ୍ଦ୍ରୀ, ଇଣ୍ଟିଗ୍ରେଟେଡ୍ ଏମବିଏରେ ଅଂଶୁମାନ ପତି, ବି. କେଟ୍ ଇନ ସିନେମାଟୋଗ୍ରାଫି ଆଣ୍ଡ ସାଉଣ୍ଡ ରେକର୍ଡିଂ ଆଣ୍ଡ ସାଉଣ୍ଡ ଡିଜାଇନିଂରେ ନେହା ପ୍ରିୟଦର୍ଶିନୀ, ବି. କେଟ୍ ଇନ୍ ଫିଲ୍ମ ଏଡିଟିଂରେ ସାନିଧି ନାୟକ, ଏମ୍ ଫାର୍ମାରେ ହିତଶେ କୁମାର ଧଳ, ଏମ୍ ଆର୍କିଟେକରେ ଅସ୍ମିତା ସୁବୁଦ୍ଧି, ଏମ୍ ପ୍ଲାନରେ ଉର୍ମିକାନ୍ତ ମଣିନନ୍ଦନ ସାହୁ ଏବଂ ଏମ୍ ଟେକ୍ ବର୍ଗରେ ସମସ୍ତ ସ୍ପେଶାଲାଇଜେସନରେ ମନ୍ମଥ ବେହେରା ଟପ୍ପର ହୋଇଛନ୍ତି ।

ସମସ୍ତ ପାଠ୍ୟକ୍ରମ ପାଇଁ କମ୍ପ୍ୟୁଟର ଆଧାରିତ ପରୀକ୍ଷା (ସିବିଟି) ମାଧ୍ୟମରେ କରଯାଇଥିଲା । ଚଳିତ ବର୍ଷ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲା ସହିତ ରାଜ୍ୟ ବାହାରେ ୩ଟି ସହର (କୋଲକାତା, ପାଟନା ଏବଂ ରାଞ୍ଚି) ମୋଟ ୭୦ଟି ପରୀକ୍ଷା କେନ୍ଦ୍ର କରାଯାଇଥିଲା । ଏବର୍ଷ ସମୁଦାୟ ୯୨,୪୮୮ ଜଣ ପରୀକ୍ଷାର୍ଥୀ ପଞ୍ଜିକୃତ ହୋଇଥିବାବେଳେ ୮୦,୩୨୪ ପରୀକ୍ଷାର୍ଥୀ (୮୬ ପ୍ରତିଶତ) ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ । ନର୍ସିଂ ପାଠ୍ୟକ୍ରମ ବ୍ୟତୀତ, ଅନ୍ୟାନ୍ୟ ପାଠ୍ୟକ୍ରମ ମଧ୍ୟରୁ ୫୫,୩୬୨ ପରୀକ୍ଷାର୍ଥୀଙ୍କୁ ନିଜନିଜର ପ୍ରଦର୍ଶନ ଅନୁଯାୟୀ ସେମାନଙ୍କର ଅନୁରୂପ ପାଠ୍ୟକ୍ରମରେ ସ୍ଥାନ (ର୍ୟାଙ୍କ) ମିଳିଛ । ବୈଷୟିକ ଶିକ୍ଷା ଏବଂ ତାଲିମ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସମର୍ଥ ବର୍ମା, ବିଭାଗୀୟ ଅତିରିକ୍ତ ଶାସନ ସଚିବ ସୁକାନ୍ତ କୁମାର ପ୍ରଧାନ, ଅଧକ୍ଷ ଦେବ ପ୍ରକାଶ ଶତପଥି ଓ ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା ସଂପାଦକ ରଞ୍ଜନ କୁମାର ଜେନା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ ।

## ବିଶ୍ୱ ଯୁବ ବୈଜ୍ଞାନିକ ସମ୍ମିଳନୀ ଓ ଗ୍ଲୋବାଲ୍ ୟଙ୍ଗ୍ ଏକାଡେମୀର ବାର୍ଷିକ ସାଧାରଣ ସଭା

# ଭାରତ ସହାନୁଭୂତି, ସମାନତାପୂର୍ଣ୍ଣ ବିଜ୍ଞାନରେ ବିଶ୍ୱାସ କରେ : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ଭାରତ ସହାନୁଭୂତିଶୀଳ, ନୈତିକ ଏବଂ ସମାନତାପୂର୍ଣ୍ଣ ବିଜ୍ଞାନରେ ବିଶ୍ୱାସ କରେ ବୋଲି ମଙ୍ଗଳବାର ଆଇଆଇଟି ହାଇଦ୍ରାବାଦରେ ବିଶ୍ୱ ଯୁବ ବୈଜ୍ଞାନିକ ସମ୍ମିଳନୀ ଓ ଗ୍ଲୋବାଲ୍ ୟଙ୍ଗ୍ ଏକାଡେମୀର ବାର୍ଷିକ ସାଧାରଣ ସଭାରେ ଅଧକ୍ଷତା କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ତାଙ୍କ ଅଭିଭାଷଣରେ ସମ୍ମିଳନୀରେ ଯୋଗ ଦେଇଥିବା ତଥା ବିଶ୍ୱର ବିଭିନ୍ନ ସ୍ଥାନରୁ ଆସିଥିବା ଯୁବ ବୈଜ୍ଞାନିକଙ୍କୁ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଗ୍ଲୋବାଲ୍ ୟଙ୍ଗ୍ ଏକାଡେମୀର ୩୦ ଜଣ ନୂତନ ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଇଥିଲେ କେନ୍ଦ୍ରମନ୍ତ୍ରୀ । ଏହି କାର୍ଯ୍ୟକ୍ରମ ଆୟୋଜନ ପାଇଁ ଭାରତ ତଥା ଆଇଆଇଟି ହାଇଦ୍ରାବାଦକୁ ଚୟନ କରିବା ପାଇଁ ସେ ଗ୍ଲୋବାଲ୍ ୟଙ୍ଗ୍ ଏକାଡେମୀର ପ୍ରଶଂସା କରିଥିଲେ । ଶ୍ରୀ ପ୍ରଧାନ କହିଥିଲେ, ଏହି ସମ୍ମିଳନୀ କେବଳ ବୈଜ୍ଞାନିକମାନଙ୍କର ଏକ ସମାବେଶ ନୁହେଁ ବରଂ ଆଶା, ଉଦ୍ଦେଶ୍ୟ ଏବଂ ଏକ ସହଭାଗୀତାକୁ ପ୍ରତିନିଧିତ୍ୱ କରୁଥିବା ଏକ ମଞ୍ଚ ଅଟେ । ଭାରତ ପାଇଁ, ବସୁଧୈବ କୁଟୁମ୍ବକମ୍ – ଏକ ପୃଥିବୀ, ଏକ ପରିବାର, ଏକ ଭବିଷ୍ୟତ – କେବଳ ଏକ ସ୍ଲୋଗାନ ନୁହେଁ ବରଂ ଜୀବନ ବଞ୍ଚିବାର ଏକ ପଦ୍ଧତି । ଭାରତ ଏପରି ବିଜ୍ଞାନରେ ବିଶ୍ୱାସ କରେ ଯାହା ସହାନୁଭୂତିଶୀଳ, ନୈତିକ ଏବଂ ନ୍ୟାୟସଙ୍ଗତ ହୋଇଥିବ । ମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ଭାରତର ବୈଶ୍ୱିକ ଭାଗିଦାରୀ ଏକ ବ୍ୟାପକ ମୂଲ୍ୟବୋଧରେ ଅନ୍ତର୍ନିହିତ । ଅନ୍ତରାଷ୍ଟ୍ରୀୟ ସୌର ଗଠବନ୍ଧନ, ବିପର୍ଯ୍ୟୟ ପ୍ରତିରୋଧ ଭିତ୍ତିଭୂମି ପାଇଁ ପଦକ୍ଷେପ, ମିଶନ ଲାଇଫ୍ ଏବଂ ଭାରତ ବିଜ୍ଞାନ ଓ ଗବେଷଣା ଛାତ୍ରବୃତ୍ତି ଭଳି ପଦକ୍ଷେପଗୁଡ଼ିକ ଭାରତର ବିଶ୍ୱ ବନ୍ଧୁତ୍ୱ ତଥା ବିଜ୍ଞାନ ମାଧ୍ୟମରେ ବିଶ୍ୱ ବନ୍ଧୁତାର ପ୍ରତିଫଳନ । ବୈଜ୍ଞାନିକ, ଉଦ୍ଭାବକ ଏବଂ ନୀତି ନିର୍ଦ୍ଧାରକମାନେ ଏକାଠି ହୋଇ କାମ କରିବା ଓ ଦୁର୍ବଳ ଲୋକଙ୍କୁ ସଶକ୍ତ କରୁଥିବା ପରିସଂସ୍ଥାନ ଏବଂ ସମାଧାନ ତିଆରି କରିବା ଦରକାର । ବର୍ତ୍ତମାନର ସମୟ ହିଁ ସେହି ସମୟ । ଏହି ସମ୍ମିଳନୀ ଅନ୍ୟମାନଙ୍କ ସେବାରେ ଜ୍ଞାନକୁ ପ୍ରସାର କରିବାରେ ଏକ ମଞ୍ଚ ଭାବରେ କାର୍ଯ୍ୟ କରିବ । ଶ୍ରୀ ପ୍ରଧାନ ବୈଜ୍ଞାନିକମାନଙ୍କୁ ବିକଶିତ ଭାରତର ଦୃଷ୍ଟିକୋଣକୁ ସାକାର କରିବା ଏବଂ ମାନବ-କୈନ୍ଦ୍ରିକ ବିକାଶକୁ ଆଗକୁ ବଢ଼ାଇବା ପାଇଁ ଉଦ୍ଦେଶ୍ୟ ଏବଂ ସହାନୁଭୂତି ସହିତ ସହଯୋଗ ଏବଂ ସହ-ସୃଷ୍ଟି କରିବାକୁ ମଧ୍ୟ ଅନୁରୋଧ କରିଥିଲେ ।



ଶ୍ରୀ ପ୍ରଧାନ ଏହି ଅବସରରେ ଏକ୍ ପେଡ୍ ମା' କେ ନାମ ୨.୦ ଅଭିଯାନ ଅଧୀନରେ ଆଇଆଇଟି ହାଇଦ୍ରାବାଦ କ୍ୟାମ୍ପସରେ ବୃକ୍ଷରୋପଣ କରିଥିଲେ ।

# ଆଇଡିବିଆଇ ବ୍ୟାଙ୍କ ଜନପଥ ଶାଖାର ରୌପ୍ୟ ଜୟନ୍ତୀ ପାଳନ

ଭୁବନେଶ୍ୱର, (ସବ୍ୟୁ) : ଆଇଡିବିଆଇ ବ୍ୟାଙ୍କ ଜନପଥ ଶାଖାର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ବ୍ୟାଙ୍କର ଶାଖା ପରିସରରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ସୁଜିତ କୁମାର ଏହି କାର୍ଯ୍ୟକ୍ରମର ଅଧକ୍ଷତା କରିଥିଲେ। ଆଇଡିବିଆଇ ବ୍ୟାଙ୍କ ତରଫରୁ ଉନ୍ନତ ମାନର ଗ୍ରାହକ ସେବା ଯୋଗାଇ ଦିଆଯାଉଥିବା ବେଳେ ଏହିପରି ସେବା ଆଗକୁ ମଧ୍ୟ ଜାରି ରହିବ ବୋଲି ସୁଜିତ କୁମାର ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଏହି ଅବସରରେ ପୂର୍ବତନ ମୁଖ୍ୟ ମହାପ୍ରବନ୍ଧକ ତଥା ଜନପଥ ଶାଖାର ପ୍ରଥମ ଶାଖା ମୁଖ୍ୟ ଦେବଦତ୍ତ ଦାଶ, ମହାପ୍ରବନ୍ଧକ ନିହାର ରଞ୍ଜନ ସାମଲ, ମହାପ୍ରବନ୍ଧକ ମନୋଜ କୁମାର ସେନାପତି, ଶାଖା ମୁଖ୍ୟ କିଶୋର ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ପାଖାପାଖି ୫୦ଜଣ ମୂଲ୍ୟବାନ ଗ୍ରାହକ ଉପସ୍ଥିତ ରହିଥିବା ସହ ବ୍ୟାଙ୍କ ତରଫରୁ ସମସ୍ତ ଗ୍ରାହକଙ୍କୁ ସମ୍ମାନିତ କରାଯାଇଥିଲା।

# ୨୨.୫କେଜି ଗଞ୍ଜେଇ ଜବତ : ୪ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ପାହାଳ ଥାନା ପୋଲିସ ହଂସପାଳ ଅଣ୍ଡରପାସ୍ ନିକଟରେ ଚଢାଉ କରି ୪ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୨୨.୫ କେଜି ଗଞ୍ଜେଇ ଜବତ କରିଛି । ଗଞ୍ଜେଇ ସହ ୪ଜଣ ବ୍ୟବହାର କରୁଥିବା ଦୁଇଟି ବାଇକ୍ ଓ ୧୫୦୦ ଟଙ୍କା ଜବତ ହୋଇଥିବା ପୋଲିସ କହିଛି ।

ଗିରଫ ୪ଜଣ ହେଲେ ଟୁନା ପ୍ରଧାନ (୩୪), ବସନ୍ତ ଗୌଡ (୩୨), ଜିତେନ୍ଦ୍ର ବେହେରା (୩୦), ଶେଖ ସୋହାଗ (୩୫) । ସୋହାଗ ଘର ପଶ୍ଚିମବଙ୍ଗରେ ହୋଇଥିବା ବେଳେ ଜିତେନ୍ଦ୍ରର ଘର ସାଲିଆସାହିରେ । ସେହିପରି ବସନ୍ତ ଘର ଭରତପୁର ଥାନା ଅନ୍ତର୍ଗତ ତୋଟାବସ୍ତିରେ ଓ ଟୁନା ଘର ବିଜେବିନଗର ମଇଁସିଖାଲରେ ବୋଲି ପୋଲିସ ସୂଚନା ଦେଇଛି । ଗିରଫ ୪ଜଣଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ସମ ହସ୍ପିଟାଲରେ ପ୍ରଥମ ଥର ପାଇଁ

# ଟ୍ରାନ୍ସରେକ୍ଟାଲ୍ ଟ୍ରାନ୍ସଭଜାଇନାଲ୍ ପେଲ୍‌ଭିକ୍ ଫ୍ଲୋର ପୁନର୍ବାସ କର୍ମଶାଳା

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାରେ ପ୍ରଥମ ଥର ପାଇଁ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ ଆଣ୍ଡ ସମ୍ ହସ୍ପିଟାଲ୍‌ରେ ଟ୍ରାନ୍ସଭଜାଇନାଲ୍ ଓ ଟ୍ରାନ୍ସରେକ୍ଟାଲ୍ ପେଲ୍‌ଭିକ୍ ଫ୍ଲୋର ପୁନର୍ବାସ ସମ୍ପର୍କିତ କର୍ମଶାଳା ଗତ ଜୁନ୍ ୭ ଓ ୮ ତାରିଖ ଦୁଇ ଦିନ ଧରି ହସ୍ପିଟାଲ ପରିସରରେ ଆୟୋଜିତ ହୋଇଯାଇଛି। ସମ୍ ହସ୍ପିଟାଲ୍‌ର ଫିଜିଓଥେରାପି ବିଭାଗ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ସାରା ଦେଶରୁ ପ୍ରାୟ ୭୭ ଜଣ ମହିଳା ଫିଜିଓଥେରାପିଷ୍ଟ ଯୋଗ ଦେଇଥିବା ବେଳେ ଅହମ୍ମଦାବାଦର ବିଶିଷ୍ଟ ଫିଜିଓଥେରାପି ବିଶେଷଜ୍ଞ ଡାକ୍ତର ଧାରା ଶାହ କର୍ମଶାଳାର ପ୍ରସଙ୍ଗକୁ ନେଇ ତଥ୍ୟ ପ୍ରଦାନ କରିଥିଲେ ।

ଶରୀରରେ ପେଲଭିକ ଫ୍ଲୋର ମାଂସପେଶୀ ଖୁବ ଗୁରୁତ୍ୱପୂର୍ଣ୍ଣ। କାରଣ ଏହା ମୂତ୍ରାଶୟ, ଗର୍ଭାଶୟ, ଗର୍ଭାଶୟ ନଳୀ, ଡିମ୍ବାଶୟ, ମୂତ୍ରନଳୀ, ମଳାଶୟ, ମଳାଶୟ ନଳୀ, ଡିମ୍ବକୋଷ ତଥା ମଳତ୍ୟାଗ ଓ ମୂତ୍ରାଶୟର ନିୟନ୍ତ୍ରଣ କାର୍ଯ୍ୟରେ ସହଯୋଗ କରିଥାଏ। କର୍ମଶାଳାରେ ପରିସ୍ରା ଏବଂ ମଳ କ୍ଷରଣ ଏବଂ କୋଷ୍ଟକାଠିନ୍ୟ, ଯୌନ କାର୍ଯ୍ୟରେ ଅନିୟମିତତା ଭଳି ବିଷୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସମ୍ ହସ୍ପିଟାଲ୍‌ର ଫିଜିଓଥେରାପି ବିଭାଗ ପ୍ରଥମ ଥର ପାଇଁ ଏକ ଇଂଟିମେଟ ହେଲ୍‌ଥ ଚେକ୍‌ଅପ୍ କ୍ଲିନିକ୍ ଆରମ୍ଭ



କରିବାର ଯୋଜନା କରୁଥିବା ହସ୍ପିଟାଲ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ ପକ୍ଷରୁ ରାଜ୍ୟର ପ୍ରଥମ ଥର ପାଇଁ ମହିଳା ଫିଜିଓଥେରାପିଙ୍କୁ ନେଇ ଏଭଳି କର୍ମଶାଳା ଆୟୋଜନ କରାଯାଇଥିଲା।

## ଜମାନତମୁକ୍ତ ଗ୍ରାହକ ଆର୍ଥିକ ସହାୟତା ପାଇଁ

# କେନ୍ଦ୍ରୀୟ ବ୍ୟାଙ୍କ, ବେଦାନ୍ତ ସହଭାଗୀତା

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଏହାର ୟୁନିଟ୍, ବାଲକୋ ମାଧ୍ୟମରେ ଜମାନତମୁକ୍ତ ଗ୍ରାହକ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ଭାରତୀୟ କେନ୍ଦ୍ରୀୟ ବ୍ୟାଙ୍କ ସହିତ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରିଛି। ଏହି ପଦକ୍ଷେପ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମଏସଏମଇ) ସମେତ ମୂଳ ଉପକରଣ ନିର୍ମାତା (ଓଇଏମ) ଗୁଡ଼ିକୁ ସର୍ବନିମ୍ନ ଡକ୍ୟୁମେଂଟେସନ୍ ସହିତ ଏବଂ ଅତ୍ୟନ୍ତ ପ୍ରତିଯୋଗିତାମୂଳକ ସୁଧ ହାରରେ ଋଣ ପାଇବାକୁ ସକ୍ଷମ କରିବ, ଯାହା ଭାରତର ଡାଉନଷ୍ଟ୍ରିମ୍ ଧାତୁ ଶିଳ୍ପକୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୋତ୍ସାହନ ପ୍ରଦାନ କରିବ । ବେଦାନ୍ତ ଆଲୁମିନିୟମର ୬୦% ରୁ ଅଧିକ ଡାଉନଷ୍ଟ୍ରିମ୍ ଗ୍ରାହକ ହେଉଛନ୍ତି ଏମଏସଏମଇ । ପ୍ରବେଶ ଯୋଗ୍ୟତା ଏବଂ ଗ୍ରାହକ ଅଭିଜ୍ଞତାକୁ ବୃଦ୍ଧି କରିବା ପାଇଁ, ଆର୍ଥିକ କାର୍ଯ୍ୟକ୍ରମକୁ ସିଧାସଳଖ ବେଦା' ମେଟାଲ୍ ବଜାରରେ ସଂଯୁକ୍ତ କରାଯିବ, ଯାହା ଆଲୁମିନିୟମ ଉତ୍ପାଦ ପାଇଁ କମ୍ପାନୀର ଇ-ସୁପରଷ୍ଟୋର, ଶୀଘ୍ର ବଣ୍ଟନ, ଡିଜିଟାଲ୍ ସମନ୍ୱୟ, ସ୍ୱୟଂଚାଳିତ ଲିଏନ୍ ମାର୍କିଂ ଏବଂ ରିଅଲ୍-ଟାଇମ୍ ଇନଭଏସ୍ ଟ୍ରାକିଂ ସୁନିଶ୍ଚିତ କରିବ।

ଏହି ସହଯୋଗ ବେଦାନ୍ତ ଆଲୁମିନିୟମର ବିଦ୍ୟମାନ ଆର୍ଥିକ ଇକୋସିଷ୍ଟମକୁ ବେଦାନ୍ତ ମେଟାଲ୍ ବଜାର ମାଧ୍ୟମରେ ସକ୍ଷମ କରିଛି, ଯାହା ପୂର୍ବରୁ ଗ୍ରାହକମାନଙ୍କୁ ଅଗ୍ରଣୀ ବ୍ୟାଙ୍କ ଏବଂ ଏନବିଏଫସି ସହିତ ସଂଯୋଗ କରୁଛି । ବର୍ତ୍ତମାନ, ପ୍ଲାଟଫର୍ମ ମାଧ୍ୟମରେ ୧୦୦ ରୁ ଅଧିକ ଗ୍ରାହକ ଚାରୋଟି ସହଯୋଗୀ ବ୍ୟାଙ୍କରୁ ଆର୍ଥିକ ବିକଳ୍ପ ଉପଭୋଗ କରୁଛନ୍ତି, ଯାହା ବର୍ଷକୁ ବର୍ଷ ୩୦% ବୃଦ୍ଧି ପାଉଛି । ଏହାର ବିସ୍ତୃତ ଜାତୀୟ ପଦଚିହ୍ନ ସହିତ ସେଂଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଯୋଗଦାନ ସମଗ୍ର ଭାରତରେ କାର୍ଯ୍ୟକାରୀ ପୁିର ପ୍ରବେଶକୁ ଆହୁରି ଗଣତାନ୍ତ୍ରିକ କରିବାକୁ ସ୍ଥିର ହୋଇଛି । ଏମଓୟୁ ଏକ ବ୍ୟାପକ ଗ୍ରାହକ ଆର୍ଥିକ ଢାଞ୍ଚା ରୂପରେଖା ପ୍ରଦାନ କରେ ଯାହା ଓଇଏମ ଏବଂ ଏମଏସଏମଇ ଗୁଡ଼ିକୁ ସର୍ବନିମ୍ନ ସୀମିତ ବିନା କିମ୍ବା ବିନା ଋଣ ପାଇବାକୁ ଅନୁମତି ଦିଏ। ଆର୍ଥିକ ସୀମା ପ୍ରତି ଗ୍ରାହକ ଟ.୧୦ ଲକ୍ଷ ରୁ ଟ.୧୦ କୋଟି ପର୍ଯ୍ୟନ୍ତ, ବ୍ୟବସାୟିକ କାରବାର, ଗ୍ରାହକ ଭିନଟେଜ୍ ଏବଂ ବାଲକୋର ସୁପାରିଶ ଉପରେ ଆଧାରିତ ଅଧିକ ସୀମା ପାଇଁ ସମ୍ଭାବନା ସହିତ ଜଡିତ ।



ଗ୍ରାହକମାନେ ଶିଳ୍ପର ସର୍ବନିମ୍ନ ସୁଧ ହାର ମଧ୍ୟରୁ ଗୋଟିଏରୁ ଲାଭ ପାଇବେ, ଯାହାର ମାନକ ପରିଶୋଧ ଅବଧି ୯୦ ଦିନ ଏବଂ ୧୫ ଦିନର ଗ୍ରେସ୍ ୱିଣ୍ଡୋ ଅଟେ । ବେଦାନ୍ତ ମେଟାଲ୍ ବଜାର ସହିତ କାର୍ଯ୍ୟକ୍ରମର ନିର୍ବିଘ୍ନ ସମନ୍ୱୟ ଏପିଆଇ-ଆଧାରିତ ସେବା ଦ୍ୱାରା ଚାଳିତ ଏକ ସମ୍ପୂର୍ଣ୍ଣ ଡିଜିଟାଲ୍, ସୁଗମ ଅଭିଜ୍ଞତା ସୁନିଶ୍ଚିତ କରେ । ଏହି ସହଭାଗୀତା ବିଷୟରେ ମତ ଦେଇ, ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, 'ଭାରତର ଉତ୍ପାଦନ ଏବଂ ଶିଳ୍ପ ଇକୋସିଷ୍ଟମର ମେରୁଦଣ୍ଡ ଗଠନ କରୁଥିବା ଏମଏସଏମଇ ମାନଙ୍କ ପାଇଁ କାର୍ଯ୍ୟକ୍ଷମ ପୁଁଜିକୁ ଅଧିକ ସୁଲଭ କରି ଆଲୁମିନିୟମ ମୂଲ୍ୟ ଶୃଙ୍ଖଳକୁ ସୁଦୃଢ଼ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ । ଅଧିକ ଆର୍ଥିକ ସହୟତାକୁ ସକ୍ଷମ କରି, ଆମେ କେବଳ ଆମର ଗ୍ରାହକମାନଙ୍କୁ ଦକ୍ଷତାର ସହିତ ମାପିବା ପାଇଁ ସଶକ୍ତ କରୁନାହୁଁ ବରଂ ଏକ ଦୃଢ଼ ଡାଉନଷ୍ଟ୍ରିମ୍ କ୍ଷେତ୍ରର ବିକାଶକୁ ତ୍ୱରାନ୍ୱିତ କରୁଛୁ। ଏହି ଡିଜିଟାଲ୍-ପ୍ରଥମ ପଦ୍ଧତି ଭାରତର ବର୍ଦ୍ଧିତ ଡାଉନଷ୍ଟ୍ରିମ୍ ଉତ୍ପାଦନ କ୍ଷେତ୍ର ପାଇଁ ଏକ ସ୍ୱଚ୍ଛ, ସ୍କେଲେବଲ୍ ଏବଂ ଅନ୍ତର୍ଭୁକ୍ତ ଆର୍ଥିକ ଇକୋସିଷ୍ଟମ ନିର୍ମାଣ ପାଇଁ ବେଦାନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।

## ଡ୍ରାଇଭର ଏକତା ମହାମଞ୍ଚ ଅନ୍ଦୋଳନକୁ ସମର୍ଥନ ଦେଲା ବସ-ଟ୍ରକ ମାଲିକ ସଂଘ

# ଜୁଲାଇ ୮ସୁଦ୍ଧା ୬ ଦଫା ଦାବି ପୂରଣ ନହେଲେ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ

ଭୁବନେଶ୍ୱର(ସବ୍ୟୁ): ଡ୍ରାଇଭର ଏକତା ମହାମଞ୍ଚ ଅନ୍ଦୋଳନକୁ ସମର୍ଥନ ଦେଲା ବସ, ଟ୍ରକ, ମିନି ଟ୍ରକ ମାଲିକ ସଂଘ । ଏନେଇ ଓଡ଼ିଶା ଟ୍ରକ ମାଲିକ ସଂଘ କାର୍ଯ୍ୟାଳୟରେ ଡ୍ରାଇଭରମାନଙ୍କ ଉପୁଜୁଥିବା ସମସ୍ୟା ଉପରେ ଆଲୋଚନା ହୋଇଛି । ୬ ଦଫା ଦାବି ପୂରଣ ନହେଲେ ବନ୍ଦ ହେବ ଚକ ଅଖ । ଜୁଲାଇ ୮ରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତି ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି ।

ଦାବି ଗୁଡ଼ିକ ହେଉଛି ଓଡିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭର ଏବଂ ୱାର୍କର ୱେଲଫେୟାର ବୋର୍ଡରେ ଅଟୋ ଡ୍ରାଇଭରଙ୍କୁ ସାମିଲ । ଜନ ସାଧାରଣଙ୍କ ଆକ୍ରୋଶରେ ଶିକାର ହେଉଥିବା ଡ୍ରାଇଭର ସମାଜର ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଆଇନ ତିଆରି କରାଯାଉ । ବୃତିଗତ ଡ୍ରାଇଭରଙ୍କୁ ୬୦ ବର୍ଷ ବୟସ ପରେ ସ୍ୱତନ୍ତ୍ର ଭତ୍ତା ପ୍ରଦାନ କରାଯାଉ । ପ୍ରତି ୧୦୦ କିଲୋମିଟର ଅନ୍ତରାଳରେ ଗାଡ଼ି ପାର୍କିଂ, ଡ୍ରାଇଭରମାନଙ୍କ ବିଶ୍ରାମ ନେବାପାଇଁ ବିଶ୍ରାମଗାର ଏବଂ ଶୌଚାଳୟ ବ୍ୟବସ୍ଥା । ଓଡ଼ିଶାରେ ଥିବା ପ୍ରତ୍ୟକ ଖଣି ଖାଦାନ ଏବଂ କାରଖାନା ଗୁଡ଼ିକରେ ଶତକଡ଼ା ୭୦% ଓଡ଼ିଶାର ଡ୍ରାଇଭରଙ୍କୁ କାମ ଦେବା । ସେହିଭଳି ସେପ୍ଟେମ୍ବର ୧ ତାରିଖକୁ ଜାତୀୟ ଡ୍ରାଇଭର ଦିବସ ରୁପେ ଘୋଷଣା କରାଯାଉ ବୋଲି ମହାମଞ୍ଚ ଦାବି କରିଛି । ଜୁଲାଇ ୮ ତାରିଖ ପୂର୍ବରୁ ଉପରୋକ୍ତ ଦାବି ରାଜ୍ୟ ସରକାର ପୂରଣ ନକଲେ ରାଜ୍ୟବ୍ୟାପୀ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରାଯିବ ବୋଲି ଚେତବନୀ ଦେଇଛନ୍ତି ମହାସଂଘ । ଏହି ବୈଠକରେ ଘରୋଇ ବସ ସଂଘ, ଟ୍ରକ ମାଲିକ ମହାସଂଘ, ଅଲ ଓଡ଼ିଶା ମିନିଟ୍ରକ ମାଲିକ ମହାଂଘ ଓ ଓଡ଼ିଶା ଡ୍ରାଇଭର ମହାସଂଘର କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ ।

## ରୋଟାରୀ କ୍ଲବର ନୂଆ ସଦସ୍ୟତା କାର୍ଯ୍ୟକ୍ରମ

# ଇଞ୍ଜିନିୟର ଶୁଭମ ଜ୍ୟୋତି, ସ୍ମୃତିଶ୍ରୀ, ଶାଶ୍ୱତଙ୍କ ସମେତ ୧୦ ଜଣ ହେଲେ ନୂଆ ସଦସ୍ୟ



ଖୋର୍ଦ୍ଧା, (ସବ୍ୟୁ): ସ୍ଥାନୀୟ ରୋଟାରୀ ଭବନ ପରିସରରେ ନୂଆ ସଦସ୍ୟତା ଗ୍ରହଣ କାର୍ଯ୍ୟକ୍ରମରେ ରୋଟାରୀ ଓ ରୋଟ୍ରାକ୍ଟ ଭାବେ ୧୦ ଜଣ ନୂଆ ସଦସ୍ୟ ହୋଇଛନ୍ତି। ମୁଖ୍ୟ ଅତିଥି ଭାବେ ରୋଟାରୀ ଗଭର୍ଣ୍ଣର ଇନ୍ଦ୍ରଜିତ ସାହୁ ଏବଂ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସାଧାରଣ ସମ୍ପାଦକ ସୁଶାନ୍ତ ମହାପାତ୍ର, ରୋଟାରୀ ସଭାପତି ରୁଦ୍ରନାଥ ଦତ, ସମ୍ପାଦକ ସଞ୍ଜୟ ବର୍ମନ ନୂଆ ସଭ୍ୟଙ୍କୁ ଶପଥ ପାଠ କରାଇଥିଲେ। ଏଥିରେ କଳାକାର ୟୁଟ୍ୟୁବର, ତଥା ଇଞ୍ଜିନିୟର ଶୁଭମ ଜ୍ୟୋତି, ସ୍ମୃତିଶ୍ରୀ ପରିଜା, ଅଧ୍ୟାପକ ସୁବୋଧ ଜଗଦ୍ଦେବ, ଶାରଳା ପଟ୍ଟନାୟକ, ଉମାଶଙ୍କର ପ୍ରସାଦ ରୋଟାରୀ ସଦସ୍ୟ ହୋଇଥିବା ବେଳେ ଶାଶ୍ୱତ ମହାନ୍ତି, ସୌମ୍ୟ ରଞ୍ଜନ ବେହେରା, ନିଶାନ୍ତ ମହାନ୍ତି, ସୂର୍ଯ୍ୟ ମୁଦୁଲି, ରୋଟ୍ରାକ୍ଟ ସଭ୍ୟ ହୋଇଥିଲେ। ରୋଟାରୀୟନ ଦେବୀ ପ୍ରସାଦ ମଜୁମଦାର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପୂର୍ବତନ ସଭାପତି ସୌର୍ଯ୍ୟ ରଞ୍ଜନ ମହାନ୍ତି, ଡା ଅମୀୟ ଜେନାମଣି, ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ସୁଚିସ୍ମିତା ପରିଜା, ତାପସ ବୋଷ, ଲୋକେଶ ନାୟକ, ଦେବି ପ୍ରସାଦ ଦାସ, ଚିନ୍ମୟୀ ଦାସ, ମୋନାଲି ମହାପାତ୍ର ପ୍ରମୁଖ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ । ଅଗାମୀ ବର୍ଷ ପାଇଁ ରୋଟାରୀ ସଭାପତି ଭାବେ ସୁକାନ୍ତ ନାୟକ ଏବଂ ରୋଟ୍ରାକ୍ଟ ସଭାପତି ଭାବେ ସମ୍ବିତ ବେହାରଙ୍କୁ ସର୍ବ ସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ଖୋର୍ଦ୍ଧା ରୋଟାରୀ କ୍ଲବକୁ ରାଜ୍ୟରେ ଏକ ଅଗ୍ରଣୀ କ୍ଲବ ଭାବେ ଗଢିତୋଳିବା ପାଇଁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ଗଭରନର ଇନ୍ଦ୍ରଜିତ ମହାନ୍ତି ପ୍ରତିଶୃତି ଦେଇଥିଲେ ।

# ୨୦୨୦ ମସିହା କନିଷ୍ଠ ଡାଟା ଏଣ୍ଟ୍ରି ଅପରେଟର ପଦୋନ୍ନତି ତାଲିକା ରଦ୍ଦ

କଟକ,(ସବ୍ୟୁ): ୨୦୨୦ ମସିହା ସେପ୍ଟେମ୍ବର ୨୪ ତାରିଖରେ କନିଷ୍ଠ ଡାଟା ଏଣ୍ଟ୍ରି ଅପରେଟର (ଜୁନିୟର ଡିଇଓ) ପଦପାଇଁ ଯେଉଁ ପଦୋନ୍ନତି ତାଲିକା( ଗ୍ରେଡେସନ୍ ଲିଷ୍ଟ) ପ୍ରସ୍ତୁତ କରାଯାଇଥିଲା ତାହାକୁ ହାଇକୋର୍ଟ ରଦ୍ଦ କରି ଦେଇଛନ୍ତି । ପ୍ରୋଭିଜିନାଲ ଲିଷ୍ଟ ଆଧାରରେ ଏହି ପଦୋନ୍ନତି ତାଲିକାକୁ ସାନି କରିବା ଲାଗି ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଯେଉଁ ତାଲିକାରେ ଆବେଦନକାରୀଙ୍କୁ ସାମିଲ କରିବାକୁ କୁହାଯାଇଛି । ଆବେଦନକାରୀ ସନାତନ ସାହୁଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ଅବକାଶକାଳୀନ ବିଚାରପତି ଜଷ୍ଟିସ୍ ରାଧାକୃଷ୍ଣ ପଟ୍ଟନାୟକ ଆଜି ଏହି ରାୟ ଦେଇଛନ୍ତି । କମ୍ପ୍ୟୁଟର ପୋଷ୍ଟ ଗ୍ରାଜୁଏଟ୍ ପାସ୍ କରିଥିବା ଆବେଦନକାରୀ ପ୍ରଥମେ ବାରିପଦା ଜନସ୍ୱାସ୍ଥ୍ୟ ବିଭାଗରେ ନିଯୁକ୍ତି ପାଇଥିଲେ । ଆବେଦନକାରୀ ନିୟମିତ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଅନୁରୋଧ କରିଥିଲେ । ବାରିପଦା ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆବେଦନକାରୀଙ୍କ ସମେତ ଅନ୍ୟ କିଛି କର୍ମଚାରୀଙ୍କ ନିୟମିତ ତାଲିକା ଜନସ୍ୱାସ୍ଥ୍ୟ ବିଭାଗ ଚିଫ୍ ଇଞ୍ଜିନିୟରଙ୍କ ଅନୁମୋଦନ ନିମନ୍ତେ ପଠାଯାଇଥିଲା । ଆବେଦନକାରୀଙ୍କୁ ନିୟମିତ ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦୁଇଟି କନିଷ୍ଠ ଡିଇଓ ପଦବି ସୃଷ୍ଟି କରାଗଲା । କିନ୍ତୁ ଉକ୍ତ ପଦରେ ଆବେଦନକାରୀଙ୍କୁ ନିଯୁକ୍ତି ଦିଆଯିବା ପରିବର୍ତ୍ତେ ସର୍ଭିସ୍ ପ୍ରୋଭାଇଡରଙ୍କ ଜରିଆରେ ନିଯୁକ୍ତି ଦିଆଗଲା । ଫଳରେ ଆବେଦନକାରୀ ସ୍ୟାଟ୍‌ଙ୍କ ଦ୍ୱାରସ୍ଥ ହୋଇଥିଲେ । ୨୦୧୫ରେ ସ୍ୟାଟ୍ ଆବେଦନକାରୀଙ୍କୁ ଜନିୟର ଡିଇଓ କିମ୍ବା କମ୍ପ୍ୟୁଟର ଅପରେଟର ପଦରେ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଥିଲ । ଏଥିସହ ଅନ୍ୟମାନଙ୍କୁ ଯାହା ସବୁ ସୁବିଧା ଦିଆଯାଉଛି ସେସବୁ ସୁବିଧା ମଧ୍ୟ ପ୍ରଦାନ କରିବାକୁ କହିଥିଲେ । କିନ୍ତୁ ଆବେଦନକାରୀଙ୍କ ନିୟମିତ ହେବା ଆବେଦନକୁ ଖାରଜ କରିଦେଇଥିଲେ ।

## ଜାତୀୟ ମାତୃଦେବ ଭବ ଧର୍ମ ସମ୍ମିଳନୀ

# ମେଧାବୀ ବିଦ୍ୟାର୍ଥୀଙ୍କୁ ସାହାର୍ଯ୍ୟର ହାତ ବଢାଇଲେ ତିରୁପତି ପାଣିଗ୍ରାହୀ


ଭୁବନେଶ୍ୱର (ସବ୍ୟୁ): ମାଆ ର ସ୍ୱର୍ଗୀୟ ସ୍ୱିକୃତି ଓ ଗରିମାମୟ ଅଧାୟକୁ ଆଧାର କରି ସାରା ବିଶ୍ୱ ଏବଂ ମାନବ ସମାଜ ମାତୃଦେବଙ୍କୁ ସଦାସର୍ବଦା ବନ୍ଦନା କରି ଆସୁଛି। ଏହି ଅବସରରେ ରାମାଏଲ ୟାମା ଫାଉଣ୍ଡେସନ୍ ଏବଂ ମାତୃଦେବ ଭବ ସତ୍‌ସଙ୍ଗ ଆନୁକୂଲ୍ୟରେ ଆନ୍ଧ୍ର ସ୍ଥିତ ମଲ୍ଲିକାର୍ଜୁନ ଶୈବ ପୀଠ ଶ୍ରୀସାଇଲମ୍ ଠାରେ ଏକ ବିରାଟ ଧର୍ମସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅନେକ ସାଧୁସନ୍ଥ, ମହାତ୍ମା, ପୀଠାଧିପତିମାନେ ଯୋଗ ଦେଇ ମାଆର ଗରିମାମୟ ଜୀବନ ଉପରେ ଆଲୋକପାତ କରିଥିଲେ। ମାତୃ ଶକ୍ତିର ମୂଲ୍ୟବୋଧ ଓ ବୌଦ୍ଧିକ ଚିନ୍ତାଧାରାକୁ ଅଧାର କରି ସାରା ମାନବ ସମାଜ ଆପ୍ଲୁତ ହେବା ଦରକାର ବୋଲି ସାଧୁସନ୍ଥମାନେ ମତ ବ୍ୟକ୍ତ କରିଥିଲେ । ଏଥିରେ ରାମାଏଲ ୟାମା ଫାଉଣ୍ଡେସନ୍‌ର ଜବାହାରଲାଲ୍ ୟୁନିଭରସିଟିର ପ୍ରଫେସର୍ ବି.ପି ମିଶ୍ର ଏବଂ ଏହି ସଭାରେ ଚେୟାରମ୍ୟାନ୍ ପୁନମ୍ ମିଶ୍ର, ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧକ୍ଷ ଡଃ ତିରୁପତି ପାଣିଗ୍ରାହୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେବା ସହ ଫାଇନାଇଟ୍ ଇନ୍‌ଫରମେସନ୍ ସଲ୍ୟୁସନ୍‌ର ଏମ୍.ଡି ନବୀନ କୁମାର, ସ୍ଥାନୀୟ ଯୁବନେତା ଅରବିନ୍ଦ ରେଡ୍ଡୀ ଯୋଗଦେଇ ସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ । ମଲ୍ଲିକାର୍ଜୁନ କ୍ଷେତ୍ରୀୟ ମଠାଧିଷ ବିରୁପାକ୍ଷ ସ୍ୱାମୀ ଧର୍ମସଭାକୁ ସଂଚାଳନ କରିଥିବାବେଳେ ମାତୃଦେବର ଚେୟାରମ୍ୟାନ୍ ଶ୍ରୀଧର ଉପସ୍ଥିତ ରହି ସଭା ସତ୍‌ଜନଙ୍କୁ ମାତୃଶକ୍ତିର ଉପାସନା ଏବଂ ପ୍ରକୃତ ଜନନୀ ମାଆଙ୍କୁ ଆରଧନା କରିବା ପାଇଁ ପ୍ରବର୍ତ୍ତାଇ ଥିଲେ । ଏହି ଆଧାତ୍ମିକ ସଭାରେ ଅତ୍ୟନ୍ତ ଭାବବିହ୍ୱଳ ହୋଇ ହାଇଟେକ୍ ଗ୍ରୁପ୍‌ର ଅଧକ୍ଷ ଡଃ ତିରୁପତି ପାଣିଗ୍ରାହୀ ଆନ୍ଧ୍ରପ୍ରଦେଶରେ ଥିବା ତିରୁପତି ମେଡିକାଲ କଲେଜ ତରଫରୁ ଯେଉଁମାନେ ମେଧାବୀ ଏବଂ ସେମାନଙ୍କ ପାଖରେ ଅର୍ଥ ଅଭାବ ରହିଛି, ସେମାନଙ୍କୁ





ବିଭିନ୍ନ ପାରାମେଡିକାଲ କୋର୍ସରେ ମୁଛ ଭାବରେ ଶିକ୍ଷା ଦେବେବୋଲି ଘୋଷଣା କରିଥିଲେ। ଏହାକୁ ସମସ୍ତ ସଭା ସଜ୍ଜନମାନେ କରତାଳି ଦେଇ ସ୍ୱାଗତ କରିବା ସହ ଆଗାମୀ ଦିନରେ ତିରୁପତି ପାଣିଗ୍ରାହୀ ଏହି ଅଳର ମେଧାବୀ ବିଦ୍ୟାର୍ଥୀମାନଙ୍କ ପାଇଁ ଅନେକ କାର୍ଯ୍ୟ ସଂପାଦନ କରିବେବୋଲି ସ୍ୱିକୃତୀ ପ୍ରଦାନ କରିଥିଲେ ।

# ପାକ୍ ଆତଙ୍କବାଦର ନର୍ସରୀ



ଧର୍ମ ନୁହେଁ ବରଂ କାର୍ଯ୍ୟ ପଚାରି ହତ୍ୟା କରିଥିଲୁ । ଆମେ ଆତଙ୍କବାଦ ବିରୋଧରେ ସବୁଠାରୁ ବଡ଼ ଆକ୍ରମଣ କରିଛୁ । ମୋଦୀ ସରକାରଙ୍କ ପ୍ରୟାସ ଯୋଗୁଁ ଜମ୍ମୁ-କାଶ୍ମୀର ଚମକିବା ଆରମ୍ଭ କରିଥିଲା । ଏହାକୁ କିନ୍ତୁ ଆମର ପଡ଼ୋଶୀ ପସନ୍ଦ କରି ନଥିଲେ । ଏବେ କେବଳ ସରକାର ସ୍ତରରେ ନୁହେଁ ବରଂ ଜନସାଧାରଣ ସ୍ତରରେ ମଧ୍ୟ ସତର୍କ ରହିବାର ସମୟ ଆସିଛି । ମୋ ମତରେ ଆତଙ୍କବାଦ ଗଣତନ୍ତ୍ର ପାଇଁ ବିପଦ, ଆତଙ୍କବାଦ ଏକ ବିକୃତ ମାନସିକତା ଓ ଆତଙ୍କବାଦ ପ୍ରଗତି ପଥରେ ପ୍ରତିବନ୍ଧକ ।

ନୂଆଦିଲ୍ଲୀ: ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମଙ୍ଗଳବାର (୧୦ ଜୁନ୍ ୨୦୨୫) ଉତ୍ତରାଖଣ୍ଡର ରାଜଧାନୀ ଡେରାଡୁନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି ଅବସରରେ ସେ ପାକିସ୍ତାନକୁ କଡ଼ା ଟାର୍ଗେଟ କରି କହିଛନ୍ତି, 'ପ୍ରଥମଥର ପାଇଁ ଯଦି କିଏ ପାକିସ୍ତାନର ବାହାବଲପୁର ସ୍ଥିତ ଜୈସର ମୁଖ୍ୟାଳୟ ଉପରେ ଆକ୍ରମଣ କରିଛି କୁହାଯିବ, ପ୍ରଥମ ନାମ ଆମର ଆସିବ ।

ପହଲଗାମରେ ଆତଙ୍କବାଦୀମାନେ ଧର୍ମ ପଚାରି ହତ୍ୟା କରିଥିଲେ, କିନ୍ତୁ ଆମେ ସେମାନଙ୍କୁ

ଆତଙ୍କବାଦକୁ ନିଜ ମୃତ୍ୟୁ ପାଇଁ ଛାଡି ଦିଆଯାଇପାରିବ ନାହିଁ । ଆତଙ୍କବାଦର ସ୍ଥାୟୀ ସମାଧାନ ନିଶ୍ଚୟ ଆବଶ୍ୟକ । ଆତଙ୍କବାଦର ଗର୍ଭରୁ କୌଣସି ବିପ୍ଲବ ନୁହେଁ ବରଂ କେବଳ ବିନାଶ ଜନ୍ମ ହୁଏ । 'ଭାରତ ଏବଂ ପାକିସ୍ତାନ ଗୋଟିଏ ସମୟରେ ସ୍ୱାଧୀନ ହୋଇଥିଲେ । କିନ୍ତୁ ଆଜି ଭାରତକୁ ଗଣତନ୍ତ୍ରର ଜନନୀ କୁହାଯାଉଥିବା ବେଳେ ପାକିସ୍ତାନକୁ ଆତଙ୍କବାଦର ଜନକ କୁହାଯାଉଛି । ସେ କହିଛନ୍ତି ଯେ ପାକିସ୍ତାନ ଯାହା ବି ପାଣ୍ଠି ପାଏ, ତାହାର ଏକ ଅଂଶ ଆତଙ୍କବାଦକୁ ଯାଏ । ପାକିସ୍ତାନ ହେଉଛି ଆତଙ୍କବାଦର ନର୍ସରୀ ।'

# ଅସ୍ତ୍ରବିରତିକୁ ପୂରିଲା ମାସେ

## ସୀମାରେ ଫୁଟିନି ଗୋଟିଏ ବି ଗୁଳି

ନୂଆଦିଲ୍ଲୀ: ଭାରତ-ପାକିସ୍ତାନ ଅସ୍ତ୍ରବିରତିକୁ ପୂରିଲା ମାସେ । ଆଜିକୁ ୩୦ ଦିନ ତଳେ ଦୁଇ ଦେଶ ମଧ୍ୟରେ ହୋଇଥିଲା ଅସ୍ତ୍ରବିରତି ଘୋଷଣା । ମେ ୧୦ ତାରିଖ ଦିନ ସଂଧ୍ୟାରେ ଭାରତ-ପାକିସ୍ତାନ ଅସ୍ତ୍ରବିରତି ଘୋଷଣା ହୋଇଥିଲା । ପହଲଗାମରେ ଆତଙ୍କୀ ହମଲା ପରେ ଭାରତ ପକ୍ଷରୁ ହୋଇଥିବା ଅପରେସନ ସିନ୍ଦୂର ଦ୍ୱାରା ପାକିସ୍ତାନର ଆତଙ୍କୀ ଆଡ୍ଡା ଛାରଖାର କରିବା ପରେ ପାକିସ୍ତାନ ଭାରତର ସୀମାବର୍ତ୍ତୀ ରାଜ୍ୟରେ ଆକ୍ରମଣ କରିଥିଲା । ଗୁଳିମାଡ, ଡ୍ରୋନ ହମଲାର ବଦଲା ନେବାକୁ ଭାରତ ପାକିସ୍ତାନ ଛାତିରେ ପ୍ରହାର କରି ପାକିସ୍ତାନକୁ ଛାରଖାର କରିବା ପରେ ଭୟରେ ପାକିସ୍ତାନ ଯୁଦ୍ଧ ପରିସ୍ଥିତି ବନ୍ଦ




କରିବାକୁ ଭାରତ ପାଖରେ ଶରଣ ପଶିଥିଲା । ପରେ ଭାରତ କିଛି ସର୍ତ୍ତ ରଖି ଯୁଦ୍ଧ ବିରତି ପାଇଁ ରାଜି ହୋଇଥିଲା । ତେବେ ସର୍ତ୍ତ ଅନୁସାରେ ସୀମାରେ ଫୁଟିବନି ଗୋଟିଏ ବି ଗୁଳି । ଭାରତ-ପାକିସ୍ତାନ ସୀମାରେ ଗୋଟିଏ ବି ଗୁଳିର ଶବ୍ଦ ବି ଶୁଭାଯିବନି । ଭାରତ-ପାକିସ୍ତାନ ଡିଜିଏମଓ ସ୍ତରୀୟ ବୈଠକରେ ବଡ଼ ନିଷ୍ପତ୍ତି ହୋଇଥିଲା । ସୀମାରେ ଗୋଟିଏ ବି ଗୁଳି ନଫୁଟାଇବାକୁ ଦୁଇ ଦେଶର ସହମତି ପ୍ରକାଶ ପାଇଥିଲା । ଆକ୍ରମଣାତ୍ମକ କିମ୍ବା ଶତ୍ରୁତାପୂର୍ଣ୍ଣ ଆକ୍ସନ ନନେବା ସହ ସୀମାରୁ ଦୁଇ ଦେଶ ସୈନ୍ୟ ସଂଖ୍ୟା ହ୍ରାସ କରିବାକୁ ମଧ୍ୟ ବୈଠକରେ ସହମତି ପ୍ରକାଶ କରାଯାଇଥିଲା ।

ମେ ୧୦ ତାରିଖ ସନ୍ଧ୍ୟା ୫ଟାରୁ ଅସ୍ତ୍ରବିରତି ଲାଗୁ ହୋଇଥିବା ବେଳେ ଜଳ- ସ୍ଥଳ- ଆକାଶରେ କୌଣସି ଆକ୍ସନ ନହେବାକୁ ସର୍ତ୍ତ ଥିବାବେଳେ ଅମାନିଆ ପାକିସ୍ତାନ ସେହି ଦିନ ରାତିରେ ହିଁ ଗୁଳିମାଡ କରିଥିଲା । ପରେ ଭାରତର ରୌଦ୍ରରୂପ ଦେଖି ଅସ୍ତ୍ରବିରତି ଉଲ୍ଲଂଘନରୁ ଓହରିଥିଲା ।

## ଭାରତୀୟଙ୍କ ପାଇଁ ଆମେରିକା ଦୂତାବାସର ମାର୍ଗଦର୍ଶିକା

ନୂଆଦିଲ୍ଲୀ : ଭାରତରେ ଥିବା ଆମେରିକା ଦୂତାବାସ ଯେଉଁ ଭାରତୀୟମାନେ ଆମେରିକା ଯାଉଛନ୍ତି ତାଙ୍କ ପାଇଁ କଠୋର ମାର୍ଗଦର୍ଶିକା ଜାରି କରିଛନ୍ତି । ଏଥିରେ ଉଲ୍ଲେଖ କରାଯାଇଛି ଯେ ଆମେରିକା କୌଣସି ବେଆଇନ୍ ପ୍ରବେଶ ଓ ଭିସାର ଅପବ୍ୟବହାରକୁ ବରଦାସ୍ତ କରିବ ନାହିଁ । ସୋସିଆଲ ମିଡିଆରେ ନ୍ୟୁୟର୍କ ବିମାନ ବନ୍ଦରରେ ଭାରତୀୟ ଛାତ୍ରର ହ୍ୟାଣ୍ଡକପ୍ ପଡିଥିବା ଭିଡିଓ ଭାଇରାଲ ହେବାପରେ ଏଭଳି ମନ୍ତବ୍ୟ ଆସିଛି । ଦୂତାବାସ ପକ୍ଷରୁ କୁହାଯାଇଛି ଯେ ଆମେରିକା ବୈଧ ଭ୍ରମଣକାରୀଙ୍କୁ ସ୍ୱାଗତ କରିବ । କିନ୍ତୁ ଯେଉଁମାନଙ୍କର ଅଧିକାର ନାହିଁ ବେଆଇନ୍ ଓ ଭିସାର ଅପବ୍ୟବହାର କରୁଛନ୍ତି ତାହାକୁ ବରଦାସ୍ତ କରାଯିବନାହିଁ । ଭିଡିଓରେ ଦେଖାଦେଇଥିଲା ଯେ ଜଣେ ଛାତ୍ରକୁ ଆମେରିକା କର୍ତ୍ତୃପକ୍ଷ ଅପରାଧୀ ଭଳି ବ୍ୟବହାର କରୁଛନ୍ତି । ୪ ଅଧିକାରୀ ତାଙ୍କୁ ଆଣ୍ଠେଇ ଦେଇ ତା'ର ଗୋଡ ଓ ହାତକୁ ବାନ୍ଧି ଦେଇଛନ୍ତି । ତା' ହାତରେ ହ୍ୟାଣ୍ଡକପ୍ ପଡିଛି । ଅପରାଧୀ ଭଳି ତାକୁ ବ୍ୟବହାର କରାଯାଉଛି । ଏହା ଏକ ମାନବିକ ଦୁର୍ଦ୍ଦଶା ବୋଲି ଭାରତ ଓ ଆମେରିକାର ଉଦ୍ୟୋଗୀ କୁନାଲ ଜୈନ ଏକ୍ସରେ ଉଲ୍ଲେଖ କରିଛନ୍ତି । ଭାରତୀୟମାନେ ଏବେ ସେଠାରେ ଦୁର୍ଦ୍ଦଶାରେ ଅଛନ୍ତି । ଭାରତୀୟ ଦୂତାବାସ ଏଥିରେ ହସ୍ତକ୍ଷେପ କରିବାକୁ ଅନୁରୋଧ କରାଯାଇଛି । ଆମେରିକାରେ ଥିବା ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି ଯେ ଆମେ ଏ ପ୍ରସଙ୍ଗରେ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହ ବିଚାରବିମର୍ଶ କରୁଛୁ । ଭାରତୀୟ ଛାତ୍ରଙ୍କ କଲ୍ୟାଣ ପାଇଁ ଯୋଜନା କରୁଛୁ ।

## ଅଷ୍ଟ୍ରିଆ ସ୍କୁଲରେ ଗୁଳିକାଣ୍ଡ, ୧୧ ମୃତ

ଗ୍ରାଜ୍ : ୟୁରୋପୀୟ ଦେଶ ଅଷ୍ଟ୍ରିଆର ଦ୍ୱିତୀୟ ବୃହତ୍ତମ ସହର ଗ୍ରାଜରେ ଏକ ଗୁଳିକାଣ୍ଡ ଘଟଣା ଘଟିଛି । ଏକ ସ୍କୁଲରେ ଜଣେ ବନ୍ଧୁକଧାରୀ ଆଖିମୁଜା ଗୁଳି ଚଳାଇବାରୁ ୭ ଛାତ୍ରଛାତ୍ରୀଙ୍କ ସମେତ ମୋଟ ୧୧ ଜଣ ମୃତ୍ୟୁବରଣ କରିଛନ୍ତି ।

ଗ୍ରାଜର ମେୟରଙ୍କ ସୂଚନା ଅନୁସାରେ ବନ୍ଧୁକଧାରୀ ଜଣକ ସେହି ସ୍କୁଲର ଜଣେ ଛାତ୍ର । ସେ ସ୍କୁଲ ଆସିବା ବେଳେ ଏକ ବନ୍ଧୁକ ନେଇ ଆସିଥିଲା ଓ ଆଗରେ ଯାହାକୁ ଦେଖିଲା ତାକୁ ଗୁଳିମାରିଥିଲା । ପରେ ସେ ସ୍କୁଲର ୱାସରୁମକୁ ଯାଇ ସେଠାରୁ ନିଜ ମୁଣ୍ଡକୁ ଗୁଳିକରି ଆତ୍ମହତ୍ୟା କରିଥିଲା । ଏହି ଘଟଣା ସ୍ଥାନୀୟ ସମୟ ସକାଳ ୧୦ଟା ବେଳେ ଘଟିଥିଲା, ଯେତେବେଳେ ସ୍କୁଲ ଚାଲିଥିଲା । ଗ୍ରାଜର ମେୟରଙ୍କ ସୂଚନା ଅନୁସାରେ ବନ୍ଧୁକଧାରୀ ଜଣକ ସେହି ସ୍କୁଲର ଜଣେ ଛାତ୍ର । ସେ ସ୍କୁଲ ଆସିବା ବେଳେ ଏକ ବନ୍ଧୁକ ନେଇ ଆସିଥିଲା ଓ ଆଗରେ ଯାହାକୁ ଦେଖିଲା ତାକୁ ଗୁଳିମାରିଥିଲା । ସ୍ଥାନୀୟ ପୋଲିସ ଲୋକମାନଙ୍କୁ ସେହି ଅଞ୍ଚଳରୁ ଦୂରେଇ ରହିବାକୁ ଏବଂ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ପାଳନ କରିବାକୁ ପରାମର୍ଶ ଦେଇଛି । ପୋଲିସ ଏକ୍ସରେ ପୋଷ୍ଟ କରିଛି ଯେ ସ୍କୁଲକୁ ଖାଲି କରାଯାଇଛି, ସମସ୍ତଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି । ପରିସ୍ଥିତି ନିୟନ୍ତ୍ରଣରେ ଅଛି ।

# ବର୍ଷ ଶେଷକୁ ଦେଶର ଜନସଂଖ୍ୟା ଛୁଇଁବ ୧୪୬ କୋଟି



ନୂଆଦିଲ୍ଲୀ, ୧୦ଛ୬ : ଭାରତର ଜନସଂଖ୍ୟା ଏବର୍ଷ ଶେଷକୁ ୧୪୬ କୋଟି ଛୁଇଁବ । ଜାତିସଂଘ ଠାରୁ ସଦ୍ୟତମ ଷ୍ଟେଟ୍ ଅଫ୍ ଦ ୱାର୍ଲ୍ଡ ପପୁଲେସନ୍ ରିପୋର୍ଟ ୨୦୨୫ରେ ଏହା ପ୍ରକାଶ ପାଇଛି । ତେବେ ଚିନ୍ତାର କାରଣ ହେଉଛି ଯେ ଭାରତରେ ପ୍ରଜଜନ ହାର ଏବେ ହ୍ରାସ ପାଇଛି । ଯାହା ଏବେ ଜନସଂଖ୍ୟାକୁ ସମତୁଲ ରଖିବା ପାଇଁ ବଡ ଆହ୍ୱାନ ସୃଷ୍ଟି କରିଛି । ମୃତ୍ୟୁବରଣ କରୁଥିବା ଲୋକଙ୍କ ସଂଖ୍ୟା ତୁଳନାରେ ନୂତନ ଜନ୍ମ ଗ୍ରହଣ କରୁଥିବା ଶିଶୁଙ୍କ ସଂଖ୍ୟା ଠାରୁ ଅଧିକ ରହିଛି ।

ପ୍ରକୃତ ପ୍ରଜଜନ ହାର ହ୍ରାସ ହେବା ଘଟଣା ବେଶ୍ ଚିନ୍ତାଜନକ । କାରଣ ନିୟୁତ ନିୟୁତ ଲୋକ ପ୍ରକୃତ ପ୍ରଜଜନ ହାର ଲକ୍ଷ୍ୟକୁ ବୁଝିବା ପାଇଁ ଅସମର୍ଥ ହୋଇପଡୁଛନ୍ତି । ଅଳ୍ପ ଜନସଂଖ୍ୟା ବା ଜନବହୁଳ ପ୍ରକୃତ ସମସ୍ୟା ନୁହେଁ । ହେଲେ ପ୍ରଜଜନ ହାର ଅଧିକ ହେବା ଆବଶ୍ୟକ । ଜଣେ ବ୍ୟକ୍ତି ଶତପ୍ରତିଶତ ମୁକ୍ତ ଓ ସକ୍ଷମ । ତାର ପ୍ରଜଜନ ହାର କେତେ ରହିବ । ଦେଶର ମୋଟ୍ ପ୍ରଜଜନ ହାର ଏବେ ୧.୯କୁ ହ୍ରାସ ପାଇଛି । ଏକ ସ୍ଥିର ଜନସଂଖ୍ୟା ପାଇଁ ଅତି କମରେ ୨.୧ ହେବା ଉଚିତ୍ । ଭାରତରେ ବର୍ତ୍ତମାନ ମହିଳାମାନେ ଗୋଟିଏ ପିଢ଼ିରୁ ଅନ୍ୟ ପିଢ଼ିକୁ ଜନସଂଖ୍ୟା ସ୍ଥିର ରଖିବା ପାଇଁ ଆବଶ୍ୟକ ଠାରୁ କମ୍ ସନ୍ତାନ ଜନ୍ମ କରୁଛନ୍ତି । ଏପରି ସ୍ଥିତି ଜାରି ରହିଲେ ଦେଶ ପାଇଁ ଚିନ୍ତାଜନକ ସମୟ ଆସୁଛି ବୋଲି କୁହାଯାଇପାରେ । କାରଣ ଯୁବ ଜନସଂଖ୍ୟା ତୁଳନାରେ ବୟସ୍କଙ୍କ ଜନସଂଖ୍ୟା ବୃଦ୍ଧି ପାଇବଛ ଭାରତରେ ଯୁବକଙ୍କ ସଂଖ୍ୟା ୨୪% ୧୪ ବର୍ଷ ମଧ୍ୟରେ ରହିଛି । ୧୦ରୁ ୧୯ ବର୍ଷ ମଧ୍ୟରେ ଏହା ୧୭% ଥିବାବେଳେ ୧୦ ରୁ ୨୪ ମଧ୍ୟରେ ୨୬% ରହିଛି । ଦେଶର ୬୮% ଜନସଂଖ୍ୟା (୧୫ ରୁ ୬୪) ହେଉଛନ୍ତି କାମ କରିବାର ବୟସ । ତେବେ ନିଯୁକ୍ତି ଲାଗି ସ୍ୱତନ୍ତ୍ର ନୀତି ଏଥିଲାଗି ସଠିକ୍ ହେବା ଦରକାରଛ ସେହିଭଳି ୬୫ରୁ ଉର୍ଦ୍ଧ୍ୱ ବୟସ୍କଙ୍କ ଜନସଂଖ୍ୟା ୭% ରହିଛି । ଏହି ସଂଖ୍ୟା ଧୀରେ ଧୀରେ ବିବାରେ ଲାଗିଛି । କାରଣ ଲୋକଙ୍କ ଜୀବନ ଧାରଣର କ୍ଷମତା ବଢ଼ିଛି । ୨୦୨୫ରେ ଜନ୍ମ ପରଠାରୁ ମୃତ୍ୟୁର ବୟସ ସୀମା ପୁରୁଷଙ୍କ କ୍ଷେତ୍ରରେ ୭୧ ଓ ମହିଳାଙ୍କ କ୍ଷେତ୍ରରେ ୭୪ ଧାର୍ଯ୍ୟ କରାଯାଇଛି । ଅଧିକାଂଶ ଦମ୍ପତି ତାଙ୍କ ପରିବାରର ବିକାଶ ପାଇଁ ନିଷ୍ପତ୍ତି ନେଉନାହାନ୍ତି । କେତେକ ମହିଳା ମଧ୍ୟ ଗର୍ଭବତୀ ହେବାଲାଗି ପସନ୍ଦ କରୁନାହାନ୍ତି । ୧୯୬୦ରେ ଭାରତର ଜନସଂଖ୍ୟା ୪୩୬ ନିୟୁତ ଥିଲା । ପ୍ରତି ମହିଳାଙ୍କର ହାରାହାରି ୬ ସନ୍ତାନ ରହୁଥିଲେ । ଏହା ପଛରେ ମହିଳାମାନେ ଜନ୍ମ ନିୟନ୍ତ୍ରଣ ବ୍ୟବସ୍ଥା ଲାଗୁ କରିଥିଲେ । ପରେ ଏହା ୧ ରୁ ୪ ମଧ୍ୟରେ ସୀମିତ ରହିଥିଲା । ଭାରତରେ ପ୍ରତି ମହିଳାଙ୍କର ପ୍ରାୟ ୨ଟି ସନ୍ତାନ ରହିଛି । ଭାରତ ଓ ଅନ୍ୟ ଦେଶର ମହିଳାମାନଙ୍କର ଆଜି ବି ଅଧିକାର ଓ ପସନ୍ଦ ରହିଛି । ସେମାନେ ମା' ବା ଆଇ ମା' ହେବାପାଇଁ ଏବେ ନିଷ୍ପତ୍ତି ନେଉଛନ୍ତି । ୟୁଏନ୍‌ର ଏହି ରିପୋର୍ଟ ମଧ୍ୟ ଆୟବର୍ଗ ରାଷ୍ଟ୍ରରେ ଲୋକସଂଖ୍ୟାରେ ଦ୍ରୁତ ପରିବର୍ତ୍ତନ ଘଟିଛି । ଆଗାମୀ ୨-୩ ଦଶକରେ ଅର୍ଥାତ ୨୦୫୦ ସୁଦ୍ଧା ଦେଶର ପ୍ରୋ ଜନସଂଖ୍ୟା ଅଧିକ ହେବ । ଏହା ଆର୍ଥିକ ଉତ୍ପାଦନତା ଉପରେ ପ୍ରଭାବ ପକାଇବ ।

### ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ସର୍ବଦଳୀୟ ପ୍ରତିନିଧିଙ୍କୁ ଆତିଥ୍ୟ

## ଅପରେସନ ସିନ୍ଦୂରକୁ ବିପୁଳ ବିଶ୍ୱ ସମର୍ଥନ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ଦିନ ନୂଆଦିଲ୍ଲୀସ୍ଥିତ ତାଙ୍କ ବାସଭବନରେ ଅପରେସନ୍ ସିନ୍ଦୁର ଆଉଟରିଚ୍ ଅଧୀନରେ ବିଭିନ୍ନ ଦେଶକୁ ଯାଇଥିବା ସାତଟି ସର୍ବଦଳୀୟ ପ୍ରତିନିଧିମଣ୍ଡଳର ସଦସ୍ୟଙ୍କୁ ଆତିଥ୍ୟ ଦେଇଛନ୍ତି । ପ୍ରତିନିଧିମଣ୍ଡଳର ସଦସ୍ୟମାନେ ପ୍ରଧାନମନ୍ତ୍ରୀଙ୍କୁ ବିଭିନ୍ନ ଦେଶରେ ସେମାନଙ୍କର ବୈଠକ ବିଷୟରେ ସୂଚନା ଦେଇଛନ୍ତି ।



ଦଳୀୟ ଧାଡ଼ିର ସାଂସଦ, ପୂର୍ବତନ ସାଂସଦ ଏବଂ ବିଶିଷ୍ଟ କୂଟନୀତିଜ୍ଞଙ୍କୁ ନେଇ ଗଠିତ ଏହି ପ୍ରତିନିଧିମଣ୍ଡଳ ବିଭିନ୍ନ ଦେଶକୁ ଗସ୍ତ ସମୟରେ ଆତଙ୍କବାଦ ବିରୁଦ୍ଧରେ ଭାରତର ସ୍ଥିତି ଏବଂ ବିଶ୍ୱ ଶାନ୍ତି ପ୍ରତି ପ୍ରତିବଦ୍ଧତା ଉପରେ ଆଲୋକପାତ କରିଛନ୍ତି । ବିରୋଧୀ ସାଂସଦ ସୁପ୍ରିୟା ସୁଲେ, କଂଗ୍ରେସ ଦଳର ଶଶି ଥରୁର, AIMIM ମୁଖ୍ୟ ଅସଦୁଦ୍ଦିନ୍ ଓୱେସି ଏବଂ ପୂର୍ବତନ ରାଷ୍ଟ୍ରଦୂତଙ୍କ ସମେତ ସମସ୍ତ ଦଳୀୟ ପ୍ରତିନିଧିମଣ୍ଡଳର ସାତଟି ଗୋଷ୍ଠୀ ବିଶ୍ୱର ବିଭିନ୍ନ ରାଜଧାନୀ ଗସ୍ତ କରିବା ଏବଂ ଆତଙ୍କବାଦ ବିରୁଦ୍ଧରେ ଭାରତର ଶୂନ୍ୟ ସହନଶୀଳତା ନୀତିକୁ ପ୍ରୋତ୍ସାହିତ କରିବା ପାଇଁ ସେମାନଙ୍କର କୂଟନୈତିକ ପ୍ରୟାସ ସମାପ୍ତ କରିଛନ୍ତି । ସିନ୍ଦୂର ଅପରେସନ ପରେ ଭାରତର କୂଟନୈତିକ ପ୍ରଚାରର ଅଂଶ ଭାବରେ ବିଭିନ୍ନ ରାଜନୈତିକ ଦଳର ସାଂସଦ, ପୂର୍ବତନ ରାଷ୍ଟ୍ରଦୂତ ଏବଂ ପୂର୍ବତନ ସରକାରୀ ଅଧିକାରୀ ସମେତ ୫୦ରୁ ଅଧିକ ଲୋକ ୩୦ରୁ ଅଧିକ ଦେଶ ଗସ୍ତ କରିଥିଲେ । ୭ ଜଣ ସାଂସଦ ସେମାନଙ୍କର ନିଜ ନିଜ ଗୋଷ୍ଠୀର ନେତୃତ୍ୱ ନେଇଥିଲେ । ଗ୍ରୁପ ୧ର ନେତୃତ୍ୱ ନେଇଥିଲେ ବିଜେପିର ବୈଜୟନ୍ତ ପଣ୍ଡା, ଯେଉଁମାନେ ସାଉଦି ଆରବ, କୁଏତ, ବାହାରିନ ଏବଂ ଆଲଜେରିଆ ଯାଇଥିଲେ । ବିଜେପି ନେତା ରବି ଶଙ୍କର ପ୍ରସାଦଙ୍କ ନେତୃତ୍ୱରେ ଗ୍ରୁପ ୨, ୟୁକେ, ଫ୍ରାନ୍ସ, ଜର୍ମାନୀ, ୟୁରୋପୀୟ ସଂଘ, ଇଟାଲୀ ଏବଂ ଡେନମାର୍କ ଗସ୍ତ କରିଥିଲେ । ଜେଡି(ୟୁ) ନେତା ସଞ୍ଜୟ କୁମାର ଝା ଗ୍ରୁପ ୩ର ନେତୃତ୍ୱ ନେଇଥିଲେ, ଯାହା ଇଣ୍ଡୋନେସିଆ, ମାଲେସିଆ, କୋରିଆ ଗଣରାଜ୍ୟ, ଜାପାନ ଏବଂ ସିଙ୍ଗାପୁର ଗସ୍ତ କରିଥିଲା ।

# କାବୁଲ ଏୟାରପୋର୍ଟ ପାଖରେ ଆତଙ୍କବାଦୀ ଆଡ୍ଡା

କାବୁଲ : ଆତଙ୍କବାଦୀ ସଂଗଠନ ଇସଲାମିକ୍ ଷ୍ଟେଟ୍ ଖୋରାସାନ୍ ପ୍ରଦେଶ (ଆଇଏସକେପି)ର ଏକ ବଡ଼ ଷଡ଼ଯନ୍ତ୍ରର ପର୍ଦ୍ଦାଫାଶ କରିଛି ତାଲିବାନ । ଆଫଗାନିସ୍ତାନ ଗସ୍ତ କରୁଥିବା ଭିଆଇପିମାନଙ୍କୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର କରୁଥିଲା ଆଇଏସକେପି । ଏଥିପାଇଁ କାବୁଲ ଅନ୍ତର୍ଜାତୀୟ ଏୟାରପୋର୍ଟ ପାଖରେ ଏକ ଗୋପନ ଆଡ୍ଡା ଖୋଲାଯାଇଥିଲା ।

ତାଲିବାନ ଯେପରି ସଂଦେହ କରିପାରିବ ନାହିଁ ସେଥିପାଇଁ ଆଫଗାନିସ୍ତାନର ଗୁଇନ୍ଦା ସଂସ୍ଥାର କାର୍ଯ୍ୟାଳୟ ନିକଟରେ ଏକ ବିଳାସମୟ ଆପାର୍ଟମେଣ୍ଟ ଭଡ଼ା ନିଆଯାଇ ଏହି ଆଡ୍ଡା ଖୋଲିଥିଲା ଆଇଏସକେପି । ଏଠାରେ ଲ୍ୟାଣ୍ଡମାଇନ୍ ଏବଂ ଆତ୍ମଘାତୀ ଜ୍ୟାକେଟ୍ ତିଆରି କରାଯାଉଥିଲା । ଏଥିପାଇଁ ସେଠାକୁ ବିପୁଳ ପରିମାଣର ବିସ୍ଫୋରକ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଉପକରଣ ଅଣାଯାଇଥିଲା । ଏହା ମଧ୍ୟ ଜଣାପଡ଼ିଛି ଯେ ବିଗତ କିଛି ମାସ ହେଲା ଆଇଏସକେପି ଏହି ସ୍ଥାନରୁ ଏହାର ଆତଙ୍କବାଦୀମାନଙ୍କୁ ଲ୍ୟାଣ୍ଡମାଇନ୍ ଏବଂ ଆତ୍ମଘାତୀ ଜ୍ୟାକେଟ୍ ପଠାଉଥିଲା ।

ଆମେରିକୀୟ ଗୁଇନ୍ଦା ଅଧିକାରୀଙ୍କ ସୂଚନା ପାଇ, ଆଫଗାନିସ୍ତାନର ଜେନେରାଲ ଡାଇରେକ୍ଟରେଟ୍ ଇଣ୍ଟେଲିଜେନ୍ସ କାର୍ଯ୍ୟାନୁଷ୍ଠାନ ନେଇ ଦୁଇ ଆତଙ୍କବାଦୀଙ୍କୁ ହତ୍ୟା କରିଥିଲା । ଘଟଣାସ୍ଥଳରୁ ବିପୁଳ ପରିମାଣର ବିସ୍ଫୋରକ ଜବତ କରାଯାଇଛି । ପାକିସ୍ତାନର ସହଯୋଗୀ ଆତଙ୍କବାଦୀ ସଂଗଠନ ଇସଲାମିକ୍ ଷ୍ଟେଟ୍ ଖୋରାସାନ୍ ପ୍ରଦେଶ ଆଫଗାନିସ୍ତାନ ଗସ୍ତ କରୁଥିବା ଭିଆଇପିମାନଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲା ।

# ସାଉଦି ଆରବରୁ ତଡ଼ା ଖାଇଲେ ୫ ହଜାର ପାକିସ୍ତାନୀ ଭିକାରୀ

ସଂଯୁକ୍ତ ଆରବ ଏମିରେଟ୍ସ : ଅନ୍ତରାଷ୍ଟ୍ରୀୟ ସ୍ତରରେ ବେଇଜ୍ଜତ୍ ହେଉଛି ପାକିସ୍ତାନ । ସାଉଦି ଆରବ ଏବଂ ୟୁନାଇଟେଡ୍ ଆରବ ଏମିରେଟ୍ସ (UAE) ଭଳି ଉପସାଗରୀୟ ଦେଶଗୁଡ଼ିକରେ ଭିକାରୀଙ୍କ ପାଇଁ ପାକିସ୍ତାନ ଲଜ୍ଜିତ ହୋଉଛି । ଏହି ଦେଶଗୁଡ଼ିକ ହଜାର ହଜାର ପାକିସ୍ତାନୀ ଭିକାରୀଙ୍କୁ ଦେଶାନ୍ତର କରୁଛି ।

ନିକଟରେ ପ୍ରକାଶ ପାଇଥିବା ଏକ ରିପୋର୍ଟ ଅନୁସାରେ , ସାଉଦି ଆରବ ଗତ ୧୬ ମାସରେ ୫ ହଜାରରୁ ଅଧିକ ପାକିସ୍ତାନୀ ଭିକାରୀଙ୍କୁ ତଡ଼ି ଦେଇଛି । ଆତଙ୍କବାଦୀ ଜନ୍ମ କରୁଥିବା ପାକିସ୍ତାନର ଭିକାରୀମାନଙ୍କୁ ୟୁନାଇଟେଡ୍ ଆରବ ଏମିରେଟ୍ସ , କତାର, ଓମାନ, ଇରାକ ଏବଂ ମାଲେସିଆ ଭଳି ଦେଶରୁ ମଧ୍ୟ ତଡ଼ି ଦିଆଯାଉଛି । ଭିକାରୀଙ୍କ ପାଇଁ ଅନ୍ତର୍ଜାତୀୟ ସ୍ତରରେ ଅପମାନର ସମ୍ମୁଖୀନ ହେଉଛି ପାକିସ୍ତାନ । ସେଥିପାଇଁ ଦେଶାନ୍ତରିତ ହୋଇଥିବା



ଭିକାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିଷ୍ପତ୍ତି ନେଇଛନ୍ତି ପାକ୍ ସରକାର । ଅନ୍ୟ ଦେଶରୁ ନିର୍ବାସିତ ହୋଇଥିବା ଭିକାରୀଙ୍କ ପାସପୋର୍ଟ ବାତିଲ କରିବାକୁ ନିଷ୍ପତ୍ତି ନେଇଛି ପାକ୍ । ଏହା ବ୍ୟତୀତ ସେମାନଙ୍କ ଉପରେ ପାଞ୍ଚ ବର୍ଷ ପାଇଁ ଟ୍ରାବେଲ୍ ପ୍ରତିବନ୍ଧକ ଲଗାଇବା ସହ ସେମାନଙ୍କ ବିରୋଧରେ ଏଫ୍ଆଇଆର୍ ଦାଖଲ କରିବାକୁ ମଧ୍ୟ ନିଷ୍ପତ୍ତି ନେଇଛି ।

ପାକିସ୍ତାନୀମାନେ ତୀର୍ଥଯାତ୍ରା ଭିସାରେ ସାଉଦି, ଇରାନ ଓ ଇରାକ ଭଳି ଦେଶକୁ ଯାଆନ୍ତି ଏବଂ ତା'ପରେ ସେଠାରେ ଭିକ୍ଷା ମାଗିବା ଆରମ୍ଭ କରନ୍ତି । ଏହା ଜାଣିବା ପରେ ଉକ୍ତ ଦେଶଗୁଡ଼ିକ ମଧ୍ୟ ପାକିସ୍ତାନୀମାନଙ୍କୁ ଭିସା ଦେବାରେ ସଙ୍କୋଚ କରିବା ଆରମ୍ଭ କରିଛି, ଯାହା କି ପାକିସ୍ତାନ ପାଇଁ ବହୁତ ଲଜ୍ଜାଜନକ କଥା ।

ଏହା ସତ୍ତ୍ୱେ ପାକିସ୍ତାନ ତା'ର ଭିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ । କାରଣ ବିଦେଶରେ ଭିକ ମାଗୁଥିବା ଭିକାରୀମାନଙ୍କର ପାକିସ୍ତାନର ଅର୍ଥ ବ୍ୟବସ୍ଥା ଉପରେ ବହୁତ ବଡ଼ ଅବଦାନ ରହିଛି ।

ସୂଚନା ଅନୁସାରେ, ପାକିସ୍ତାନର ୨.୨ କୋଟି ଲୋକ ଭିକ ମାଗିବା କାର୍ଯ୍ୟରେ ଜଡ଼ିତ ଯାହା କି ପ୍ରତିବର୍ଷ ପାଖାପାଖି ୪୨ ବିଲିୟନ ଟଙ୍କା ପାକିସ୍ତାନକୁ ପଠାନ୍ତି । ପାକିସ୍ତାନୀ ଲୋକମାନେ ବିଦେଶରେ ଭିକ ମାଗି ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରନ୍ତି ଯାହା କି ତାଙ୍କ ଦେଶର ଜିଡିପିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । କିନ୍ତୁ ଏବେ ଅନ୍ୟ ଦେଶଗୁଡ଼ିକରୁ ଚାପ ପଡ଼ିବାରୁ ସେ ତାର ଭିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଷ୍ପତ୍ତି ନେଇଛି ।

### ହନିମୁନ୍ ହତ୍ୟା ମାମଲା

## ଧାରୁଆ କୁରାଢ଼ୀ ଧରାଇଲା ସତ

ନୂଆଦିଲ୍ଲୀ: ମେଘାଳୟରେ ହନିମୁନ ହତ୍ୟା ମାମଲାର ପୁଣି ଆସିଲା ଆଉ ଏକ ଚାଞ୍ଚଲ୍ୟକର ତଥ୍ୟ । ଇନ୍ଦୋରର ରାଜା ରଘୁବଂଶୀ ହତ୍ୟାକାଣ୍ଡ ଘଟଣାରେ ଗୋଟିଏ ପରେ ଗୋଟିଏ ନୂଆ ତଥ୍ୟ ସାମ୍ନାକୁ ଆସୁଥିବା ବେଳେ ହତ୍ୟାକାଣ୍ଡର ଖିଅ କେମିତି ପାଇଲା ପୋଲିସ ତାହା ଜଣାପଡିଛି । ତେବେ ଜାତୀୟ ଗଣମାଧ୍ୟମର ସୂଚନା ଅନୁସାରେ କୁରାଢି ଖୋଲିଦେଲା ହତ୍ୟାର ଗୁମର । ହତ୍ୟା ପରେ ଫିଙ୍ଗିଦେଇଥିବା କୁରାଢି କହିଲା କେମିତି ହୋଇଥିଲା ହତ୍ୟା ।



କୁହାଯାଉଛି ନିଜ ଭୁଲ ଯୋଗୁଁ ହିଁ ଧରାପଡ଼ିଗଲେ ସୋନମ୍ ଓ ତାଙ୍କ ପୁରୁଷ ବନ୍ଧୁ ରାଜ୍ କୁଶୱାହା । ହତ୍ୟା ପାଇଁ ବ୍ୟବହୃତ କୁରାଢି ଜବତ ପରେ ପୋଲିସ ଅଧିକାରୀଙ୍କ ସନ୍ଦେହ ବଢିଥିଲା ଏବଂ ପରେ ସୋନମ୍ ଓ ରାଜାଙ୍କ କଲ୍ ଡିଟେଲ୍ସ ଯାଞ୍ଚ କରିଥିଲା ପୋଲିସ । ଆଉ ତା ପରେ ସାମ୍ନାକୁ ଆସିଥିଲା ପୂରା ଘଟଣା । କୁରାଢି ଧରାଇଦେଲା ହତ୍ୟାର ସତ । ହତ୍ୟା ପାଇଁ ବ୍ୟବହୃତ ଅସ୍ତ୍ର ସେହି ଅଞ୍ଚଳର ହୋଇନଥିବାରୁ ପୋଲିସର ବଢିଥିଲା ସନ୍ଦେହ । କୁହାଯାଉଛି ଯେଉଁ ଧାରୁଆ କୁରାଢିରେ ରାଜାଙ୍କୁ ହତ୍ୟା ହୋଇଛି ତାହା ଗଛକଟା ପାଇଁ ବ୍ୟବହାର କରାଯାଏ । ସେପଟେ ଉଭୟ ସୋନମ୍ ଓ ରାଜର କଲ୍ ଡିଟେଲ୍ସ ଯାଞ୍ଚ କରାଯାଇଥିଲା । କଲ୍ ଡିଟେଲ୍ସରେ ସାମ୍ନାକୁ ଆସିଥିଲା ସାଂଘାତିକ ସତ । ହତ୍ୟାର ଗୋଟିଏ ଦିନ ପୂର୍ବରୁ ସୁପାରି କିଲର ସହ କଥା ହୋଇଥିଲେ ସୋନମ୍ । ନିଖୋଜ ହେବା ପରେ ବି ପୁରୁଷ ବନ୍ଧୁ ରାଜଙ୍କ ସହ ଯୋଗାଯୋଗରେ ଥିଲେ ଏବଂ ନିଜ ଲୋକେସନ ରାଜଙ୍କ ସହ ସେୟାର କରୁଥିଲେ । ମଧ୍ୟପ୍ରଦେଶରେ ବସି ୩ ସୁପାରି କିଲରଙ୍କ ସହ ଯୋଗାଯୋଗରେ ଥିଲା ରାଜ୍ କୁଶୱାହା । ବାରାଣସୀ-ଗାଜିପୁର ମୁଖ୍ୟ ରାସ୍ତାର କାଶୀ ଢାବାରୁ ନିଜ ଘରକୁ ଫୋନ୍ କରିଥିଲେ ସୋନମ୍ । ଆଉ ଏହି କଲରୁ ଲୋକେସନ୍ ଟ୍ରାକ୍ କରି ସୋନମକୁ ଧରିଥିଲା ପୋଲିସ । ତେବେ ଏତେବଡ ହତ୍ୟାକାଣ୍ଡକୁ ସାମାନ୍ୟ କୁରାଢି ହିଁ ସୁରାକ ଦେଇଦେଲା ।

# ବିକ୍ରି ହେବ ଆରସିବି !



ନୂଆଦିଲ୍ଲୀ, ୧୦ା୬ (ଏଜେନ୍ସି): ୧୭ ବର୍ଷର ଅପେକ୍ଷା ତଥା ୧୮ତମ ପ୍ରୟାସରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଆଇପିଏଲ୍ ଟ୍ରଫି ଟେକି ଧରିବାକୁ ସକ୍ଷମ ହୋଇଥିଲା । ଦଳ ଆଇପିଏଲ୍ ଚାମ୍ପିଅନ ହୋଇଥିବାରୁ ଏହାକୁ ନେଇ ଚାରିଆଡ଼େ ଖୁବ୍ ଚର୍ଚ୍ଚା ହେଉଛି । ଏସବୁ ଭିତରେ ଦଳର ବିଜୟ ଉତ୍ସବ ବେଳେ ବେଙ୍ଗାଲୁରୁରେ ହୋଇଥିବା ଦଳାଚକଟା ଯୋଗୁ ଆର୍‌ସିବିର ଛବି ମଳିନ ପଡ଼ିଛି । ଏହାସତ୍ତ୍ୱେ ଆର୍‌ସିବିର ବ୍ରାଣ୍ଡ୍ ଭାଲ୍ୟୁରେ କୌଣସି କମ ପରିଲକ୍ଷିତ ହୋଇନାହିଁ । ଏପରିସ୍ଥିତିରେ ଆର୍‌ସିବି ମାଲିକ ଦଳକୁ ବିକ୍ରି କରିବାକୁ ନୂଆ ଲୋକ ଖୋଜୁଛନ୍ତି । ଏବେ ଫ୍ରାଞ୍ଚାଇଜ୍‌ର ମାଲିକାନା ଡିଆଗୋ ପିଏଲ୍‌ସି ପାଖରେ ରହିଛି । ଏହି ସଂସ୍ଥା ଏବେ ଫ୍ରାଞ୍ଚାଇଜ୍‌କୁ ପୂର୍ଣ୍ଣ ଭାବେ ବିକ୍ରି କରିବାକୁ ଲକ୍ଷ୍ୟ ରଖିଛି । ଆର୍‌ସିବି ବ୍ରାଣ୍ଡ୍ ମୂଲ୍ୟ ସର୍ବୋଚ୍ଚ ସ୍ତରରେ ପହଞ୍ଚି ଥିବାରୁ ବିକ୍ରି କରିବା ପାଇଁ ମାଲିକ ଚାହୁଁଛନ୍ତି ।

ଆର୍‌ସିବିକୁ ଡିଆଗୋ ପକ୍ଷରୁ ୟୁନାଇଟେଡ୍ ସ୍ପିରିଟ୍ସ ଲିଃ ଭାରତରେ ପରିଚାଳନା କରୁଛି । ଏବେ ସଂସ୍ଥା ସମ୍ଭାବ୍ୟ ନିବେଶକାରୀଙ୍କ ସହ ଆର୍‌ସିବିର ମାଲିକାନା ବିକ୍ରି ପାଇଁ ଯୋଜନା କରୁଛି । ଯଦିଓ ଫ୍ରାଞ୍ଚାଇଜ ଏହାକୁ କେତେ ଟଙ୍କାରେ ବିକ୍ରି କରିବେ ସେକଥା ସ୍ପଷ୍ଟ ହୋଇନାହିଁ । ତଥାପି ଯାହା ଆକଳନ କରାଯାଉଛି ଆର୍‌ସିବି ମାଲିକ ଦଳକୁ ସମ୍ପୂର୍ଣ୍ଣ ଭାବେ ବିକ୍ରି କରିବା ପାଇଁ ପ୍ରାୟ ୧୬,୮୩୪ କୋଟି ଟଙ୍କା ଦାବି କରିପାରନ୍ତି । ବ୍ରିଟିଶ୍ ଡିଷ୍ଟିଲେର ଓ ୟୁନାଇଟେଡ୍ ସ୍ପିରିଟ୍ ଲିଃ'ର ମୂଳ କମ୍ପାନୀ ଡିଆଗୋ ପିଏଲ୍‌ସି ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁରେ ଥିବା ନିଜ ସେୟାରକୁ ଏବେ ସମ୍ପୂର୍ଣ୍ଣ ଭାବେ ବିକ୍ରି କରିବାକୁ ଯାଉଛି । ଆର୍‌ସିବି ଚାମ୍ପିଅନ ହୋଇଥିବାରୁ ଏହାର ଫାଇଦା ଉଠାଇବାକୁ ମାଲିକମାନେ ଚାହୁଁଛନ୍ତି ।

ଆର୍‌ସିବିର ବିକ୍ରି ଖବର ସାମ୍ନାକୁ ଆସିବା ପରେ ୟୁନାଇଟେଡ୍ ସ୍ପିରିଟ୍ସର ସେୟାର ମୂଲ୍ୟ ମଧ୍ୟ ବଢ଼ିଛି । ମଙ୍ଗଳବାର ସକାଳୁ ଏଭଳି ଖବର ଜଣାପଡ଼ିବା ମାତ୍ରେ କମ୍ପାନୀର ସେୟାର ମୂଲ୍ୟ ୩.୩% ବୃଦ୍ଧି ପାଇଛି । ତେବେ ଫ୍ରାଞ୍ଚାଇଜ୍‌କୁ ସମ୍ପୂର୍ଣ୍ଣ ଭାବେ ବିକ୍ରି କରାଯିବ କି ନାହିଁ, ତାହା ଚୂଡ଼ାନ୍ତ ହୋଇନାହିଁ ।

ତେବେ ପ୍ରଶ୍ନ ଉଠୁଛି, ବିଜୟ ମାଲ୍ୟାଙ୍କ ଦଳ ଆର୍‌ସିବିକୁ କେମିତି କିଣିଲା ଡିଆଗୋ ? ୨୦୦୮ ଆଇପିଏଲ୍‌ରେ ଯେତେବେଳେ ଫ୍ରାଞ୍ଚାଇଜ ଡେବ୍ୟୁ କରିଥିଲା । ସେତେବେଳେ ଏହାର ମାଲିକାନା ବିଜୟ ମାଲ୍ୟାଙ୍କ ହାତରେ ରହିଥିଲା । ବିଜୟ ମାଲ୍ୟା କିଙ୍ଗ୍ ଫିସର ଏୟାର ଲାଇନ୍ସ ମାଲିକ ଥିଲେ ଓ ଭାରତରେ ସେ ମଦ ବ୍ୟବସାୟର ଟାଇକୁଣ୍ଡ ଭାବେ ଖ୍ୟାତି ଅର୍ଜନ କରିଥିଲେ । ଋଣ ଜାଲିଆତିରେ ମାଲ୍ୟା ଫସିବାରୁ ତାଙ୍କ ବ୍ୟବସାୟିକ ସାମ୍ରାଜ୍ୟ ଭୁଶୁଡ଼ି ପଡ଼ିଥିଲା । ସେ ବାଧ୍ୟହୋଇ ତାଙ୍କ ଏୟାର ଲାଇନ୍ସକୁ ବନ୍ଦ କରିଦେଇଥିଲେ । ଏହାର ଫାଇଦା ଉଠାଇଥିଲା ଡିଆଗୋ ।

ଡିଆଗୋ ଭାରତରେ ଥିବା ୟୁନାଇଟେଡ୍ ସ୍ପିରିଟ୍ସ କମ୍ପାନୀ ଜରିଆରେ ଆର୍‌ସିବିର ମାଲିକାନା ହାତେଇଥିଲା । ଆର୍‌ସିବି ୨୦୨୫ ଯାଏଁ ଟ୍ରଫି ଜିତି ନଥିଲେ ହେଁ ଲୋକପ୍ରିୟତାର ଶୀର୍ଷରେ ରହିଥିଲା । ଏବେ ଟ୍ରଫି ଜିତିବା ପରେ ଆର୍‌ସିବିର ଲୋକପ୍ରିୟତା ଓ ବ୍ରାଣ୍ଡ୍ ଭାଲ୍ୟୁ ଆକାଶଛୁଆଁ ହୋଇଛି ।

# ଆଇସିସି ହଲ୍ ଅଫ୍ ଫେମ୍‌ରେ ଧୋନୀ



ନୂଆଦିଲ୍ଲୀ, ୧୦ା୬ (ଏଜେନ୍ସି): ଭାରତୀୟ କିମ୍ବଦନ୍ତୀ ଅଧିନାୟକ ତଥା ୱିକେଟକିପର ବ୍ୟାଟର ମହେନ୍ଦ୍ର ସିଂ ଧୋନୀ ଆଇସିସି ହଲ୍ ଅଫ୍ ଫେମ୍‌ରେ ସାମିଲ ହୋଇଛନ୍ତି । ଗତ ଜୁନ ୯ ତାରିଖରେ ଆଇସିସି ତାଲିକା ପ୍ରକାଶ କରିବା ପରେ ଧୋନୀ ଏହି ସମ୍ମାନଜନକ ସମ୍ମାନରେ ସମ୍ମାନିତ ହୋଇଥିବା ୭ ଜଣଙ୍କ ମଧ୍ୟରେ ରହିଛନ୍ତି । ଯାହାଫଳରେ ଖେଳ ପ୍ରତି ତାଙ୍କର ଅମୂଲ୍ୟ ଅବଦାନ ପାଇଁ କିମ୍ବଦନ୍ତୀ ୱିକେଟକିପର ବ୍ୟାଟର କ୍ଲବ୍‌ରେ ପ୍ରବେଶ କରିଥିବା ୧୧ତମ ଭାରତୀୟ ହୋଇଛନ୍ତି ଧୋନୀ । ଏହି ଏଲିଟ୍ କ୍ଲବ୍‌ରେ ଧୋନୀ ସାମିଲ ହେବାପରେ ପ୍ରତିକ୍ରିୟା ରଖି କହିଛନ୍ତି ଯେ ଅନେକ କିମ୍ବଦନ୍ତୀଙ୍କ ସହିତ ନାମିତ ହେବା ଏକ ବଡ଼ ସମ୍ମାନ ।

ଭାରତୀୟ କ୍ରିକେଟ ଇତିହାସରେ ମହେନ୍ଦ୍ର ସିଂ ଧୋନୀ ଏକ ଉଜ୍ଜ୍ୱଳ ନାମ । ୧୫ ବର୍ଷର ଦୀର୍ଘ ଅନ୍ତର୍ଜାତୀୟ କ୍ୟାରିଅରରେ ୯୦ ଟେଷ୍ଟ, ୩୫୦ ଦିନିକିଆ ଓ ୯୮ଟି ଟି-୨୦ ମ୍ୟାଚ୍ ଖେଳି ୧୭୦୦୦ରୁ ଅଧିକ ରନ କରିଥିଲେ । ସେ ଭାରତକୁ ୨୦୦୭ରେ ଟି-୨୦ ବିଶ୍ୱକପ, ୨୦୧୧ରେ ଦିନିକିଆ ବିଶ୍ୱକପ ଏବଂ ୨୦୧୩ରେ ଆଇସିସି ଚାମ୍ପିଅନ୍ସ ଟ୍ରଫି ଟାଇଟଲ ଦେଇଥିଲେ । ଧୋନୀ ହେଉଛନ୍ତି ବିଶ୍ୱର ଏକମାତ୍ର କ୍ରିକେଟର ଯେ କି ଆଇସିସିର ସମସ୍ତ ୩ଟି ଫର୍ମାଟରେ ଟ୍ରଫି ଜିତିଛନ୍ତି । ତାଙ୍କ ନେତୃତ୍ୱରେ ଭାରତ ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ରେ ପହଞ୍ଚିଥିଲା । ଅନେକ ଥର ଭାରତକୁ ଟେଷ୍ଟ ଗଦା ମିଳିଛି । ଆଇସିସି ହଲ୍ ଅଫ୍ ଫେମ୍‌ରେ ସାମିଲ ହୋଇଥିବା ୧୧ତମ ଭାରତୀୟ କ୍ରିକେଟର ହେବାପରେ ଧୋନୀ ନିଜ ଖୁସି ପ୍ରକାଶ କରିଛନ୍ତି । ହଲ୍ ଫେମ୍‌ରେ ନାମିତ ହେବା ଏକ ସମ୍ମାନର କଥା । ଯାହା ପୀଢ଼ି ପରେ ପୀଢ଼ି ବିଶ୍ୱର ବିଭିନ୍ନ କ୍ରିକେଟରଙ୍କ ଅବଦାନକୁ ସ୍ୱୀକୃତି ଦିଏ । ଏପରି ମହାନ ଖେଳାଳିଙ୍କ ସହିତ ମୋର ନାମ ମନେ ରଖାଯିବା ଏକ ଆଶ୍ଚର୍ଯ୍ୟଜନକ ଅଭିଜ୍ଞତା ।

୨୦୦୪ ଡିସେମ୍ବର ୨୩ରେ ଧୋନୀ ଚିଟାଗଙ୍ଗରେ ବାଂଲାଦେଶ ବିପକ୍ଷ ଏକ ଦିନିକିଆରେ ଭାରତ ପାଇଁ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ । ୩୪୭ ଦିନିକିଆ ଏବଂ ଏସିଆ ଏକାଦଶ ପାଇଁ ୩ଟି ଦିନିକିଆ ଖେଳିଥିଲେ । ଦିନିକିଆରେ ସେ ୨୯୭ ଇନିଂସ୍‌ରେ ମୋଟ ୧୦,୭୭୩ ରନ କରିଥିଲେ । ଡିସେମ୍ବର ୨୦୧୪ରେ ସେ ୯୦ ଟେଷ୍ଟ ମ୍ୟାଚ୍ ଖେଳି ୪୮୭୬ ରନ ସହିତ ଟେଷ୍ଟ କ୍ୟାରିୟର ଶେଷ କରିଥିଲେ । ୯୮ଟି ଟି-୨୦ ମ୍ୟାଚ୍ ଖେଳି ୧୬୧୭ ରନ କରିଥିଲେ ।

ଧୋନୀ ୨୦୨୦ ଅଗଷ୍ଟ ୧୫ରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଥିଲେ । ସେ ଏବେବି ଆଇପିଏଲ୍‌ରେ ଚେନ୍ନାଇ ସୁପର କିଙ୍ଗସ୍ ପାଇଁ ଖେଳ ଜାରି ରଖିଛନ୍ତି । ଗତବର୍ଷ ଆଇପିଏଲ୍ ମେଗା ନିଲାମ ପୂର୍ବରୁ ତାଙ୍କୁ ଚେନ୍ନାଇ ଫ୍ରାଞ୍ଚାଇଜ ୪ କୋଟି ଟଙ୍କାରେ ବଜାୟ ରଖିଥିଲା । ୧୧ ଏପ୍ରିଲ୍‌ରେ ସେ ଚେନ୍ନାଇର ଅଧିନାୟକ ପଦକୁ ଫେରିଥିଲେ । କିନ୍ତୁ ଅଧିନାୟକ ପଦକୁ ଫେରିବା ସତ୍ତ୍ୱେ ଦଳ ଚଳିତ ଆଇପିଏଲ୍‌ରେ ଆଶାନୁରୂପ ପ୍ରଦର୍ଶନ କରିପାରି ନଥିଲା । ଏପରିକି ଆଇପିଏଲ୍ ଇତିହାସରେ ପ୍ରଥମ ଥର ପାଇଁ ଚେନ୍ନାଇ ପଏଣ୍ଟ ଟେବୁଲର ତଳେ ରହିଥିଲା ।

# ତୃଣମୂଳସ୍ତରରୁ ଅଲିମ୍ପିଆନ ସୃଷ୍ଟି ପାଇଁ ଭିତ୍ତିଭୂମି ବିକାଶ



ଭୁବନେଶ୍ୱର,୧୦ା୬(ସବ୍ୟୁ): ଓଡ଼ିଶା କ୍ରୀଡ଼ା ଜଗତରେ ଏକ ନୂତନ ଅଧ୍ୟାୟର ପ୍ରାରମ୍ଭ । ଓଡିଶାର ପ୍ରତ୍ୟେକ ବ୍ଲକରେ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ବିକଶିତ କରାଯିବ, ଯାହା ଯୁବପିଢ଼ିଙ୍କୁ ସଶକ୍ତ କରିବ ଏବଂ ଭବିଶ୍ୟତର କ୍ରୀଡ଼ାବିତଙ୍କୁ ପ୍ରୋତ୍ସାହିତ କରିବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମାର୍ଗଦର୍ଶନରେ ରାଜ୍ୟରେ କ୍ରୀଡାର ସଂସ୍କୃତିକୁ ବିକାଶ କରାଯିବ । ଗ୍ରାମାଞ୍ଚଳର ତୃଣମୂଳ ସ୍ତରରୁ ପ୍ରତିଭା ଚିହ୍ନଟ କରାଯିବ ଏବଂ ସେମାନଙ୍କୁ ଜାତୀୟ ତଥା ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ସଫଳତା ପାଇବା ପାଇଁ ପ୍ରସ୍ତୁତି କରାଯିବାକୁ ଲକ୍ଷ୍ୟ ରଖାଯାଇଛି ।

କ୍ରୀଡା କେବଳ ଶାରୀରିକ ସୁସ୍ଥତାକୁ ପ୍ରୋତ୍ସାହିତ କରେ ନାହିଁ , ବରଂ ସମ୍ପର୍କକୁ ମଜବୁତ କରେ ଏବଂ ଏକତାକୁ ପ୍ରୋତ୍ସାହିତ କରେ – ଯାହା ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ସାରକୁ ପ୍ରତିଫଳିତ କରେ । ରାଜ୍ୟର ପ୍ରତ୍ୟେକ କୋଣରେ କ୍ରୀଡ଼ାକୁ ପହଞ୍ଚାଇବା ଲକ୍ଷ୍ୟ ନେଇ, ଓଡ଼ିଶା ସରକାର ଏକ ସୁବିଧାଜନକ ପରିଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଏହି ପରିଯୋଜନା ଦ୍ୱାରା ଯୁବ ଖେଳାଳିମାନେ ନିଜ ଅଞ୍ଚଳ ମଧ୍ୟରେ ଗୁଣାତ୍ମକ କ୍ରୀଡ଼ା ଭିତ୍ତିଭୂମି ଏବଂ ତାଲିମ ପାଇପାରିବେ । ଏହା ସେମାନଙ୍କୁ କ୍ରୀଡ଼ା କ୍ଷେତ୍ରରେ ଥିବା ଭବିଷ୍ୟତର ଲକ୍ଷ୍ୟକୁ ସଫଳ ହେବାରେ ସାହାଯ୍ୟ କରିପାରିବ । ଆଞ୍ଚଳିକ ସ୍ତରରେ ଥିବା ଖେଳାଳିମାନଙ୍କୁ ଏହା ପ୍ରୋତ୍ସାହିତ କରିବା ସହ ଏକ କ୍ରୀଡ଼ା ପରିବେଶ ସୃଷ୍ଟି କରିବ ଏବଂ ସେମାନେ ନିଜ ଅଞ୍ଚଳରେ ନିଜର ସ୍ୱପ୍ନ ପୂରଣ କରିପାରିବେ । ଯେକୌଣସି ଭୌଗୋଳିକ ସ୍ଥିତି ତଥା ପରିବେଶର ନିର୍ବିଶେଷରେ ରାଜ୍ୟ ସରକାରଙ୍କ ଏହି ଉଦ୍ୟମ ବାସ୍ତବରେ କ୍ରୀଡ଼ା କ୍ଷେତ୍ରକୁ ସଫଳ ସାବ୍ୟସ୍ତ କରିପାରିଛି ।

କ୍ରୀଡ଼ାର ବିକାଶ ପାଇଁ ଆବଶ୍ୟକୀୟ ଭିତ୍ତିଭୂମି କେବଳ ଯେ ରାଜଧାନୀ ଏବଂ ପ୍ରମୁଖ ସହରମାନଙ୍କରେ ସୀମିତ ହୋଇ ରହିବ ତାହା ନୁହେଁ, ବରଂ ଏହା ଯେପରି ବ୍ଲକ ସ୍ତରରେ ପହଞ୍ଚିପାରିବ, ଓଡ଼ିଶାର ପ୍ରତିଟି ଗାଁରେ ଯେପରି କ୍ରୀଡ଼ା ପ୍ରତିଭାର ବିକାଶ ହୋଇପାରିବ, ସେହି ସ୍ୱପ୍ନକୁ ସାକାର କରିବା ପାଇଁ ସରକାର ପଦକ୍ଷେପ ନେଇଛନ୍ତି । ଓଡ଼ିଶାରେ ତୃଣମୂଳ ସ୍ତରରେ କ୍ରୀଡ଼ା ଭିତ୍ତିଭୂମି ଏବଂ କ୍ରୀଡ଼ା ପ୍ରତିଭାର ବିକାଶ ନିମନ୍ତେ ଓଡ଼ିଶାର ୩୧୪ଗୋଟି ବ୍ଲକରେ ବ୍ଲକ ସ୍ତରୀୟ ଷ୍ଟାଡ଼ିୟମ ନିର୍ମାଣ କରାଯିବ । ବ୍ଲକ ସ୍ତରୀୟ ଷ୍ଟାଡ଼ିୟମ କ୍ରୀଡ଼ା ପ୍ରତିଭାମାନଙ୍କ ପାଇଁ ଏକ କ୍ରୀଡ଼ା ନର୍ସରୀ ଭାବେ କାର୍ଯ୍ୟ କରିବ । ସମଗ୍ର ଓଡ଼ିଶାରେ ଏହି ବ୍ଲକସ୍ତରୀୟ ଷ୍ଟାଡ଼ିୟମ ନିର୍ମାଣ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ୪୧୨୪ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ପ୍ରତିଟି ଷ୍ଟାଡ଼ିୟମ ୧୦ ଏକର ପରିମିତ ଅଞ୍ଚଳରେ ନିର୍ମାଣ କରାଯିବ । ଷ୍ଟାଡ଼ିୟମରେ ଫୁଟବଲ୍ ଏବଂ କ୍ରିକେଟ ଗ୍ରାଉଣ୍ଡ, ଆଥଲେଟିକ୍ ଟ୍ରାକ୍, ଥ୍ରୋ ଏରିଆ, ଜମ୍ପ ଏରିଆ, ଭଲିବଲ୍ କୋର୍ଟ ଆଦିର ନିର୍ମାଣ କରାଯିବ । ଏଥିସହିତ ବିଭିନ୍ନ ଦେଶୀୟ ବା ଆଞ୍ଚଳିକ କ୍ରୀଡ଼ା ଯଥା ଖୋଖୋ, କବାଡ଼ି ଆଦି ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ରହିବା ସହିତ ସ୍ଥାନୀୟ କ୍ରୀଡ଼ା ସଂସ୍କୃତିକୁ ମଧ୍ୟ ପ୍ରାଧାନ୍ୟ ଦିଆଯିବ । ଷ୍ଟାଡ଼ିୟମରେ ଇଣ୍ଡୋର ହଲର ମଧ୍ୟ ନିର୍ମାଣ କରାଯିବ । ଇଣ୍ଡୋର ହଲ୍‌ରେ ବ୍ୟାଡ଼ମିଣ୍ଟନ କୋର୍ଟ, ଟେବୁଲ ଟେନିସ, ଜିମନାଷ୍ଟିକ, ଭାରୋତ୍ତଳନ ଆଦି କ୍ରୀଡ଼ା ନିମନ୍ତେ ଆବଶ୍ୟକୀୟ ଭିତ୍ତିଭୂମି ପ୍ରଦାନ କରାଯିବ । କାର୍ଯ୍ୟକାରିତା, ସୁପରିଚାଳନା ଏବଂ ବ୍ଲକସ୍ତରୀୟ ଷ୍ଟାଡ଼ିୟମର ରକ୍ଷଣାବେକ୍ଷଣ ଉପରେ ବିଶେଷ ଭାବରେ ଗୁରୁତ୍ୱ ଦିଆଯିବା ସହିତ କ୍ରୀଡ଼ାବିତ୍‌ମାନଙ୍କର ଉତ୍ତମ ପ୍ରଶିକ୍ଷଣ ପାଇଁ ଷ୍ଟାଡ଼ିୟମରେ ପ୍ରଶିକ୍ଷକମାନଙ୍କୁ ନିଯୁକ୍ତ କରାଯିବ ।



ଓଡ଼ିଶାର ତୃଣମୂଳସ୍ତରୀୟ କ୍ରୀଡା ପଦକ୍ଷେପ କେବଳ ଏକ ବିକାଶ ଏଜେଣ୍ଡା ନୁହେଁ – ଏହା ସମାନ କ୍ରୀଡା ବିକାଶ ପାଇଁ ଏକ ଜାତୀୟ ମଡେଲ ଭାବରେ ଉଭା ହେଉଛି । ଭିତ୍ତିଭୂମି ନିବେଶ, ସ୍ଥାନୀୟ ଲୋକଙ୍କ ସମ୍ପୃକ୍ତି, ସଂରଚିତ ପ୍ରତିଯୋଗିତା ଏବଂ ରଣନୈତିକ ନୀତିକୁ ଏକୀକୃତ କରୁଥିବା ଏକ ସାମଗ୍ରିକ ଆଭିମୁଖ୍ୟ ସହିତ, ଯୁବପିଢ଼ିଙ୍କୁ ସଶକ୍ତ ଏବଂ ସୁଦୃଢ଼ କରିପାରିବ, ତାହା ପୁନଃ ପରିଭାଷିତ କରୁଛି । ଓଡିଶା ଏପରି ଏକ ଭବିଷ୍ୟତ ନିର୍ମାଣ କରୁଛି ଯେଉଁଠାରେ ପ୍ରତ୍ୟେକ ବ୍ଲକରୁ ଜାତୀୟ ଏବଂ ଅନ୍ତର୍ଜାତୀୟ କ୍ରୀଡା ପ୍ରତିଭା ସୃଷ୍ଟି ହୋଇପାରିବେ ।

କେବଳ ଯେ ରାଜ୍ୟ ସରକାର ବ୍ଲକସ୍ତରରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି ତାହା ନୁହେଁ, ବରଂ ଏହାର ରକ୍ଷଣାବେକ୍ଷଣ ଉପରେ ଫୋକସ ଦିଆଯାଉଛି । ଏଥିପାଇଁ ବ୍ଲକସ୍ତରୀୟ କମିଟି ଗଠନ କରି ସେମାନଙ୍କ ହାତରେ ସଞ୍ଚାଳନ ଓ ରକ୍ଷଣାବେକ୍ଷଣାର ଦାୟିତ୍ୱ ହସ୍ତାନ୍ତର କରାଯିବ । ସମ୍ପୃକ୍ତ ଅଞ୍ଚଳର ଖେଳାଳି, ଜନ ପ୍ରତିନିଧି, ପ୍ରଶାସକ ଏବଂ ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିଙ୍କୁ ନେଇ ଏକ କମିଟି ଗଠନ କରାଯିବ । ସେମାନଙ୍କ ପରାମର୍ଶ ଅନୁସାରେ ସେସବୁ ଖେଳ କିମ୍ବା କ୍ରୀଡା ପ୍ରତି ଗୁରୁତ୍ୱ ଦିଆଯିବ ଏବଂ ସେହି ଅନୁଯାୟୀ ଭିତ୍ତିଭୂମି ବିକଶିତ କରାଯିବାକୁ ସରକାର ବୋଲି ଲକ୍ଷ୍ୟ ରଖିଛନ୍ତି । ଏହି ପଦକ୍ଷେପ ଯେ କ୍ରୀଡ଼ା କ୍ଷେତ୍ରରେ ଯୁବପ୍ରତିଭାର ଅନ୍ୱେଷଣରେ ସହାୟକ ହେବ ହେବ ନୁହେଁ, ବରଂ ସେମାନଙ୍କ ଭିତରେ ଏକ ପ୍ରତିଯୋଗିତା ମନୋଭାବ ସୃଷ୍ଟି କରିବ ।

# ନାଡାଲଙ୍କ ର୍‍ୟାକେଟ୍‌ର ମୂଲ୍ୟ ୧୫୭,୩୩୩.୨୦ ଡଲାର



ନୂଆଦିଲ୍ଲୀ, ୧୦ା୬ (ଏଜେନ୍ସି): ଲୋକପ୍ରିୟ ଟେନିସ ଖେଳାଳି ରାଫେଲ୍ ନାଡାଲଙ୍କ ର୍‍ୟାକେଟ୍‌ର ମୂଲ୍ୟ ଆକାଶ ଛୁଆଁ ଦରରେ ବିକ୍ରି ହୋଇଛି । ୨୦୧୭ ଫ୍ରେଞ୍ଚ ଓପନ ଫାଇନାଲ ମ୍ୟାଚ୍ ବିଜୟଲାଭ କରିଥିବା ର୍‍ୟାକେଟ ୧୫୭,୩୩୩.୨୦ ଡଲାର (ପାଖାପାଖି ୧୪କୋଟି)ରେ ନିଲାମ ହୋଇଛି । ବାବୋଲାଟ୍ କମ୍ପାନୀର ଏହି ର୍‍ୟାକେଟ୍‌ରେ ନାଡାଲ ଫ୍ରେଞ୍ଚ ଓପନ୍ ଚାମ୍ପିଅନ ହୋଇଥିଲେ । ଏହି ର୍‍ୟାକେଟ୍‌କୁ ପ୍ରେଷ୍ଟିଜ୍ ମେମୋରାବିଲିଆ ଅକ୍ସନ ମାଧ୍ୟମରେ ନିଲାମ କରାଯାଇଥିଲା । ପୂର୍ବରୁ କୌଣସି ଟେନିସ ର୍‍ୟାକେଟ ଏତେ ଟଙ୍କାରେ ନିଲାମ ହୋଇ ନଥିଲା । ନାଡାଲ୍‌ଙ୍କ ଏହି ର୍‍ୟାକେଟର ନିଲାମୀ ଏକ ନୂଆ ରେକର୍ଡ଼ ସୃଷ୍ଟି କରିଛି । ପୂର୍ବରୁ ମଧ୍ୟ ୨୦୨୨ରେ ଅଷ୍ଟ୍ରେଲିଆନ୍ ଓପନ୍ ଗ୍ରାଣ୍ଡସ୍ଲାମ ଟାଇଟଲ ମ୍ୟାଚ୍‌ରେ ନାଡାଲ ଯେଉଁ ର୍‍ୟାକେଟ୍‌ରେ ଖେଳିଥିଲେ ତାହା ମଧ୍ୟ ନିଲାମ ହୋଇଥିଲା । ୨୦୨୩ରେ ଏହି ର୍‍ୟାକେଟ୍‌ରେ ୧୩୯,୭୦୦ ଡଲାରରେ ନିଲାମ ହୋଇଥିଲା । ଏହି ମ୍ୟାଚ୍‌ରେ ନାଡାଲ ପ୍ରତିପକ୍ଷ ଡାନିଏଲ୍ ମେଡେଭେଡେଭଙ୍କୁ ହରାଇଥିଲେ ।

୨୦୧୭ରେ ଷ୍ଟାନିସ୍‌ଲାସ୍ ୱାୱରିଙ୍କାଙ୍କୁ ଲଗାତାର ୩ ରାଉଣ୍ଡ ୬-୨, ୬-୩, ୬-୧ ସେଟ୍‌ରେ ପରାଜିତ କରି ସେ ୧୦ମ ଫ୍ରେଞ୍ଚ ଓପନ୍ ଟାଇଟଲ୍ ହାସଲ କରିଥିଲେ । ଏହାପରେ ବି ତାଙ୍କ ବିଜୟଧାରା ଜାରି ରହିଥିଲା । ଏହି ମ୍ୟାଚ୍ ପରେ ସେ ଆହୁରି ୪ଟି ଟୁର୍ଣ୍ଣାମେଣ୍ଟରେ ବିଜୟଲାଭ କରିଥିଲେ । ନାଡାଲ୍‌ଙ୍କ ନାମରେ ୧୪ଟି ଫ୍ରେଞ୍ଚ ଓପନ୍ ଟାଇଟଲ୍ ରେକର୍ଡ଼ ରହିଛି ।

ନିଲାମ ନେଇ ପ୍ରେଷ୍ଟିଜ୍ ମେମୋରାବିଲିଆ ବିବରଣୀରେ ଲେଖାଯାଇଛି ଯେ ରାଫେଲ୍‌ଙ୍କ ଗ୍ରାଣ୍ଡସ୍ଲାମ୍ ଫାଇନାଲରେ ବ୍ୟବହାର କରାଯାଇଥିବା ର୍‍ୟାକେଟ୍ ମିଳିବା ଦୁର୍ଲଭ । କ୍ଲେ ସିଜନର ଏକ ର୍‍ୟାକେଟ୍ ମିଳିବା ତାହା ବି ଫ୍ରେଞ୍ଚ ଓପନ ଟାଇଟଲ ସହ, ଖୁବ ଅଦ୍ଭୁତ । ଏହି କଷ୍ଟମ୍ ମେଡ୍ ର୍‍ୟାକେଟ୍‌ରେ ରାଫା ପ୍ରତୀକ ଏବଂ ୨୦୧୭ ଫ୍ରେଞ୍ଚ ଓପନର ଏକ ଷ୍ଟ୍ରିଙ୍ଗିଙ୍ଗ୍ ଷ୍ଟିକର ମଧ୍ୟ ରହିଛି । ଯାହା ଉପରେ ଆର୍‌ଜି ୨୦୧୭ ନାଡାଲ୍ ଲେଖାଯାଇଛି । ରାଫେଲ ରାଫା ନାଡାଲ ପରେରା ଜଣେ ଲୋକପ୍ରିୟ ସ୍ପେନ୍ ଟେନିସ୍ ଖେଳାଳି । ସେ ଏଟିପି ର୍‍ୟାଙ୍କିଙ୍ଗ୍‌ରେ ୨୦୯ ସପ୍ତାହ ପର୍ଯ୍ୟନ୍ତ ଏକ ନମ୍ବର ସ୍ଥାନରେ ରହିଥିଲେ । ରୋଜର ଫେଡେରର୍ ଓ ନୋଭାକ ଜୋକୋଭିକଙ୍କ ସହିତ ନାଡାଲ ଟିମ୍ ମ୍ୟାଚ୍‌ରେ ୨୦ ଗ୍ରାଣ୍ଡସ୍ଲାମ୍ ପୁରୁଷ ସିଙ୍ଗଲ ଜିତିଛନ୍ତି । ନାଡାଲ ନିଜ ସମୟରେ ସବୁଠାରୁ ଅଧିକ ୬୨ଟି କ୍ଲେ କୋଟ୍ ଟାଇଟଲ ଜିତିଥିଲେ । ଏଥିରେ ୧୪ଟି ଫ୍ରେଞ୍ଚ ଓପନ୍, ୧୨ଟି ବାର୍ସିଲୋନା, ୧୧ଟି ମଣ୍ଟେକାର୍ଲୋ ମାଷ୍ଟର ଏବଂ ୧୦ଟି ରୋମ୍ ଟାଇଟଲ ରହିଛି । ଏହି ଉପଲବ୍ଧି ନାଡାଲ୍‌ଙ୍କୁ କିଙ୍ଗ୍ ଅଫ୍ କ୍ଲେ ଉପାଧି ଦେଇଛି ।

# ଷ୍ଟାଡିୟମ ଛାତ ଭାଙ୍ଗିଲେ ପନ୍ତ



ନୂଆଦିଲ୍ଲୀ, ୧୦ା୬ (ଏଜେନ୍ସି): ଭାରତ ଓ ଇଂଲଣ୍ଡ ମଧ୍ୟରେ ଟେଷ୍ଟ ଶୃଙ୍ଖଳା ଆରମ୍ଭ ହେବାକୁ ଯାଉଛି । ଶୁଭମନ ଗିଲ୍ ଭାରତୀୟ ଦଳର ନେତୃତ୍ୱ ନେବେ । ତେଣୁ ଟିମ୍ ଇଣ୍ଡିଆ ଲର୍ଡ୍ସ କ୍ରିକେଟ୍ ଗ୍ରାଉଣ୍ଡରେ ଅଭ୍ୟାସ ଜାରି ରଖିଛି । ଜୁନ୍ ୨୦ରେ ହେଡିଂଲେରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳାଯିବ । ଅଭ୍ୟାସ ସେସନରେ ଭାରତର ଉପଅଧିନାୟକ ତଥା ୱିକେଟ କିପର ରିଷଭ ପନ୍ତ । ଜୋରଦାର ଅଭ୍ୟାସ କରିଛନ୍ତି । ସେ ଏତେବଡ଼ ସଟ୍ ମାରିଲେ ଯେ ଏହା ଷ୍ଟାଡିୟମର ଛାତ କଣା କରିଦେଇଥିଲା ।

ଇଂଲଣ୍ଡରେ ପନ୍ତଙ୍କ ବ୍ୟାଟିଂ ପ୍ରଦର୍ଶନ ଭଲ ରହିଛି । ସେ ୯ ମ୍ୟାଚ୍ ଖେଳି ୩୨ରୁ ଊର୍ଦ୍ଧ୍ୱ ଆଭରେଜ୍‌ରେ ୫୫୬ ରନ କରିଥିଲେ । ଆଇପିଏଲ୍ ୨୦୨୫ରେ ପନ୍ତ ଲକ୍ଷ୍ନୌ ସୁପରଜ୍ୟାଣ୍ଟସର ନେତୃତ୍ୱ ନେବା ସହ ସବୁଠାରୁ ଦାମି ଖେଳାଳି ହୋଇଥିଲେ । ତେବେ ପନ୍ତ ଏବଂ ଲକ୍ଷ୍ନୌର ପ୍ରଦର୍ଶନ ସେଭଳି ଉତ୍ସାହଜନକ ହୋଇ ନଥିଲା । ଦଳ ପ୍ଲେଅଫ୍ସରେ ପ୍ରବେଶ କରିପାରି ନଥିଲା ।

ରୋହିତ ଶର୍ମା, ବିରାଟ କୋହଲି ଓ ରବିଚନ୍ଦ୍ରନ ଅଶ୍ୱିନଙ୍କ ପରି ଖେଳାଳି ଟେଷ୍ଟ କ୍ରିକେଟରୁ ଅବସର ନେଇସାରିଥିବାରୁ ଏଥର ନବାଗତଙ୍କୁ ନେଇ ଶୁଭମନ ଗିଲ୍ ଇଂଲଣ୍ଡରେ କିଭଳି ପ୍ରଦର୍ଶନ କରିବେ ତା'ଉପରେ ସମସ୍ତଙ୍କ ନଜର ରହିଛି ।

# କ୍ରିକେଟ ଛାଡ଼ିଲେ ପୁରନ



ନୂଆଦିଲ୍ଲୀ, ୧୦ା୬ (ଏଜେନ୍ସି): ଟି-୨୦ କ୍ରିକେଟର ଅନ୍ୟତମ ଦୁର୍ଦ୍ଧର୍ଷ ବ୍ୟାଟର ଇଣ୍ଡିଜ ଖେଳାଳି ନିକୋଲାସ ପୁରନ କ୍ରିକେଟରୁ ଅବସର ନେଇ ସମସ୍ତଙ୍କୁ ଚକିତ କରିଛନ୍ତି । ମାତ୍ର ୨୯ ବର୍ଷ ବୟସରେ ସେ ଅନ୍ତର୍ଜାତୀୟ କ୍ରିକେଟକୁ ଅଲ୍‌ବିଦା କହିଛନ୍ତି । ଏହାର ଅର୍ଥ ଇଣ୍ଡିଜ୍ ପାଇଁ ପୁରନ ଆଉ ଖେଳିବେ ନାହିଁ । ପୁରନ୍‌ଙ୍କ ଅବସର ପୂର୍ବରୁ ଦ.ଆଫ୍ରିକା ୱିକେଟକିପର ବ୍ୟାଟର ହେନରିଚ କ୍ଲାସେନ ମଧ୍ୟ ଅନ୍ତର୍ଜାତୀୟ କ୍ରିକେଟକୁ ଅଲବିଦା କହିଥିଲେ । ଉଭୟ ଅନ୍ତର୍ଜାତୀୟ କ୍ରିକେଟକୁ ଛାଡ଼ିଥିଲେ ହେଁ ଆଇପିଏଲ୍ ସମେତ ବିଭିନ୍ନ ଘରୋଇ ପ୍ରତିଯୋଗିତାରେ ନଜର ଆସିବେ । ପୁରନ କହିଛନ୍ତି, ବିଚାରବିମର୍ଶ ଓ ଚିନ୍ତା କରିବା ପରେ ମୁଁ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବାକୁ ନିଷ୍ପତ୍ତି ନେଇଛି । ଏହି ଖେଳ ମୋତେ ଅନେକ କିଛି ଦେଇଛି । ଆଗକୁ ମଧ୍ୟ ଅନେକ କିଛି ଦେବ । ଖୁସିଠାରୁ ଆରମ୍ଭ କରି ଅନେକ ସ୍ମରଣୀୟ ମୁହୂର୍ତ୍ତ ମୋ ପାଇଁ ରହିଛି ।

ୱେଷ୍ଟଇଣ୍ଡିଜ୍‌କୁ ପ୍ରତିନିଧିତ୍ୱ କରିବାର ସୁଯୋଗ ମିଳିଥିଲା । ସେ ୧୦୬ଟି ମ୍ୟାଚ୍‌ରେ ୨୨୭୫ ରନ କରିଛନ୍ତି । ୨୦୧୬ରେ ପୁରନ ପାକିସ୍ତାନ ବିପକ୍ଷ ଟି-୨୦ରେ ନିଜର ଡେବ୍ୟୁ କରିଥିଲେ । ଏହାର ୩ ବର୍ଷ ପରେ ତାଙ୍କୁ ଇଂଲଣ୍ଡ ବିପକ୍ଷ ଦିନିକିଆରେ ସୁଯୋଗ ମିଳିଥିଲା । ୨୦୨୨ରେ ଧଳା ବଲ୍ କ୍ରିକେଟ ଦଳର ଅଧିନାୟକ କରାଯାଇଥିଲା । କିନ୍ତୁ ସେହି ବର୍ଷ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ଟି-୨୦ ବିଶ୍ୱକପରେ ଇଣ୍ଡିଜ୍ ଦଳ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲା ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି